Spreading Knowledge Amongst Mankind......

ଜୁଲାଇ - ୨୦୧୯ JULY - 2019



# ବେଦାନ୍ତୀ

[ ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ- ପତ୍ରିକା...

( ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**


**About the Cover Page of this month:**

ଭାବ ଓ ଭଙ୍ଗୀ ହିଁ ରସ ପରିବେଷଣର ମୂଳଭିତ୍ତି : ନାୟିକାମାନଙ୍କର ରୂପଲାବଣ୍ୟର ମାଧୁରୀରେ ଏହା ରୂପାୟିତ।

ଫଟୋଗ୍ରାଫୀ ଓ ସାଜସଜ୍ଜା : ଦିଗମ୍ବର ବେହେରା, ମଡେଲ୍ : ଶ୍ରୀ ଓ ଅଳକା, ସହଯୋଗ : ବିଦିଶା



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ……

ପ୍ରିୟ ପାଠକବନ୍ଧୁ, ବିଚିତ୍ର ଅନୁଭବ। ମାନବର ମନ ବିଛେଇ ଯାଇଥିବା ଘାସର ଗାଲିଚ୍ଚା ପରି ଦୀର୍ଘ, ଚଉଡା, ନୀଳ ଏବଂ ପ୍ରଶସ୍ତ। ଚକଟି ହୋଇଯିବାର ଅଛି ଭୟ। କ୍ଷଣଭର ପାଇଁ ନୀଳ ଆକାଶର ତଳେ ଗଛ, ଲତା, ଦୂର୍ବା, ଫୁଲ, ପ୍ରଜାପତି, ଛୋଟ ଚଢେଇର ଚିଁ.... ଚିଁ.... ସ୍ୱର କ୍ଷଣଭର ପାଇଁ ବିଛେଇ ହୋଇଥିବା ଘାସର ଗାଲିଚ୍ଚା ଉପରେ ବସି ନୀଳ ଆକାଶକୁ ଚାହିଁ ଦେଖିଲେ ଲାଗେ ସତରେ ଯେମିତି ଶୂନ୍ୟତାର ପରିଧି ଭିତରେ କିଏ ଲୁଚକାଳି ଖେଳୁଛି। ମିଞ୍ଜି ମିଞ୍ଜି କରୁଥିବା ତାରା ଗଣଙ୍କ ଗହଳରେ ବାଦଲର ମୁହଁ ଅତୁଲ୍ୟ ଅନୁଭବ। ଏହି ଶୂନ୍ୟତାରେ ଚନ୍ଦ୍ରମାର ଧବଳ ଆଲୋକ ଯେମିତି ସାରା ବିଶ୍ୱକୁ ଆଲୋକିତ କରିଦେଉଛି, ସୃଷ୍ଟି ବ୍ରହ୍ମାଣ୍ଡର ଅଗଣିତ, ଅବିଶ୍ୱସନୀୟ, ଅତୁଳନୀୟ ଅସଂଖ୍ୟ କାୟାକୁ ଭାବିଲେ ଆଶ୍ଚର୍ଯ୍ୟଜନକ ଲାଗେ। ପ୍ରକୃତିର ମନୋରମ ରୂପ ଏବଂ ଶୂନ୍ୟ ବ୍ରହ୍ମାଣ୍ଡର ବିଶାଳ ରହସ୍ୟ ଭିତରେ, କଳ୍ପନା ଚାଓ୍ଲା ଏବଂ ସୁନିତା ଉଇଲିୟମ ଙ୍କ ଅନ୍ତରୀକ୍ଷ ଯାତ୍ରା ଏକ ସ୍ମରଣୀୟ ସ୍ମୃତି।

ମନୁଷ୍ୟର ଶିକ୍ଷା ଯାହା ଜ୍ଞାନ ଏବଂ ବ୍ୟବହାର ପାଇଁ ପ୍ରସିଦ୍ଧ, ସହର ପ୍ରଗତି ପାଇଁ ବିଖ୍ୟାତ, ଏକ ରାଜ୍ୟ ନିଜ ଶକ୍ତି ପାଇଁ ବିଖ୍ୟାତ। ଆଜି ଆମପାଇଁ ଏଇ ତିନୋଟି ଆବଶ୍ୟକ ଅଟେ। କାରଣ ଆମେ ଏକ ପରିବର୍ତ୍ତନ ଏବଂ ଚୁନୌତିପୂର୍ଣ୍ଣ ପରିସ୍ଥିତିର ମୁକାବିଲା ପାଇଁ ସର୍ବଦା ସଜାଗ ଏବଂ ଏକତ୍ର ରହିବା ଉଚିତ। ଏକ ଆଶା ଏବଂ ଭୟର ଦଶକରେ, ଏକ ଜ୍ଞାନ

ଏବଂ ଅଜ୍ଞାନର ଯୁଗରେ, କାରଣ ଯେତେ ଆମର ଜ୍ଞାନ ବଢିବ ଆମେ ସେତେ ଅଜ୍ଞାନତା ବିଷୟରେ ଜାଣିପାରିବା । ଏମିତି ଅନେକ ଆଶ୍ଚର୍ଯ୍ୟଜନକ ତଥ୍ୟ ସତ୍ୱେ ମଧ୍ୟ ଏହି ସଂସାରରେ ଯେତେ ଜ୍ଞାନ, ବୈଜ୍ଞାନିକ ଜନ୍ମ ନେଇଛନ୍ତି ସେଥିରୁ ଅଧିକାଂଶ ଆଜି ଜୀବିତ ଏବଂ କାର୍ଯ୍ୟରତ । ଏହା ସତ୍ତ୍ୱେ ମଧ୍ୟ ଏହି ଦେଶର ବୈଜ୍ଞାନିକ ଜନ ଶକ୍ତି ପ୍ରତ୍ୟେକ ୧୨ ବର୍ଷରେ ଦୁଇଗୁଣ ବଢିବାରେ ଲାଗିଛି । ଏହା ଅତିରିକ୍ତ ଅଜ୍ଞାନ୍ତ, ଅନୁତରିତ ଏବଂ ରିକ୍ତତାର ବିଶାଳ ବିସ୍ତାର ଆମର ସାମୁହିକ ସମୟରୁ ଅନେକ ଅଧିକ । ଆମେ କେବେ ଏବଂ କେଉଁଠାରୁ କେତେ ଶିଘ୍ର ପ୍ରଗତି କରିଛେ, ସଠିକ୍ ରୂପରେ ଅନୁମାନ ଲଗାଇବା କଷ୍ଟସାଧ । ତଥାପି ମାନବ ଅଲେଖିତ ୫୦,୦୦୦ ବର୍ଷରେ ଇତିହାସ ସକ୍ଷିପ୍ତିକରଣରେ ଅତ୍ୟଳ୍ପ ଜାଣିପାରିବା । କିଛି ବର୍ଷ ପୂର୍ବରୁ ମାନବ ନିଜର ଶରୀରକୁ ପଶୁ ଚର୍ମରେ ଢାଙ୍କିବା ଶିଖି ଯାଇଥିଲା । ଗୁମ୍ଫାରୁ ବାହାରି ଅନ୍ୟ ଆଶ୍ରୟସ୍ଥଳରେ ରହିବା ଜାଣିଥିଲା । କିଛି ବର୍ଷ ପୂର୍ବରୁ ମାନବ ଲେଖିବା ଏବଂ ଚକ୍ରଯୁକ୍ତ ଗାଡିର ଉପଯୋଗ କରିବା ଶିଖିଯାଇଥିଲା । ମାନବ ଇତିହାସର କିଛିବର୍ଷ ଅବଧି ମଧ୍ୟରେ ମନୁଷ୍ୟ ଇଞ୍ଜିନ ଉର୍ଜାର ନୂଆ ସ୍ରୋତ ଦୁନିଆକୁ ଦେଇଥିଲା । ନିଉଟନ ଗୁରୁତ୍ୱ ଆକର୍ଷଣର ଅର୍ଥ ଖୋଜି ବାହାର କରିଥିଲେ । ବିଦ୍ୟୁତ, ଟେଲିଫୋନ୍, ମଟରଗାଡି ଏବଂ ବିମାନର ବ୍ୟବହାର ମଧ୍ୟ ମାନବ କିଛି ବର୍ଷ ପୂର୍ବରୁ ଶିଖିଛି । ପେନସିଲିନ୍, ଟେଲିଭିଜନ, ପରମାଣୁ ଉର୍ଜାର ବିକାଶ କିଛି ବର୍ଷ ପୂର୍ବରୁ ହୋଇଛି । ଆମେରିକାର ଅନ୍ତରୀକ୍ଷ ଯାନ ଶୁକ୍ର ଗ୍ରହରେ ପହଞ୍ଚିବାରେ ଯଦି ସଫଳ ହୋଇଯାଏ, ତେବେ ଆମେ କହିବା ମଧ୍ୟରାତ୍ରି ସୁଧା ଆମେ ନକ୍ଷତ୍ରରେ ପହଞ୍ଚିଯିବା । ଏହି ସବୁ ବିସ୍ମୟକାରୀ ଗତି ଅତି ତୀବ୍ର ବେଗରେ ନୂଆ ରୂପରେ ପୃଥିବୀ ପାଇଁ ଅଶାନ୍ତିକର କ୍ଷତିର ସୂଚନା ନେଇଆସେ । ପୁରୁଣାକୁ ଛିନ୍ନଭିନ୍ନ କରି ନୂଆ ସମସ୍ୟା, ନୂତନ ଅଜ୍ଞାନତା ସୃଷ୍ଟି କରିଥାଏ । ଅନ୍ତରୀକ୍ଷର ନୂତନ ଅଧ୍ୟାୟକୁ ଉଦଘାଟିତ କରିବା ପାଇଁ ନିଷ୍ଟୟ ହିଁ ଉଚ୍ଚ ବ୍ୟୟ ଏବଂ କଠିନ ସମସ୍ୟା ସତ୍ତ୍ୱେ ମଧ୍ୟ ଲାଭର ଆଶା ଅନେକ ଦେଖାଯାଏ । ଅତଃ, କିଛି ଲୋକ ପରାମର୍ଶ ଦିଅନ୍ତି ଟିକେ ଅପେକ୍ଷା କରିବା, ଟିକେ ବିଶ୍ରାମ କରିବା, ପରେ ଦେଖିବା,

ଟିକେ ରହିଯିବା । ଆମେରିକା ଭଳ ସହର ଏବଂ ଅନ୍ୟ ବିକାସଶୀଳ ରାଜ୍ୟକୁ ଏହିପରି ଲୋକମାନେ ଗଢିନଥିଲେ । ଯେଉଁମାନେ ଅପେକ୍ଷା, ବିଶ୍ରାମ ଏବଂ ପଛକୁ ଫେରି ଦେଖନ୍ତି । ଏହିଭଳ ବିକାସଶୀଳ ଦେଶର ଭାଗ୍ୟବିଧାତା ସେହିମାନେ ଯେଉଁମାନେ ଆଗକୁ ବଢିବା ଶିଖିଛନ୍ତି ଏବଂ ଏହିଭଳ ଅନ୍ତରୀକ୍ଷ ବିଜୟ ମଧ୍ୟ ସମ୍ଭବ ଅଟେ ।

ଯଦି ଆମ ପ୍ରଗତିର ଇତିହାସ ଆମକୁ ବହୁତ କଛି ଶିଖାଇଥାଏ, ତେବେ ମାନବ ନଜ ଜ୍ଞାନ ଏବଂ ପ୍ରଗତିର ଅନ୍ୱେଷଣରେ ଦୃଢ ସଂକଳ୍ପ ଅଟେ । ଅନ୍ତରୀକ୍ଷର ଖୋଜ ଆଗକୁ ବଢି ଚାଲୁଥିବ ସଫଳତାର କ୍ଷେତ୍ରରେ । ଅନ୍ୟ ରାଷ୍ଟ୍ରଠାରୁ ଅଗ୍ରଣୀ ହେବାର ଆକାଂକ୍ଷା ରଖୁଥିବା କୌଣସି ରାଷ୍ଟ୍ର ଅନ୍ତରୀକ୍ଷ ପାଇଁ ସଫଳତା କ୍ଷେତ୍ରରେ ପଛକୁ ରହିବାର ଆଶା ରଖେନ । ଆମର ପୂର୍ବଜ ସୁନଶ୍ଚିତ କରିଥିଲେ ଯେ ଦେଶ ଔଦଗିକ କ୍ରାନ୍ତି, ଆଧୁନକ ଅନୁସନ୍ଧାନ ଏବଂ ପରମାଣୁ ଶକ୍ତିର ପ୍ରଥମ ତରଙ୍ଗରେ ଆରୁଢ ହେଉ । ଆଜିର ପିଢି ଆଗାମୀ ଦିନର ଅନ୍ତରୀକ୍ଷ ଯୁଗରେ ପଛକୁ ରହିବାକୁ ଚାହେଁନ । ସମସ୍ତେ ଏହା ସହିତ ଜଡିତ ହେବାକୁ ଚାହାନ୍ତି । ନେତୃତ୍ୱ କରିବାରେ ମଧ୍ୟ ଆଗୁଆ ଅଟନ୍ତି । ଆଜି ସମସ୍ତ ବିଶ୍ୱର ଦୃଷ୍ଟି ଅନ୍ତରୀକ୍ଷର ଚନ୍ଦ୍ରମା ଏବଂ ଅନ୍ୟ ସମସ୍ତ ଗ୍ରହ ଉପରେ ଅଛି । ଜ୍ଞାନ ଏବଂ ସମଝବୁଝ୍ ଉପକରଣରେ ସୁସଜ୍ଜିତ ଅନ୍ତରୀକ୍ଷରେ ସ୍ୱାଧୀନତା ଏବଂ ଶାନ୍ତିର ବିଜୟ ପତାକା ଉଡାଇବା ପାଇଁ ପ୍ରାୟ ସମସ୍ତ ଦେଶ ଚାହାନ୍ତି । ଏହି ସମସ୍ତ ପ୍ରୟାସ ସତ୍ୱେ ବିଜ୍ଞାନ ଏବଂ ଉଦ୍ୟୋଗରେ ଆମର ନେତୃତ୍ୱ, ଶାନ୍ତି ଏବଂ ସୁରକ୍ଷା ପ୍ରତି ଆମର ଆଶା, ସ୍ୱୟଂ ଏବଂ ଅନ୍ୟ ଲୋକପ୍ରତି ଆମର ଉତ୍ତରଦାୟିତ୍ୱ ଏହି ସମସ୍ତ ରାଷ୍ଟ୍ରର ହିତ ହେତୁ ସମସ୍ତ ମାଧ୍ୟମ ଦ୍ୱାରା ସମସ୍ତ ରହସ୍ୟକୁ ମାନବ କଲ୍ୟାଣ ହେତୁ ବିଶ୍ୱର ଅନ୍ତରୀକ୍ଷ ଦେଶ ମଧ୍ୟରେ ଅଗ୍ରଣୀ ହେବା ଆଶା ନେଇ ସୌର ମଣ୍ଡଳର ଯାତ୍ରା ରେ ଆଗେଇ ଆସିବା । ଏଠି ନୂଆ ଜ୍ଞାନ ପ୍ରାପ୍ତ ହେବ, ନୂଆ ଅଧିକାର ପ୍ରାପ୍ତ ହେବ ଯାହାର ପ୍ରୟୋଗ ମାନବର ବିକାଶ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ । ପରମାଣୁ ବିଜ୍ଞାନ ଏବଂ ଅନ୍ୟ ପ୍ରାଦ୍ୟୋଗିକ ଭଳ ଆନ୍ତରୀକ୍ଷ ବିଜ୍ଞାନର ନଜ

ଅନ୍ତରାତ୍ମା ନାହିଁ । ଏହାର ସୃଷ୍ଟି ପାଇଁ ଶକ୍ତି କିମ୍ବା ବିନାଶ ପାଇଁ ଏହାସବୁ ମାନବ ଉପରେ ନିର୍ଭର କରେ । ଅନ୍ତରୀକ୍ଷ ଅନୁସନ୍ଧାନର ବିଜୟ ପାଇଁ ସମସ୍ତ ମାନବତାର ଯାହା ଶ୍ରେଷ୍ଠତମ ତା ଅପେକ୍ଷା ଏକ ଶାନ୍ତିପୂର୍ଣ୍ଣ ସହଯୋଗର ଅବସର ପ୍ରାପ୍ତ ପାଇଁ ସର୍ବଦୈବ ତତ୍ପର ହେବା ଉଚିତ ।

କିଛି ଲୋକଙ୍କ ମତରେ ଚନ୍ଦ୍ରମା ଆମର ଲକ୍ଷ୍ୟ କିଣ ପାଇଁ ହେବା ଉଚିତ । ଆଉ କେତେ କହନ୍ତି । ସର୍ବୋଚ୍ଚ ପାହାଡ଼ିୟ ଶିଖର ଉପରେ କାହିଁକି ଚଢ଼ିବା? ଚନ୍ଦ୍ର ଏବଂ ଅନ୍ୟ ଗ୍ରହକୁ ଯିବାର ନିଷ୍ଟୟ ନେବା ଉଚିତ। ଏଇଥିପାଇଁ ନୁହେଁ ଏହି କାର୍ଯ୍ୟ ସରଳ ଅଟେ। କିନ୍ତୁ ଏଥିପାଇଁ ଏହି ମାର୍ଗ ଅତ୍ୟନ୍ତ କଠିନ ଅଟେ। ଏହା ଏମିତି ଏକ ଲକ୍ଷ୍ୟ ହେବା ଉଚିତ ଆମର ସର୍ବଶ୍ରେଷ୍ଠ ଉର୍ଜାକୁ ସଂଗଠିତ କରି ତାକୁ ମାପିକରି ସହାୟକ ସିଦ୍ଧ ହେବ । ଏମିତି ଏକ ଚୁନୌତି ହେବା ଉଚିତ ଯାହାକୁ ସ୍ୱୀକାର କରିବା ପାଇଁ ଆମେ ସର୍ବଦୈବ ତତ୍ପର ଏବଂ ବିଜୟ ପ୍ରାପ୍ତର ଆକାଂକ୍ଷା ରଖିବା ଉଚିତ ।

କିଛି ବର୍ଷ ପୂର୍ବେ ଅଧିକରୁ ଅଧିକ ଉପଗ୍ରହ ପୃଥିବୀ ପରିକ୍ରମା କରୁଥିଲେ, ଏବେ ବି କରୁଛି । ଏଥିରୁ ଅଧିକାଂଶ ଆମେରିକା ଏବଂ ଋଷିଆର ଥିଲା । ଏହାଦ୍ୱାରା ମାନବତାକୁ ଆଶାରୁ ଅଧିକ ଜ୍ଞାନର ଆପୂର୍ତ୍ତି କରିଛି । ଆମର ପରିବହନ ଉପଗ୍ରହ, ଜଳଯାନ ସମୁଦ୍ରରେ ଚାଲୁଥିବା ସୁରକ୍ଷିତ ମାର୍ଗରେ ସହାୟତା କରୁଛି। ଇନସାଟ୍ ଉପଗ୍ରହ ଆମକୁ ଚକ୍ରବାକ, ତୋଫାନର ଅପ୍ରତ୍ୟାସିକ ସୂଚନା ଦେବାରେ ସହାୟତ କରୁଛି। ଆମର ବ୍ରହ୍ମାଣ୍ଡ ଏବଂ ପର୍ଯ୍ୟାବରଣ ଏମିତି ନୂତନ ଜ୍ଞାନ କୌଶଳରେ ଶିକ୍ଷା ଏବଂ ବିଜ୍ଞାନ ସମୃଦ୍ଧ ହେଉ। ଏଥିରୁ ଆମକୁ ମାନଚିତ୍ରଣ, ଅନ୍ୱେଷଣର, ନୂଆ ତକନିକ ଜଣାପଡିବ । ଉଦ୍ୟୋଗ, ଚିକିତ୍ସା, ଘର ଏବଂ ସ୍କୁଲ ପାଇଁ ନୂଆ ଉପକରଣ ଏବଂ କଂପ୍ୟୁଟର ପ୍ରୟୋଗରେ ପ୍ରଦ୍ୟୋଗିକ ଶିକ୍ଷଣ ସଂସ୍ଥାନ ଲାଭାନ୍ୱିତ ହେବ ।

ଆମକୁ ପ୍ରସନ୍ନତା ଅନୁଭବ ହେବା ଉଚତ ଯେ ଆମେରିକା ସହିତ ଅନ୍ୟ ଦେଶ ଚନ୍ଦ୍ରମାକୁ ଅନ୍ତରୀକ୍ଷ ଯାନ ପଠାଇବାର ସଫଳତା ଅର୍ଜନ କରିସାରିଛି । ଆମେ ଅନ୍ତରୀକ୍ଷ, ଚନ୍ଦ୍ରମା ଏବଂ ଅନ୍ୟ ଗ୍ରହକୁ ଯାଇ ଜ୍ଞାନ ଏବଂ ଶାନ୍ତି ପାଇଁ ନୂଆ ଆଶାର କରଣକୁ ଜାଗ୍ରତ କରିବାରେ ସଫଳତା ଅର୍ଜନ କରି ମାନବ ଦ୍ୱାରା ଏହି କଠିନ ପ୍ରୟାସକୁ ସର୍ବଦୈବ ତତ୍ପରତାର ସହିତ ଉତ୍ସାହର ନୂଆ ଦିଶାକୁ ପ୍ରେରଣା ସ୍ରୋତରେ ଆଗେଇ ନେବା ଉଚତ । ଭାରତ ଅନ୍ତରୀକ୍ଷ ବିଜ୍ଞାନ କ୍ଷେତ୍ରରେ ନୂଆ ଇତିହାସ ବନାଇ ଚନ୍ଦ୍ର ଉପରେ ତ୍ରିରଙ୍ଗା ଉଡାଇ ଥିଲା । ଏହି କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଚତୁର୍ଥ ଦେଶ ଭାବରେ ଭାରତ ପରିଚତ । ଏହା ପୂର୍ବରୁ ଆମେରିକା, ଋଷ, ଜାପାନ ଏହି କ୍ଷେତ୍ରରେ ସଫଳତା ଅର୍ଜନ କରିଥିଲେ । ପ୍ରଥମ ଭାରତୀୟ ଅନ୍ତରୀକ୍ଷ ଯାତ୍ରୀ ରାକେଶ ଶର୍ମା ଅନ୍ତରୀକ୍ଷ ଯାତ୍ରାର ଗୌରବ ଅର୍ଜନ କରିଥିଲେ । ପଞ୍ଜାବର ପଟିଆଲା ସହରରେ ସେ ୧୯୪୯ ଜାନୁୟାରୀ ୧୩ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ଭାରତୀୟ ବାୟୁସେନାରେ ସେବାରତ ଥିବାବେଳେ ସେ କେବେ ବି ଭାବି ନଥିଲେ ଯେ ତାଙ୍କର ଯାତ୍ରା ଅନ୍ତରୀକ୍ଷ ପର୍ଯ୍ୟନ୍ତ ପହଞ୍ଚିଯିବ । ପିଲାଦିନରୁ ରାକେଶ ଶର୍ମା ଫାଇଟର ପାଇଲଟ୍ ବନବାକୁ ଚାହିଁଥିଲେ । ଯେତେବେଳେ ଭାରତୀୟ ବାୟୁସେନାକୁ ପ୍ରଥମ ଫାଇଟର ଜେଟ୍ "ଦ ବେମ୍ପାୟର" ମିଳଥିଲା, ସେତେବେଳେ ରାକେଶ ଶର୍ମା ତାକୁ ଆକାଶରେ ଉଡୁଥିବା ଦେଖୁଥିଲେ । ନିଜ ଘରଠାରୁ ୧୫ କିଲୋମିଟର ସାଇକେଲରେ ଯାଆନ୍ତି ପ୍ରତିଦିନ ଏହି ଉଡୁଥିବା ବିମାନକୁ ଦେଖିବାକୁ । ତାଙ୍କର ସ୍ୱପ୍ନ ତାଙ୍କୁ ଦିନେ ଭାରତୀୟ ବାୟୁ ସେନାର ମିଗ୍- ୨୧ ଉଡେଇବାକୁ ଯୋଗ୍ୟ ବିବେଚତ କରିଥିଲା । ୧୯୭୧ ରେ ଭାରତ ପାକସ୍ଥାନ ଯୁଦ୍ଧରେ ତାଙ୍କର ସଫଳତା ପରେ ସୋଭିଏତ୍ ସଙ୍ଘର ପ୍ରସ୍ତାବରେ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କ ପରାମର୍ଶ କ୍ରମେ ଭାରତୀୟ ବାୟୁସେନାର ପାଇଲଟ୍ ରାକେଶ ଶର୍ମାଙ୍କୁ ଲମ୍ବା ଟ୍ରେନିଙ୍ଗ୍ ପରେ ଅନ୍ତରୀକ୍ଷ ଯାତ୍ରାରେ ପଠାଯାଇଥିଲା । ସେତେବେଳେ ଇସ୍ରୋ ପାଖରେ ପ୍ରଚୁର ମାତ୍ରାରେ ସଂଶାଧନ ନଥିଲା । ରାକେଶ ଶର୍ମାଙ୍କ ସହିତ ରବିଶ୍ ମାଲହୋତ୍ରା ମଧ ଏହି ମିସନରେ ଜଡିତ ଥିଲେ । କନ୍ତୁ ଅଧିକ ଶ୍ରେୟ ରାକେଶ ଶର୍ମାଙ୍କୁ ହିଁ ଯାଇଥିଲା ।

ଭାରତ ଏବଂ ହିମାଳୟର ଫଟୋଗ୍ରାଫି ସହିତ ବିଭିନ୍ନ ପ୍ରୟୋଗ ରାକେଶ ଶର୍ମା ସେଠାରେ କରିଥିଲେ । ୭ ଦିନରେ ୩୩ ପ୍ରୟୋଗ କରିଥିଲେ । ଅନ୍ତରୀକ୍ଷ ଯାତ୍ରା ସମୟରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ରାକେଶ ଶର୍ମାଙ୍କ ସହିତ କଥାହୋଇ ପଚାରିଥିଲେ, ଅନ୍ତରୀକ୍ଷରୁ ଭାରତ କପରି ଦେଖାଯାଉଛି । ଉତ୍ତରରେ ରାକେଶ ଶର୍ମା କହିଥିଲେ – "ସାରେ ଯାହାଁସେ ଆଚ୍ଛା, ହିନ୍ଦୁସ୍ଥାନ ହମାରା ।" ରାକେଶ ଙ୍କ ଅନୁଭବ ରାକେଶ ଙ୍କ ଅନୁସାରେ ଅନ୍ତରୀକ୍ଷରେ ପାଣିକୁ ସମ୍ଭାଳବା ଏକ ବଡ ସମସ୍ୟା । ଏହି ମିସନ୍ ସହିତ ଭାରତ ଅନ୍ତରୀକ୍ଷରେ ମାନବପ୍ରେରିତ ଶ୍ରେଣୀରେ ଆସିଯାଇଥିଲା । ରାକେଶ ଶର୍ମା ଦୁନିଆରେ ୧୩୮ ଅନ୍ତରୀକ୍ଷ ଯାତ୍ରୀ ବନିଯାଇଥିଲେ । ବିଶ୍ୱର ୧୪ଟି ଦେଶ ମଧ୍ୟରେ ଭାରତର ନାମ ଥିଲା । ଅନ୍ତରୀକ୍ଷରୁ ଫେରିବା ପରେ ସୋଭିଏତ୍ ସରକାର ତାଙ୍କୁ ହିରୋ ଅଫ୍ ସୋଭିଏତ୍ ୟୁନିୟନ ରେ ସମ୍ମାନିତ କରିଥିଲେ । ଭାରତ ସରକାର ତାଙ୍କୁ ଶାନ୍ତିକାଳର ସବୁଠାରୁ ଉଚ୍ଚସ୍ତରର ବାହାଦୁର ପୁରସ୍କାର "ଅଶୋକ ଚକ୍ର" ସମ୍ମାନରେ ସମ୍ମାନିତ କରିଥିଲେ ।

ଚନ୍ଦ୍ରୟାନ- ୧ ର ସଫଳତା ପରେ ଚନ୍ଦ୍ରୟାନ- ୨ ଜୁଲାଇ ୨୨, ୨୦୧୯ ରେ ଚନ୍ଦ୍ରକୁ ପଠାଇବା ପାଇଁ ଭାରତୀୟ ଅନ୍ତରୀକ୍ଷ ବୈଜ୍ଞାନିକ ମାନେ ଲମ୍ବା ସମୟରୁ ଅପେକ୍ଷାରେ ଅଛନ୍ତି । ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ କେ (ଇସ୍ରୋ) ର ବୈଜ୍ଞାନିକ ମାନଙ୍କ କଠିନ ପରିଶ୍ରମ ସହିତ ଦକ୍ଷତାର ସଫଳ ପରିଚୟ ନିଶ୍ଚୟ ରୂପେ ଦେଶବାସୀଙ୍କୁ ଆଶାନୁରୂପ ଫଳ ପ୍ରଦାନ କରିବ ବୋଲି ଆଶା ।

ଜୟ ଉତ୍କଳ, ଜୟ ଓଡିଶାବାସୀ ।

ମମତା ଦାଶ



# ଭିତର ପୃଷ୍ଠାରେ....


| | | |
|---|---|---|
| ସୂର୍ଯ୍ୟୋଦୟ | ମମତା ଦାଶ | ୧୩ |
| ବିବେଚନା | ଶାନ୍ତିଲତା ମିଶ୍ର | ୧୫ |
| ମାଆ | ଭାସ୍କର ଚନ୍ଦ୍ର ଖଣ୍ଡା | ୧୯ |
| ମୋ ପ୍ରିୟାର ହସ | ସୁଲୋଚନା ପଟ୍ଟନାୟକ | ୨୧ |
| ମହିତ ମୃତ୍ତିକା | ରାଜଶେଖର ସି. "ଚମା" | ୨୨ |
| ସାତକୋଶିଆ ଗଣ୍ଡର କାହାଣୀ | ଅଶୋକ ବିଶ୍ୱାଳ | ୨୪ |
| ବାପା / ଈଶ୍ୱର | ଅଧ୍ୟାପିକା ଜ୍ୟୋତ୍ସ୍ନା ରାୟ | ୩୫ |
| ମାଁ ର କାନ୍ଦ | ଆଶୁତୋଷ ମେହେର | ୩୭ |
| ଭଙ୍ଗା ବାଡ଼ି<br>ଆମେ ହେଲୁ ଭାଇ ଯାଜପୁରିଆ | ଲୋପାମୁଦ୍ରା ମିଶ୍ର<br>ଶଶଧର ମହାପାତ୍ର | ୩୮<br>୫୦ |
| ପ୍ରାଣ ଦାତା | ବିନୟ ମହାପାତ୍ର | ୫୩ |
| ଇତିହାସର ଏକ କଳଙ୍କିତ ଅଧ୍ୟାୟ | ପୁଷ୍ପିତା ଭୂୟାଁ | ୫୫ |
| ଶୂନ୍ୟ ଶାମୁକା | ଅମ୍ବିକା ସ୍ୱାଇଁ | ୬୦ |
| ଯୁଗ୍ମ ଜୀବନ | ସୀତାରାମ ଦାଶ | ୬୧ |
| ଯନ୍ତ୍ରଣାର ପରିଭାଷା | ସତ୍ୟବ୍ରତ ସାହୁ | ୬୨ |
| ଭଦ୍ରକ ବନ୍ଦ | ଡକ୍ଟର ବିଜ୍ଞାନୀ ଦାସ | ୬୩ |
| ନିଖୋଜ ଝର୍କା | ଅନୁସୂୟା ମିଶ୍ର | ୬୫ |

| | | |
|---|---|---|
| ବଡ଼ ଠାକୁର ଙ୍କୁ ନମନ୍ତ୍ରଣ | ପ୍ରକାଶ ସାହୁ | ୭୮ |
| "ଶାନ୍ତି" – କେବେ ଫେରିବ? | ଡ. ଜ୍ଞାନେଶ୍ୱର ମିଶ୍ର | ୮୧ |
| ବର୍ଷା: ଏକ ପ୍ରେମ କଥା | ରାଜବାଳା ତ୍ରିପାଠୀ | ୮୨ |
| ନରୁଦ୍ଦିଷ୍ଟ କବିମନ | କାର୍ତ୍ତିକ ପାଣିଗ୍ରାହି | ୮୫ |
| ଆଖିରୁ ମୋ ଲୁହ ଝରେ | ଧୀରେନ୍ଦ୍ର ମଲ୍ଲିକ | ୮୭ |
| ଅତୀତ | ବିଦ୍ୟାଧର ମିଶ୍ର | ୮୮ |
| ସତ୍ୟର ସନ୍ଧାନ | ବରଦା ପ୍ରସନ୍ନ ଦାସ | ୮୯ |
| ଯୋଗ୍ୟ କରି ଗଢି ତୋଳ | ଦେବବ୍ରତ ଜେନା | ୯୬ |
| କବିତା | ରମେଶ କୁମାର ବାରିକ | ୯୮ |
| ଖଟି ଖିଆ | ପ୍ରଦୀପ ବନ୍ଧ | ୧୦୦ |
| ଅନ୍ଧ ଦିଗନ୍ତ | ସୁଷମା ପରିଜା | ୧୦୨ |
| ଏଇତ ଜୀବନ | ଯଶୋବନ୍ତ ପଟ୍ଟନାୟକ | ୧୧୩ |
| ଶ୍ରାବଣ ମେଘ | ସିଦ୍ଧେଶ୍ୱର ତ୍ରିପାଠୀ | ୧୧୫ |
| ତେଣୁ ମୁଁ ମୋ ଭିତରେ ଥାଏ | ଶ୍ରୀକ୍ଷେତ୍ର ସୁନ୍ଦର | ୧୧୬ |
| ଉନ୍ମାଦିନୀ | ଆଶା ସାହୁ ( ଆରତୀ) | ୧୧୭ |
| ହଜିଲ୍ ଅତୀତ | ସୁବାସ ଚନ୍ଦ୍ର ମୁଦୁଲି | ୧୨୪ |
| ସ୍ୱରବର୍ଣ୍ଣରେ ସ୍ମରଣୀକା | ସନ୍ତୋଷ ପଟ୍ଟନାୟକ | ୧୨୫ |
| ଧର୍ମଶାଳା | ସରୋଜିନୀ ବେହେରା( ଟିକି) | ୧୨୭ |
| ଜିଲିବିଲିଙ୍କ ଗାଁ ରେ | ପ୍ରିୟବ୍ରତ ପାତ୍ର | ୧୨୯ |
| ଖରାତାତି | ପ୍ରେମଶିଲା ରାଉତ | ୧୩୭ |
| ଅଦିନ ମେଘ | ପ୍ରଶାନ୍ତ କୁମାର ପଧାନ | ୧୩୯ |

| | | |
|---|---|---|
| ଏକ ଦେଶ, ଏକ ନିର୍ବାଚନ - ଏକ ଅନୁଶୀଳନ | ଡ଼ି ଶୁଭମ୍ | ୧୪୧ |
| ତୁମେ ଗଲା ପରେ | ସାଗର ପ୍ରଧାନ | ୧୪୪ |
| ସ୍ରଷ୍ଟା ଓ ସୃଷ୍ଟି | ପ୍ରିୟଦର୍ଶିନୀ ମହାନ୍ତି | ୧୪୫ |
| ଦୂର ପାହାଡ | ଅନଙ୍ଗ ମଞ୍ଜରୀ | ୧୪୭ |
| ଆଲୋକର ପଥ | ଗୀତା ଷଡ଼ଙ୍ଗୀ | ୧୫୦ |
| ରାମ ନାମ ସତ୍ୟ ହରି ନାମ ସତ୍ୟ | ଭାରତୀ ସାହୁ | ୧୫୨ |
| କିଏ କହେ ତାକୁ ଛଳନା ପୁଣି, କିଏ କହେ ତାକୁ ପ୍ରେମ.... | ସୁବଳ ମହାପାତ୍ର | ୧୫୩ |
| ଖରାଛୁଟି | ଦୀନବନ୍ଧୁ ପୋଇ | ୧୬୧ |
| ମୋ ପ୍ରଶ୍ନ | କବି ପ୍ରସାଦ | ୧୬୩ |
| ସଂଯମ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୬୫ |
| ରଜ ସଜ | ଅଜୟ କୁମାର ବେହେରା | ୧୬୭ |
| ତୁମେ | କେଶରୀ ପ୍ରସାଦ ମହାନ୍ତି | ୧୭୦ |
| କଲମ କାନ୍ଦୁଚି | ଅରୁଣ କୁମାର ମହାନ୍ତି | ୧୭୨ |
| ପରମାତ୍ମା ଡାକ୍ତର | ଡ. ସୌମ୍ୟ ରଞ୍ଜନ ମିଶ୍ର | ୧୭୪ |
| ହୋଲି | ଅନାମ ଚରଣ ସାହୁ | ୧୭୬ |
| ମୌସୁମୀ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୭୭ |
| ସ୍ୱାମୀ ଦେବ ସ୍ତ୍ରୀ ଦେବୀ | ନୂତନ କୁମାର ବେହେରା | ୧୭୯ |

| | | |
|---|---|---|
| ପାଳଭୂତ | ଶିବବ୍ରମ ଦଳେଇ | ୧୮୧ |
| ଫୁଲ୍ | ମନୋଜ ମହାନନ୍ଦ | ୧୮୩ |
| କବର ତଳର ନଆଁ | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୧୮୫ |
| ମେଘ<br>ବାଉରୀ | କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ<br>ନବୀନ ପଧାନ | ୧୮୭<br>୧୮୮ |
| ଯାହାକୁ ରଖିବେ ଅନନ୍ତ କ କରିପାରେ ବଳବନ୍ତ | ନରେନ୍ଦ୍ର ପ୍ରସାଦ ବେହେରା | ୧୯୦ |
| ବିଷାକ୍ତ ସମ୍ପର୍କ | କାହ୍ନୁ ଚରଣ ସାହୁ | ୧୯୪ |
| ଦୃଷ୍ଟି କୋଣ | ଡମ୍ବରୁଧର ବାଗ | ୧୯୬ |
| ଶୁଭସ୍ମିତା | ଖଗେଶ୍ୱର ବାଗ | ୧୯୮ |
| ହୃଦୟ | ବିଶ୍ୱରଞ୍ଜନ ପଣ୍ଡା | ୧୯୯ |
| ଛୋଟ ମୋର ନାଆଟି | ପ୍ରଫେସର ଅନିତା ପଣ୍ଡା | ୨୦୦ |
| ମନେ ରଖ | ଅକ୍ଷୟ କୁମାର ବେହେରା | ୨୦୬ |
| ଭଲପାଏ ସତେ ବୋଲି | ଭୂପେନ୍ଦ୍ର ନାଏକ | ୨୦୮ |
| ଫୁଲଟିଏ | ଅନିଲ କୁମାର ସାହୁ | ୨୦୯ |
| ସାବିତ୍ରୀ ପାଇଁ ପଦେ | ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ | ୨୧୧ |
| କେବଳ ପ୍ରଶ୍ନ ନୁହେଁ; ଉତ୍ତର ହିଁ ସତ୍ୟକୁ ସିଦ୍ଧ କରେ | ବାଲ୍ମୀକ ନାୟକ | ୨୧୩ |
| ଏଇତ ଜୀବନ | ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ) | ୨୧୭ |
| ସ୍ୱପ୍ନ ସୁନ୍ଦରୀ | ପ୍ରବୀଣ୍ ରମେଶ୍ | ୨୧୯ |

| | | |
|---|---|---|
| ପୁସ୍ତକ ସମୀକ୍ଷା | ସନାତନ ମହାକୁଡ | ୨୨୦ |
| ପୁସ୍ତକ ଉନ୍ମୋଚନ | ଡି. ଶୁଭମ୍ | ୨୨୨ |


# ଶିଶୁ ବିଭାଗ


| | | |
|---|---|---|
| ଲଙ୍କା କାଣ୍ଡ | ରଞ୍ଜିତ କୁମାର ସାହୁ | ୨୨୬ |
| ବାପା ମୋ ପରିଚୟ | ସୁଧାଂଶୁ ଶେଖର ଦ୍ଵିବେଦୀ | ୨୨୭ |
| ବର୍ଷା ଆସିଲା | ରାଜଶେଖର ସି "ଚମା" | ୨୨୯ |
| ଅଂଶୁଘାତ | ଚନ୍ଦ୍ର ଶେଖର ଗୋ | ୨୩୧ |
| କହିଲ ଦେଖି | ଦୟାନନ୍ଦ ଶବର | ୨୩୩ |
| ଖିରି ଭଲ ଲାଗେ ମାଆର ପଣତ | କୌଶିକ କୁମାର ହୋତା | ୨୩୪ |
| ଜୁନ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୨୩୬ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୩୭ |

# ସୂର୍ଯ୍ୟୋଦୟ



ମମତା ଦାଶ

ଭୋର ର ସୂର୍ଯ୍ୟୋଦୟ
ଲାଲ ଲାଲ କରଣ
ପ୍ରକାଶର ବିପୁଳ ଆନନ୍ଦ
ଚିଁ ଚିଁ ବିହଙ୍ଗର ସ୍ୱାଗତ ସ୍ୱର ।

ଶୋଇଥିଲୁ ତୁ ସ୍ୱପ୍ନ କଡରେ
ପଙ୍କର ସୁଖରେ ହୋଇ କଡର
ଗୁଁ ଗୁଁ ଗୁଁ ଜାଗୃତିରଗାନା
ଗାଉଥିଲେ ଜ୍ୟୋତିରିଙ୍ଗଣ ନାନା ।


ନବଲ କଲି ର ମୃଦୁ ମୁଖ
ଶଶିର କରଣେ ହସୁଥିଲା ଜଗ
ସ୍ନେହହୀନ ତାରାର ଦୀପକ
ଶ୍ୱାସ ଶୂନ୍ୟ ଥିଲା ତରୁର ପାତ ।

କମଳ କ୍ରୋଡରେ ବନ୍ଦୀଥିଲା ଅଳି
ମୂର୍ଚ୍ଛିତ ଇନ୍ଦ୍ରିୟ ସ୍ତବ୍ଧ ଜଗତ
ଜଡ ଚେତନ ସବୁ ଏକାକାର
ଶୂନ୍ୟ ବିଶ୍ୱର ବକ୍ଷରେ ଶ୍ୱାସର ଆନା ଜାନା ।

ସହସା ଉଠିଲା ଦ୍ରୁତ ଗତିରେ
ଜ୍ୟୋତି ପୁଞ୍ଜରେ ହୋଇ ସାକାର
ନାମ ରୂପ ନାନା ସୁବର୍ଣ୍ଣ କରଣେ ଶୋଭିତ
ଜଗତେ ନେଇ ଜୀବନର ଝଙ୍କାର ।

ଖୋଲିଲା ପଲକ ଖିଲି ସୁରଭି
ସ୍ପନ୍ଦନ କମ୍ପନ ନବ ଜୀବନ
କର୍ମ ବଚନ, ମନ ମଧୁପ
ଗାଏ ସ୍ୱର୍ଗିକ ସଂଗୀତ ନାନା ।

ସମ୍ପାଦିକା



# ବିବେଚନା



ଶାନ୍ତିଲତା ମିଶ୍ର

- " ଏ ରିକ୍ସାବାଲା ଯିବ..

- " ହଁ ବାବୁ ଯିବା

ରିକ୍ସାବାଲା ପାଟିରୁ କଥା ବାହାରୁ ନବାହାରୁଣୁ ରିକ୍ସାରେ ବସିଗଲେ ବଦ୍ରି ନାରାୟଣ ବାବୁ । ଗୋଡ କାଟିଲାଣି କେତେବେଳୁ ଠିଆ ହୋଇଛନ୍ତି ସେଇ ଗୋଟିଏ ଜାଗାରେ । ଆଜି ଗୋଟିଏ ବି ରିକ୍ସା ନାହିଁ ଅଫିସ ପାଖରେ । ଆଜି ଟିକେ ଅଫିସରୁ ଫେରୁ ଫେରୁ ଡେରି ହୋଇଗଲା। ଗୁଡାଏ କାମ ବାକ ପଡି ରହିଯାଇଥିଲା । ସବୁ ସାରିକ ଘରକୁ ଯିବେ ବୋଲି ଶପଥ କରି ସାରିଲା ପରେ ସେ କାମରେ ଲାଗି ଯାଇଥିଲେ ସମୟ ଆଡେ ନଜର ନଦେଇ । ସବୁ ଦିନ କଏ ଗଜର ଗଜର ଶୁଣିବ ଏ ବଡ ବାବୁଙ୍କର । ସେ ପୁଣି ନୂଆ ବାବୁ ପୁଣି ଆଜିକାର, ନୂଆ ପିଢ଼ିର, ନୂଆ ଟେକନୋଲୋଜି ଯୁଗର ନବ ଯୁବକ ।

ରିକ୍ସାରେ ବସିଗଲା ପରେ ତାକୁ ଠିକଣା ବତେଇଲେ କୋଉଠିକ ଯିବାକୁ ହେବ କନ୍ତୁ ଦରଦାମ କଥା କଛି ପଗ୍ଚରିଲେନ । ଯାହା ନବ ନବ । ମଟର ସାଇକଲ ଟା ମାସେ ହେଲା ଖରାପ ହୋଇ ପଡିଛି । ସେଇଟା ଆଉ ଠିକ୍ ହୋଇ ପାରିବନ ବୋଲି ଗ୍ୟାରେଜ ବାଲା କହିଦେଲାଣି । ଏବେ ନୁଆ ଗୋଟେ କଣିବାକୁ ପଡିବ । ସବୁର ଦାମ୍ ବଢି ଗ୍ଲଲିଛି ଗାଡି ଘୋଡାର ବି । ଏତେ ଟଙ୍କା ବର୍ତ୍ତମାନ ଖର୍ଚ୍ଚ କରିବାକୁ ଇଛା ନଥିଲେ ବି ଅନ୍ୟ କୌଣସି ଉପାୟ ନାହିଁ । ଗଲା ପାଞ୍ଚ ବର୍ଷ ହେବ ପୁରୁଣା ମଟର ସାଇକଲକୁ ରିପେୟାର କରି କରି ସେ କାମ ଚଳେଇ ଆସିଛନ୍ତି ।

ଅନାବନା ଭାବନା ଓ ବଡ ଅଶାନ୍ତି ଭିତରେ ବୁଡି ଯାଇଥିବା ବଦ୍ରି ବାବୁ କୋଉ ଆଡେ ନଜର ଦେଇ ନ ଥିଲେ । ହଠାତ୍ ରିକ୍ସାବାଲା ଜୋରରେ ବ୍ରେକ୍ ଲଗେଇଦେଲା ଯେ ସେ ସିଟ୍ରୁ ତଳକୁ ଗୋଡ ରଖିବା ଜାଗାକୁ ଖସି ପଡିଲେ । ରାଗ ତାଙ୍କର ବଢିଗଲା । ସେଇଟା ଗୋଟେ ବଡ ଛକ ଜାଗା ଥିଲା ରିକ୍ସାବାଲା ଟି ରାସ୍ତା କ୍ରସ୍ କରିବାକୁ ଚେଷ୍ଟା କରିବାକୁ ଉଦ୍ୟତ ହେବା ସମୟରେ ଅନ୍ୟ ଦିଗରୁ ଏକ କାର୍ ଦ୍ରୁତ ଗତିରେ ଆସି ରାସ୍ତା କ୍ରସ୍ କରିଗଲା । ରିକ୍ସାବାଲା ଟି ହଠାତ ବ୍ରେକ୍ ନଦେଇଥିଲେ ତା ରିକ୍ସାରେ ଆସି ଗାଡିଟି ବାଡେଇ ହୋଇ ଯାଇଥାନ୍ତା । ରିକ୍ସାବାଲାଟି ବ୍ରେକ୍ ଦେବା ସଙ୍ଗେ ସଙ୍ଗେ ଗାଡି ଚାଳକକୁ ଅଶାଳୀନତା ଶବ୍ଦ ଓ ଅସଭ୍ୟ ଭାଷାରେ ଗାଳଦେବା ବି ଆରମ୍ଭ କରିଦେଲା ।

ଦୁଇଟିଯାକ ପରିବେଷ ବଡ ଅସ୍ୱାଭାବିକ ଲାଗିଲା ବଦ୍ରିବାବୁଙ୍କୁ । ରିକ୍ସାର ତଳ ଯାଗାକୁ ଖସି ପଡିବା ଓ ରିକ୍ସାବାଲାର ଅନିୟନ୍ତ୍ରିତ ଭାଷା ନିର୍ଗତ ତାଙ୍କ ଭାବନାରେ ଅନ୍ତ ଘଟେଇବା ସଙ୍ଗେ ସଙ୍ଗେ ଏକ ବିରକ୍ତିକର ପରିବେଷ ମଧ୍ୟକୁ ତାଙ୍କୁ ଟାଣିନେଲା । ସେ ସିଧା ରିକ୍ସାରୁ ଓହ୍ଲେଇ ଗଲେ ରାଗରେ । ରିକ୍ସାବାଲାକୁ ପଇସା ବି ଦେଲେ ନାହିଁ । ଯଦିଓ ସେ ରାସ୍ତାର ତିନ ଭାଗ ତା ରିକ୍ସାରେ ବସି ଚାଲିଆସିଥିଲେ । ବିଚାରା ଗରିବ ରିକ୍ସାବାଲାଟି ପାଟି ଖୋଲି କିଛି କହିବା ପୂର୍ବରୁ ସେ ଲୋକ ଭିଡ ଭିତରେ ଅନ୍ତର୍ଦ୍ଧାନ ହୋଇଗଲେ ।

ଯେମିତି ସେମିତି ହେଉ ଘରେ ଆସି ପହଞ୍ଚି ଖାଇ ଶୋଇଗଲେ । ସକାଳୁ ପୁଣି ଶିଘ୍ର ଯାଇ ବାକି କାମ ସାରିବାକୁ ହେବ । କିନ୍ତୁ ରାତିରେ ଭଲ ନିଦ ହେଲା ନାହିଁ । ଥଣ୍ଡା ମନରେ ଯେତେବେଳେ ସେ ଭାବି ବସିଲେ ବିଚାରା ରିକ୍ସାବାଲାର ତ କିଛି ଦୋଷ ନଥିଲା । ପ୍ରଥମତଃ ସେ ଏତେ ଅନ୍ୟ ମନସ୍କ ଭାବେ ରିକ୍ସାର ବାଡକୁ ନଧରି ରିକ୍ସାରେ ବସିଥିଲେ । ରିକ୍ସାବାଲାଟି ହଠାତ୍ ଏପରି ବ୍ରେକ୍ ନଦେଇଥିଲେ କାର ହୁଏତ ଆସି ତାଙ୍କୁ ଧକ୍କା ଲଗେଇ ଦେଇ ଥାଆନ୍ତା।। ବିଚାରା ରିକ୍ସାବାଲା ଉପରେ ଏତେ ରାଗିବାର କାରଣ କିଛି ନଥିଲା । ସେ ଗରିବ ଥିଲା ଓ ପାଠ ପଢୁଆ ବଡ ଲୋକ ମାନଙ୍କୁ ଠିକ୍ ଭାବରେ ନଜର ହକ୍ ମାଗିବା ପାଇଁ ସାହାସ କରି ପାରିଲାନା । ବଦ୍ରୀ ବାବୁଙ୍କ ଆଚରଣ ଦେଖି ହୁଏତ ସେ କିଂକର୍ତ୍ତବ୍ୟ ବିମୂଢ ହୋଇଗଲା । ଏଇ ତାର ଦୋଷ ଥିଲା । ତାର ପରିଶ୍ରମର ପ୍ରାପ୍ୟ ସେ ମାଗି ପାରିଲାନି କି

ସେ ଦେଲେନ । ବିବେକର ଦଂଶନରେ ସେ ରାତି ସାରା ଶୋଇ ପାରି ନଥିଲେ । ସେ ବଡ ବାବୁଙ୍କୁ କଣ ମନେ ମନେ ଗାଳ ଦଉଥିଲେ କାମ ଠିକ ଟାଇମରେ କରି ନପାରି କୈଫିଅତ ତାଙ୍କୁ ଦବାକୁ ପଡିଥିବାରୁ । ସେ ବି କୋଉ ଭଲ ଲୋକ ବା କୋଉ ଭଦ୍ରୋଚିତ କାମ ସେ ଆଜି କରିଛନ୍ତି । ବିବେକର ସମାଲୋଚନାକୁ ନିରବରେ ସହିଗଲେ ସତ କିନ୍ତୁ ଭଲ ନିଦ ହେଲା ନାହିଁ ।

ସକାଳୁ ଉଠି କାମକୁ ଗଲାବେଳେ ରାସ୍ତା ସାରା ସେହି ରିକ୍ସା ବାଲାକୁ ଖୋଜୁ ଥାଆନ୍ତି । ଲୋକଟାର ମୁହଁ ମନେ ଅଛି ତାଙ୍କର । ମୁଣ୍ଡର ଧଳା ବାଳ ସାଙ୍ଗକୁ ଧଳା ଦାଢି । ବୟସ ପଚାଶ ପାଖା ପାଖି ହୋଇ ପାରେ କିନ୍ତୁ ପରିବେଶ ପରିସ୍ଥିତି ହୁଏତ ତାକୁ ଟିକେ ଅଧିକ ବୟସ୍କ କରି ଦେଇଛି ।

ହଁ ତା ରିକ୍ସା ଆଗରେ କାଗଜର ଗୋଟେ ତିରଙ୍ଗା ପତକା ଲାଗିଥିଲା । ସତେକି ଜଣେଇ ଦେଉଥିଲା ମୁଁ ବି ଜଣେ ଏ ଦେଶର ନାଗରିକ ଓ ମୋର ବି ସମାନ ଅଧିକାର ଅଛି ଅନ୍ୟ ମାନଙ୍କ ପରି ବଞ୍ଚିବାରେ ଏ ଦେଶରେ । ଏ ଦେଶ ବି ମୋର । କିନ୍ତୁ ବଞ୍ଚିବାକୁ ସମାନ ଅଧିକାର ତାକୁ ଦେଲେ ବା କୋଉଠି । ତାର ପରିଶ୍ରମର ଉପଯୁକ୍ତ ପ୍ରାପ୍ୟ ଦେଲେ କୋଉଠି, ତାକୁ ଶାନ୍ତିରେ ବଞ୍ଚିବାକୁ ଦେଲେ ବା କୋଉଠି ।

ନିଜ ବିବେକ ପାଖରେ ସେ ଛୋଟ ହୋଇଗଲେ । ଯିବା ଆସିବା ରିକ୍ସା ବାଲାକୁ ତାର ନାମ ଓ ଠିକଣା ପଚାରିଲେ । କେହି ସେପରି ସଠିକ ଉତ୍ତର ଦେଇ ପାରିଲେନ ।

ସେଦି ରବିବାର ଥିଲା । ମନ୍ଦିର ଗଲେ ସେ ନିଜ ପାପର ପ୍ରାୟଶ୍ଚିତ ପାଇଁ । ତିନି ଦିନ ହେଲା ସେ ଭଲକରି ଶୋଇ ପାରି ନାହାଁନ୍ତି । ମନ୍ଦିର ପାଖରେ ଥିବା ସବୁ ରିକ୍ସାବାଲାକୁ ସେ ତା ବିଷୟରେ ପଚାରି ବୁଝିଲେ ତାର ନାମ ଠିକଣା । ବର୍ଣ୍ଣନା କଲେ ତା ରୂପ । କେହି କହି ପାରିଲେନ । ମନ ଦୁଖରେ ଫେରୁ ଫେରୁ ବାଟରେ ହଠାତ୍ ସେହି ପରି ଜଣଙ୍କୁ ଦେଖି ବସିଥିବା ନିଜ ରିକ୍ସାବାଲାକୁ ତା ପଛରେ ଯିବାକୁ କହିଲେ । ତା ରିକ୍ସାରେ ସେତେବେଳେ

ଅନ୍ୟ ଜଣେ ସବାରି ଥିଲେ ତେଣୁ ତାକୁ ଅଟକେଇବା ସମୀଚୀନ ମନେ କଲେ ନାହିଁ । ତାକୁ ଅନୁସରଣ କରି କରି ଗଲେ । ଶେଷରେ ସେ ରହିଲା ପରେ ବସିଥିବା ରିକ୍ସାର ରିକ୍ସାବାଲାକୁ ତାର ପାଉଣାଦେଇ ଯାଇ ତା ରିକ୍ସାରେ ବସିଗଲେ ।

ସେ ପଛକୁ ଗୃହିଁ କୋଉଠିକି ଯିବେ ପଗ୍ଭରିବା ପୂର୍ବରୁ ବଦ୍ରିବାବୁ ତାକୁ ଶହେ ଟଙ୍କିଆ ନୋଟ୍ ଟାଏ ଧରେଇଦେଲେ । ସେ କିଛି ବୁଝିଲା ବେଳକୁ ତାର ମନେ ପଡିଗଲା । ସେ କହିଲା - "ଏ ବାବୁ ତୁମେ ପୁରା ପାଗଳ" । ସେଦିନ ଟଙ୍କା ନଦେଇ ଗ୍ଭଲିଗଲ, ଆଜି ଶହେ ଟଙ୍କା । ଏ କଣ । ବଦ୍ରିବାବୁ କହିଲେ - "ଭାଇ ମୋର ଦୋଷ କ୍ଷମା କରିଦେ, ତୋର ଏ ପାଉଣା ରଖ । ଆଉ ମତେ ଘରେ ନେଇ ଛାଡିଦେଇ କରି ଆସେ । ଆଉ କିଛି କହି ମତେ ଲଜ୍ଜିତ କର ନାହିଁ ।" କଣ ଘଟୁଛି କିଛି ନବୁଝି ରିକ୍ସାବାଲାଟି କିଛି କ୍ଷଣ ବଦ୍ରି ବାବୁଙ୍କ ମୁହଁକୁ ଗ୍ଭହିଁ ରହିଲା ତାପରେ ରିକ୍ସା ଚଲେଇବାରେ ମନ ଦେଲା ।

ସେ ଜାଣିଥିଲେ ରିକ୍ସା ବାଲାଟି କିଛି ସେଦିନ କହି ନଥିଲା, କିନ୍ତୁ ସେ ଜାଣିଥିଲେ କୌଣସି ପଢାଲେଖା ଲୋକ ପାଖରେ ଏମିତି ବିଗ୍ଭର କରିଥିଲେ ସେ ନିଶ୍ଚୟ କେଶ୍ କରିଥାନ୍ତା । କୋର୍ଟ କଚେରି କେତେ ଝମେଲାରେ ସେ ଏଇଲେ ଫସି ଥାଆନ୍ତେ । ଏ ସାଧା ସିଧା ଲୋକ ପରିଶ୍ରମ କରି ବଞ୍ଚି ଜାଣେ କିନ୍ତୁ ନିଜର ଅଧିକାର ସାବ୍ୟସ୍ତ କରି ଜାଣେନା । ବାଟ ଯାକ ତା ସହିତ ଅନେକ ଦୁଃଖ ସୁଖ ହେଲେ । ସେଦିନ ପାଇଁ ଅନୁତପ୍ତ ହୋଇ ନିଜ ଭୁଲ୍ ପାଇଁ କ୍ଷମା ପ୍ରାର୍ଥନା ବି ବାରମ୍ବାର କଲେ । ଏବଂ ସେଇଦିନ ଠାରୁ ତାକୁ ଅଫିସକୁ ନବା ଆଣିବା ପାଇଁ ନିଯୁକ୍ତି ଦେଲେ ।

ବଦ୍ରିବାବୁ ଜାଣିଥିଲେ ଏ ଦେଶର ନିୟମ ତାଙ୍କ ପାଇଁ ଯେତିକି ଲାଗୁ ଏ ରିକ୍ସାବାଲା ପାଇଁ ବି ସେତିକି ଲାଗୁ । ତଫାତ ଏତିକି ବଦ୍ରି ବବୁଙ୍କୁ ଜଣାଅଛି, କିନ୍ତୁ ବିଗ୍ଭରା ରିକ୍ସାବାଲା ଟିକୁ ଜଣା ନାହିଁ । ଏକ ସଭ୍ୟ ଦେଶର ନାଗରିକ ହିସାବରେ ଏତିକି ସୌଜନ୍ୟତା ଦେଖେଇବା ତ ତାଙ୍କର ନିମ୍ନତମ କର୍ତ୍ତବ୍ୟ ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ମାଆ



ଭାସ୍କର ଚନ୍ଦ୍ର ଖଣ୍ଡା

ତୋ ଦେହରେ ଲାଗିଥିଲା
ଯେବେ ଶେଷ ଜୁଇ
ସେଇ ଭଙ୍ଗା ହୃଦୟରେ
କାହାକୁ ବା କହିଥାନ୍ତି
ମୋ ମନର କଥା ।।

ଅନ୍ତରଟା ଭାବୁଥିଲା
ତୁ ଗ୍ଲଲିଗଲା ପରେ
ଆଉ କଣ କେହି
ବୁଝିକ ପାରିବେ
ମୋ ମନର ବ୍ୟଥା ।।

ମନେ ପଡି ଯାଉଥିଲା
ସେଇ ଶେଷ ଶଯ୍ୟା ତୋର
ଜାଣିପାରି ମୋର ପାଦ ଚହ୍ଲ
ତୋ ମୁହଁରୁ ଶୁଣିଥିଲି
ଖାଇଛୁ କ ନାହିଁ

ଝଲସି ଉଠେ ଆଜି ମାଆ
ତୋର ସେଇ କଥା।।

ନିସ୍ୱାର୍ଥର ସେଇ ନିଦର୍ଶନ
ସାଜି ଆଜି ମରୀଚିକା
ଯେତେବି ଗଲୁଛି ଆଗକୁ
ଦେଖୁଛି ଦୂରରେ ତାକୁ
ମନେ ମନେ ଖୋଜୁଛି ମୁଁ ତୋତେ
ସତେ କଣ ତୁ ଫେରି ଆସିବୁ
ବୁଝିବାକୁ ପୁଣି ଥରେ ବ୍ୟଥା।।

ଇଛା ହୁଏ ତୋ କୋଳରେ
ଥରେ ମୁଣ୍ଡ ଯାକ
ପାଇଥାନ୍ତି ତୋ ନରମ ପାପୁଲିର
ସେ ଆଉଁସା
ସେ ନରମ ପରଶରେ
ଭୁଲିଥାନ୍ତି ସବୁ ବ୍ୟଥା ।।

ଆଲାହାବାଦ ବ୍ୟାଙ୍କ, ଯୋନାଲ ଅଫିସ ଭୁବନେଶ୍ୱର

# ମୋ ପ୍ରିୟାର ହସ



ସୁଲୋଚନା ପଟ୍ଟନାୟକ

ହସରେ ତୁମର ଭରିଛି ଖୁସି
ଦେଖି ମୋର ଆଜି ମନ ପୁରିଛି
ଯାଅ ନାହିଁ ପ୍ରିୟା ମୋ' ପାଶୁ ଚାଲି
ସେତିକରେ ପେଟ ପୁରି ଯାଉଛି ।

ମାଗେନା ମୁଁ କେବେ ଧନ ଓ ଜନ
ଚାହେଁନା ଭରିବି ଅମାର ମୋର
ତୁମେ ଯଦି ପ୍ରିୟା ପାଶେ ମୋ' ବସ
ସେତିକ ହେବ ମୋ' ଖୁସି ସମ୍ଭାର ।

ଦେହରେ ଏ ଜୀବ ରହିବା ଯାଏ
କରୁଥିବି ମୁହିଁ ଏହି ପ୍ରାର୍ଥନା
ଏମିତି ମୋ' ପ୍ରିୟା ଖୁସିରେ ଥାଉ
ଆଉ ମୋର କିଛି ନାହିଁ କାମନା ।

ସୁରୁଜ ଏମିତି ଆସୁ ବା ଯାଉ
ଦିନ ପରେ ରାତି ପାହୁ ବି ଥାଉ
ଲୋଡା ମୋ' ପଡେନା କିଛି ବି ଆଉ
ଖାଲି ମୋର ପ୍ରିୟା ଖୁସିରେ ଥାଉ ।

ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ମହିତ ମୃତ୍ତିକା



ରାଜଶେଖର ସି. "ଚମା"

ମହି ର ମହିମା ଯେ ମହିତଳ ମହିତ ମୃତ୍ତିକା,
ହଳଧରଙ୍କ ପାଇଁ ଯାହା ସଦା ଜୀବନ୍ତ ଜୀବିକା,
କୁମ୍ଭାରଙ୍କ ସୃଜନ ସୃଷ୍ଟି ବୃତ୍ତିପାଇଁ ଯାହା ଧନକା,
ମାଟିବିନା ପୃଥିବୀ ହୋଇଯିବ ମରୁଭୂମି ମରୀଚକା। ୧।

ମୃତ୍ତିକା ର ବାଇ- ହାଣ୍ଡି ରେ ହୁଏ ଶ୍ରୀଜୀଉଙ୍କ ପାଇଁ ମହିମାନ୍ୱିତ ମହାପ୍ରସାଦ,
ବର୍ଷ ବର୍ଷରୁ ଆସ୍ୱାଦନ କରୁଛନ୍ତି ଭକ୍ତଗଣ ଯାହାର ସୁମିଷ୍ଟ ସୁଧାମୟ ସୁସ୍ୱାଦ,
ଆଶିଷ ସମ ମିଳଛି ମୂର୍ତ୍ତି ଶିଳ୍ପୀଙ୍କୁ ଚକଟାମାଟି ପୋଡାମାଟିର ବିଶିଷ୍ଟ ବର୍‌ଦ,
ଠାକୁରଙ୍କ ପ୍ରତିମା ରୂପ ନେଇ ଭୂଦେବୀ ହୋଇ ଯାଆନ୍ତି ବୈଶିଷ୍ଟ୍ୟ ବରଦ। ୨।

ଦୀପାବଳି ଅମାବାସ୍ୟା କୁ ଦୀପାଳି କରନ୍ତି ଆଲୋ୍କତ,
ମାଟି ପାତ୍ରରେ ରେ୍ଷେଇ ସ୍ୱସ୍ତି ହେତୁ ସର୍ବଦା ଅମୋଦିତ,
ମାଟି କଣ୍ଢେଇଙ୍କ ଦ୍ୱାର୍‌ ଘର ହୁଅନ୍ତି ସୁସଜ୍ଜିତ ସମଳଙ୍କୃତ,
ମାଠିଆ ର ଶୀତଳ ଜଳ ସେବନ ମନକୁ କରେ ଆନନ୍ଦିତ। ୩।

ଆମ୍ଭେ ସମସ୍ତେ ହେଲୁ ମାଟିର ମଣିଷ,
ଆମ ସମସ୍ତଙ୍କର ଅଛି ସୀମିତ ଆୟୁଷ,

ଯାହା ବି ହେଉ ଆମ ଜାତି ଗୋତ୍ର ବିଶେଷ,
ମାଟି ରେ ସମାବେଶ ହେବ ଆମ ଅବଶେଷ। ୪।

ଅବକାଶ ନେଇ ଯେବେ ହୁଏ ମାତୃଭୂମି ରେ ପୁନଃ ପ୍ରବେଶ,
ଘଡ଼ଘଡ଼ି ଘନାଘନଙ୍କ ସହ ଯେବେ ହୁଏ ବର୍ଷାରାଣୀଙ୍କ ପ୍ରବେଶ,
ନିଜ ଘରବାଡ଼ି ର ବଗିଚ୍ଛ ରେ ଯେବେ ହୁଏ ହର୍ଷ ସହ ପ୍ରବେଶ,
ମାଟି ର ମହକ ରୁ ମାନସରେ ହୁଏ ଅସଦୃଶ ଅଘୋଷ ର ଆବେଶ। ୫।

ମୃତ୍ତିକା ଯେ ପଞ୍ଚଭୂତଙ୍କ ମଧ୍ୟେ ପ୍ରମୁଖ ଅଂଶ,
ପ୍ରତି ପ୍ରାଣୀ ହୋଇଛି ମାଟିର ଅଭିନ୍ନ ଅଂଶ,
ପଞ୍ଚତ୍ୱ ପରେ ପୁନଃ ହୋଇଯାଏ ମାଟି ର ଅଂଶ,
ମହିତ ମୃତ୍ତିକା ହେଉଛି ବସୁନ୍ଧରାଙ୍କ ଦିବ୍ୟ ଅଂଶ। ୬।

chvrajasekhar@gmail.com

# ସାତକୋଶିଆ ଗଣ୍ଡର କାହାଣୀ

## ( ପଂଚମ ଭାଗ- ମହାନଦୀ)



ଅଶୋକ ବିଶ୍ୱାଳ

## ସାତକୋଶିଆ ଗଣ୍ଡର କାହାଣୀ - ମହାନଦୀ ଉପରେ

ମୁଁ ମହାନଦୀ ବିଷୟରେ ଜାଣିଥିବା ମୋର ଜ୍ଞାନକୁ ଆଉ ଥରେ ଦୋହରାଇନେଲି । ବିଶାଳ ମହାନଦୀ ପାହାଡମାନଙ୍କ ମଧ୍ୟକୁ ପ୍ରବେଶ କରେ, ଉପର ମୁଣ୍ଡରେ ମଧ୍ୟରେ ଥିବା ବିନକେଇ ମନ୍ଦିର ପରେ, ଆଉ ତଳେ ବାଲିପୁଟଠାରେ ପାହାଡ଼ମାନଙ୍କୁ ଛାଡି ଆଗେଇ ଯାଏ। ବର୍ଷାର ଦିନରେ ମହାନଦୀ ଫୁଲି ଉଠେ । ତଳେ ଅନେକ ତଳେ ଜମି ଗୁଡିକ ଜଳମଗ୍ନ ହୋଇଯାଇଥାଏ । ଏହି ବିଶାଳ ନଦୀ ସାଙ୍ଗରେ ବୋହିନଏ ଅମାପ ଜଳ, ଆଉ ବୋହିଯିବା ବେଳେ ପାହାଡମାନଙ୍କ ମଧ୍ୟରେ ସୃଷ୍ଟି କରେ ପାତଳୀ ଗଣ୍ଡ । କିଛି ଛୋଟ ବାଲିଚର ଏଣେ ତେଣେ ଅଛି ମଧ୍ୟ । ଗଣ୍ଡର ଦୁଇପଟେ ଥାଏ ଅଭେଦ ଅରଣ୍ୟ । ଆଉ କେତେକ ପତଳା ଉପତ୍ୟକା । ଏଠିକାର ଅରଣ୍ୟ ପାଖାପାଖି ୯୬୪ ବର୍ଗ କିଲୋମିଟରରେ ବ୍ୟାପ୍ତ । ଦୁଇଟି ଅଭୟାରଣ୍ୟ ଅଛି, ସାତକୋଶିଆ ଗଣ୍ଡ ଅଭୟାରଣ୍ୟ ଅନୁଗୁଳ ଜିଲ୍ଲାରେ ଆଉ ବୈଶାପାଲୀ ଅଭୟାରଣ୍ୟ ନୟାଗଡ ଜିଲ୍ଲାରେ । ଜଙ୍ଗଲ ୪ଟି ଜିଲ୍ଲାରେ ବ୍ୟାପ୍ତ । ବୌଦ୍ଧ, ଅନୁଗୁଳ, ନୟାଗଡ ଏବଂ କଟକ ଜିଲ୍ଲାରେ । ସାତକୋଶିଆ ଅଞ୍ଚଳ ହେଉଛି ଭାରତର ଦୁଇଟି ମୁଖ୍ୟ ଭୌଗୋଳିକ ଅଞ୍ଚଳର ମିଳନ ସ୍ଥଳ, ଦାକ୍ଷିଣାତ୍ୟ ମାଳଭୂମି ( Decan Plateau) ଏବଂ ପୂର୍ବ ଘାଟ (Eastern Ghats) ର । ଏଠି ଅଛି ଅଗଣିତ ଗଛ, ଲତା, ଜୀବଜନ୍ତୁଙ୍କ ପ୍ରଜାତି । ପାଖାପାଖି ୪୦୦ଟି ପ୍ରଜାତିର ଗଛ, ତନ୍ମଧ୍ୟରୁ ୨୬ ଟି ହେଉଛନ୍ତି ଗଛ, ୯୮ ଟି ଗୁଳ୍ମ, ୫୧ ଟି ମାଡୁଥିବା ଲତା ଇତ୍ୟାଦି । ମୁଖ୍ୟ ଗଛ ଗୁଡିକ ହେଲେ ଶାଳ, ଜାମୁ, ବିଜା, ଶିଶୁ, ଅର୍ଜୁନ, ଅସନ, ଧଉରା, ସିରିସ୍, ଗମ୍ଭାର, ବାହାଡା, ହରିଡା, ଅଁଳା,

ଗୁର, କସି, କେନ୍ଦୁ, ଫାସି ଇତ୍ୟାଦି । ଏଠି ଶାଳଆ ଆଉ ଡ଼ାବ ବାଉଁଶ ବହୁ ସଂଖ୍ୟାରେ ମିଳେ । ଅନେକ ଜାଗାରେ ସାଗୁଆନ୍ ଗଛ ଗୃଷ କରାଯାଇଛି ।

ଏହି ଜଙ୍ଗଲମାନଙ୍କରେ ୩୮ ପ୍ରଜାତିର ସ୍ତନ୍ୟପାୟୀ, ୨୭ ପ୍ରଜାତିର ସରୀସୃପ ୪ ପ୍ରଜାତିର ଉଭୟଚର ଆଉ ୧୮୩ ପ୍ରଜାତିର ମାଛ ମିଳେ । ଗଭୀର ଅରଣ୍ୟରେ ବାଘ, ହାତୀ, ଚତାଳ ହରିଣ, ସମ୍ବର, ଚଉସିଙ୍ଗା ହରିଣ, ଗୟଳ, ବାଗ୍ହା, ଭାଲୁ, ଶିଆଳ, ଝିଙ୍କ ଇତ୍ୟାଦି ବହୁ ସଂଖ୍ୟାରେ ମିଳଥାଏ । ଗଣ୍ଡର ପାଣିରେ ୨ ପ୍ରକାରର କୁମ୍ଭୀର ମିଳେ, ମଗର ଏବଂ ଘଡିଆଳ । ଏହା ଛଡା ପାଣିରେ ଛୋଟ କଇଁଛ, କଙ୍କଡ଼ା, ଗେଣ୍ଡା ଇତ୍ୟାଦି ବହୁ ସଂଖ୍ୟାରେ ମିଳଥାଆନ୍ତି । ଏଠିକାର ଭୁଭାଗ ହେଉଛି ପର୍ବତମୟ । ପାହାଡ଼ ସବୁ ସାଧାରଣ ତୀଖରୁ କମ୍ ତୀଖ । ପାହାଡମାନଙ୍କର ସାଧାରଣ ଉଉତା ହେଉଛି ୩୫୦ ମିଟର ବା ପାଖାପାଖି ୧ ହଜାର ଫୁଟରୁ ଅଧିକ । ସବୁଠାରୁ ବଡ ପାହାଡ ହେଉଛି ସୁନାଖଣିଆ ପାହାଡ, ଏହାର ଉଚ୍ଚତା ୯୩୩ ମିଟର ପ୍ରାୟ ପାଖାପାଖି ୩୦୦୦ ଫୁଟ । ଏଠାରେ ଗଣ୍ଡଟି ସବୁଆଡେ ଗଭୀର । ଟିକରପଡା ପାଖରେ ଏହାର ଗଭୀରତା ହେଉଛି ୫୧ ମିଟର ବା ପ୍ରାୟ ୧୬୫ ଫୁଟ୍ ।

ମୁଁ ମହାନଦୀର ନୀଳ ପାଣିକୁ ଅନାଇଲି, ପାଣି କେଉଁଠି ନୀଳ କେଉଁଠି ସବୁଜ । ଛୋଟ ଛୋଟ ଲହଡ଼ି ଗୁଡିକ ଢେଉ ହୋଇ ଯାଉଥିଲା । ଆମ ଡ଼ଙ୍ଗାରେ ଶବ୍ଦ ନଥିଲା, ସମସ୍ତେ ଚୁପ୍ ଗୃପ୍ । ମୁଁ ନଜକୁ ସେ ଶାନ୍ତ ପରିବେଶ ମଧରେ କେମିତି ହଜାଇ ଦେଇଥିଲି । ଏକ ମୋହକ ପରିବେଶ । ମୋ ଆଖି ବନ୍ଦ ହୋଇଯାଇଥିଲା କଛି ସମୟ ପାଇଁ । କଛି ସମୟ ପରେ ଆଖି ଖୋଲିଲି, ଡଙ୍ଗାଟି ପାଣି ସୁଅରେ ଧିରେ ଧିରେ ଭାସିଯାଉଥିଲା । ଆମକୁ ମିଳୁଥିଲା ଏକ ମହାନଦୀର ପୂର୍ଣ୍ଣ ଦୃଶ୍ୟ । ପାଣିରେ କେଉଁଠି ଭଉଁରି ନଥିଲା ।

ମୁଁ ତାକୁ ପଗ୍ଚରିଲି "ଏଠି ପାଣିର ଗଭୀରତା କେତେ ହୋଇପାରେ ? "
"ଆଠ ମହଲା ଘର ଏଠି ବୁଡିଯିବ ।" ଥିଲା ତାର ଉତ୍ତର । ମହନଦୀ ଥିଲା ଏତେ ଗଭୀର ସାତକୋଶିଆରେ ।

"ଏଠି ଥାଆନ୍ତି ଅନେକ ବଡ ମାଛ । ଗଣ୍ଡ ବିନକେଇରୁ ଆରମ୍ଭ ହୋଇ ବଡ ମୁହଁ ପର୍ଯ୍ୟନ୍ତ ଲମ୍ବିଯାଇଥାଏ, ଥାଆନ୍ତି ଉପରେ ବିନକେଇ ଠାକୁରାଣୀ । ସେଠି ପ୍ରତିବର୍ଷ ଏକ ଯାତ୍ରା ହୁଏ, ମହାନଦୀକୁ ପୂଜା କରାଯାଏ । ଜୀବଜନ୍ତୁ, ସାପକୁ ମଧ୍ୟ ଆମେ କରୁ ସମ୍ମାନ ।" କେଉଟ ଲୋକଟି ମୋତେ ଉତ୍ତର ଦେଉଥିଲା ।

ଆମେମାନେ ବର୍ତ୍ତମାନ ବାଲିଚର ପାଖକୁ ଆସିଯାଇଥିଲୁ । ବାଲିରେ ଥିବା ଛୋଟ ଛୋଟ ସ୍ଫଟିକର ଖଣ୍ଡମାନ ଚକ୍ ଚକ୍ କରୁଥିଲେ ହୀରା ଭଳି । ମଣିଭଦ୍ରା ପାହାଡ଼ର ମଣି ନାଗ ତଳକୁ ଓହ୍ଲାଇ ଆସିଛି ପାଣି ପିଇବା ପାଇଁ ସକାଳର ସୂର୍ଯ୍ୟାଲୋକରେ ।

## ଡାହାଣ ପାଖରେ ଥିବା ମହାନଦୀର ଜଙ୍ଗଲର କାହାଣୀ

ଆଉ ଅନ୍ୟ ଏକ କେଉଁ ଦିନ ମଣିଭଦ୍ରା ପାହାଡରେ ଥିବା ଆଶ୍ଚର୍ଯ୍ୟ ଜନକ ସାପମାନଙ୍କୁ ଦେଖିବା ପାଇଁ ମୁଁ ଯାଇଥିଲି ନୟାଗଡ ଜିଲ୍ଲାରେ ଅବସ୍ଥିତ ବୈଶାପାଲି ଅଭୟାରଣ୍ୟକୁ । ଏହା ମଣିଭଦ୍ରା ପାହାଡ ପାଖରେ ଥିବା ବୃତଙ୍ଗ ନଦୀ କୂଳରେ । ସେଇଠି ମୁଁ ଶୁଣିଥିଲି ଅବିଶ୍ୱାସନୀୟ କାହାଣୀ, ପୁରାଣର କଥା ଏ ଜଙ୍ଗଲ ସହିତ ସଂଶ୍ଳିଷ୍ଟ, ମୁଁ ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲି । ଆମେ ସେଦିନ ଗଭୀର ଅରଣ୍ୟକୁ ଯାଇଥିଲୁ, ଆଶ୍ଚର୍ଯ୍ୟଜନକ ଗଛ ସବୁ, ଆଶ୍ଚର୍ଯ୍ୟଜନକ ଦୃଶ୍ୟାବଳୀ ଜଙ୍ଗଲର ପରିବର୍ତ୍ତନ ଅଭିନବ ହୋଇଥିଲା ।

## ସାପୁଆ ପଥରର କାହାଣୀ

ମୁଁ ଗୋଟିଏ ବିସ୍ମୟକର କାହାଣୀ ଶୁଣିଲି ଘନ ଘୋର ଜଙ୍ଗଲ ମଧ୍ୟରେ ତଳେ ପଡିଥିଲା ଧୂସର ରଙ୍ଗର ମୋଟା ଗାଲିଚ୍ଚା, ଝରିପଡିଥିବା ପତ୍ର ସବୁ ହଳଦିଆ ଧୂସର ରଙ୍ଗର ଗାଲିଚ୍ଚା କରିଥିଲେ । ଗୋଟିଏ ମୋଇ ଗଛ ଏକ ବିଶାଳ ପଥର ପାଖରେ ଠିଆ ହୋଇଥିଲା, ତା

ଦେହରେ ଥିଲା ନୂଆ ପତ୍ର ସବୁ । ଅନ୍ୟ ଗଛ ଗୁଡିକରେ ନୂଆ ନୂଆ ପତ୍ର ସବୁ ଆସୁଥିଲା । ଜଙ୍ଗଲ ନଜର ରୂପ ବଦଳାଉଥିଲା । ସେଇଠି ମୁଁ ଭାବୁଥିଲି ବିଶାଳ ମହାସର୍ପ କଥା, ୧୦୦ ମିଟରଠୁ ଅଧିକା ଲମ୍ବା । ଏହାର ଲାଞ୍ଜ ବାଉଁଶ ବୁଦାମାନଙ୍କ ମଧ୍ୟରେ ପଡିଛି । ପାଖରେ ଶାଳ ଗଛ ଆଉ ଫର୍ନ ଗଛ ଗୁଡିକ ଠିଆ ହୋଇଛନ୍ତି । ଉପରର ଶରୀରଟି ଆଗକୁ ଲମ୍ବିଯାଇଛି । ସେହି ମହାବିଶାଳ ସର୍ପଟି ନଜର ଫଣା ଟେକବାକୁ ଚେଷ୍ଟା କରୁଛି । ତଳେ ପଡିଛି ଶାଳ ଗଛର ଫୁଲ ସବୁ, ପାଖରେ ଏକ ଝରଣା କୁଳୁ କୁଳୁ ନାଦରେ ବୋହିଯାଉଛି । ସାପଟି ଆସୁଥିବା ଲୋକଟିକୁ ମୁଣ୍ଡ ଟେକ ଗୃହୁଁଛି ଆକାଶରୁ । ଧିରେ ଧିରେ ସୁ...ସୁ.... ଶବ୍ଦ କରୁଛି । ପାହାଡ ଦେଇ ବୋହିଯାଉଥିବା ପବନ ଏମିତି ଏକ ସୁ..ସୁ... ଶବ୍ଦ ତିଆରି କରୁଥିଲା । ଏହି ଜଙ୍ଗଲରେ ରହନ୍ତି ମହାବିଶାଳ ସର୍ପମାନେ । ପଥର ସାପର ରୂପ ନଏ । ମୋ ଆଗରେ ଥିବା ବଡ଼ ପଥର ଖଣ୍ଡଟିକୁ ଭଲଭାବେ ଗୃହିଁଲି, ଏହି ପଥର ସହିତ ଲୋକମାନଙ୍କର ଅନେକ ବିଶ୍ୱାସ ଯୋଡା ହୋଇ ରହିଛି । ମସୃଣ କଳା ଗ୍ରାନାଇଟ୍ ପଥର, ଏହା ସାପ ଭଳ କୁଣ୍ଡଳ ତିଆରି କରିଛି, ବ୍ୟାସ ୬ରୁ ୮ ମିଟର ହେବ, ଲାଞ୍ଜରୁ ଉପରକୁ ଧିରେ ଧିରେ ମୋଟା ହୋଇଯାଇଛି । ଲାଗୁଛି ଯେମିତି ଏକ ବିଶାଳ ସର୍ପ, ଶରୀରଟା ସାପ ଭଳ ବଙ୍କା ହୋଇଯାଇଛି, ସାପର ଉପର କାତି ଭଳ ମସୃଣ ହୋଇଯାଇଛି। ଏହି ବିଶାଳ ପଥରର ସାପ ପ୍ରଥମ କୁଣ୍ଡଳ ନେଇଛି ପାଖାପାଖି ୩୦ ମିଟର ଉପରେ । ତା ପରେ ତା ଶରୀରଟି ଆହୁରି ଉପରକୁ ଉଠିଯାଇଛି, ଆଉ ବେକ ପାଖରେ ସରି ଯାଇଛି । ଏହି ପଥର ସାପର ମୁଣ୍ଡ ନାହିଁ, ମୁଣ୍ଡ ଦିନେ ଏକ କନ୍ଧ ଆଦିବାସୀ କାଟି ଫୋପାଡି ଦେଇଥିଲା ।

## କାହାଣୀ

ଏହା ଥିଲା ବିଶ୍ୱାସର କଥା, ଆଜିପାଇଁ ଅବିଶ୍ୱାସ । ବହୁ ପୁରୁଣା ଦିନର କାହାଣୀ । ସେତେବେଳେ ଜଙ୍ଗଲ ସବୁ ସବୁଜ ନଥିଲା, ଥିଲା କଳା । ତଳେ ଗଛର ଛାଇ ପଡୁନଥିଲା। ଉପରେ ଗଛ ସବୁ ଆକାଶକୁ ଢାଙ୍କି ଦେଇଥିଲା । ତଳେ କଣ୍ଟାବୁଦା ଭରି ରହିଥିଲା । ସେହି

ସମୟରେ ଏକ କନ୍ଧ ଆଦିବାସୀ ପରିବାର, ସ୍ୱାମୀ, ସ୍ତ୍ରୀ, ଛୁଆଟିଏ ରହୁଥିଲେ ଘୋର ଅରଣ୍ୟରେ । ସାତକୋଶିଆର ଦଶପଲ୍ଲାର ଅଞ୍ଚଳର ଘୋର ଅରଣ୍ୟ । ଆଜି ଏହାକୁ ବୈଶାପଲ୍ଲୀ ଅଭୟାରଣ୍ୟ କୁହାଯାଉଛି । ଆଖ ପାଖରେ କେଉଁଠି ଘର ନଥିଲା, ପାଖର ବସ୍ତି ଥିଲା ବହୁ ଦୂରରେ । କନ୍ଧଟି ଖୁବ୍ ଖୁସି ଥିଲା ସେଇ ଘୋର ଅରଣ୍ୟରେ । ଯଦିଓ ତା ଚାରିପଟେ ଭରିରହିଥିଲେ ବଡବଡ ଦାନ୍ତ ଥିବା ବାଘ, ଅସଂଖ୍ୟ ହାତୀ ଆଉ ଚକ୍ରାର କରୁଥିବା ସାପମାନେ । ଏହି ଅରଣ୍ୟ ଭିତରେ ସାପମାନେ ଚନ୍ଦ୍ରାରେ, ମାନସପଟରେ ଲମ୍ବା ହୋଇଯାଆନ୍ତି । ଲୋକମାନେ କହିଥାଆନ୍ତି ସାପମାନଙ୍କର ଗଣ୍ଡି ସବୁଠାରୁ ମୋଟା ଶାଳ ଗଛର ଗଣ୍ଡିଠାରୁ ମଧ ମୋଟା ହୋଇଯାଇଥାଏ । ଲୋକକଥା ମାତ୍ର । ସେହି କନ୍ଧ ଲୋକଟି ଅନ୍ୟ କନ୍ଧମାନଙ୍କ ପରି ଘୋର ଅରଣ୍ୟରେ ରହିବାକୁ ପସନ୍ଦ କରୁଥିଲା । ଥରେ ଦୂରକୁ ଗଲା ଶିକାର ପାଇଁ, ଲୋକଟି ଫଳମୂଳ, ଶିକାରରେ ବଞ୍ଚୁଥିଲା । ଅଳ୍ପ କିଛି ଚାଷ କରୁଥିଲା । ଆଉ ଝରଣାର ପାଣି ପିଉଥିଲା । ସେ ଦିନ ଉଭୟ ସ୍ୱାମୀ, ସ୍ତ୍ରୀ ଦୂରକୁ ଚାଲିଯାଇଥିଲେ । ଏକ ମାତ୍ର ପୁଅକୁ ଦେଖିବାକୁ କେହି ନଥିଲା । ମା ଟିକଏ ଦୂରକୁ ଯାଇଥିଲା ଜାଳ କାଠ ପାଇଁ । ଉଭୟେ ଏକା ସମୟରେ ଫେରିଲେ । ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ, ଏକ ମହା ବିଶାଳ ସାପ ତାର ବିଶାଳ ଫଣାକୁ ଟେକଛି, ତଳେ ପୁଅ ଶୋଇଛି ଘୋର ନଦରେ, ସେହି ଫଣା ତଳେ । ବାପା ମାଂ ଙ୍କର ବୁଦ୍ଧି ହଜିଗଲା । ଏହି ବିଶାଳ ସର୍ପ କେଉଁ ମୂହୁର୍ତ୍ତରେ ମଧ ଛୁଆଟିକୁ ଗିଳ ଦେଇପାରେ । ସେମାନେ କିଛି ସମୟ ପର୍ଯ୍ୟନ୍ତ ଅପେକ୍ଷା କଲେ, ସାପଟି ସ୍ଥାନ ଛାଡି ଯାଉନଥିଲା । ଫଣାଟି ସେମିତି ଟେକ ହୋଇଥିଲା । ଏବେ ସେ ଫଣାଟିକୁ ଛୁଆ ଆଡକୁ ନୁଆଁଇ ଆଣିଲା । ବାପ ଛୁଆର ଜୀବନ ପ୍ରତି ବିପଦ ଦେଖିଲା । ତା ହାତରେ ଥିବା କୁରାଢ଼ୀରେ ଖୁବ୍ ଜୋରରେ ଚୋଟ ପକାଇଲା ସାପର ବେକରେ । ସାପର ବେକଟି ସାଙ୍ଗେ ସାଙ୍ଗେ କଟିଗଲା । ମୁଣ୍ଡଟି ପଡିଲା ରଣପୁରରେ, ସେଠାରେ ମୁଣ୍ଡକୁ ଆଜି ମଣିନାଗର ଦେବୀ ହିସାବରେ ପୂଜା କରାଯାଉଛି । ଆଉ ଏଠି ଘୋର ଅରଣ୍ୟରେ ପଡିରହିଲା ସାପର ଶରୀର, ପଥର ପାଲଟିଗଲା ।

ମୁଁ ଗୁରିଆଡକୁ ଅନାଇଲି । ଦିନ ଶୀତଳ ସଂନ୍ଧ୍ୟାର ପାଖାପାଖି ପହଞ୍ଚିଯାଇଥିଲା । ଅଭେଦ୍ୟ ବାଉଁଶର ଅରଣ୍ୟ ଥିଲା ଗୁରିଆଡ଼େ । ଗୋଟିଏ ଝରଣା ସାପ ଭଳି ସେ ବାଉଁଶ ବୁଦାମାନଙ୍କ ମଧ୍ୟରେ ଲମ୍ବିଯାଇଥିଲା, ପରେ ଏକ ଛୋଟ ଜଳପ୍ରପାତର ରୂପ ନେଇଥିଲା ପଥର ସାପର ଲାଞ୍ଜ ପାଖରେ । ଠିଆ ହୋଇଥିବା ଶାଳ ଗଛରେ ଫୁଲ ଭରି ଯାଇଥିଲା, ପଥରର ସାପର ଉପରେ ଶାଳ ଫୁଲମାନ ପଡ଼ିଥିଲା । ପଥର ଥିଲା କଳା ଧୂସର ରଙ୍ଗର, କେଉଁଠି କେଉଁଠି ଟିକଏ ଅଧିକା କଳା ଥିଲା । କମ୍ ଧୂସର କଳା ଆଉ ବେଶି କଳାର ପଟି ପଟି ଯେମିତି ଥିଲା । କେତୋଟି ଫର୍ଣ୍ଣ ଗଛ ଛତା ଭଳି ନିଜକୁ ପତ୍ରକୁ ମେଲାଇ ସାପ ପଥରର କରରେ ଠିଆ ହୋଇଥିଲେ । ଲାଗୁଥିଲା ଯେମିତି କେତେ ଗୁଡିଏ ଛତାକୁ ଓଲଟା ହୋଇ ପୋତା ହୋଇଛି, ଛତାର ବେଣ୍ଟ ମାଟି ଭିତରକୁ ପଶିଯାଇଛି । ସବୁଜ କପଡ଼ା ବେଣ୍ଟକୁ ଧରି ରଖିଛି, ସବୁଜ ରଙ୍ଗର ତାର ସବୁ ସେହି କପଡାକୁ ବାନ୍ଧି ରଖିଛି । ସେହି ସାପର ଦୁଇ କଡ଼ରେ ଏମିତି ଫର୍ଣ୍ଣ ଗଛ ସବୁ ରହିଥିଲା । ଜଙ୍ଗଲରେ ଥିଲା ଅନେକ ଉପରେ ଚଢୁଥିବା ଲଟା, ସେମାନଙ୍କ ମୋଟା ଗଣ୍ଠି ଲାଗୁଥିଲା ଯେମିତି ଅଜଗରର ଗଣ୍ଠି ଭଳି। ବହୁତ ମୋଟା ହୋଇଯାଉଥିଲା । ଉପରେ ଚଢୁଥିବା ଲଟା ମାନ ଉଚ୍ଚା ଗଛକୁ ଚଢ଼ି ଯାଇଥିଲା, ଅନେକ ଗଛକୁ ଗୁଡ଼େଇ ହୋଇ ରହିଥିଲେ ଯେମିତି ଲାଗୁଥିଲା ବିଶାଳ ଅଜଗର ନିଜର କୁଣ୍ଡଳ ଗଛ ଉପରେ ପକାଇଛି, ଆଉ ଗଛକୁ ଚପି ଧରୁଛି ମାରିବା ପାଇଁ । ଅନେକ ଉପରେ ଚଢୁଥିବା ଲଟା ସବୁଠାରୁ ଉଚ୍ଚା ଡ଼ାଳକୁ ଡ଼ାଳରୁ ଓହଳଥିଲେ । ଲାଗୁଥିଲା ଯେମିତି ଡ଼ାଳରେ ଲାଞ୍ଜ ବାନ୍ଧି ବିଶାଳ ସାପ ସବୁ ଓହଳ ରହିଛନ୍ତି ଶିକାର ଧରିବା ପାଇଁ, ଶିକାର ପାଖକୁ ଆସିବ ଓ ସେମାନେ ଧରିବେ । ଶିକାରକୁ କୁଣ୍ଡଳ ବାନ୍ଧି ଚପି ଧରିବେ । ଆଉ ସେହି କୁଣ୍ଡଳୀରେ ଶିକାରର ହାଡ ଚୂନା ହୋଇଯିବ । ମୋତେ ଲାଗୁଥିଲା ଯେମିତି ସାରା ଜଙ୍ଗଲଟିକୁ ଜୀବନ ଆସିଯାଉଛି । ପବନ ବୋହି ଆସିଲା । ପଥର ଫାଙ୍କରୁ ସବୁ ସୁ...ସୁ.. ଶବ୍ଦ ଆସୁଥିଲା । ବର୍ତ୍ତମାନ ଲାଗୁଥିଲା ଯେମିତି ସାରା ଜଙ୍ଗଲରେ ସାପ ଭରି ଯାଇଛନ୍ତି । ଏମିତି ଥିଲା ଅନୁଭୂତି, ଏମିତି ଥିଲା ସେଠିକାର ଦୃଶ୍ୟ, ସବୁଆଡେ ଓହଳ ମାନ ଝୁଲି ରହିଥିଲା । ସବୁଆଡେ ଓହଳ ଗୁଡିକ ଗଛକୁ ଗୁଡେଇ ହୋଇ ରହିଥିଲା । ସାପର ଦୃଶ୍ୟ ସବୁଠି, ମାନସ ପଟରେ ସାପ ସବୁଠି । ସାତକୋଶିଆର ଲଟା ସବୁ ବିଭିନ୍ନ ଆକାର

କରିଥିଲେ । ଏଠି ଆଗକୁ ଯିବା ପାଇଁ ରାସ୍ତା ନାହିଁ, ସାତକୋଶିଆର ସାପକୁ କେହି ଫାଙ୍କି ପାରିବେ ନାହିଁ । ସାତକୋଶିଆର ସାପ ଦେଖୁଛି ଆଗନ୍ତୁକକୁ ସବୁବେଳେ । ପାଖରେ ବାଉଁଶର ଜଙ୍ଗଲ ଅଭେଦ୍ୟ ଥିଲା । ବାଉଁଶର ଜଙ୍ଗଲ ତଳେ ପଡିଥିଲା ସୁନେଲି ହଳଦିଆ ରଙ୍ଗର ଶୁଖିଲା ବାଉଁଶ ପତ୍ରମାନ । ତାଆରି ମଧ୍ୟରେ ବୋହି ଯାଉଥିଲା ଛୋଟ ଝରଣା ସବୁ, ଏମିତିଆ ଏକ ସ୍ଥାନରେ ସାତକୋଶିଆର ମହାବିଶାଳ ସର୍ପ ରହେ ।

ପାଖରେ ଥିଲା ବଡ ବଡ ପଥରର ଚଟାଣ କିନ୍ତୁ କେଉଁ ଚଟାଣ ସାପୁଆ ପଥର ଭଳି ବଡ ନଥିଲା । ରାସ୍ତା ଧାରରେ କେତେକ କାକଟସ୍ ବା ସିଜୁ ଗଛ ଥିଲା । ଏହାର ଡାଳ ଗୁଡିକ ମୁଖ୍ୟ ଡ଼ାଳରୁ ବାହାରି ଆସିଥିଲା, ପ୍ରାୟ ପତ୍ରହୀନ ଥିଲା, କଣ୍ଟାଗୁଡିକ ଭଲ ଭାବରେ ଦେଖାଯାଉଥିଲା । ରାସ୍ତାର ଉପରେ ପଡିଥିଲା ଝିଙ୍କର କାଠି ସବୁ, ପ୍ରତି କାଠିର ଲମ୍ବ ପ୍ରାୟ ଗୋଟିଏ ଲେଖା ଫୁଟ୍ ହେବ, ପେନସିଲ ଭଳି ମୋଟା । କାଠି ଗୁଡିକ ଫମ୍ପା ଥିଲା । କଳା ଧଳା ପଟି ସବୁ ହୋଇଥିଲା । ଆଉ ଅଗ ଆଡକୁ କଳା ହୋଇଯାଇଥିଲା । ଅଗଟି ଥିଲା ଖୁବ୍ ମୁନିଆ । ଏହି ଆଶ୍ଚର୍ଯ୍ୟଜନକ ଜୀବଟିର ଶରୀରରେ କଣ୍ଟା ଭରି ରହିଥାଏ । ବାଘ ତାର ପଞ୍ଝାରେ ଏହି ଜୀବକୁ ମାରିପାରେନା । କଣ୍ଟା ଏହାକୁ ରକ୍ଷା କରେ । ସାପର ଏହି ଆବାସ ସ୍ଥଳୀରେ ଜଣେ କଣ୍ଟା ପ୍ରତି ସାବଧାନ ହେବା ଉଚତ୍ । ବାଉଁଶରେ ଲାଗିଛି କଣ୍ଟା, ଝାଡିରେ କଣ୍ଟା, ସିଜୁ ଗଛରେ କଣ୍ଟା, ଆଉ ତଳେ ଥାଏ ଝିଙ୍କର କଣ୍ଟା ।

ଆମେ ଏକ ବିଶାଳ ପଥର ଚଟାଣ ପାଖରେ ଅଟକିଗଲୁ । ବଡ ଚଟାଣର ଲମ୍ବା ପ୍ରାୟ ୨୦୦ ଫୁଟ୍ ହେବ, ଚଉଡ଼ାରେ ପ୍ରାୟ ୧୦୦ ଫୁଟ୍ । ଚାରିପଟେ ଘୋର ଅରଣ୍ୟ । ଏହା ଉପରେ ପାଖାପାଖି ୪୦୦/ ୫୦୦ ଲୋକ ବସିପାରିବେ, ସାମାନ୍ୟ ଢ଼ାଲୁ ଥିଲା କିନ୍ତୁ ବହୁତ ମସୃଣ ନଥିଲା । ଯେଉଁଠି ପାଣି ବୋହି ଆସୁଥିଲା ସେ ସ୍ଥାନ ମସୃଣ ହୋଇଥିଲା । ପଥର ଚାରିପଟେ ଥିଲା ଗଭୀର ଅରଣ୍ୟ । ଛୋଟ ଛୋଟ ପାହାଡ । ତା ପରେ ଗଭୀର ଜଙ୍ଗଲ ଆରମ୍ଭ ହୋଇଥିଲା ପ୍ରାୟ ଗୋଟେ କି.ମି ପରେ । ମୁଁ ବିଶ୍ୱାସ କରିପାରିଲିନି ସେତେବେଳେ ଏମିତି ଏକ କଥା ଶୁଣି । ଏହି ପଥର ଦିନେ ବିଦ୍ରୋହର ସ୍ୱର ଗ୍ରହଣ କରିଥିଲା । ବ୍ରିଟିଶ

ଶାସନ ବିରୁଦ୍ଧରେ ଲୋକମାନେ ଆନ୍ଦୋଳନ କରିଥିଲେ । ଏହି ପଥର ଉପରେ ଅଛି ବିଦ୍ରୋହର ଛାପ, ଏଠି ଅତ୍ୟାଚାରୀ, ପଲଟିକାଲ ଏଜେଣ୍ଟ ବଜେଲ ଗେଟର ହତ୍ୟାର ଯୋଜନା କରାଯାଇଥିଲା ।

ରଣପୁର ରାଜାଙ୍କର ଅତ୍ୟାଚାର ବିରୁଦ୍ଧରେ ଲୋକମାନେ ମେଳ କରିବା ଆରମ୍ଭ କଲେ । ପ୍ରଜାମଣ୍ଡଳ ୧୯୩୮ ମସିହାର ଶେଷ ଆଡକୁ ଗଠନ ହେଲା । ରଣପୁର ରାଜା ଅତି ଅତ୍ୟାଚାରୀ ଥିଲେ । ତାଙ୍କ ବିରୁଦ୍ଧରେ ଆନ୍ଦୋଳନ, ଆଉ ଏହି ଆନ୍ଦୋଳନରେ ବଳ ପଡିଥିଲା ମେଜର ବଜେଲ ଗେଟ୍, ବ୍ରିଟିଶ ସରକାରଙ୍କର ପଲଟିକାଲ ଏଜେଣ୍ଟ, ସେ ଥିଲା ଅତ୍ୟାଚାରୀ । ଲୋକମାନଙ୍କୁ ଟିକସ ପାଇଁ ଅତ୍ୟାଚାର କରୁଥିଲା । ବିଦ୍ରୋହୀ ପ୍ରଜାମାନେ ଘୋର ଜଙ୍ଗଲରେ ଏକ ବଡ ପଥର ଉପରେ ଏକତ୍ରିତ ହେଲେ, ଏହି ପଥରର ନାଁ ପରେ ବିଚାରପଥର ହେଲା । ଆନ୍ଦୋଳନ ବିଷୟରେ ଆଲୋଚନା ହେଲା, ଅତ୍ୟାଚାରକୁ ମୁଣ୍ଡପାତି ସହାଯିବ ନାହିଁ, ପ୍ରତିରୋଧ କରାଯିବ । ଏକ ଦିନ ମେଜର ବଜେଲ ଗେଟ୍ ଟିକସ ଆଣିବା ପାଇଁ ରଣପୁରକୁ ଯାଇଥାଆନ୍ତି । ବିଦ୍ରୋହୀମାନେ ଗଛ ପକାଇ ରାସ୍ତା ବନ୍ଦ କଲେ, ଶଗଡ ସବୁ ରଖିଦେଲେ । ମେଜର ବଜେଲ ଗେଟକୁ ବାଉଁଶ ଠେଙ୍ଗାରେ ପିଟି ପିଟି ହତ୍ୟା କରାଗଲା, ପାଖରେ ଥିବା ପୋଲିସ ତାଙ୍କୁ ବଞ୍ଚାଇପାରିଲା ନାହିଁ ।

ମୁଁ ଚାରିଆଡକୁ ଅନାଇଲି । ସେହି ବିଶାଳ ପଥର ଚଟାଣର ଧାରରେ ଏକ ଛୋଟ ଧଳା ଫୁଲ ଗଛ ଥିଲା । ସୁନ୍ଦର ଧଳା ଫୁଲ ଏକ ଗୁଳ୍ମରେ ସେ ଫୁଟିଥିଲା, ଏହା ଭୂମିରୁ ଉଠିଆସିଥିଲା । କାଣ୍ଡ ମୋଟା, ସରୁଆ ପତ୍ର ଭୂମିରେ ଲାଗିଥିଲା । ସେଥିରୁ ଏକ ବାଡି ଭଳି ପେଡିକ୍ଲି ବାହାରିଥିଲା ମୂଳରୁ, ପତ୍ର ଗୁଡିକୁ ଅତିକ୍ରମ କରି ଡେଇଁ ଶେଷରେ ଏକ ଫୁଲରେ ଶେଷ ହୋଇଯାଇଥିଲା । ମୁଁ ସେହି ସୁନ୍ଦର ଫୁଲଟିକୁ ଅନାଇଲି । କେତେ ସୁନ୍ଦର ଧଳା ଫୁଲ, ପାଞ୍ଚଟି ଲମ୍ବା ପାଖୁଡା ଫୁଲର ମୂଳରୁ ବାହାରିଛି । ମୂଳଟି ଥିଲା ସୁନ୍ଦର ଭାବେ ବାଙ୍କ ଥିବା, ଛୋଟ ଛୋଟ କଣ୍ଟା ଭଳ ଥିଲା । ବଡ ପାଖୁଡା ଗୁଡିକ କଛି ବାଟ ପରେ ବଙ୍କିଯାଇଥିଲେ । ଧଳା ଷ୍ଟାମିନ୍ ସବୁ ଉପରକୁ ଉଠିଥିଲା । ଉପରେ ଥିଲା ସୁନେଲି ରଙ୍ଗର

ଆଣ୍ଟେନା । ଆଣ୍ଟେନା ଗୁଡିକ ଲାଗୁଥିଲା ଯେମିତି ଏକ ନମସ୍କାର କଲା ଭଳିଆ ଭଙ୍ଗିରେ ଅଛନ୍ତି । ଫୁଲଟି ଯେମିତି ହସୁଥିଲା, ଅଭୟାରଣ୍ୟ ବିଦ୍ରୋହୀ ବୀରମାନଙ୍କ ଉଦ୍ଦେଶ୍ୟରେ ପ୍ରଣିପାତ କରୁଥିଲା, ସେମାନେ କେବେଠୁଁ ଲୋକଲୋଚନରୁ ହଜି ଯାଇଛନ୍ତି ।

ମୁଁ ଜଙ୍ଗଲର ସୌନ୍ଦର୍ଯ୍ୟକୁ ଅନୁଭବ କରିବାକୁ ଚେଷ୍ଟା କରୁଥିଲି । ଦେଖୁଥିଲି ରଙ୍ଗର କେତେ ଭିନ୍ନତା, କେତେ ଅବିଶ୍ୱାସନୀୟ ମେକାନକାଲ ଡିଜାଇନ୍ ସବୁ ଅଛି । ଜଙ୍ଗଲ ହେଉଛି ଜ୍ଞାନର ଘର । ଏଠି ଅବିଶ୍ୱାସନୀୟ ଷ୍ଟ୍ରକଚରାଲ ଡିଜାଇନ ଦେଖିବାକୁ ମିଳେ । ଯେଉଁ ଭାବରେ ଗଛରୁ ଡାଳଟେ ଝୁଲୁଥାଏ ଏକ ଠିକ ଜାଗାରେ, ସେଇଠି ବୁଝିହୁଏ କାଣ୍ଟିଲିଭରର ମହତ୍ୱ, ଓଜନ ଆଉ ଟେନସନ୍ କେଉଁଠି ଦେବାକୁ ପଡିବ । କେମିତି ହେବ ଏକ ବଡ ସୁନ୍ଦର ସହରର ଷ୍ଟ୍ରକଚରାଲ ଡିଜାଇନ୍ ଏହାଯେ ପ୍ରକାଶ ପାଇଛି ଏଠି, ପଥର ଗୁଡିକ ମାଟିରେ କେମିତି ପୋତି ହୋଇରହିଛନ୍ତି । ଗୋଟିଏ ବଡ ଗଛ କେମିତି ଛୋଟ ହୋଇଯାଉଛି, ଆଉ ପଥର ମଧ୍ୟରେ ଥିବା ଖୁବ୍ କମ୍ ସାରତତ୍ତ୍ୱ ପାଇ କେମିତି ବଡ ହେଉଛି, ବୋନସାଇ ଗଛର ତତ୍ତ୍ୱ ଜଙ୍ଗଲ ରୁ ହିଁ ଆସିଛି । ଘରର ଡିଜାଇନ୍, ଡ୍ରେନେଜର ଡିଜାଇନ, ବାୟୋଡିଗ୍ରେଡବଲ୍ ଜିନିଷର ଉପକାରିତା, ବିଜ୍ଞାନର ଅନେକ ଭାଗର ତତ୍ତ୍ୱ ଜଙ୍ଗଲରେ ପ୍ରକାଶ ପାଉଥିଲା । ପଦ୍ମ କେମିତି ନିଜକୁ ନିଜେ ସଫା କରେ, ସବୁବେଳେ ସଫାସୁତରା ଥାଏ, ଯାହାକ ଆଜିର ନୂଆ ପେଣ୍ଟର ଉଦ୍ଭାବନ କରିଛି, ଏତେ ସବୁ ଉଦାହରଣ ଥିଲା ସେହି ଜଙ୍ଗଲରେ । ଜଙ୍ଗଲ ଥିଲା ଫିଜିକ୍ସ ର ଲାବ୍ରୋଟୋରି, କେମେଷ୍ଟ୍ରିର ଲାବ୍ରୋଟ୍ରୋରି ଆଉ ଅନେକ ଲାବ୍ରୋଟୋରି ।

ଟିକେ ଆଗର ଜଙ୍ଗଲରେ ଥିଲା କଣ୍ଟା ବାଉଁଶ, ମୁନିଆ କଣ୍ଟା ସବୁ ବାହାରି ଆସିଥିଲା, ବାଉଁଶର ଘଞ୍ଜ ଅରଣ୍ୟ, ବାଉଁଶ କଣ୍ଟା ସବୁ ଆଡେ ପଡିଥିଲା । ଆଉ ତଳେ ଥିଲା ବାଉଁଶ ପତ୍ରର ହଳଦିଆ ଗାଲିଚ୍ଚା । ସେମିତିଆ ବାଉଁଶ ଜଙ୍ଗଲ ଦେଖି, ବାଉଁଶ କରଡି ଦେଖି ହାସ୍ୟକବି ଯଦୁମଣିଙ୍କ ଗୋଟିଏ ଗୀତ ମନେ ପଡିଗଲା, ନୟାଗଡକୁ ଆସି, ନୟାଗଡରେ ରହି ହାସ୍ୟକବିଙ୍କର କଥା ମନେ ନପକାଇ ରହି ହୁଏନାହିଁ ।

ପିଲାଟି ଦିନରୁ ମୁଣ୍ଡରେ ଟୋପି
କୃଷ୍ଣ ଅବତାରେ ମୋହିଲେ ଗୋପୀ
ରାମ ଅବତାରେ ରାବଣ ମାରି
ଆଜି ହୋଇଥିଲା ସେହି ତର୍କାରୀ ।

ଅର୍ଥାତ ବାଉଁଶ କରଡି ଉପରେ ଏକ ଟୋପି ଭଳ ଆକୃତି ଥାଏ । ବାଉଁଶ ନଳୀରେ ବଂଶୀ ତିଆରି ହୁଏ, ସେହି ବଂଶୀ ବଜାଇ କୃଷ୍ଣ ଗୋପୀଙ୍କର ମନ ମୋହିଥିଲେ । ରାମ ଅବତାରରେ ଭଗବାନ ବାଉଁଶ କାଣ୍ଡ ଦ୍ୱାରା ରାବଣକୁ ବଧ କରିଥିଲେ । ସେହି ବାଉଁଶ କରଡିର ତରକାରୀ ଯଦୁମଣିଙ୍କ ଘରେ ହୋଇଥିଲା ।

ଚୈତନ୍ୟ ନାମକ ଇଟାମାଟି ଗାଁର ତେଲି ଜାତିର ବୈଷ୍ଣବ ଗୁରୁଜନ ମାନଙ୍କୁ ଉପଯୁକ୍ତ ସମ୍ମାନ ଦେଉନଥିଲା । ତାକୁ ଶିକ୍ଷା ଦେବା ପାଇଁ କବି ଏମିତି ଗାଇଥିଲେ,

ବଂଶ ନାଶ କରେ ଚଇତ ନଆଁ
ବର୍ଣ୍ଣ ନାଶ କରେ ଚଇତନଆଁ
ବର୍ଣ୍ଣନା ଶଂକରେ ଚଇତନଆ ।।

ଅର୍ଥାତ ଚୈତ୍ରମାସରେ ନଆଁରେ ଜଙ୍ଗଲ ପୋଡିଯାଏ । ଚୈତନ୍ୟଙ୍କ ବୈଷ୍ଣବ ଦୀକ୍ଷାରେ ଜାତିଗୋତ୍ର ନଥାଏ । ଆଉ ଇଟାମାଟିର ଚଇତନଆ (ଚୈତନ୍ୟ) ଗର୍ବରେ ଶଙ୍କର ପାଲଟି ଯାଇଛି । ଯେପରି ଦକ୍ଷ ଯଜ୍ଞରେ ଶିବ ତାଙ୍କ ଶ୍ୱଶୁରଙ୍କୁ ସମ୍ମାନ ଦେଲେ ନାହିଁ, ସେହିପରି ଚଇତନଆ ବାପ, ମା କୁ ସମ୍ମାନ ଦେଉନାହିଁ ।

ଆଉ ଏକ କବିତା ମନେ ପଡିଗଲା, କବିଙ୍କର ଆଶୁ କବିତା, ବହୁକାଳରୁ ପତିତ, ଢିପ ଜମି ପାଇ କବି ଦୁଃଖୀ ଥିଲେ, ଗାଇଥିଲେ ।

ଦେଉ ଆଜ୍ଞା ହେଲେ ହରଷେ
କରଣ ତା କଲେ ବରଷେ
ବାଛି ବାଛି କରି ଦେଲେ ପଡିଆ
ଶ୍ରାବଣ ମାସରେ ଭୁଙ୍ଗେ ନଡିଆ
ଏମନ୍ତ ଭୂଇଁ
ଗୁକୁଣ୍ଡା ବୁଣିଲେ ଉଠଇ ନାହିଁ ।।

କ୍ରମଶଃ.....

ସେକ୍ଟର- ୩, ସଲ୍ଟଲେକ, କଲିକତା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

ବେଦାନ୍ତୀ

# ବାପା / ଈଶ୍ୱର



ଅଧ୍ୟାପିକା ଜ୍ୟୋତ୍ସ୍ନା ରାୟ

କେବେ କେବେ ମୋତେ ଲାଗେ
ଈଶ୍ୱର ବାପା ହୋଇଯାନ୍ତି ତ
କେବେ ବାପା.... ଈଶ୍ୱର
ଅଦୃଶ୍ୟ ଛତାଟିଏ ଟେକି ଧରନ୍ତି ମଥାରେ
ନା ଶୀତ ନା ଖରା ନା ବର୍ଷା
ଛୁଇଁପାରେ ଆମକୁ.....
ସେ ବାରଣ କରନ୍ତି
ଶୀତକୁ ଶୀତେଇବାକୁ
ଖରାକୁ ଖରେଇବାକୁ
କି ବର୍ଷାକୁ ବର୍ଷେଇବାକୁ
ସେଇ ଛାତ- ତଳେ....
କାହିଁକି ନା ସନ୍ତାନ ପାଇଁ
ଜଗତର ସବୁ ସୁଖ....
ସାଉଁଟି ଧରିଥାନ୍ତି
ସେଇଠି ସେ ନିଜ ଆଞ୍ଜୁଳାରେ
ବାତ୍ସଲ୍ୟ ମୁଦ୍ରାରେ.....
କେଉଁ କେଉଁ
ଝଡ ଝଞ୍ଜାରେ ବି
ତାଙ୍କ ଆଖିରୁ ଛିଟିକି ଆସେନି
ଟିକିଏ ଲୁହ ଆମ ଦେହରେ
ସେଇ ଭରସାରେ ତ ଡେଇଁ ହୁଏ

ସାତ ସମୁଦ୍ର ତେର ନଇ
ଭାଙ୍ଗିହୁଏ ଦୈତ୍ୟର ପାଚେରୀ
ବିନା ଦ୍ୱିଧାରେ ଚଢିହୁଏ
ଅନେକ ସଫଳତାର ଶିଡି
କ୍ଷୁଦ୍ର ସାପଟିଏ ବି ଦଂଶି ପାରେନ
କେବେ ଆମ ପାଦରେ.....
ତାଙ୍କ ଦୃଷ୍ଟି ଆଢୁଆଳରେ.....
ଜୀବନର ଛୋଟ ବଡ ବିପତ୍ତି ସବୁକୁ
ସେ ଏମିତି ଆଡେଇ ନଅନ୍ତି
ଦୂରେଇ ଦିଅନ୍ତି ଯେ
ଆମେ ହାରୁନାହିଁ ତାଙ୍କରି ପାଇଁ ତ
ହାରୁ ହାରୁ ବି ଜିତିଯାଉ
ପ୍ରତିଟି ସଭ୍ୱରେ....
ପ୍ରତି ମୁହୂର୍ତ୍ତରେ....
କେବେ କେବେ ମୋତେ ଲାଗେ
ସୁରକ୍ଷା କବଚ ହୋଇ
ଝୁଲିଯାଆନ୍ତି ସେ
ଆମରି ଗଳାରେ
କହନ୍ତି – ଭୟ କଣ ଧନ ମୋରେ
ଡରିବୁନ ଜମା
ମୁଁ ପରା ଅଛି ତୋ ସାଥିରେ..... ॥

ବାଲେଶ୍ୱର, ଓଡିଶା

# ମାଁ ର କାନ



ଆଶୁତୋଷ ମେହେର

ତୋ ପଣତ କାନ  ଭରି ରଖି ଥାଏ
ତୁଳସୀ ଚନ୍ଦନ ବାସ
ସେ କୋଳର ଛାଇ ବହଳ ଗୁଦର
ମୋ ପାଇଁ ସରଗ ଆଶ  ।।

ତୋ କାନ ର ବାଆ  ବାଜିଲେ ମୋ ଦେହେ
ଫୁଲ ପାରିଜାତ ଫୁଟେ
ସେତ ଲାଗେ ମୋର ସରଗ  ରାଇଜ
ମନ ର ଅଡୁଆ  ତୁଟେ ।।

ତୋ ପଣତ ଧୂଳି ମୋ ପାଇଁ ସଦା ଯେ
ସୁନାର ହଳଦି ରେଣୁ
ତୋ ଓଠର ଗୀତ ଶୀତଳ ପରଶ
ମୁରଲି ହାତର ବେଣୁ  ।।

ଯେଉଁଠି ବି ଥିଲେ ଲାଗେ ସତ ସତେ
ତୋ ହାତ କପାଳେ ମୋର
ସେତକ ସିନା ମୋ ସାତ ଜନମର
କରମ ଫଳ ର ଭାର  ।।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# ଭ୍ଗା ବାଡ଼ି



ଲୋପାମୁଦ୍ରା ମିଶ୍ର

ଖର୍ଦିନ ଛୁଟି ଟା ରଜ ପରେ ପରେ ଚଟ୍ କରି ସରିଯିବା ପରି ମୋ ଜୀବନରୁ ଘଟଣା ବହୁଳ ସୁନ୍ଦର ପିଲ୍ଦିନଟା ହଠାତ ସରିଗଲ୍ । ମୁଁ ଗାଁ ଛାଡ଼ିଲି ଓ ପିଲ୍ଦିନକୁ ବି ସେଇଠି ଛାଡ଼ିଆସିଲି । ମୁଁ ମୋ ବାଲ୍ୟକାଳ କୁ ଝୁରିହୁଏ ପ୍ରତ୍ୟେକ ଦିନ, ମାସ ଓ ଋତୁ ରେ । ସେ କନ୍ତୁ ଅଛି, କୁଆଡେ ଯାଇନାହିଁ, ମୋରି ଗାଁରେ ଲୁଚଯାଇଛି । ମୋ ଗାଁର ପାଣି, ପବନ ଓ ମାଟିରେ ତାର ସତ୍ତା ମିଶିଯାଇଛି । ମୋ ଶୈଶବ ମଧ୍ୟ ପାଲଟି ଯାଇଛି ଗାଁ ଇତିହାସର ଆଉ ଏକ କୁନ ସାକ୍ଷୀ । ମୁଁ ତାକୁ ସେହି ମାଟିରେ ଅନୁଭବ କରିପାରେ । ସେଇଠୁ ମୁଁ ସେହି କ୍ଷୁଦ୍ର ନରୀହ ଚପଳ ଦିନଗୁଡିକୁ ଅଲଗା କରି ଆଣି ଠିକ ମୋ ଆଖି ସାମ୍ନାରେ ଚନ୍ଦଟେ ପରି ଦେଖିପାରେ ।

ପିଲ୍ଦିନେ ଗ୍ରୀଷ୍ମ ବୋଧେ ମୋର ପ୍ରିୟ ଋତୁ ଥିଲ୍ । ଜାଣେନା ପ୍ରିୟ ଥିଲ୍ କ ନାହିଁ, କନ୍ତୁ ମୁଁ ତାର ଆଗମନ କୁ ଚାତକ ପରି ଚାହିଁରହିଥିଲି । ପରୀକ୍ଷାର ବୋଝ ଓହ୍ଲେଇ ଯାଇଥିବ, ସ୍କୁଲରେ ଖର୍ଛୁଟି ଦିଆଯାଇଥିବ କମ୍ବା ସକାଳୁଆ ହେଇଯାଇଥିବ, ମାମୁଁଘରକୁ ବୁଲିବାକୁ ଯିବାର ଥିବ ଏମିତି ଆହୁରି ଅନେକ ଖୁସି ମୋତେ ଆଣିଦିଏ ମୋ ପ୍ରିୟ ଖର୍ଦିନ ।

ଖର୍ଦିନ ଆସିଲେ ପିଲ୍ଦିନେ ଆମର ଆଉ ଗୋଟେ ଜାଗା ସହ ସମ୍ପର୍କ ଟା ଖୁବ ନବିଡ ହେଇଯାଏ । ସେହିଟି ହେଲ୍ ଆମ ଗାଁ 'ଭ୍ଗାବାଡି' । ଆମେ ସେବେ ଜାଣିନଥିଲୁ କଏ ସେ 'ଭ୍ଗା' ଯାହାର ଏତେ ବଡ଼ ବାଡ଼ି ଓ ଏତେ ରକମର ଆମ୍ବ ଗଛ ଅଛି । ଖାଲି ଆମ୍ବ ନୁହେଁ ସେହି ବିର୍ଟ ବାଡ଼ିଟି ଥିଲ୍ ଆମ୍ବ, ପଣସ, ତେନ୍ତୁଳ, ଜାମ୍ମୁ ଓ ବାଉଁଶ ଗଛର ବୁଦାରେ

ଭରପୁର ଏକ ମନଲୋଭା ସୁନ୍ଦର ସ୍ଥାନ । କୌଣସି ପ୍ରକାର ଧଡ଼ା, ବାଡ଼ି ଓ ପାଚେରୀ ଘେରାଉ ହେଇନଥିବା ସେହି ବୃକ୍ଷମୟ ଅଞ୍ଚଳ କୁ ସଭିଙ୍କର ଅବାଧ ପ୍ରବେଶ ଥିଲା ।

ଖରାବେଳେ ଘରେ ସମସ୍ତେ ଶୋଇପଡ଼ିଲା ପରେ ଆମେ ପିଲାମାନେ ଚୁପଚାପ ଉଠିଯାଇ ନିଜ ନିଜ ଘର ବାଡ଼ି କବାଟ ଧୀରେ ଧୀରେ ଖୋଲି ଭଗାବାଡ଼ି ରେ ମେଳ କରୁ । ମେଞ୍ଚାଏ ଆମ୍ବ କଷି ଛିଡେଇ ଅଣ୍ଟା ଭର୍ତ୍ତି କରିବାରେ ଯେଉଁ ଆନନ୍ଦ ସେବେ ଥିଲା ଆଜି ପୁଳାଏ ଟଙ୍କାର ମୋଟା ମୋଟା ବିଡ଼ା ମଧ୍ୟ ସେ ଖୁସି ସହ ସମାନ ହେବ ନାହିଁ ।

ଭଗାବାଡ଼ି ରେ ଆମ୍ବକଷି ବଡ଼ ହୁଏ । କୋଉ ଗଛର ଆମ୍ବ ଖଟା, କୋଉ ଗଛ ଆମ୍ବ ମିଠା, କୋଉ ଆମ୍ବ କଞ୍ଚା ବେଳେ ସ୍ୱାଦିଷ୍ଟ ସେ ସବୁର ଠିକଣା ଆମ ପାଖରେ ଥାଏ ।

ଭଗାବାଡି ର ଅନେକ ଗୁଡ଼ିଏ ଜାଗା ଥିଲା ଆମର ସ୍ଥାୟୀ ଖେଳଘର । ଯେଉଁ ଯେଉଁ ଜାଗାରେ ବାଉଁଶ ବୁଦା କଟାଯାଇ ଥୁଣ୍ଟା କରାଯାଇଥାଏ ଓ ପାଖା ପାଖି ଦୁଇ ତିନୋଟି ଛୋଟ ଅଥଚ ମୋଟା ମୋଟା ଗଛ ଥାଏ ଆମେ ସେଇଠି ଆମ ଚରାଚରିତ ବୋହୂ ବୋହୂକା ଖେଳ ଖେଳୁ । ଆମ ପରି ଛୋଟ ପିଲାଙ୍କୁ ଛୋଟ ଗଛ ଚଢିବାକୁ ସୁବିଧା ହେଉଥିବାରୁ ଆମେ ଛୋଟ ଓ ଟିକେ ତଳକୁ ନଇଁ ଆସିଥିବା ଗଛକୁ ବେଶି ପସନ୍ଦ କରୁଥିଲୁ ।

ମୋର ସେହି କ୍ଷୁଦ୍ର ପିଲାଦିନଟିରେ ଭଗାବାଡ଼ି ରେ ବିତିଥିବା ଅସୁମାରୀ ସ୍ମୃତି କୁ ଟିକନଖି ବଖାଣିବାକୁ ଗଲେ ତ ଅନେକ ଗୁଡ଼ିଏ ବର୍ଷ ବିତିଯାଇପାରେ । ବାସ୍ତବିକ ସେ ସ୍ମୃତି ଅବର୍ଣ୍ଣନୀୟ ।

ଆମେ ଅପେକ୍ଷାକୃତ ସାମାନ୍ୟ ବଡ଼ ହେଲାପରେ ଭଗାବାଡ଼ିର ପ୍ରକୃତ ମାଲିକ କିଏ ଜାଣିବାକୁ ଆଗ୍ରହ ପ୍ରକାଶ କଲୁ । ପ୍ରାୟ ଖରାଦିନଆଁ ଅପରାହ୍ନ ରେ ଆମେ ଭଗାବାଡ଼ିରେ ବସି ସେହି ଛାଇ ଛାଇଆ ସୁନ୍ଦର ବାଡ଼ିର ମାଲିକ 'ଭଗା' ବିଷୟରେ ଅନେକ ଆଲୋଚନା କରୁ । ଆମେ କଳ୍ପନା ଚକ୍ଷୁ ରେ ବିରାଟ ଧନୀ 'ଭଗା' ଓ ତାର ସ୍ୱଚ୍ଛଳ ପରିବାର ର ସ୍ୱଚ୍ଛନ୍ଦ ଜୀବନଶୈଳୀକୁ ଦେଖୁ । ଆମେ ଭାବୁ 'ଭଗା' ର ଗାଁ ବାହାରେ କୋଉ ଏକ ସୁନ୍ଦର

ସହରରେ ନିଶ୍ଚୟ ବିଶାଳକାୟ ଏକ କୋଠାଘର ଥିବ, ବଡ଼ ବଡ଼ ଗାଡି ମଟର ଥିବ ଓ ପ୍ରତିପତି ସମ୍ପନ୍ନ ସହରୀ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ସମସ୍ତ ଅତ୍ୟାଧୁନିକ ସାମଗ୍ରୀ ଭଗା ଓ ତାର ପରିବାର ଉପଭୋଗ କରୁଥିବେ ।

ମୁଁ ଚତୁର୍ଥ - ପଞ୍ଚମ ପଢ଼ିଲା ବେଳେ ଜେଜେମାଆ, ବାବା ଓ ପିଉସୀ ନାନୀଙ୍କ ଠାରୁ ଭଗା ଓ ତା ପରିବାର ସମ୍ବନ୍ଧିତ ଅନେକ କାହାଣୀ ଶୁଣିବାକୁ ପାଇଲି । ଅତୀତରେ ଯେତେବେଳେ ଭଗା ର ପରିବାର ଗାଁରେ ରହୁଥିଲେ ସେମାନେ ଗାଁର ସବୁଠୁ ବେଶି ଧନୀଲୋକ ଥିଲେ । ଗୁଡ଼ାଏ ଜମି, ବିରାଟ ଖଞ୍ଜା ଘର, ଅପର୍ଯ୍ୟାପ୍ତ ଟଙ୍କା ଓ ସୁନା ଗହଣା ଥିଲା ସେମାନଙ୍କର । ତାଙ୍କର ସେହି ବଡ଼ ଘରେ ରହୁଥିଲେ ଭଗା, ତା ସାନଭାଇ ରଘୁଆ ଓ ତାଙ୍କ ବାପା ମାଆ । ଭଗାର ମାଆ କୁ ସେବେ ସମସ୍ତେ ରଘୁଆମାଆ ଡାକୁଥିଲା ବେଳେ ଏବେ ତାଙ୍କ ବାଡ଼ି ଟାକୁ କାହିଁକି ଭଗାବାଡ଼ି କହନ୍ତି ଆମେ ଆଦୌ ବୁଝିପାରୁ ନଥିଲୁ । ଆଉ ଏକ କୌତୁହଳ କଥା ଆମେ ଜାଣିବାକୁ ପାଇଥିଲୁ ଯେ ଭଗାମାଆ ର ଗଳାର ସ୍ୱର କୁଆଡ଼େ ଏକ ପୁରୁଷର କଣ୍ଠ ପରି ଖୁବ୍ ବେଶି କଡ଼ା, ଭାରୀ ଓ କର୍କଶ ଥିଲା ଓ ସେ ତା ସ୍ୱାମୀ କୁ 'ରାଢ଼ିଆ' ଡାକୁଥିଲା ।

ଭଗାର ବାପା ଓ ମାଆ ବହୁତ କମ ବୟସରେ ମରିଗଲା ପରେ ଭଗା ଓ ରଘୁଆ ଗାଁ ଛାଡ଼ି ଚାଲିଗଲେ । ସେମାନେ ବେଶି ପାଠ ପଢ଼ିନଥିଲେ । ସେହି ପଞ୍ଚମ କମ୍ବା ଷଷ୍ଠ ଯାଏଁ ପଢିଥିବା ଶୁଣାଯାଏ । ସେମାନେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ରେ କଣ ଗୋଟେ ଗୋଟେ ଚାକରୀ କରି ବାହାସାହା ହୋଇ ସେଇଠାରେ ରହିଗଲେ । ଆଉ ଗାଁ କୁ ଫେରିଲେ ନାହିଁ । ଦୀର୍ଘଦିନ ଧରି ଗାଁ କୁ ନଫେରିବାରୁ ତାଙ୍କ ବିରାଟ ଖଞ୍ଜା ଘରଟି ଭାଙ୍ଗି ମାଟିରେ ମିଶିଗଲା । ଭଗାବାଡ଼ି ସହ ଗାଁରେ ଭଗା ନାଁରେ ଆଉ ଏକ ଜାଗା ଆମକୁ ମିଳଗଲା ଖେଳବା ପାଇଁ, ସେଇଟି ହେଲା 'ଭଗାଢିହ' ।

ଖରାଦିନ କୁ ଛାଡ଼ି ଅନ୍ୟଦିନ ମାନଙ୍କରେ ଆମେ ପ୍ରାୟ ଭଗା ବାଡ଼ି ଆଡ଼େ ଏତେ ଯାଉନା । ବେଙ୍ଗା ନଈର କଡ଼ରେ ଓ ଗାଁର ତଳଆ ଜାଗା ରେ ଅବସ୍ଥିତ ହୋଇଥିବା ହେତୁ ବର୍ଷାଦିନେ ଭଗାବାଡ଼ି ରେ ଆଣ୍ଠୁଏ ପାଣି ହୋଇଯାଏ । ଶୀତ ଦିନେ ବି ଆମେ ଏତେଟା ସିଆଡେ ଯାଇ ଖେଳୁନଥିଲୁ । ଭଗାବାଡ଼ି ଆମ ପାଇଁ କେବଳ ଖରାଦିନର ବିଶେଷ ଆକର୍ଷଣ ଥିଲା ।

ସବୁ ବର୍ଷ ଖରାଦିନରେ ଭାଗାବାଡ଼ି ରେ ଗଛ ଚଢି, ଆମ୍ବ ଛିଡେଇ, ବୋହୂ ବୋହୂକା ଖେଳ ମୁଁ ଖୁବ୍ ଗୋଟେ ଚପଳମତି ଛୋଟ ପିଲା ରୁ ହାଇସ୍କୁଲ ଷ୍ଟୁଡେଣ୍ଟ ହେଇଗଲି । ହାଇସ୍କୁଲ ଯିବାପରେ ମୁଁ ଓ ମୋର ପିଲାଦିନର ଖେଳ ସାଙ୍ଗ ଜୁଲି, ଜାଡ଼ି, ପିନା, ଚଗିଲି ଓ କୁନ ଖରାବେଳେ ଆଉ ଭାଗାବାଡ଼ି ନଯାଇ କେବଳ ସେହି ରାସ୍ତା ଦେଇ ଗ୍ରାରିଟା ବାଜିଲେ ନିକଟସ୍ଥ ଗାଁ କୁ ଟ୍ୟୁସନ୍ ପଢ଼ିବାକୁ ଗଲୁ । ଆମ ବୋହୂ ବୋହୂକା ଖେଳଘର ଜାଗାକୁ ଆମ ସାନ ଭାଇଭଉଣୀ ମାନେ ଅକ୍ତିଆର କରିନେଇଥିଲେ । ଆମେ କେବେ କେମିତି ଟ୍ୟୁସନ ଯିବା ସମୟରେ ସେମାନଙ୍କୁ ଖରାବେଳେ ନଶୋଇ ଆମ୍ବ ଗଛରେ ଚଢିଥିବାର ଦେଖି ପକେଇଲେ ତାଗିଦା କରି ଘରକୁ ପଳେଇବାକୁ ନିର୍ଦ୍ଦେଶ ଦେଉଥିଲୁ । ସେମାନେ ଆମ କଥା କୁ ଖାତିର ନକରି ମାଙ୍କଡ଼ ପରି ଗଛ ରୁ ଖପ ଖାପ ଡେଇଁ ଭାଗାବାଡ଼ି ଭିତରକୁ ପଳେଇ ଯାଉଥିଲେ ।

ଏମିତି ଏମିତି ରେ ଅନେକ ଦିନ ବିତିଗଲା । ମୋର ଦଶମ ପରୀକ୍ଷା ସରିଗଲା । ମୁଁ ପ୍ଲସ୍ ଟୁ ପଢ଼ିବା ପାଇଁ ଭଦ୍ରକ ଚାଲିଗଲି । ଗାଁ ସହ ମୋର ସମ୍ପର୍କ ପୂର୍ବବତ ଥିଲେ ମଧ ଭାଗାବାଡ଼ି ଠାରୁ ଅନେକ ଟା ଦୂରେଇ ଯାଇଥିଲି । ପ୍ଲସ୍ ଟୁ ପରେ ମୁଁ ଗ୍ରାଜୁଏସନ୍ ପଢ଼ିଲାବେଳକୁ ଗାଁର ମୋ ପିଲାଦିନ ଖେଳ ସାଙ୍ଗମାନେ ଜଣେ ପରେ ଜଣେ ବାହା ହୋଇ ଶାଶୂଘରକୁ ଚାଲିଯାଉଥିଲେ । ପ୍ଲସ୍ ଥ୍ରୀ ଥାର୍ଡ୍ ଇୟର୍ ବେଳକୁ ଗାଁରେ ମୋ ସାଙ୍ଗ ଝିଅ ଆଉ କେହି ଜଣେ ବି ଅବିବାହିତା ନଥିଲା ।

ମୁଁ ଗ୍ରାଜୁଏସନ୍ ଫାଇନାଲ୍ ପରୀକ୍ଷା ଦେଇସାରି ଘରକୁ ଫେରିଲି । ରେଜଲ୍ଟ ଆସିନଥାଏ । ମୋ ଆଗରେ ପଡିଥାଏ ଲମ୍ବା ଗୋଟେ ଖରାଛୁଟି । କିନ୍ତୁ ଗାଁରେ ମୋ ସାଙ୍ଗରେ ବୁଲିବାକୁ କେହିନାହିଁ । ଭାରି ଏକା ଏକା ଲାଗୁଥାଏ । ଗୁଡ଼ାଏ ବହି ଖୋଲି ଟେବୁଲ୍ ଉପରେ ପକେଇ ରଖିଥାଏ, କିନ୍ତୁ ପଢ଼ିବାରେ ମନ ଆଦୌ ଲାଗେନାହିଁ । ସାଙ୍ଗମାନେ ଖୁବ୍ ମନେ ପଡନ୍ତି । ସେମାନଙ୍କ ସହ ମନେପଡିଯାଏ ପିଲାଦିନର ସେହି ବୋହୂ ବୋହୂକା ଖେଳ ଓ ଆମ ପ୍ରିୟ ଭାଗାବାଡ଼ି । "ସେମାନେ ତ ସମସ୍ତେ ବାହା ହେଇ ସତ ସତିକା ବୋହୂ ହେବାର ଅନୁଭୂତି ପାଇସାରିଲେଣି । ମୁଁ ଯାହା ଖାଲି ସେହି ଖେଳଘର ପାଖରେ ଅଟକି ରହିଯାଇଛି", ଏମିତି କିଛି ଭାବି ଭାବି ମୋ ଆଖିରୁ ଦୁଇ ଧାର ପାଣି ଗଡିଆସେ ।

ରେଜଲ୍ଟ ବାହାରିବାକୁ ଛଅଦିନ ବାକି ଥାଏ, ପି.ଜି. ଫର୍ମ୍ ଗୋଟେ ଆପ୍ଲାଇ କରି ତାର ହାର୍ଡ କପି ପୋଷ୍ଟ କରିବାପାଇଁ ବାବାଙ୍କ ସହ ହେଡ୍ ପୋଷ୍ଟ ଅଫିସ୍ କୁ ଯାଇଥିଲି । ଫେରିବା ରାସ୍ତାରେ ଜଣେ ଲୋକ ଆମ ଗାଡି ଆଗରେ ହାତ ହଲେଇ ଗାଡି ଅଟକେଇବାକୁ ଚେଷ୍ଟା କଲା । ବାବା ଗାଡି ରଖିଲେ । ଲୋକଟା କୁ ଦେଖି ବାବା ଆଶ୍ଚର୍ଯ୍ୟ ହେଇ କହିଲେ, "ଭଗାନ୍ନା ନା ? ଏତେଦିନ ପରେ ? ଗାଁ କୁ ଯାଉଥିଲ କି ? " ।

- - ହଁ । ତୁ ସରୋଜକାନ୍ତ ନା ?

- - ହଁ ମୁଁ ସରୋଜ । କଣ ଚହ୍ନି ପାରୁନ ?

- - ହଁ ଟିକେ ଦୋ ଦୋ ଚହ୍ନା ଲାଗିଲା । ବୟସ ହେଇଗଲାଣି, ଆଖିକୁ ଆଉ ଭଲ ଦିଶୁନ ।

- - ହଉ ବସ ବସ । ଆମେ ତ ଫେରୁଛୁ ଗାଁ କୁ ।

ବାବାଙ୍କ ନିର୍ଦ୍ଦେଶ ପାଇ ଲୋକଜଣଙ୍କ ଧୀରେ ଆସି ଆମ ଗାଡିର ପଛ ଡୋର୍ ଖୋଲି ବସିଗଲେ । ରାସ୍ତାରେ ଆଉ ବିଶେଷ କିଛି କଥାବାର୍ତ୍ତା ନାହିଁ । ମୁଁ ଜାଣିପାରୁନଥିଲି ସେ 'ଭଗାନ୍ନା' ନାମକ ଲୋକଟି କିଏ । ଅଳ୍ପ କେଇ ମିନଟ୍ ଭିତରେ ଆମେ ଘର ପାଖରେ ପହଞ୍ଚି ଗଲୁ । ବାବା ମୋତେ ଆମ ଘର ପାଖରେ ଛାଡ଼ି ଦେଇ ସେହି ଭଗାନ୍ନା କୁ ନେଇ ଗାଁ ଭିତରକୁ ଚାଲିଗଲେ ।

ସନ୍ଧ୍ୟାରେ ବାବାଙ୍କ ଠାରୁ ଶୁଣିଲି ସେହି ଲୋକଟି ହିଁ ଆମ ପ୍ରିୟ ଭଗାବାଡ଼ି ର ଅସଲି ମାଲିକ 'ଭଗା' । ମୋ ଆଶ୍ଚର୍ଯ୍ୟର ସୀମା ରହିଲାନାହିଁ । ଆମ କଳ୍ପନା ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲେ ଏ ଭଗାନ୍ନା । ପତଳା ଓ ରୁଗ୍ଣ ଶରୀର, ମୁହଁସାରା ଧଳା ଦାଢୀ ଭର୍ତ୍ତି, ଦେହରେ ମଳିଆ ଶାର୍ଟ ପ୍ୟାଣ୍ଟ ଓ ପାଦରେ ଛିଣ୍ଡା ଚଟି ଚପଲ ପିନ୍ଧି ସେ ସେଦିନ ରାସ୍ତା କଡ଼ରେ ଠିଆ ହେଇଥିଲେ । ଆମେ ପିଲାଦିନେ କଳ୍ପନା ଚକ୍ଷୁରେ ଦେଖିଥିବା ସେହି ଧନୀ ଭଗା ସହ ଏହି ଭଗାନ୍ନା ଙ୍କର ସାମାନ୍ୟତମ ସାମଞ୍ଜସ୍ୟ ନଥିଲା ।

ମୁଁ ଯେହେତୁ ଅଧିକାଂଶ ସମୟରେ ଘର ଠୁ ଦୂରରେ ହଷ୍ଟେଲ୍ ରେ ରହୁଥିଲି, ଗାଁ ରେ ଗୁଡ଼ାଏ ଘଟଣା ମୋ ଅଜାଣତରେ ହିଁ ଘଟୁଥି । ଅଜାଣତରେ ଘଟିଥିବା ଅନେକ ଘଟଣା ଭିତରୁ ଗୋଟିଏ ଘଟଣା ଥିଲା, ଭଗାବାଡ଼ି ର ଅନେକ ଗୁଡ଼ିଏ ଅଂଶ ସେତେବେଳକୁ ଭଗାନ୍ନା ଗାଁର ବିଭିନ୍ନ ଲୋକଙ୍କୁ ବିକ୍ରି କରି ସାରିଥିଲେ । ସମ୍ପୂର୍ଣ୍ଣ ଭଗାବାଡ଼ି ଟି ଆଉ କେବଳ ତାଙ୍କର ହେଇ ନଥିଲା ।

ବାବା କହୁଥିଲେ ଭଗାନ୍ନା ଙ୍କର କଣ ଗୋଟେ ରୋଗ ହେଇଛି । ପାଖରେ ଆଉ ଟଙ୍କା ନାହିଁ । ତାଙ୍କ ସ୍ତ୍ରୀ ଓ ପିଲା ରାଉରକେଲା ରେ ରହୁଛନ୍ତି । ତାଙ୍କ ପୁଅମାନେ ତାଙ୍କ ଭାଗର ଜମିବାଡ଼ି ସବୁ ବିକ୍ରି କରି ଭଗାନ୍ନା ଙ୍କ ଚକିତ୍ସା କରାଉଥିଲେ, ଭଲ ହେବାର ଆଶା ଖୁବ୍ କ୍ଷୀଣ ଜାଣିଲା ପରେ ଚକିତ୍ସା ବନ୍ଦ କରେଇ ଦେଇଛନ୍ତି । ଭଗାନ୍ନା ତାଙ୍କ ଜୀବନର ଶେଷ ସମୟଗୁଡ଼ା ଗାଁରେ ନିଜ ଘରଡିହ ରେ ବିତେଇବାକୁ ଗାଁକୁ ଫେରିଆସିଥିଲେ । ତାଙ୍କ ଡିହଟି କିନ୍ତୁ ସେତେବେଳକୁ ପିଲାଙ୍କ ଖେଳକୁଦ ର ସ୍ଥାନ ପାଲଟି ଯାଇଥିଲା । ସେ ସେଇଠି ଗୋଟେ ଝାଟିମାଟି କୁଡ଼ିଆ ବନେଇ ରହିବାକୁ ଲାଗିଲେ ।

ମୋ ଗ୍ରାଜୁଏସନ୍ ପରୀକ୍ଷା ଫଳ ବାହାରି ସାରିଥିଲା କିନ୍ତୁ ପି.ଜି. ଆଡ଼ମିଶନ୍ ସେ ଯାଏଁ ହେଇନଥିଲା । ମୋ ପିଲାଦିନର ଘନିଷ୍ଠ ସାଙ୍ଗ ଜୁଲି ତା ଶାଶୂଘରୁ ଅଳ୍ପଦିନ ପାଇଁ ବାପଘରକୁ ବୁଲିଆସିଥିଲା । ମୁଁ ଘରେ ଅଛି ଜାଣି ସେ ମୋ ପାଖକୁ ଗପିବାକୁ ଚାଲିଆସିଲା । ପ୍ଲସ୍ ଟୁ ପରେ ସେ ଆଉ ଆଗକୁ ପାଠ ପଢ଼ିବାର ସୁଯୋଗ ପାଇପାରିନଥିଲା । ସେଥିପାଇଁ ସେ ବହୁତ ମନ ଦୁଃଖ କରୁଥିଲା । ଆମେ ଦୁହେଁ ଆମ ଛାତ ଉପରେ ଅନେକ ବେଳଯାଏଁ ବସି ଗପିଲୁ । ଏ ଭିତରେ ମୁଁ ତାକୁ ଭଗାବାଡ଼ି ଓ ତାର ମାଲିକ ଭଗାନ୍ନା ବିଷୟରେ କହିଲି । ସେ ମୋତେ ଡାକିଲା ତା ସାଙ୍ଗରେ ଭଗାନ୍ନା ଙ୍କ ଘର ପାଖକୁ ଯିବାପାଇଁ । ମୁଁ ଚଟାପଟ ରାଜି ହେଇଗଲି । ଗାଁ ମଝିରେ ଭଗାନ୍ନା ଙ୍କ ଘର । ବିରାଟ ଉଚା ଡିହ ଉପରେ ଖଟେଇ ହେଲାପରି ଠିଆହେଇଛି ଛୋଟିଆ ବଖୁରିକିଆ ଝାଟିମାଟି କୁଡ଼ିଆଟିଏ । ଆମେ ଡିହ ତଳେ କିଛି ସମୟ ଠିଆ ହେଲୁ । ଭିତରୁ ଖୁଁ ଖୁଁ କାଶ ର ଶବ୍ଦ ଶୁଭିଯାଉଥିଲା । ଜୁଲିର ବଡ଼ ଇଚ୍ଛା ହେଉଥିଲା ଭଗାନ୍ନାଙ୍କୁ ଥରଟେ ଦେଖିବାପାଇଁ । ସନ୍ଧ୍ୟା ହେଇଆସୁଥିଲା, ଭଗାନ୍ନା ଘରୁ ବାହାରୁ ନଥିଲେ ।

ପାଖ ଘରୁ ବୁଢ଼ୀ ଲୋକଜଣେ ଗ୍ଲ କପ୍ ଟେ ଧରି ସେହି କୁଡ଼ିଆ ଭିତରକୁ ପଶିଗଲେ । ବତୀଟିଏ ଜଳଉଠି କୁଡ଼ିଆ ଟା ହଠାତ ଆଲୋକିତ ହୋଇଗଲା । ସେହି ଝାପ୍ସା ଆଲୋକରେ ଆମେ ଦେଖିଲୁ ଜୀର୍ଣ୍ଣଶୀର୍ଣ୍ଣ ରୋଗୀଣା ଲୋକଟିଏ ମାଟି ଚଟାଣ ରେ କାନ୍ଥ କୁ ଢେର୍ ଦେଇ ବସି ଗ୍ଲ' ପିଉଛନ୍ତି ଓ ମୀର୍ ଜେଜୀମାଆ ତା ପାଖରେ ବସି ତାଙ୍କ ମୁଣ୍ଡ ଆଉଁଶି ଦେଉଛନ୍ତି । ଆମେ ଆଉ ବେଶି ସମୟ ସେଠି ଠିଆ ନହୋଇ ନିଜ ନିଜ ଘରକୁ ଫେରିଆସିଲୁ ।

ଏହାର ଦୁଇଦିନ ପରେ ମୁଁ କଟକ ଗ୍ଲଲିଗଲି ଗୋଟେ ଏଣ୍ଟ୍ରାନ୍ସ ଏକଜାମିନେସନ୍ ପାଇଁ । ମାମୁଁଘର କଟକରେ । ଏଣ୍ଟ୍ରାନ୍ସ ପରୀକ୍ଷା ପରେ ଆହୁରି ଗ୍ଲରିଦିନ ସେଇଠି ରହିଗଲି । ଘରକୁ ଫେରୁ ଫେରୁ ଶୁଣିଲି ଭଗାନ୍ନା ଙ୍କ ଅବସ୍ଥା ସଙ୍କଟାପନ୍ନ । ତାଙ୍କ ପତ୍ନୀ ଓ ପିଲାମାନେ ଖବର ପାଇ ଆସିଛନ୍ତି । ମୁଁ ଘରେ ବ୍ୟାଗ୍ ପକେଇ ଦେଇ ଜୁଲି ଘର ଆଡ଼କୁ ଦୌଡିକରି ଗଲି । ମାଆ ବିରକ୍ତ ହେଉଥିଲା । ମୋର ସେଥିପ୍ରତି ଖାତର ନଥିଲା । କ ଗୋଟେ ଅଜଣା ଭୟ ଓ ଦୁଃଖ ମୋତେ ଭିତରୁ ରୁନ୍ଧି ପକାଉଥିଲା । ଜୁଲି ଖାଉଥିଲା । ଅଧାଖିଆ ରୁ ସେ ଉଠିଆସିଲା । ଆମେ ଦୁହେଁ ଯାଇ ସେହି କୁଡ଼ିଆ ଦ୍ୱାର ମୁହଁରେ ଠିଆ ହେଲୁ । ଭଗାନ୍ନା ଙ୍କ ଶରୀର ନିସ୍ତେଜ ହେଇପଡିଥିଲା, ଆଖି ବନ୍ଦ ହେଇଆସୁଥିଲା କିନ୍ତୁ ଉପସ୍ଥିତ ଦେଖଣାହାରୀ କାହାରି ଆଖିରୁ ବିନ୍ଦୁଏ ବି ଲୁହ ଗଡି ପଡୁନଥିଲା । ତାଙ୍କ ସ୍ୱପତ୍ନୀ ଓ ଦୁଇପୁଅ ବି କାନ୍ଦୁ ନଥିଲେ । ଆମେ ଆହୁରି ଏକ ଜିନିଷ ଆବିଷ୍କାର କଲୁ, ଭଗାନ୍ନାଙ୍କ ପୁରା ପରିବାର ଟି ଖୁବ୍ ବିରାଟ ଗୋଟେ ଦାରିଦ୍ର୍ୟ ସହ ସଂଘର୍ଷ କରୁଥିବା ପରି ମନେ ହେଉଥିଲେ । ମୁଁ ମନେ ମନେ ଭାବୁଥିଲି, "ସେ ବିଶାଳ ସମ୍ପତ୍ତି ବିଷୟରେ ଆମେ ଯାହା ଶୁଣିଥିଲୁ, ସେ ଗଲା କୁଆଡେ ? ଏମାନେ ଏତେ ଗରିବ ହେଲେ କେମିତି ? ଯାହା ଶୁଣିଥିଲୁ ସେସବୁ କଣ ମିଛ ଥିଲା ?" । ଅଧାଘଣ୍ଟା ଭିତରେ ଆମେ ସେ ଜାଗା ଛାଡ଼ି ଗ୍ଲଲିଆସିଲୁ । ସକାଳୁ ସକାଳୁ ଶୁଣିଲି ଭଗାନ୍ନା ଭୋରୁ ଗ୍ଲଲିଯାଇଛନ୍ତି ।

ଆମ ଘରୁ ରାସ୍ତା ଆଡ଼କୁ ସିଧା ଅନେଇଲେ ଗାଁ ଶେଷମୁଣ୍ଡର ଶ୍ମଶାନ ସ୍ପଷ୍ଟ ଦେଖାଯାଏ । ଜୁଲି ଆସି ଆମ ପିଣ୍ଡାରେ ବସିଥିଲା । ଆମେ ଦୁହେଁ ଲଗାଲଗି ହେଇ ବସି ଶ୍ମଶାନ ରେ ଜୁଇଟେ ଜଳୁଥିବା ଦେଖୁଥିଲୁ । ଆମ ଆଖି ଆଗରେ ଆମ ପିଲାଦିନର ପ୍ରିୟ ଭଗାବାଡ଼ି ର ମାଲିକ ଭଗାନ୍ନା ଜଳଯାଉଥିଲେ । ତାଙ୍କ ଜୁଇରୁ ନିଆଁ ଓ ଧୂଆଁ ଉଡ଼ି ଆକାଶ କୁ ଛୁଉଁଥିଲା ଓ ଆମ

ଦୁଇ ସାଙ୍ଗଙ୍କ ଆଖିରୁ ଲୁହ ଗ୍ଟରିଧାର ବୋହି ଆସି ଆମ ଓଠ ଛୁଉଁଥିଲା । ମୋତେ ଲାଗୁଥିଲା ମୋ ପିଲାଦିନର ଗୋଟେ ସୁନ୍ଦର କଳ୍ପନାର ତୈଳଚନ୍ଦ୍ର ଜଳ ପୋଡି ପାଉଁଶ ହେଇଯାଉଛି । ଅନେକ ସମୟଯାଏଁ ଆମେ ସେମିତି ସେଇଠି ବସି ରହିଥିଲୁ । ଜୁଲିର ସ୍ୱାମୀ ତାକୁ ଫୋନ୍ କଲାରୁ ସେ ମୋ ଠାରୁ ବିଦାୟ ନେଇ ଗ୍ଟଲିଗଲା ।

ଭାଗାନ୍ନା ସିନା ଗ୍ଟଲିଯାଇଥିଲେ କନ୍ତୁ ତାଙ୍କରି ନାଁ ରେ ନାମିତ ସେହି ବାଡ଼ି ଟି ଆମ ପିଲାଦିନର ସ୍ମୃତି କୁ ତା ଛାତିରେ ଗ୍ଟପି ଧରି ପଡ଼ିରହିଥିଲା ।

ଜୁଲି ତା ଶାଶୂଘରକୁ ଫେରିଯିବାକୁ ପ୍ରସ୍ତୁତ ହେଇ ମୋତେ ଦେଖା କରିବାପାଇଁ ଆସିଥିଲା । ମେ ମାସ ଶେଷର ନର୍ଧୁମ୍ ଖରାବେଳ । ମୁଁ ଶୋଇଥିଲି । ସେ ମୋତେ ହଲେଇ ଉଠେଇବାକୁ ଚେଷ୍ଟା କଲା । ମୋତେ କାହିଁକି କେଜାଣି ହଠାତ ଲାଗିଲା ପିଲାବେଳେ ଜୁଲି, ଜାଡ଼ି, ପିନା ଯେମିତି ଖରାବେଳ ହେଲେ ମୋତେ ଭାଗାବାଡ଼ି ରେ ବୋହୂ ବୋହୂକା ଖେଳବାକୁ ଡାକନ୍ତି ଆଜି ସେମିତି ଡାକବାକୁ ଆସିଛନ୍ତି ।

- - ଜୁଲି, ରହ ମୁଁ ମାଆ ର ନାଲି ଶାଢ଼ୀ ଟା ଆଣେ । ଆଜି ମୁଁ ବୋହୂ ହେବି ।

- - ଆଲୋ କଣ କହୁଛୁ ତୁ ? ଶାଢ଼ୀ କଣ କରିବୁ ?

- - ଭାଗାବାଡ଼ି କୁ ଯିବା ପରା ଖେଳବା ପାଇଁ ! !

- - ହା ହା ହା.. ତୁ ବୋଧେ ସ୍ୱପ୍ନ ଦେଖୁଥିଲୁ । ମୁଁ ଏବେ ପଳେଇବି ଲୋ । ବାହାରି ସାରିଲାଣି। ଯାଆ ମୁହଁ ଧୋଇକ ଆସେ ।

ଜୁଲି ର ବଡ଼ ପାଟିରେ ହୋ ହୋ ହେଇ ହସିବାରେ ମୁଁ ହୋସ କୁ ଆସିଲି, ପ୍ରକୃତିସ୍ଥ ହେଲି। "ସତେ ତ ମୁଁ କେତେ ବଡ଼ ହେଇଗଲିଣି ! ଜୁଲି ବି ସତରେ ବୋହୂ ହେଇସାରିଲାଣି । ଧେତ୍, ମୁଁ କାହିଁକି ଖାଲି ପଛକୁ ଫେରିଯାଉଛି ଯେ ? ", ମୁଁ ନିଜ ଉପରେ ବିରକ୍ତ ହେଲି ।

ବେଦାନ୍ତୀ

ଜୁଲି ଆମ ଘରେ ସମସ୍ତଙ୍କୁ ଜୁହାର ହେଇସାରି ମୋ ପାଖକୁ ଆସିଲା । ମୋତେ ଆଶ୍ଚର୍ଯ୍ୟ କରି କହିଲା, "ମିନୁ, ଗ୍ଲେ ନା ଟିକେ ଭୃଗାବାଡ଼ି ଆଡ଼େ ବୁଲି ଆସିବା । ଭାରି ମନ ହେଉଛି ଟିକେ ଦେଖି ଆସିବା ପାଇଁ । ଆଉ କେବେ ପୁଣି ଆସିବାର ସୁଯୋଗ ମିଳବ ଜାଣିନ । ଜାଣିଛୁ ନା, ମୋର ଖୁବ୍ ମନେ ପଡ଼େ ଲୋ ଆମ ଗାଁ କଥା, ତୁମମାନଙ୍କ କଥା । ଗାଁ ମନ୍ଦିର, ପଡ଼ିଆ, ବିଲ ଓ ଏଇ ଖରାବେଳଆ ଭୃଗାବାଡ଼ି ରେ ଆମ୍ବ ଛିଡେଇବା କଥା, ସେଇଠି ବୋହୂ ବୋହୂକା ଆଉ କଣ୍ଢେଇ ଖେଳ ଖେଳବା କଥା" । ମୁଁ ଦେଖୁଥିଲି କେଉଁ ଗୋଟେ ଭୀଷଣ କଷ୍ଟରେ ଜୁଲି ର ଉଜ୍ଜ୍ୱଳ ମୁହଁ ଟା ହଠାତ ଶୁଖି ଝାଉଁଳ ପଡୁଛି ଆଉ ଆଖି ରୁ ତାର ପାଣି ଗଡ଼ି ପଡୁଛି । ମୁଁ ତା ହାତ କୁ ଜାବୁଡ଼ି ଧରିଲି ଓ ଆମ ବାଡ଼ି କବାଟ ଖୋଲି ପଛ ପାଖ ରାସ୍ତା ଦେଇ ଭୃଗାବାଡ଼ି ଆଡ଼େ ଦୌଡିଲି । ସେ ବି ଯନ୍ତ୍ରବତ୍ ମୋ ସହ ଧାଇଁଲା ତା ନୂଆ ଶାଢ଼ୀ କୁ ଗୋଟେ ହାତରେ ଆଣ୍ଠୁଯାଏଁ ଟେକ ଧରି ।

ଆଖିପିଛୁଳାକେ ଆମେ ଭୃଗାବାଡ଼ି ରେ ପହଞ୍ଚିଗଲୁ । ଆମ ପ୍ରିୟ ଭୃଗାବାଡ଼ି କନ୍ତୁ ଆଗପରି ଆଉ ଆଦୌ ନଥିଲା । ସେଠି ସେହି ମିଠା ଆମ୍ବଗଛ ଗୁଡାକରେ ପାଚଲା ଆମ୍ବର ପେନ୍ଥା କୋଉଠି ଦେଖା ଯାଉନଥିଲା । କେତେଟା ଖଟା ଆମ୍ବଗଛ କଟା ହେଇ ତଳେ ଗଡୁଥିଲା । ଠାଏ ଠାଏ ଜାଗାରେ ବାଡ ଘେରାଉ ହେଇ କଛି କଛି ଗଛ ଆବଦ୍ଧ ହେଇରହିଥିଲେ । ଆମ ବୋହୂ ବୋହୂକା ଖେଳ ଜାଗା ଗୁଡ଼ାକ ଅରମା ହେଇ ପଡିଥିଲା । ତଥାପି ସେହି ଜାଗା ରୁ ଅମ୍ଳୀୟତା ର ଏକ ଭୁରୁ ଭୁରୁ ବାସ୍ନା ବାହାରୁଥିଲା । ଆମେ ସେଇଠି ଠିଆ ହେଇ ଆମ ପିଲାଦିନ କୁ ଦେଖୁଥିଲୁ । ଖରାଦିନଆଁ ଝାଂଜି ପବନ ବୋହୁଥିଲା । ଆମ ଦେହରେ ସେହି ତାତି ହାଓ୍ୱା ପିଟି ହେଇ ଆମକୁ ଅନେକ ବର୍ଷ ତଳକୁ ଫେରେଇ ନେଉଥିଲା । ଥିଲା ସେହି ସମାନ ଖରାବେଳ, ଠିକ ସେହି ସମାନ ଜାଗା ଆଉ ମୋର ସେହି ପ୍ରିୟ ଖେଳ ସାଙ୍ଗ । ସବୁକଛି ଅପରିବର୍ତ୍ତନୀୟ ଥାଇ ମଧ କେବଳ ସମୟଟା ଯାହା ବଦଳଯାଇଥିଲା । ସମୟ ଖୁବ ଆଗକୁ ଗଡି ଯାଇଥିଲା । ବିତିଯାଉଥିବା ବର୍ଷ ଗୁଡ଼ିକ ଉପରେ ମୋତେ ବଡ଼ ରାଗ ଆସିଲା । ମୁଁ କାନ୍ଦି ଆସୁଥିଲି, ତଳେ ଠକଠାକ୍ ଶବ୍ଦ କରି ଦୁଇଟି ପାଚଲା ଆମ୍ବ ଖସି ପଡ଼ିଲା। ମୁଁ ନଇଁ ପଡ଼ି ଗୋଟାଇ ଆଣିଲି । ହାତରେ ଧରିଛି, ପାଟିକୁ ନେଇନ ଜୁଲି ଚଟକରି କହିପକେଇଲା, "ମୁଁ ଆଗ ଦେଖିଛି । ସେଇଟା ମୋର " । ମୁଁ ସତରେ କାନ୍ଦି ପକେଇଲି ଆଉ ମୋ ସହ ତାଳ ଦେଇ ସେ ବି । ଆମେ ଦୁହେଁ ଦୁହିଁଙ୍କୁ ଧରି କାନ୍ଦିଲୁ । ଭୃଗାବାଡ଼ି

ଆମକୁ ନୂଆ ରୂପରେ ଦେଖୁଥିଲା, ଆମେ ଯେମିତି ତାକୁ ଅନୁନୟ ହେଇ କହୁଥିଲୁ ଆମ ପୁରୁଣା ଦିନ ସବୁକୁ ଫେରେଇ ଆଣିବା ପାଇଁ । ଢେର ସମୟ ନୀରବ କାନ୍ଦଣା ପରେ ଆମେ ଆଉ କେହି କାହାକୁ କଛି ନକହି ନିଜ ନିଜ ଆଖିର ଲୁହ ନିଜେ ପୋଛି ପୋଛି ପଳେଇଆସିଲୁ ।

ଜୁଲି ତା ଶାଶୂଘରକୁ ଗ୍ଲିଗଲା । ମୁଁ ପି.ଜି. ପଢ଼ିବା ପାଇଁ କଟକ ଗ୍ଲିଗଲି । ପି.ଜି. ପରେ ଏମ୍.ଫିଲ୍ । ତାପରେ ଗ୍ଲକରୀ ଆଉ ବାହାଘର । ମୋତେ ଆଉ ସମୟ ମିଳନାହିଁ ଗାଁ ଆଡ଼େ ଯାଇ ଭୁଗାବାଡ଼ି କୁ ବୁଲି ଦେଖିବା ପାଇଁ । କିନ୍ତୁ ପ୍ରତିବର୍ଷ ର ଗ୍ରୀଷ୍ମ ଅବକାଶ ମୋ ମନକୁ ଶୂନ୍ୟେ ଶୂନ୍ୟେ ଉଡ଼େଇ ନିଏ ମୋ ଗାଁ କୁ, ଯୋଉଠି ମୋ ପିଲାଦିନ ଖରାବେଳ ର ଖରାରେ ସିଝି ସିଝି ବି ଖିଲି ଖିଲି ହସୁଥାଏ ଓ ଗ୍ରୀଷ୍ମ ଅପରାହ୍ନରେ କୁନି କୁନି ସାଙ୍ଗଙ୍କ ସହ ଭୁଗାବାଡ଼ି ରେ ମିଛି ମିଛିକା ଭାତ, ଡାଲି ରାନ୍ଧି ବାଉଁଶବୁଦା ତଳେ ପରଷି ଦେଉଥାଏ ।

ଏ ବର୍ଷ ଏପ୍ରିଲ୍ ଆରମ୍ଭରୁ ହିଁ ତାପମାତ୍ରା ଖୁବ୍ ବେଶି ବଢିଗଲା । ସକାଳ ଆଠ ରୁ ଏତେ ତୀବ୍ର ଖରା ଯେ, ଘରୁ ଗୋଡ଼ କାଢ଼ି ବାହାର କୁ ବାହାରି ହେଲାନାହିଁ । ପୁଅର ସ୍କୁଲ୍ ରେ ଟିକଏ ଆଗୁଆ ଛୁଟି ଘୋଷଣା ହେଇଗଲା । ଆମେ ମନସ୍ଥ କଲୁ ଗାଁ କୁ ଯିବୁ । ମୁଁ ଅନେକ ଦିନ ହେବ ଗାଁ ଆଡ଼େ ଯାଇନଥିଲି । ଗାଁରେ ଉତ୍ତାପ ଅପେକ୍ଷାକୃତ କମ ଥିଲା । କିଛି ଦିନ ଶାଶୂଘର ଗାଁରେ ରହିଲା ପରେ ମୋତେ ଓ ମୋ ପୁଅକୁ ମୋ ବାପଘର ଗାଁରେ କିଛିଦିନ ପାଇଁ ଛାଡ଼ିଦେଇ ମିଷ୍ଟର୍ ଫେରିଗଲେ ।

ମୋର ଗାଁରେ ରହିବାର ଅଳ୍ପକିଛି ଦିନ ହେଇଛି ଶୁଣିଲୁ ଏହି ଉତ୍ତପ୍ତ ଗ୍ରୀଷ୍ମ ଋତୁ ରେ ବି ଭୟଙ୍କର ଏକ ସାମୁଦ୍ରିକ ଝଡ଼ ଆସୁଛି । ଟିଭି, ମୋବାଇଲ, ଖବରକାଗଜ ସବୁଠି ସତର୍କ ସୂଚନା । ସତରେ ଝଡ଼ ଆସିଲା । 'ଫଣି' ବାତ୍ୟା ଉପକୂଳ ଓଡ଼ିଶା କୁ ଛାରକାର କରିଦେଇଗଲା । ମୋ ଗାଁରେ କାହାର ସେମିତି କିଛି ବିଶେଷ କ୍ଷତି ହେଇନଥିଲା । କେତେକ ବହୁ ପୁରୁଣା ଗଛ ଯାହା ଉପୁଡି ପଡ଼ି ମାଟି ଉପରେ ଶୋଇଯାଇଥିଲେ ।

ବାତ୍ୟା ପରଦିନ ସକାଳୁ ମୁଁ ଆମ ଗେଟ୍ ପାଖରେ ଠିଆ ହେଇଥିଲି । ଦୁଇଜଣ ଅଚହ୍ନା ଯୁବକ ଓ ଜଣେ ସ୍ତ୍ରୀଲୋକ ଭଗାବାଡ଼ି ଆଡୁ ବଡ଼ ବଡ଼ ଦୁଇଟି ଆମ୍ବ ଭର୍ତ୍ତି ଝୁଡ଼ି ଧରି ଫେରୁଥିବା ଦେଖିଲି । ବାବାଙ୍କୁ ପଗ୍ଚରିଲାରୁ କହିଲେ, "ଭଗାନ୍ନା ଙ୍କ ସ୍ତ୍ରୀ ଆସିଥିଲେ କଣ ଜମିଜମା କଥା ବୁଝିବାକୁ । ତିନଦିନ ହେଲା ତାଙ୍କ ପଡ଼ିଶା ଘରେ ଅଛନ୍ତି । ବାତ୍ୟା ରେ ଭଗାବାଡ଼ି ପୁରା ଉଜୁଡି ଯାଇଛି । ଆମ୍ବ ଗୋଟେଇ ବାକୁ ଯାଇଥିଲେ ତାଙ୍କ ଦୁଇପୁଅଙ୍କୁ ଧରି।"

- - ବାବା, ତାଙ୍କର ପରା ଆଉ ଜଣେ ଭାଇ ଥିଲେ, ରଘୁଆ ? ସେ କାହିଁ କେବେ ଆସନ୍ତିନ ତ ?

- - ଆମେ କଣ ତାଙ୍କୁ ଆଉ ଦେଖିଛୁ । ସେ ବି ରାଉରକେଲା ରେ ରହୁଥିଲେ ବୋଲି ଯାହା ଶୁଣିଛୁ । ତା ପିଲାମାନେ ତ କେବେ ଆସନ୍ତିନ । ଏବେ ଏବେ ଖବର ପାଇଲୁ ରଘୁଆନ୍ନା ହାର୍ଟ୍ ଷ୍ଟ୍ରୋକ୍ ରେ ବର୍ଷେ ହେବ ଗ୍ଚଲିଗଲେଣି ।

ବାତ୍ୟା ପରେ ଗାଁ ଟା ଭରି ଖାଁ ଖାଁ ଲାଗୁଥିଲା । ଶ୍ମଶାନ ପାଖ ବିରାଟ ପୁରୁଣା ବରଗଛ ଟା ଉପୁଡି ତଳେ କଗ୍ଚଡ଼ି ପଡିଥିଲା । ଲାଗୁଥିଲା ଗାଁରୁ କଛି ଆତ୍ମୀୟ ଯେମିତି ଚରବିଦାୟ ନେଇ ଗ୍ଚଲିଯାଇଛନ୍ତି । କରେଣ୍ଟ ନଥିଲା । ଖରାବେଳେ ବନ୍ଦ ହେଲାନାହିଁ । ମୋ ପୁଅ ସମେତ ଘରେ ସମସ୍ତଙ୍କ ଆଖି ଲାଖି ଯାଇଥାଏ । ମୁଁ ବିଛଣାରୁ ଉଠି ଆସିଲି । ଆମ ଘର ଆଗ ବଉଳ ଗଛ ତଳେ ଠିଆ ହେଲି । ସାଙ୍ଗମାନେ ଖୁବ ମନେ ପଡୁଥିଲେ । ବଉଳ ମୂଳେ ଖରାବେଳଆ ଖପରା କତିକତି ଖେଳ ମନେପଡିଗଲା । କନ୍ତୁ ମନେ ପଡୁନଥିଲା କତିକତି ଘର ଆଙ୍କିବାର ପୁରୁଣା କୌଶଳ । ମୁଁ ପଡ଼ିଆ ଆଡ଼କୁ ସିଧା ଦେଖିଲି । ଭଗାବାଡ଼ି ଦିଶିଯାଉଥିଲା । ସଲ୍ୱାର ସୁଟ୍ ର ଓଢଣୀ ଟା ମୁଣ୍ଡରେ ଗୁଡ଼େଇ ଦେଇ ଭଗାବାଡ଼ି ଆଡ଼େ ଗ୍ଚଲିଲି, ଯେମିତି ପିଲାଦିନେ ମାଆ ର ପୁରୁଣା ଶାଢ଼ୀଟେ ଗୁଡ଼େଇ ହେଇ ଦୌଡିଯାଏ କଣ୍ଢେଇ ଖେଳ ଖେଳବାପାଇଁ ।

ପୋଖରୀ ପାଖରୁ ସରୁଆ ରାସ୍ତା ଟେ ଭଗାବାଡ଼ି ଭିତରକୁ ପଶିଯାଇଛି । ବାତ୍ୟା ରେ ଗଛ ଡାହି ଭାଙ୍ଗି ରାସ୍ତା ଉପରେ ପଡିଥିଲା । ମୁଁ ସେହି ଅସ୍ତବ୍ୟସ୍ତ ରାସ୍ତାକୁ ଡେଇଁ ଡେଇଁ ଭିତରକୁ ଗଲି । ଆମ ପ୍ରିୟ ଭଗାବାଡ଼ି କୁ ଆଉ ଆଦୌ ଚହ୍ନି ହେଉନଥିଲା । ବାଉଁଶ ଗଛ ସବୁ ଭାଙ୍ଗି

ଛନ୍ଦା ଛନ୍ଦି ହେଇ ପଡ଼ିଥିଲେ । ଛାଇ ଛାଇଆ ବାଡ଼ି ଟା ଆଜି ଖରାଟିଆ ଦିଶୁଥିଲା । ଭଙ୍ଗି ଶୋଇଥିବା ଗୋଟେ ଜାମୁଗଛ ର ଗଡ଼ ଉପରେ ଗୋଡ଼ ଲମ୍ବେଇ ବସିଗଲି । ଚାରିଆଡ଼େ ଆଖି ବୁଲେଇ ଆଣିଲି । ମୋ ପିଲାଦିନ ଆଜି ମୋ ସହ ଲୁଚକାଳୀ ଖେଳୁଥିଲା । ଏଇଠି ଥିଲା, ପୁଣି ଏଇଠି ଉଭେଇ ଯାଉଥିଲା । ମୁଁ ଉଠିଲି ଧାଇଁଲି । ସବୁ କୋଣରେ ତାକୁ ଖୋଜିଲି। ପାଉଥିଲି ପୁଣି ହଜେଇ ଦେଉଥିଲି । ସାରାଟା ଖରାବେଳ ନିଜ ପିଲାଦିନ ସହ ଏକଲା ଏକଲା ଖେଳି ଖେଳି ଯେତେବେଳେ କ୍ଲାନ୍ତ ହେଇଗଲି, ଓଢଣୀ ରେ ମୁହଁ ପୋଛି ଦଣ୍ଡେ ବସିଗଲି । ଠିକ ସେତିକିବେଳେ ମୋତେ ଆଶ୍ଚର୍ଯ୍ୟ କରି ମୋ ପିଲାଦିନର ସେହି ଦଲକାଏ ଖରାଦିନିଆଁ ସୁଲୁସୁଲିଆ ଥଣ୍ଡା ପବନ ଆସି ମୋ ଦେହକୁ ଆଉଁଶି ଦେଇଗଲା । ମୋ ଆଖି ଆପେ ଆପେ ବୁଜି ହେଇଗଲା । ଜାମ୍ମୁ ଗଡ଼ ଉପରେ ମୁଁ ଢ଼ୋଳେଇ ପଡିଲି। କେତେ ସମୟ ଯାଏଁ ମୁଁ ସେଠି ମୋ ପିଲାଦିନ ସହ ଥିଲି ମୋର ମନେ ନାହିଁ । କେତେବେଳେ ମାଆ ଆସି ମୋତେ ସେଠୁ ଉଠେଇ ଘରକୁ ଆଣିଲା ତାହା ବି ମୋର ମନେନାହିଁ ।

ସେହି କେଇଦିନ ପରେ ମୁଁ ମୋ ପିଲାଦିନକୁ ପୁଣିଥରେ ଭାଗାବାଡ଼ି ରେ ଛାଡ଼ିଦେଇ ଏଇ ସହର କୁ ଚାଲିଆସିଲି । ଆମ ପିଲାଦିନ ର ବିଚିତ୍ର ଓ ରହସ୍ୟମୟ ଚରିତ୍ର ବିରାଟ ସେହି ଧନୀ ଦୁଇଭାଇ ଭାଗାନ୍ନା ଓ ରଘୁଆନ୍ନା ଆଉ ଏ ଦୁନିଆଁରେ ନାହାଁନ୍ତି, ତାଙ୍କ ପରିବାରର ପରିଚିତି ନିଶ୍ଚିହ୍ନ ପ୍ରାୟ କିନ୍ତୁ ତାଙ୍କ ପ୍ରତିପତି ର ଭଗ୍ନ ସ୍ମାରକୀ ସଦୃଶ ଆଜି ବି 'ଭାଗାବାଡ଼ି' ଶୂନ୍ୟ କୁ ଅନେଇ ଗାଁ ଶେଷମୁଣ୍ଡରେ ଶୋଇରହିଛି ।

ନନ୍ଦିପୁର, ଦଶରଥ ପୁର, ଯାଜପୁର

# ଆମେ ହେଲୁ ଭାଇ ଯାଜପୁରିଆ



ଶଶଧର ମହାପାତ୍ର

ଆମେ ହେଲୁ ଭାଇ ଯାଜପୁରିଆ
ବିରଜା ଧାମରୁ ଅସିଅଛୁ ଆମେ
ଓଡିଶା ରାଜ୍ୟର ଗଉରବ ଆମେ
ସଂସ୍କାର ଆମର ଭାରି ବଢିଆ
ଆମେ ହେଲୁ ଭାଇ ଯାଜପୁରିଆ

ଆମେ ହେଲୁ ଭାଇ ଯାଜପୁରିଆ
ବୈତରଣୀ ନଈ ତା' ପାଖେ ବହୁଛି
ଦଶାଶ୍ୱମେଧ ଘାଟ ତା' କୂଳରେ ଅଛି
କଥା କହୁ କମ୍ ଆମେ, କାମ ବଢିଆ
ଆମେ ହେଲୁ ଭାଇ ଯାଜପୁରିଆ

ଆମେ ହେଲୁ ଭାଇ ଯାଜପୁରିଆ
ମନ୍ଦିର ମାଳିନୀ ପରା ଆମ ସହର
ଅତି ପୁରାତନ ଅଟେ କାରୁକାର୍ଯ୍ୟ ତା'ର

ସ୍ମୃତି ସବୁ ସାଉଁଟୁଛୁ ପାଗଳଭଳିଆ
ଆମେ ହେଲୁ ଭାଇ ଯାଜପୁରିଆ

ଆମେ ହେଲୁ ଭାଇ ଯାଜପୁରିଆ
ଜନ୍ମ ହେଇଛନ୍ତି ଏଠି କେତେ ନରନାରୀ
ତାଙ୍କ ମଧ୍ୟେ ରାଜା ଥିଲେ ଯଯାତିକେଶରୀ
ଭୁଲିକି ପାରିବ ଆମ ଭାବ ଦିଆନିଆ ?
ଆମେ ହେଲୁ ଭାଇ ଯାଜପୁରିଆ

ଆମେ ହେଲୁ ଭାଇ ଯାଜପୁରିଆ
ଅତି ପୁରାତନ ଇଏ ପ୍ରାଚୀନ ନଗରୀ
ଡାକଲେ ବିରଜା ମା'ଙ୍କୁ ଶୁଣନ୍ତି ଗୁହାରି
ମା'ଙ୍କ ଆଶିଷ ମିଳଲେ ଜୀବନ ବଢିଆ
ଆମେ ହେଲୁ ଭାଇ ଯାଜପୁରିଆ

ଆମେ ହେଲୁ ଭାଇ ଯାଜପୁରିଆ
ବନ୍ଧୁ ମହାନ୍ତି ଥିଲେ ସମସ୍ତଙ୍କ ବନ୍ଧୁ
ତାଙ୍କ ହାତେ ଦେଇଥିଲେ ଭୋଗ ଜଗବନ୍ଧୁ
ଶୁଣିଲେ ଲାଗୁଛି ସତେ କାହାଣୀ ଭଳିଆ
ଆମେ ହେଲୁ ଭାଇ ଯାଜପୁରିଆ

ଆମେ ହେଲୁ ଭାଇ ଯାଜପୁରିଆ
କ ସୁନ୍ଦର ଦିଶେ ଆମ କୁସୁମା ପୋଖରୀ
ଦେଖିଦେଲେ ଲାଗେ ସତେ ଦିବ୍ୟ ସେ' ସୁନ୍ଦରୀ
ତା' ଗୁରି ପାଖରେ ବୁଲି ଭୁଲିବ ଦୁନିଆ
ଆମେ ହେଲୁ ଭାଇ ଯାଜପୁରିଆ

ଆମେ ହେଲୁ ଭାଇ ଯାଜପୁରିଆ
କଳଙ୍ଗ ନଗର ଆଜି ଓଡିଶାରେ ଖ୍ୟାତ
ଗଢିଉଠେ ନାନା ଶିଳ୍ପ ଗତି ହୁଏ ଦ୍ରୁତ
ଓଡିଶା ରାଇଜେ ଆମେ ସବୁଠୁଁ ବୁଢିଆ
ଆମେ ହେଲୁ ଭାଇ ଯାଜପୁରିଆ

ହିଡେନ୍ ଭାଲି ଲେନ୍ ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ପ୍ରାଣ ଦାତା



ବିନୟ ମହାପାତ୍ର

ସଭ୍ୟତାର ଜତୁଗୃହ ଭବ୍ୟ ମହଲ
ଐଶ୍ବର୍ଯ୍ୟର ଚରମ ନମୁନା,
ତା ଭିତରେ ନିଜେ ନିଜକୁ ବନ୍ଦି କରିବାର
ଅଦମ୍ୟ ଲାଳସା,
ସତେ ହାତଠାରି ଡାକେ ମାୟାର ମହଲ
ଚକ୍ ମକ୍ ବେଷଣୀ, ଆଲିଶାନ ବଙ୍ଗଳା ।
ଫସିଲ୍ ର ପୋଡା ଗନ୍ଧ ସବୁଜିମା ଶୂନ୍ୟ,
ଖାଁ ଖାଁ ଶମସାନ,
ନିଜ କବରର ଶେଷକଣ୍ଟା ପିଟିବା ଆଗରୁ
ଥରେ ଶୁଣ, ଅସହାୟ କରୁଣ ବେଦନ ।
ମାଆ କାନ୍ଦୁଛି,
ନିଜ ସନ୍ତାନକୁ ବିଦାୟ ପୂର୍ବରୁ
ପୁଣି ଥରେ ଚେତାଇ ଦେଉଛି ।
ଆରେ ଅବୁଝା,
ଏବେ ବି ବୁଝି ପାରିଲୁନି
ତୁ ନିଜେ ସ୍ୱୟଂ ସମ୍ପୂର୍ଣ୍ଣ ନୁହେଁ,
ତୁ ସ୍ୱାବଲମ୍ବୀ କେବେ ବି ନଥିଲୁ ।

ବଞ୍ଚିବାକୁ ପ୍ରତିକଣ ପବନ

ତୋ ଛାତିରେ କଏ ଭରିଦିଏ ?

ସେ ପ୍ରାଣଦାତାକୁ

ଅକୃତଜ୍ଞ କେମିତି ଭୁଲିଗଲୁ ?

ତୁ ଦେଉ ସେ ବଞ୍ଚେ,

ବଦଳରେ ତୋ ପ୍ରାଣବାୟୁ

ପ୍ରତି ମୁହୂର୍ତ୍ତରେ ତୋର ନିଶ୍ୱାସେ ଭରିଦିଏ ।

ସେ ଅଛି ବୋଲି ତୁ ବଞ୍ଚିଛୁ,

ସେ ଯଦି ମରିଯାଏ

କହ ତୋତେ ବଞ୍ଚାଇବ କଏ?

ଏବେ ବି ସମୟ ଅଛି କରଜ ଶୁଝିବାକୁ

ନିଜେ ବଞ୍ଚିବାକୁ ଚାହୁଁଥିଲେ

ତାକୁ ବି ବଞ୍ଚିବାକୁ ଦେ ।

କଟ୍ ସ୍କୋୟାର, ପଟିଆ

**"ବେଦାନ୍ତୀର ଅଗଷ୍ଟ ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଜୁଲାଇ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା :vedantimagazine@gmail.com"**

# ଇତିହାସର ଏକ କଳଙ୍କିତ ଅଧ୍ୟାୟ



ପୁଷ୍ପିତା ଭୂୟାଁ

ଆଜିବି କଳାପାଣିର ସେ ୬୯୬ଟି କୋଠରିରେ ଅନେକ କଏଦୀଙ୍କର ଆତ୍ମାର ଡାକ ଗୁଞ୍ଜରିତ ହୁଏ। କୋଠରି ଗୁଡିକ ପାର୍ଶ୍ୱ ଦେଇ ଅତିକ୍ରମ କଲାବେଳେ କଏଦୀଙ୍କ କରୁଣ ଚତ୍କାର ହୃଦୟକୁ ଥରାଇଲା ପରି ଅନୁଭୂତ ହୁଏ। ତିନ ମହଲା ବିଶିଷ୍ଟ ସାତୋଟି ଲମ୍ବା ଲମ୍ବା ଜେଲ ଘର ସେଦିନର ଏକତା ବଳଦାନର ଜୀବନ୍ତ ପ୍ରତୀକ ଅଟେ। ବ୍ରିଟିଶ ମାନଙ୍କର କୃର କଠୋର ବ୍ୟବହାର କଏଦୀ ମାନଙ୍କର ମନୋବଳକୁ ଚୂରମାର କରିଦେବାର ଚେଷ୍ଟା ଦିନେ ଯେ ଅସଫଳ ହେବ ତାହା କଏଦୀ ମାନଙ୍କର ଦୃଢ଼ ବିଶ୍ୱାସ ଥିଲା।

'କଳାପାଣି ' ଭାରତୀୟ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ କହିଲେ ଅତ୍ୟୁକ୍ତି ହେବନାହିଁ । ବ୍ରିଟିଶ ମାନେ ଯେତେବେଳେ ଭାରତକୁ ବାଣିଜ୍ୟ କରିବାକୁ ଆସି ତାର କଳା ଓ ଭାସ୍କର୍ଯ୍ୟରେ ବିମୋହିତ ହୋଇ ଭାରତକୁ ଶାସନ କରିବାରେ ସ୍ୱପ୍ନ ଦେଖିଥିଲେ ଓ ତାଙ୍କର ସ୍ୱପ୍ନକୁ ସାକାର ମଧ କରିଥିଲେ, ସେତେବେଳେ ଆଣ୍ଡାମାନ ମହାସାଗରରେ ଥିବା ଆଣ୍ଡାମାନ ଦ୍ୱୀପ ସମୂହକୁ ବ୍ରିଟିଶ ଅଫିସର ମାନେ ପସନ୍ଦ କରିଥିଲେ। ଆଣ୍ଡାମାନ ଦ୍ୱୀପରେ ଥିବା ରସ ଟାପୁକୁ ସେମାନେ ଅଫିସ ବନାଇବା ପାଇଁ ବାଛିଥିଲେ। ଆଉ ପୋର୍ଟବ୍ଲେଅର ଦ୍ୱୀପ, ଯେଉଁଠାରେ ଦିନେ ଜଳଦସ୍ୟୁ ଓ ଗ୍ରେର ମାନଙ୍କର ପେଣ୍ଠ ସ୍ଥଳ ଥିଲା, ସେଠାରେ ସେମାନେ ଇଚ୍ଛାକଲେ ଏମିତି ଏକ ବନ୍ଦୀଶାଳା ବନାଇବେ, ଯେଉଁଠାରେ ତାଙ୍କୁ ବିରୋଧ କରୁଥିବା ଓ ତାଙ୍କ କଥାକୁ ଅମାନ୍ୟ କରୁଥିବା ଭାରତୀୟ ମାନଙ୍କୁ ବନ୍ଦୀ କରିରଖିବେ । ଆଣ୍ଡାମାନ ଦ୍ୱୀପର ଚତୁର୍ପାର୍ଶ୍ୱ ବିଶାଳ ସମୁଦ୍ର ହୋଇଥିବାରୁ କୌଣସି ବନ୍ଦୀ ଚାହିଁଲେ ମଧ ସେଠାରୁ ମୁକୁଳ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିପାରିବେ ନାହିଁ। ଯାହା ବ୍ରିଟିଶ ମାନଙ୍କୁ ସେମାନଙ୍କ କଥାରେ ଉଠବସ କରାଇବା ପାଇଁ ସହଜ ହେବ ।

ସମସ୍ତଙ୍କ ଦ୍ୱାରା କଥାଟା ଯୋଗ୍ୟ ବିବେଚିତ ହେଲା ଓ କିଛିଦିନ ମଧ୍ୟରେ ଜେଲ ବନାଇବାର ପ୍ରଣାଳୀ ପ୍ରସ୍ତୁତ ହେଲା। ସେମାନେ ସ୍ଥିର କଲେ ପ୍ରଥମେ ପାହାଡ଼କୁ କାଟି ସମାନ କରାହେବ, ତାପରେ ସେଇ ପଥରରେ ଜେଲର କୋଠରି ତିଆରି ହେବ, ଆଉ ଏସବୁ କାମ ସେଇ ନିରୀହ ବନ୍ଦୀ ଭାରତୀୟ ମାନଙ୍କ ଦ୍ୱାରା ଅକ୍ଲେଶରେ କରାଇବେ। ପ୍ଲାନ ଅନୁସାରେ କାମ ଆରମ୍ଭ ହୋଇଯାଇଥିଲା ।

ମଝିରେ ଏକ ମିନାର ଏବଂ ତାର ଚତୁର୍ପାର୍ଶ୍ୱରେ ସାତୋଟି ତିନି ମହଲା ବିଶିଷ୍ଟ ଲମ୍ବା ଲମ୍ବା ଦୁର୍ଗ । ପ୍ରତିଟି ଦୁର୍ଗରେ ପ୍ରାୟ ୯୯ / ୧୦୦ଟି କୋଠରି । ନିରୀହ ଭାରତୀୟ ସଂଗ୍ରାମୀ ମାନଙ୍କର ଦୀର୍ଘ ଆଠ ବର୍ଷର ଅକ୍ଲାନ୍ତ କଠୋର ପରିଶ୍ରମ ପରେ ବନ୍ଦୀଶାଳା ଟି ନିର୍ମିତ ହୋଇଥିଲା। ନିରୀହ ଭାରତୀୟମାନେ ନିଜ ହାତରେ ନିଜ ପାଇଁ କୂଅ ଖୋଳିଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ତା' ପରେ କଳାପାଣିର କଳା ଅଧ୍ୟାୟ ଆରମ୍ଭ ହୋଇଥିଲା। ସାତ ଫୁଟ ଓସାର ଓ ବାର ଫୁଟ ଲମ୍ବାର କଠୋରି ମଧ୍ୟରେ ଜଣେ ଜଣେ କଏଦୀ ରହୁଥିଲେ। କାହା ସହିତ କାହାର କଥା ହେବା ପାଇଁ ଅନୁମତି ନଥିଲା। ଦେଶର ବିଭିନ୍ନ ପ୍ରାନ୍ତରରୁ କଏଦୀମାନେ ଆସୁଥିଲେ। ସେମାନଙ୍କର ଭୁଲ ଥିଲା ବ୍ରିଟିଶମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା। ସେମାନଙ୍କ କଥା ନମାନିବା। ବର୍ଷ ବର୍ଷ ଧରି କଏଦୀମାନେ ସେଠାରେ ସମୟ କଟାଉଥିଲେ ନିଜ ପରିବାର ଠାରୁ ଦୂରରେ ରହି ।

ବିନାୟକ ଦାମୋଦର ସାବରକର, ବଟୁକେଶ୍ୱର ଦତ୍ତ, ଯୋଗୀନ୍ଦ୍ର ସିଂ ଭଳି ନାମୀ ନାମୀ ସ୍ୱାଧୀନତା ସଂଗ୍ରାମୀ, ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ସେମାନଙ୍କର ମୂଲ୍ୟବାନ ଜୀବନକୁ ଦେଶ ପାଇଁ ଉତ୍ସର୍ଗ କରି କାରାବରଣ କରିଥିଲେ। ସେମାନେ କେବେବି ବ୍ରିଟିଶମାନଙ୍କ ଆଗରେ ମୁଣ୍ଡ ନୂଆଁଇବାକୁ ପସନ୍ଦ କରୁନଥିଲେ। ପ୍ରତି କଥାର ଠେକଠୋକ ଜବାବ ଦେଉଥିଲେ । ତାବଦଳରେ ସେମାନଙ୍କୁ ଇଂରେଜ ମାନଙ୍କଠାରୁ ଗୁବୁକର ପ୍ରହାର ସହିବାକୁ ପଡୁପଛେ । ବସ୍ତା ବସ୍ତା ନଡ଼ିଆରୁ ତେଲ ବାହାର କରିବା, ପଥର କାଟିବା, ଜଙ୍ଗଲ ସଫା କରିବା ପ୍ରଭୃତି କାମରେ ସେମାନଙ୍କୁ ନିୟୋଜିତ କରାଯାଉଥିଲା। ନଡ଼ିଆ ରୁ ତେଲ ପେଡାଇବା ପାଇଁ ମଣିଷମାନଙ୍କୁ ପଶୁଙ୍କ ପରି ଘଣାରେ ଯୋଗା ଯାଉଥିଲା । କାମର

ଟାର୍ଗେଟ ପୂରଣ ନହେଲେ ଗ୍ଭବୁକ ପ୍ରହାର, ଖାଇବାକୁ ନ ଦିଆ ଯିବା, ଆଉ ଏହାର ବିଦ୍ରୋହ କଲେ ହାତଗୋଡ଼ ରେ ବେଡି ପକାଇ ଓଲଟା ଲଟକାଇ ଦିଆଯାଉଥିଲା ।

ସହଜେତ ଖାଇବାପାଇଁ ଗୋଡି ମିଶା ଗ୍ଭଉଳର ଭ୍ତ, ପୋକଗ୍ ଡାଲି, ବାଲି ମିଶା ତରକାରୀ, ଅଲଣା କାଞ୍ଜି ଆଉ ଦୁର୍ଗନ୍ଧ ଯୁକ୍ତ ପାଣି ମିଳୁଥିଲା ସେଥିରେ ବି ଉପବାସ ରଖାଯାଉଥିଲା। ଜୀବନ ବଞ୍ଚାଇବା ପାଇଁ ନିରୀହ ଲୋକମାନେ ଆଖି ନାକ ବୁଜି ଖାଉଥିଲେ ଓ ପିଉଥିଲେ। ମଣିଷ ମାନଙ୍କୁ ପଶୁଠାରୁ ହୀନ ଦୃଷ୍ଟିରେ ଦେଖାଯାଉଥିଲା।

ମଣିଷମାନଙ୍କର ଯେତେବେଳେ ସବୁ ସହିବାର ବାନ୍ଧ ଭ୍ଙ୍ଗିଯାଏ ସେତେବେଳେ ତାର ହୃଦୟ ବିଦ୍ରୋହ କରି ଉଠେ। ସେହିପରି ନିରୀହ ଭ୍ରତୀୟମାନଙ୍କ ପକ୍ଷେ ଯେତେବେଳେ ଅସହ୍ୟ ହେଉଥିଲା ସେତେବେଳେ କଛି କଛି କଏଦୀ ମିଶି ବ୍ରିଟିଶ ମାନଙ୍କ ବିରୁଦ୍ଧରେ ନାଗ୍ ବାଜି ଦେଉଥିଲେ : 'ଭ୍ରତ ମାତାର ଜୟ', 'ଇନକଲାବ ଜିନ୍ଦାବାଦ', 'ବନ୍ଦେ ମାତରଂ' ଧ୍ୱନିରେ ଜେଲ ପରିସର କମ୍ପି ଉଠୁଥିଲା । ଏ ସବୁ ଶୁଣି ଇଂରେଜ ମାନଙ୍କର ରକ୍ତ ଗରମ ହୋଇ ଉଠୁଥିଲା । ତାପରେ ସେମାନେ ଆହୁରି କ୍ରୂର ହୋଇଯାଇଥିଲେ ଓ ଅତ୍ୟାଗ୍ଭର ଆରମ୍ଭ କରିଦେଉଥିଲେ । ଯେତେ କଷ୍ଟ ପାଇଲେ ବି ଆମ ଦେଶର ମହାନ ବୀର ପୁତ୍ରମାନେ ଭ୍ରତ ମାତାର ସ୍ୱାଧୀନତା ପାଇଁ ନିଜକୁ ତିଳତିଳ କରି ଜାଳ ଦେଇଥିଲେ । ଜଣେ ଯଦି କଷ୍ଟ ସହିନପାରି ଖାଦ୍ୟ ତ୍ୟାଗ କରି ମରିବାକୁ ଗ୍ଭହୁଁଥିଲା ତେବେ ବି ତାକୁ ମରିବାକୁ ଦିଆ ଯାଉ ନଥିଲା । ଜବରଦସ୍ତ ତାକୁ ଅଳ୍ପ ଅଳ୍ପ ଖାଇବାକୁ ଦେଇ ତାଙ୍କ ଠାରୁ କାମ ଆଦାୟ କରୁଥିଲେ । କାମ କରିବାକୁ ବଳ ନାହିଁ କହିଲେ ଗ୍ଭବୁକ ପ୍ରହାର ଦେଇ ବାଧ କରାଯାଉଥିଲା । ଘୋଡାର ପଛରେ ବାନ୍ଧି ଗ୍ସ୍ତାରେ ଘୋଷଡା ଯାଉଥିଲା ।

ଯେଉଁ କେତେଜଣ ବିଦ୍ରୋହର ସ୍ୱର ଉତ୍ତୋଳନ କରୁଥିଲେ, ସେମାନଙ୍କୁ କଡା ସୁରକ୍ଷା ବଳୟ ମଧ୍ୟରେ ରଖା ଯାଉଥିଲା । ଏମିତି ଘଟଣା ବି ଘଟୁଥିଲା, ଦୁଇ ଭ୍ଇ ଗୋଟିଏ ବନ୍ଦୀଶାଳା ରେ ରହି ମଧ୍ୟ ପରସ୍ପର ବିଷୟରେ ଅନଭିଜ୍ଞ ରହୁଥିଲେ । ବ୍ରିଟିଶ ମାନଙ୍କର ଅକଥନୀୟ ଅତ୍ୟାଗ୍ଭରରେ ବ୍ୟଥିତ ହୋଇ ସ୍ୱାଧୀନତା ସଂଗ୍ରାମୀମାନେ ବେଳେବେଳେ କାର୍ଯ୍ୟବନ୍ଦ ଡାକଗ୍ ଦେଉଥିଲେ, ମିଳିତ ଭ୍ବେ ଖାଦ୍ୟ ବର୍ଜନ କରୁଥିଲେ। ଇଂରେଜମାନଙ୍କୁ

ଡର୍‌ଉଥିଲେ ତୁମେ ଆମକୁ ମାରି ଛୋଟଛୋଟ ଖଣ୍ଡ କରିଦେଇପାର, କିନ୍ତୁ ଆମଠାରୁ ଜୋର ଜବରଦସ୍ତ କାମ ଆଦାୟ କରିପାରିବ ନାହିଁ । ଯେଉଁଦିନ ବ୍ରିଟିଶ ମାନେ ସଂଗ୍ରାମୀମାନଙ୍କ ପାଖରେ ହାରିଯାଉଥିଲେ ସେଦିନ ସେମାନେ ତାଙ୍କର ଶେଷ ଅସ୍ତ୍ର ପ୍ରୟୋଗ କରୁଥିଲେ, 'ଫାଶୀ' । ଏକାଥରକେ ତିନି ଜଣଙ୍କୁ ଫାସୀ ଖୁଣ୍ଟରେ ଝୁଲାଇ ଦିଆଯାଉଥିଲା । ଆଉ ସେତେବେଳେ ମିନାରର ଲାଇଟ ଧପ୍ ଧପ୍ ହେଉଥିଲା । ଯାହାଦ୍ୱାରା ସାଗର ମଧ୍ୟରେ ଯାଉଥିବା ଜାହାଜର ନାବିକ ମଧ୍ୟ ଜାଣିପାରୁଥିଲେ ଆଜି ଜେଲର ସାହବ କାହାକୁ ଫାସୀ ଦେଇଛନ୍ତି ବୋଲି । ଜୀବନର ଶେଷ ନିଃଶ୍ୱାସ ଥିବାଯାଏ ସଂଗ୍ରାମୀମାନେ ଭାରତ ମାତାର ଜୟଗାନ କରୁଥିଲେ ।

ଜଙ୍ଗଲରେ ଥିବା ବୁଲବୁଲ ପକ୍ଷୀମାନଙ୍କର କାକଳି କଏଦୀମାନଙ୍କର ମନୋରଞ୍ଜନର ମାଧ୍ୟମ ଥିଲା । ସେମାନଙ୍କୁ ଲାଗୁଥିଲା ସତେ ଅବା ଏଇ ପକ୍ଷୀମାନଙ୍କ ସହିତ ସେମାନଙ୍କର ନିବିଡ଼ ସମ୍ପର୍କ ଅଛି । ଆଉ ପକ୍ଷୀମାନେ ଯଦି ମଣିଷଙ୍କ ପରି କଥା କହି ପାରନ୍ତେ, ତେବେ ସେମାନେ ବି ପକ୍ଷୀମାନଙ୍କୁ ଦେଶପ୍ରେମର ଗୀତ ଶିଖାଇ ଦିଅନ୍ତେ । ପକ୍ଷୀମାନଙ୍କର ମଧୁର ଦେଶପ୍ରେମ ସଙ୍ଗୀତରେ ସେମାନଙ୍କ ନିଦ ଭାଙ୍ଗନ୍ତା ଓ ଦିନଟି କାଟିବାରେ ସାହସ ଓ ଶକ୍ତି ମିଳନ୍ତା ।

ନିଜ ନିଜ ପରିବାର ସୁଖ, ଶାନ୍ତି କୁ ତ୍ୟାଗକରି ସେଇ ମହାନ ମହାପୁରୁଷମାନେ ଆମ ଦେଶକୁ ସ୍ୱାଧୀନ କରିବାରେ ତାଙ୍କ ଅମୂଲ୍ୟ ଜୀବନକୁ ପାଣି ଛଡାଇ ଦେଇଥିଲେ। ବନ୍ଦୀଶାଳାର ପ୍ରତ୍ୟେକଟି କୋଠରି ଏହାର ଜୀବନ୍ତ ପ୍ରତୀକ । ସମୟ ଆସିଲା ଧୀରେଧୀରେ ସେମାନଙ୍କ ସହିତ ତାଳଦେଇ ଦେଶର କୋଣ ଅନୁକୋଣରୁ ସ୍ୱାଧୀନତାର ସ୍ୱର ଉତ୍ତୋଳନ ହେଲା । ପରିଶେଷରେ ଦୀର୍ଘ ଅସିବର୍ଷର ଲମ୍ବା ଯାତ୍ରା ପରେ ବ୍ରିଟିଶମାନେ ବାଧ୍ୟ ହେଲେ କଳାପାଣିର ଜେଲଘରୁ ସବୁ କଏଦୀଙ୍କୁ ମୁକ୍ତ କରିବାପାଇଁ । ଯଦିଓ ଏହାମଧ୍ୟରେ ଅନେକଙ୍କୁ ବଳିଦାନ ଦେବାକୁ ପଡିଥିଲା ।

ତଥାପି ଭାରତ ମାତାର ଦୁଃଖ ସରିନଥିଲା । ଜାପାନମାନେ ମଧ୍ୟ ଦେଶକୁ ଅକ୍ତିଆର କରିବା ପାଇଁ ଆଗେଇ ଆସିଥିଲେ । ସେମାନେ ପ୍ରତି ଭାରତୀୟଙ୍କୁ ଇଂରେଜମାନଙ୍କର ଗୁପ୍ତଚର

ବୋଲି ଭାବି ଅତ୍ୟାଚାର କରୁଥିଲେ । ଏହା ମଧ୍ୟରେ ତୃତୀୟ ବିଶ୍ୱ ଯୁଦ୍ଧ ବି ହୋଇଯାଇଥିଲା ।

ପରିଶେଷରେ ଆମର ମହାନ ମହାନ ନେତା ଭଗତ ସିଂହ, ମହାବୀର ସିଂ, ଜବାହାରଲାଲ ନେହେରୁ, ରବୀନ୍ଦ୍ରନାଥ ଟାଗୁର, ମହାତ୍ମାଗାନ୍ଧୀ, ସୁଭାସଚନ୍ଦ୍ର ବୋଷ୍ ପ୍ରଭୃତିଙ୍କ ଅକ୍ଲାନ୍ତ ପରିଶ୍ରମ ଓ ବଳଦାନରେ ଆମ ଦେଶ ୧୯୪୭ ମସିହାରେ ସ୍ୱାଧୀନତାର ସ୍ୱାଦ ଚାଖିଲା ।

ସ୍ୱାଧୀନ ସଂଗ୍ରାମୀମାନଙ୍କ ଅନୁରୋଧ କ୍ରମେ କଳାପାଣିର କଳା ଅଧ୍ୟାୟକୁ ଲୋକମାନଙ୍କ ମଧ୍ୟରେ ଜୀବିତ ରଖିବାପାଇଁ ୧୯୭୯ ମସିହା ଏପ୍ରିଲ ୩୦ ତାରିଖରେ ସେତେବେଳର ସରକାର କଳାପାଣି ବା ସେଲୁଲାର ଜେଲକୁ "ରାଷ୍ଟ୍ରୀୟ ସ୍ମାରକ" ର ରୂପ ଦେଲେ। ଯାହାକୁ ପରିଦର୍ଶନ କଲାମାତ୍ରେ ପ୍ରତ୍ୟେକ ଭାରତୀୟଙ୍କ ମୁଣ୍ଡ ସେହି ବୀର ସ୍ୱାଧୀନତା ସଂଗ୍ରାମୀମାନଙ୍କ ପାଦ ତଳେ ନଇଁବା ପାଇଁ ବାଧ୍ୟ ହେବ ।

ସ୍ୱାଧୀନତାର ଏତେବର୍ଷ ପରେ ଆଜି ସିନା ସେଠାରେ କେହି କଏଦୀ ନାହାଁନ୍ତି, କିନ୍ତୁ ସେଇ ଲମ୍ବାଲମ୍ବା କୋଠାର କୋଠରି ଗୁଡିକ ନିଜ ହୃଦୟରେ ବନ୍ଦୀମାନଙ୍କ ଜୀବନର ଦୁଃଖ କଷ୍ଟ କୋହକୁ ଚାପିଧରି, ଏ ସବୁର ମୂକସାକ୍ଷୀ ଭାବେ ଦଣ୍ଡାୟମାନ । ସତେ ଯେପରି ତାର ସେଇ ନୀରବତା ଓ ଅନ୍ତରର ଦୁଃଖକୁ ସମସ୍ତଙ୍କ ପାଖେ ପହଞ୍ଚାଇ ଦେଉଛି। ସେ ଦେଖିଛି ସେ ଚହ୍ନିଛି ଗୋଟି ଗୋଟି ସଂଗ୍ରାମୀ ଭାଇମାନଙ୍କୁ ଆଉ ସେ ଶୁଣିଛି ବ୍ରିଟିଶମାନଙ୍କର ବିକଟାଳ ଗାଳି ଓ ଚାବୁକ ପ୍ରହାରର ଶବ୍ଦକୁ, ଆଉ ହୃଦୟଙ୍ଗମ କରିଛି ସେମାନଙ୍କର ଆଖିର ଲୁହକୁ। ସମସ୍ତ ସଂଗ୍ରାମୀ ଭାଇଙ୍କର ଫଟୋକୁ ତା ଛାତିରେ ସ୍ଥାନଦେଇ ସେ ସେମାନଙ୍କୁ ସମ୍ମାନ ଓ ପ୍ରଣତି ଜଣାଉଛି । ସେମାନଙ୍କ ପାଇଁ ଆମେ ଆଜି ସ୍ୱାଧୀନ ଦେଶର ସନ୍ତାନ ବୋଲି ଗର୍ବିତ।

"ଜୟହିନ୍ଦ"

ପୁଷ୍ପିତା ଭୂୟାଁ, ପ୍ରତାପନଗରୀ, କଟକ

# ଶୂନ୍ୟ ଶାମୁକା



ଅମ୍ବିକା ସ୍ୱାଇଁ

"ସ୍ନେହ ମମତାର"
ବିଶ୍ୱାସ ର ସାଗର ରେ ଡବୁ ଥିଲି
ମୋତିର ସନ୍ଧାନ ରେ......
ହେଲେ ମୋତି ତ ମିଳଲ୍ନ
ଶୂନ୍ୟ ଶାମୁକା ର ଧାର ରେ
କ୍ଷତାକ୍ତ ହେଲ୍ ଶରୀର.....
ସେହି କ୍ଷତାକ୍ତ କୁ ମଲମ ର ପଟି ଦେଇ
ଶୁଖାଇବାକୁ ଚେଷ୍ଟା କଲେ ବି
ସେ ଗଭୀର କ୍ଷତାକ୍ତ ସହଜରେ ଶୁଖୁ ନାହିଁ
ବରଂ ବେଶି ବେଶି ଘାଇଲ୍ ହେଉଛି...
ଖୁବ୍ ଯନ୍ତ୍ରଣା ଦେଉଛି....
ସେ ଯନ୍ତ୍ରଣା ରେ ଛଟ ପଟ ହେଉଛି ମନ
ହୃଦୟ ରୁ ଉଠୁଛି କୋହ
ଆଖିରୁ ବୋହି ଯାଉଛି ଝର ଝର ଲୁହ....
ସେହି ଲୋତକ ବିନ୍ଦୁ ଭିତରେ ପ୍ରତିଫଳତ ହେଉଛି
ମୋ ସ୍ନେହ ମମତାର ଅସରନ୍ତି ମୋହ.....!!!!

ଶ୍ୟାମପୁର, ଭୁବନେଶ୍ୱର

# ଯୁଗ୍ମ ଜୀବନ



ସୀତାରାମ ଦାଶ

ଛ ବରଷର ଯୁଗ୍ମ ଜୀବନ,
ଦେଖୁଛୁ ଅନେକ ଝଡ଼ ତୋଫାନ।
ଜୀବନଟା ନୁହେଁ ଦୁଃଖରେ ଭରା,
ଫଗୁଣ ବି ଦେଲା ରଙ୍ଗ ପସରା।

ଦୁଇଟି ମଣିଷ ଭିନ୍ନ ପ୍ରକୃତି( ରୁଚି) ,
ଦୁହେଁ ଦୁହିଁଙ୍କର ଜୀବନ ସାଥି।
ସଂସାର ସାଗରେ ଜୀବନ ତରୀ,
ସାଜିଛୁ ଏଠି ଆମେ ନାଉରୀ।

ଗୋଟିଏ ମୁଦ୍ରାର ଆମେ ଦୁଇଟି ପାର୍ଶ୍ୱ,
ଅବିସ୍ମରଣୀୟ ଆମର ଏ ଛଟି ବର୍ଷ।
ସୁଖ ଦୁଃଖର ଏ ଜୀବନ ନଇ,
ସମୟ ସ୍ରୋତରେ ଯାଉଛି ବହି।

ଲବକୁଶ ଭଳି ଯମଜ ସୁତ,
ଆମରି କୋଳରେ ହୋଇଲେ ଜାତ।
ସମସ୍ତଙ୍କୁ ଆଜି କରୁ ଗୁହାରୀ,
ତୁମ ଆଶୀର୍ବାଦ ଲୋଡ଼ା ଆମରି।

ସାନମୂଳାଇ, ଗୋବିନ୍ଦପୁର, କଟକ

# ଯନ୍ତ୍ରଣାର ପରିଭାଷା



ସତ୍ୟବ୍ରତ ସାହୁ

ମୋର ସବୁ ସୁଖକୁ ଜଳାଞ୍ଜଳି ଦେଇ
ବିଶ୍ୱାସର ମହାସାଗର ତୋଳି
ଦୁଃଖମାନଙ୍କୁ ପିଇଗଲି ଆଞ୍ଜୁଳା ଆଞ୍ଜୁଳା କରି
କେବଳ ପ୍ରିୟତମା ପାଇଁ,
ପ୍ରତିବଦଳରେ ଆଶା ଥିଲା ଗଢ଼ି ଦେବି
ସୁଖ, ସମୃଦ୍ଧି ଓ ପ୍ରୀତିର କୁନ କୁଡିଆଟିଏ ।
କିନ୍ତୁ... କିଏ ଜାଣିଥିଲାଯେ ଦୁଃଖମାନେ ମୋ'
ଚିର ସହଚର ବୋଲି !
ମୋ' ବିଶ୍ୱାସର ପକ୍କା ବନ୍ଧକୁ ଭାଙ୍ଗି
ସହନଶୀଳ ହୃଦୟର ସୂକ୍ଷ୍ମଝିଲ୍ଲୀକୁ ବିଦାରି ଦେଇ
କେଉଁ ନୂଆ ସୁଖରେ ସୀମନ୍ତିନୀ ହେଲା ସେ ।
ଆଉ ମୁଁ...
ଗାଇଆଳ ଟୋକା ପରି ବିଶ୍ୱାସର ବଂଶୀ ଧରି ବିରହର ମୂର୍ଚ୍ଛନା ତୋଳୁଥିଲି,
ବଂଶୀର କର୍କଶ ସୁରରେ ବାରି ହେଉଥିଲା
ମୋ' ବେଦନାସିକ୍ତ ହୃଦୟର ଗାଥା ।
ବୋଧହୁଏ ଏଇଟା ହିଁ ଯନ୍ତ୍ରଣାର ପରିଭାଷା ।

ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର

# ଭଦ୍ରକ ବନ୍ଦ



ଡକ୍ଟର ବିଜ୍ଞାନୀ ଦାସ

୨୦୧୯ ମସିହା, ଜାନୁୟାରୀ ୨୭ ତାରିଖ । ରବିବାର ଥାଏ । କଣ ପାଇଁ କେଜାଣି ସବୁକଛି ସେଦିନ ଡେରିଡେରି ହେଉଥାଏ । ପୁଜାରୀ ନନା ରାତିରେ ବଡ ଡେରିରେ ଆସିଲେ । ତାପରେ ରାତି ସାଢେ ଏଗାରଟା ପର୍ଯ୍ୟନ୍ତ ଖିଆପିଆ ଚାଲିଥିଲା । ଖିଆପିଆ ସରିଲା ପରେ ଉପରକୁ ଆସୁଆସୁ ରାତି ବାର, ମାନେ ମଧ୍ୟରାତ୍ରି । ଜାନୁୟାରୀ ୨୮ ତାରିଖରେ ଭଦ୍ରକ ବନ୍ଦ ରହିବ । କୌଣସି ଯାନବାହନ ଚାଲିବନି । ଜାନୁୟାରୀ ୨୭ ତାରିଖ ରାତି ୧୦ଟା ବେଳେ ବଡଭାଇ ଏ ଖବର ଦେଲେ । ସେ ବନ୍ଦ ପୁଣି ଆରମ୍ଭ ହେବ ସକାଳ ୬ଟାରୁ ଏବଂ ଦିନ ବାରଟା ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ । ଏ ବନ୍ଦ ନେଇ କାହାର କୌଣସି ପ୍ରସ୍ତୁତି ନଥିଲା । ବନ୍ଦ ବିଷୟରେ ନଜାଣି ସେମାନେ ୨୮ ତାରିଖରେ ଭୁବନେଶ୍ଵର ଯିବାକୁ ଯୋଜନା କରିଦେଇଥିଲେ । ଯୋଜନା ଅନୁଯାୟୀ ଗାଁରୁ ୭ଟା ବେଳକୁ ବାହାରି ଭୁବନେଶ୍ଵର ଗଲେ ଦିନ ୧୦ଟା ବେଳକୁ ପହଞ୍ଚି ହେବ । ସେଠି ୮ ଘଣ୍ଟା କଣାକଣି ସାରି ପୁଣି ସନ୍ଧ୍ୟା ୬ଟା ବେଳକୁ ଫେରିଆସିବା ମଧ୍ୟ ସମ୍ଭବ ହେବ । ହେଲେ ଏବେ ଆଉ ସେମିତି ଯୋଜନା ସମ୍ଭବ ହେବନାହିଁ । ଦିନ ୧୨ଟା ପରେ ବାହାରିଲେ ହାତରେ କଣାକଣି ପାଇଁ ସମୟ ରହିବନାହିଁ । ଗୋଟିଏ ବିକଳ୍ପ, ବନ୍ଦ ପୂର୍ବରୁ ଭଦ୍ରକ ଅତିକ୍ରମ କରିବାକୁ ପଡିବ । ତେଣୁ ଗାଁରୁ ଭୋର ୫ଟାରୁ ବାହାରିଯିବାକୁ ପଡିବ । ତନୁଜା ଠିକ୍ କରିଥିଲା, ରାତି ୪ଟାରୁ ଉଠିବ, ତାହେଲେ ଗାଧୋଇ ପାଧୋଇ ଠିକ୍ ଭାବେ ପ୍ରସ୍ତୁତ ହୋଇପାରିବ । ହେଲେ କାଳେ ନିଦ ଭାଙ୍ଗିବ କି ନାହିଁ, ଏମିତି ଛନକାରେ ସିଏ ଖାଲି ଟିକେ ଆଖି ବନ୍ଦ କରୁଥାଏ,

ପୁଣି ଖୋଲୁଥାଏ । ରାତିସାରା ଛନକାରେ ଶୋଇହେଲା ନାହିଁ । ଏମିତି ହେଇହେଇ ଚାରିଟା ବାଜିଲା । ତନୁଜା ଦାନ୍ତ ଘଷିଲା, ମୁଣ୍ଡ କୁଣ୍ଡେଇଲା, ଗାଧୋଇଲା ଓ ଶାଢୀ ପିନ୍ଧି ପ୍ରସ୍ତୁତ ହୋଇଗଲା । ତଳ ମହଲାରେ ପୁତୁରା ଆଦିତ୍ୟ ଉଠିଥିବାର ସୁଚନା ମିଳୁଥିଲା । ତନୁଜାର ଖଟ୍‌ଖାଟ୍ ଶବ୍ଦରେ ସ୍ୱାମୀ ତନ୍ମୟ ମଧ୍ୟ ଉଠି ସାରିଥିଲେ । ତନୁଜା ପ୍ରସ୍ତୁତ ହୋଇସାରିବା ପରେ ସିଏ ତନୁଜା ସହିତ ତାକୁ ବିଦାୟ ଦେବାକୁ ତଳକୁ ଆସିଲେ । ଆଦିତ୍ୟ ପ୍ରସ୍ତୁତ ଥିଲା । ହେଲେ ଯେଉଁ ଗାଡି ନେଇକରି ଯିବାର ଥିଲା, ସେ ଗାଡି ଏପର୍ଯ୍ୟନ୍ତ ପହଞ୍ଚି ନଥିଲା । ସେ ଗାଡି ପହଞ୍ଚୁ ପହଞ୍ଚୁ ୫ଟା ୨୦ ବାଜିଲା । ତଥାପି ୪୦ ମିନଟ୍ ଭିତରେ ଭଦ୍ରକ ଅତିକ୍ରମ କରିହେବ । ଏମିତି ବିଚାର କରି ସେମାନେ ଗାଡିରେ ବସିଲେ । ସେମାନଙ୍କ ସହିତ ଆସିଲା ଆଉ ଜଣେ, ସିଏ ଆଦିତ୍ୟର ମାମୁଁ ପୁଅ ଭାଇ ଟୁନା, ଭୁବନେଶ୍ୱରରେ କଲେଜରେ ପଢେ । ତାର କଲେଜ୍‌କୁ ଫେରିବାର ଥିଲା, ତେଣୁ ଏକାଗାଡିରେ ସାଙ୍ଗରେ ଚାଲିଗଲେ ଭଲ ହେବ ଭାବି ସିଏ ଆସିଲା ।

ସକାଳର ଦୃଶ୍ୟ ବଡ ସୁନ୍ଦର ଥାଏ । ବାଟରେ ଗାଡିରେ ବସି ଲୋକମାନଙ୍କର ନିତ୍ୟକର୍ମ ପ୍ରସ୍ତୁତିର ଦୃଶ୍ୟ ବଡ ଆମୋଦଜନକ । ହାଟ ମଧ୍ୟ ଦେଇ ଗାଡି ଯିବାବେଳେ, ରାସ୍ତାକଡର ଦୋକାନୀ ମାନେ ସମସ୍ତେ ଦୋକାନ ଖୋଲିବାକୁ ପ୍ରସ୍ତୁତି କରୁଥାନ୍ତି । କେତେକ ମଗ୍ ରେ ପାଣି ପାର୍ଶ୍ୱରେ ରଖି ଦାନ୍ତ ଘଷୁଥିଲେ । ଆଉ କେତେକ ଦୋକାନ ସାମନା ଝାଡୁ କରୁଥାନ୍ତି । ଗାଡି ଗାଁ ମଧ୍ୟ ଦେଇ ଚାଲୁଥିବା ବେଳେ, ଦୁଇପାର୍ଶ୍ୱର ସବୁଜ କ୍ଷେତ ମନକୁ ପ୍ରଗଳ୍‌ଭ କରୁଥାଏ । ଭଦ୍ରକ ସହରରେ ପଶି ଗାଡି ଯେତେବେଳେ ଡାହାଣ ଆଡକୁ ମୋଡିଲା, ତନୁଜା ପଚାରିଲା, "ଆମେ ସେପଟେ କାହିଁକି ଯାଉଛନ୍ତି ? ଆମେ ତ ବାମ ପଟକୁ ଯିବା ନା? "

ଆଦିତ୍ୟ କହିଲା, "ଟୁନା ଟିକେ ଗେଲ୍‌ପୁର, ତାଙ୍କ ଘରକୁ ଯିବ । ଆମେ ସେଠି ଜମା ରହିବାନି । ମାଇଁକୁ ସିଏ ଡାକ ଫୋନରେ ଜଣେଇଦେବ ଓ ଆମେମାନେ ପହଞ୍ଚିବା କ୍ଷଣି ମାଇଁ ଆସି ତା' ବ୍ୟାଗ୍‌ଟା ଦେଇଯିବେ ।"

ତନୁଜା ମନରେ ଛନକା ପଶିଲା । ନିଶ୍ଚୟ କିଛି ସମୟ ଡେରି ହୋଇଯିବ ଓ ଭଦ୍ରକ ବନ୍ଦ ଆରମ୍ଭ ହୋଇଯିବ ।

ଗାଡି ଯାଇ ଟୁନା ଘର ସାମନାରେ ରହିଲା । ତା' ମାର ଦେହ ଭଲ ନଥାଏ । ଜ୍ୱର ଥାଏ ଓ କାଶ ମଧ୍ୟ ହେଉଥାଏ । ଟୁନା ଫୋନ୍ କରିବାରୁ ସିଏ ଆସି ଟୁନାର ଲୁଗାପଟା ଓ ବ୍ୟାଗ୍ ଆଣି ଦେଇଗଲା । ହେଲେ ସେଥିରେ କିଛି ସମୟ ଗଲା । ତାପରେ ଟୁନାର ଘରୁ ବାହାରି ଗୋଟିଏ ଛୋଟ ସର୍ପିଳ ପଥ ଦେଇ ସେମାନେ ସିଧା ଯାଇ ଜାତୀୟ ରାଜପଥ ୧୬ ରେ ପହଞ୍ଚିଗଲେ । ପାଞ୍ଚମିନଟ୍ ସେଥିରେ ଯାଇଛନ୍ତି କି ନାହିଁ, ଦେଖିବାବେଳକୁ ଆଗରେ ବାଟ ବନ୍ଦ । ସମସ୍ତ ଗାଡି ଅଟକି ରହିଛି । କିଛି ଲୋକ ଗାଡିରୁ ବାହାରି ସେଠି ରାସ୍ତା ବନ୍ଦ କରିଥିବା ଲୋକମାନଙ୍କ ସହିତ ଯାଇ କଥାବାର୍ତ୍ତା କରୁଥାନ୍ତି । ଡ୍ରାଇଭର୍କୁ ସାଇଡରେ ଗାଡି ରଖିବାକୁ କହି ଆଦିତ୍ୟ ଗଲା ସେ ବାଟ ବନ୍ଦ କରିଥିବା କର୍ମୀମାନଙ୍କ ସହିତ କଥାବାର୍ତ୍ତା କରିବା ପାଇଁ । ସେଠି ସମସ୍ତ ଯାତ୍ରୀ ପ୍ରାୟ ଏମିତି କରୁଥାନ୍ତି । କିଏ ବନ୍ଦ କରି ଜଗିଥିବା ଲୋକଙ୍କୁ ଅନୁନୟ, ବିନୟ ହୋଇ କହୁଥାଏ ତ, କିଏ ବଡପାଟି କରି ଯୁକ୍ତିତର୍କ କରୁଥାଏ ଓ ନେତୃବୃନ୍ଦଙ୍କୁ ଶୋଧୁଥାଏ । ଯିଏ ସବୁ ଗାଡି ଭିତରେ ବସି ରହିଥାନ୍ତି, ସେମାନେ ବି ବଡ ଚିନ୍ତିତ ଥାଆନ୍ତି । ବାହାଘର ରତୁ ପଡିଥିବାରୁ ଅନେକ ପ୍ରାୟ ଗାଡିରେ ଏ ସହରରୁ ସେ ସହର ହେଉଥାଆନ୍ତି; ସୁବିଧା ପାଇଁ ଅନେକ ବସ୍ ନନେଇ, ସ୍ୱତନ୍ତ୍ର କାର୍ ଭଡା କରି ଯିବାଆସିବା କରୁଥାନ୍ତି । ପାଖରେ ଅଟକିଥିବା ଗୋଟିଏ ଗାଡିରେ ବସିଥିବା ସ୍ତ୍ରୀ ଲୋକଟି ଫୋନ୍ କରି ତା ପତିକୁ ବୋଧହୁଏ କହୁଥାଏ, "ଏମାନେ ଗାଡି ଅଟକେଇଛନ୍ତି । ଆଜି ଆମେ ପହଞ୍ଚିବା ବେଳକୁ ଡେରି ହେବ । ତମେ ତେଣୁ ଆଉ ଅପେକ୍ଷା ନକରି ଚାଲିଯିବ ।" କେଉଁଠିକୁ ଚାଲିଯିବାକୁ କହୁଥାଏ କେଜାଣି ? ଆଉ ଗୋଟିଏ ଗାଡିରେ ଜଣେ ବୃଦ୍ଧା ନାରୀ ବସିଥାଆନ୍ତି । ସିଏ ପାନଛେପ ପକେଇବା ପାଇଁ ଗାଡି ଭିତରୁ ବାହାରକୁ ଆସିଲେ । ତାଙ୍କ ପାଖରେ ବସିଥିବା ଛୋଟ ପିଲା ଜଣେ ତାଗିଦ୍ କରି କହୁଥାଏ, "ଆଇ, ରାସ୍ତାରେ ଏମିତି ପାନଛେପ ପକେଇବା ଭଲ ନୁହେଁ । ତମେ ଗୋଟିଏ ଡବା ଧରି ଆସିଲନ କାହିଁକି ?

ତନୁଜା ମନେମନେ ଛୁଆଟିକୁ ଧନ୍ୟବାଦ ଦେଲା । ଏମିତି ଯଦି ସବୁ ଛୁଆ ଭଲକଥା ଶିଖନ୍ତି, ଭବିଷ୍ୟତର ଓଡିଶା ନିଶ୍ଚୟ ଦିନେ ଉନ୍ନତି କରିବ ।

ପ୍ରାୟ ଦଶମିନଟ୍ ପରେ ଆଦିତ୍ୟ ଫେରିଲା । କହିଲା, "ସେମାନେ କହିଲେ ଛାଡିବେନି । ଆମକୁ ଅନ୍ୟ କେଉଁ ବାଟ ଦେଖି ଯିବାକୁ ପଡିବ ।"

ତନୁଜା ପଚାରିଲା, "ହେଲେ ଆମେ ତ ଭଦ୍ରକ ସହରରୁ ବାହାରି ଆସିଲେଣି ନା? ତଥାପି କାହିଁକି ଛାଡୁନାହାନ୍ତି ?"

ଆଦିତ୍ୟ ଜଣେଇଲା, "ଖାଲି ଭଦ୍ରକ ସହର ନୁହେଁ, ସାରା ଭଦ୍ରକ ଜିଲ୍ଲା ବନ୍ଦ ହୋଇଛି ।"

ଟୁନା କହିଲା, "ଆମେ ତେବେ କଣ ଗୋଲ୍‌ପୁର ଚାଲିଯିବା ? ସେଠି ରହିଥିବା । ବନ୍ଦ ସରିଗଲେ ୧୨ଟା ବେଳକୁ ଭୁବନେଶ୍ୱର ବାହାରିବା ।"

ହେଲେ ଟୁନା ମା' ର ଦେହ ଭଲନାହିଁ । ସେଥିରେ ଯାଇ ତାଙ୍କ ଘରେ ଅତିଥି ହେବାଟା କନ ଭଲହେବ ? ଏକଥା ତନୁଜା ଭାବୁଥିବା ବେଳେ ଆଦିତ୍ୟ କହିଲା, "ନା, ପ୍ରଥମେ ଚେଷ୍ଟା କରିବା ଅନ୍ୟ କିଛି ରାସ୍ତାରେ ଯିବା ପାଇଁ, ତାପରେ ଦେଖିବା କଣ ହେଉଛି ?" ତାପରେ ସିଏ ଡ୍ରାଇଭର୍‌କୁ ଗାଡି ବିପରୀତ ଦିଗରେ ଚଲେଇବାକୁ ନିର୍ଦ୍ଦେଶ ଦେଲା ।

ସେଇଟା ଓ୍ୱାନ୍ ଓ୍ୱେ ରାସ୍ତା । ଫେରିବାପଟର ରାସ୍ତାକୁ ଯିବାକୁ କେଉଁଠି ପାର୍ଶ୍ୱରାସ୍ତା ନଥାଏ । ତନୁଜା ଡରିଗଲା । "ଆରେ, ସେପଟୁ ଏ ଦିଗକୁ ସବୁ ଗାଡି ଆସୁଛି, ଆମେ ଏମିତି ଭୁଲ୍ ଦିଗରେ କେମିତି ସେ ଏକାରାସ୍ତାରେ ଯିବା ?"

ହେଲେ ସମସ୍ତେ ସେମିତି କରୁଥିଲେ । ସମସ୍ତେ ସେମିତି ଭୁଲ୍ ଦିଗରେ ଗାଡି ଚଲେଇ ଫେରୁଥିଲେ । ଡ୍ରାଇଭର୍ ସତର୍କତାର ସହିତ ଧୀର ଗତିରେ ଗାଡି ଚଳେଇ ଲେଉଟିଲା । ଆରପଟରୁ ଗାଡି ସବୁ ଆସୁଥାଏ । ସେମାନେ ଜାଣିନଥାନ୍ତି ଯେ ବନ୍ଦ ଆରମ୍ଭ ହୋଇଗଲାଣି ବୋଲି । ଅତ୍ୟନ୍ତ ଭୟ ଲାଗୁଥାଏ, ହୁଏତ କେଉଁ ଗାଡି ପିଟି ହୋଇଯିବ । ତେବେ ଏ ଫେରନ୍ତା ଗାଡିକୁ ଦେଖି ଆଗରୁ ଆସୁଥିବା ଗାଡି ସମସ୍ତ ମଧ୍ୟ ନିଜର ଗତି ଧୀମା

କରିଦେଇଥାନ୍ତି । ସେଥିପାଇଁ ଗାଡିଟି ସେ ରାସ୍ତାରେ ବିପରୀତ ଦିଗରେ କଛିବାଟ ଆସିପାରିଲା । ଟୁନା କହିଲା, "ମୁଁ ଗୋଟିଏ ପାର୍ଶ୍ୱରାସ୍ତା ଜାଣିଛି । ସେଥିରେ ଆମେ ଯାଇ ଆଖଣ୍ଡଳମଣି ଯିବା ରାସ୍ତା ଧରିବା । ପରେ ଆଖଣ୍ଡଳମଣିରୁ ଯାଜପୁର ରୋଡ୍ ହୋଇ କଟକ ଯାଇପାରିବା ।" ଏମିତି କହି ସିଏ ଡ୍ରାଇଭର୍‌କୁ ଏକ ବିଲଆଡେ ଯାଇଥିବା ରାସ୍ତାକୁ ଗାଡି ନେବାକୁ କହିଲା ।

ସେ ରାସ୍ତାକୁ ଗାଡି ଚାଲିବା ରାସ୍ତା କୁହାଯିବ ନାହିଁ । କନ୍ତୁ ଓଡିଶାରେ ଏମିତି ସବୁ ଚାଲେ । ଅତି ନକୁଛିଆ ଜିନଷକୁ ଏମିତି ମାଜିମାଜି କହିଦେବେ ଯେ, ତମେ ପ୍ରଥମରୁ ଭାବିନେବ ଏକ ରକମର, ହେଲେ ଦେଖିବା ବେଳକୁ ହୋଇଥିବ ଅନ୍ୟ ରକମର । ସେମିତି କଥା । ସେ ରାସ୍ତାଟି ବିଲ ମଝିରେ । ଦୁଇପଟେ ଚାଷଜମି । କେବଳ ମାଟି ଓ ସ୍ଥାନେସ୍ଥାନେ ଗୋଡି ପଡିଥାଏ । ଅତି ସଂକୀର୍ଣ୍ଣ ରାସ୍ତା । ଯଦି ସେ ରାସ୍ତାରୁ ଗାଡି ଖସିଲା ତ ଯାଇ ଗାତରେ ପଡିବ । ତନୁଜାକୁ ବହୁତ ଡର ଲାଗୁଥାଏ । ସେ ରାସ୍ତା ସମାନ୍ତରାଳ ନଥାଏ । ଧକଡଚକଡ, ଉଠୁପଡ ହେଉଥାଏ । ସେମିତି ହୋଇ ତନୁଜାକୁ କେମିତି କେମିତି ଲାଗିଲା। ଅନୁଭୂତ ହେଲା ହୁଏତ ବାନ୍ତି ହୋଇଯିବ । ତେଣୁ ସେ କଛି କଥାବାର୍ତ୍ତା ନକରି ନୀରବ ରହୁଥାଏ ଓ ଭଗବାନଙ୍କୁ ଡାକୁଥାଏ । ଡ୍ରାଇଭର୍ ଟୁନାକୁ ପଚାରିଲା, "ତମେ ଆମକୁ ଠିକ୍ ବାଟରେ ନେଉଛ ତ ? କାହିଁ କଛି ଜଣାପଡୁନ ଆଗକୁ କଛି ରାସ୍ତା ଆସିବ ବୋଲି ।"

ଟୁନା କହିଲା, "ତମେ ଆଗକୁ ଚାଲ, ଦେଖିବ ।"

ଏମିତି ଅଧଘଣ୍ଟାଏ ଗଲା ପରେ ଗୋଟିଏ ଛୋଟ ରାସ୍ତା ଆସିଲା । ହେଲେ ସେ ରାସ୍ତାଟି ଠିକ୍ ଥିଲା । ଭଲଭାବେ ପିଚୁ ପଡିଥିଲା ଓ ଦୁଇଦିଗରେ ଗାଡି ନେଇ ଯିବାପାଇଁ ରାସ୍ତାଟି ପ୍ରଶସ୍ତ ଥିଲା । ସେ ରାସ୍ତାଟି ଆଖଣ୍ଡଳମଣି ଆଡକୁ ଯାଇଛି । ସେ ରାସ୍ତାରେ ଯାଇ ଆଉ ଗୋଟିଏ ରାସ୍ତା ନେଲେ ଯାଜପୁର ସହର ହୋଇ ଭୁବନେଶ୍ୱର ଯାଇହେବ । ଡ୍ରାଇଭର୍ ଗାଡି ଡାହାଣ ଦିଗକୁ ବୁଲେଇଲା । ତନୁଜା ଖୁସି ହେଉଥାଏ; ଅନ୍ତତଃ ଆଖଣ୍ଡଳମଣି ଠାକୁରଙ୍କ ଦର୍ଶନ ହୋଇଯିବ ।

ରାସ୍ତାଟା ଏମିତିରେ ଫାଙ୍କା ଥାଏ । ହେଲେ କିଛିଦୂର ସେ ରାସ୍ତାରେ ଯିବା ପରେ ପୁଣି ଗୋଟିଏ ଛକରେ ବନ୍ଦ ପାଇଁ ଜଗି ରହିଥିବା ଲୋକଙ୍କର ମେଳ ନଜର ଆସିଲା । ସେଠି ମଧ୍ୟ ସେମିତି କିଛି ଲୋକ ଗାଡି ରଖି ବନ୍ଦ କରିଥିବା ଲୋକମାନଙ୍କ ସହିତ କଥାବାର୍ତ୍ତା କରିବାକୁ ଜମା ହୋଇଥାନ୍ତି । ହେଲେ ସେମାନେ ସମସ୍ତଙ୍କୁ ଫେରିଯିବାକୁ କହିଲେ ଓ ୧୨ଟା ପରେ ଆସିବାକୁ କହିଲେ । ଟୁନା ସେମାନଙ୍କ ଉପରେ ରାଗୁଥାଏ ଓ ନାନା କଥା କହୁଥାଏ। ତେବେ ବଡଭାଇ ଆସିବା ବେଳେ ସମସ୍ତଙ୍କୁ ସାବଧାନ କରାଇଥାନ୍ତି । "କାହା ସହିତ କିଛି ଯୁକ୍ତି କରିବା ଉଚତ ନୁହେଁ । ନମ୍ର ଭାବେ ସେମାନଙ୍କୁ ଅନୁରୋଧ କର, ଯଦି ନହେଲା ତ ନହେଲା; ଯୁକ୍ତିତର୍କ କଲେ ଅଧିକ ଗଣ୍ଡଗୋଳ ବଢିବାର ସମ୍ଭାବନା । ସେମାନେ ଗାଡିକୁ ଭାଙ୍ଗି ଦେଇପାରନ୍ତି । ମଣିଷକୁ ବାଡିଆପିଟା ବି କରିପାରନ୍ତି । ଓଡିଶା ପୋଲିସ୍‌ମାନେ ତ ତଦ୍ରୁପ; ସେମାନେ ନା' ରକ୍ଷାକରିବେ, ନା' କିଛି ସାହାଯ୍ୟ କରିବେ ।" ବଡଭାଇଙ୍କ ଉପଦେଶ ସ୍ମରଣ କରି "ଆଲୋ ସଖୀ, ଆପଣା ମହତ ଆପେ ରଖି'' ଅବଲମ୍ବନ କରି ସେମାନେ ପୁଣି ପଛେଇ ଫେରିଲେ । ଏବେ ଯିବେ କୁଆଡେ ? ଡ୍ରାଇଭର୍ କହିଲା, "ମୁଁ ଗୋଟିଏ ବାଟ ଜାଣିଛି । ଆମେ ଧାମନଗର ରାସ୍ତାରେ ଯାଇ ହାଇୱେରେ ମିଶିପାରିବା ଓ ଭୁବନେଶ୍ୱର ଯାଇପାରିବା ।'' ହେଲେ ସେମିତି ଏକ ଛୋଟ ରାସ୍ତା ନେଇ ସେମାନେ ଯାଉଯାଉ ପୁଣି ଆଉ ଗୋଟିଏ ବନ୍ଦ ଛକର ସମ୍ମୁଖୀନ ହେଲେ । ସେଠି ଆଦିତ୍ୟ ଯାଇ କଥାବାର୍ତ୍ତା କରି ଯାହା ବୁଝିଲା, ଏବେ ଆଉ ଭୁବନେଶ୍ୱର ଯାଇହେବନି । ରାସ୍ତା ଚାରିପଟୁ ବନ୍ଦ । ଆଦିତ୍ୟ କହିଲା, "ଚାଲ ତେବେ ଘରକୁ ଫେରିଯିବା, ୧୨ଟା ପରେ "ଭଦ୍ରକ ବନ୍ଦ' ସରିଗଲେ ବରଂ ଭୁବନେଶ୍ୱର ଯିବା ।

ତନୁଜା ଭାଗ୍ୟକୁ ଧିକ୍କାର କଲା । ଏମିତି ଯୋଗରେ ଦିନଟିଏ ସ୍ଥିର କରିଥିଲା ଯେ, ଏମିତି ସବୁ ବିଘ୍ନ ହେବାର ଥିଲା । ଏବେ ୧୨ଟା ବେଳକୁ ଗଲେ କିଛି ଲାଭହେବନି । କାରଣ ସେଠି ପହଞ୍ଚୁ ପହଞ୍ଚୁ ଦିନ ୩-୪ଟା ହୋଇଯିବ । ଆଉ ସମୟ କେଉଁଠି ଥିବ ଯେ କଣାକଣି କରି ପୁଣି ଘରକୁ ଫେରିବ ?

ଫେରିବା ପାଇଁ ସେମାନେ ପୁଣି ଆଉ ଏକ ରାସ୍ତା ଧରିଲେ । ଏମିତି ଆସି ଭଦ୍ରକ ପୁରୁଣା ବଜାରରେ ପହଞ୍ଚିଲେ । ସେତେବେଳକୁ ୯ଟା ବାଜିଲାଣି । ଏମିତି ଖାଲି ରାସ୍ତାରେ ବୁଲିବୁଲି ଏତେ ସମୟ ଗଲାଣି । ସେ ରାସ୍ତାରେ ସେତେବେଳକୁ ବାରମ୍ବାର ଧକଡଚକଡ ହୋଇ ତନୁଜାର ପେଟ ଅସମ୍ଭାଳ ହେଲା । ବହୁତ ଜୋରରେ ବାନ୍ତି ଆସିଲା । ପୁରୁଣା ବଜାରରେ ଗୋଟିଏ ପାର୍ଶ୍ୱକୁ ଡ୍ରାଇଭର୍‌କୁ ଗାଡି ରଖିବାକୁ କହି ତନୁଜା ଯାଇ ରାସ୍ତାକଡର ନାଳ ପାଖରେ ଠିଆ ହେଲା ଓ ବାନ୍ତି କରିପକେଇଲା । ଆଦିତ୍ୟ ଆଣି ବୋତଲରୁ ପାଣିଦେଲା ମୁହଁ ଧୋଇ କୁଳୁ କରିବାକୁ ଓ ଟିକେ ପାଣି ପିଇବାକୁ । ସେଠାରେ ସେମାନେ ପାଞ୍ଚମିନଟ୍ ଖଣ୍ଡେ ରହି ପୁଣି ଗାଡିରେ ବସିଲେ । ଯେତେବେଳେ ଟିକେ ଧକଡଚକଡ ହେଉଥାଏ, ତନୁଜାକୁ ଲାଗୁଥାଏ ଯେ ପାକସ୍ଥଳୀ ଭିତରେ ଯାହା ସବୁ ଅଛି, ହୁଏତ ନିର୍ଗତ ହୋଇଯିବ । ପୂର୍ବ ପୁରୁଣା ବଜାର ବୁଲିବୁଲି ସେମାନେ ଆସି ସାବରଙ୍ଗକୁ ଯିବା ରାସ୍ତାରେ ପହଞ୍ଚିଲେ । ହେଲେ ସେଠି ଇଚ୍ଛାପୁର ଛକ ନିକଟରେ ପୁଣି ଦଳେ କର୍ମୀ ରାସ୍ତା ବନ୍ଦ କରି ବସି ରହିଥିଲେ। ସେମାନେ ଧୋତି, ପଞ୍ଜାବୀ ପିନ୍ଧି ବଡ ଭଦ୍ରବେଶରେ ବସିଥାନ୍ତି; ହେଲେ ରାସ୍ତା ବ କରିଥାନ୍ତି । ଆଦିତ୍ୟ ଯାଇ ସେମାନଙ୍କ ସହିତ କଥାବାର୍ତ୍ତା କଲା । ଟୁନା ମଧ୍ୟ ଯାଇ ଉତ୍ତେଜିତ ହୋଇ ସେମାନଙ୍କୁ ଭର୍ତ୍ସନା କଲା ।

ଯଦିଓ ଟୁନା ଯୁକ୍ତିଯୁକ୍ତ କଥା କହୁଥିଲା, ହେଲେ ତାର ଏମିତି ଉତ୍ତେଜିତ ହୋଇଯିବାର ଦେଖି ତନୁଜା ବି ଡରିଗଲା । ସିଏ ଗାଡିରୁ ବାହାରି ସିଧା ଟୁନା ପାଖକୁ ଗଲା । ତା' ହାତ ଧରି ଟାଣି ଆଣି ଗାଡି ଭିତରେ ବସେଇ ବୁଝେଇଲା ।

ଏମିତିରେ ବନ୍ଦ, ହରତାଳ, ଧର୍ମଘଟ ସମୟରେ ତନୁଜାକୁ ବଡ ଭୟ ଲାଗେ । କେତେଜଣ ତ ସଚ୍ଚୋଟତାର ସହିତ ଦାବୀ ନେଇ, କାରଣ ନେଇ, ଏମିତି ସବୁ କରୁଥାନ୍ତି, ହେଲେ ଏ ସମୟର ସୁଯୋଗ ନେଇ ଅସାମାଜିକ ମଣିଷମାନେ ସେମାନଙ୍କର ଅନ୍ୟମାନଙ୍କୁ ନିର୍ଯ୍ୟାତନା ଦେବାର ତୃଷା ନିବାରଣ କରନ୍ତି । କାହା ଉପରେ ରାଗ ଥିଲେ, କିଏ କେଉଁ ସମୟରେ ଗୁଣ୍ଡା ଦେବାକୁ ମନା କରିଥିଲେ, ସେମାନେ ଏଇ ସମୟର ସୁଯୋଗ ଉଣ୍ଡନ୍ତି । ମନେ

ପଢୁଥିଲା ବୟାଳିଶି ବର୍ଷ ତଳର ଘଟଣା । କଲେଜ ଆପ୍ଲିକେସନ୍ ଫର୍ମରେ ଫଟୋଟିଏ ଦରକାର ପଡିବ ବୋଲି ତନୁଜାର ବଡ ଭଉଣୀ ବନଜା ( ବନ ଅପା) ଯାଜପୁର ଯାଇଥିଲା, ଫଟୋ ଉଠାଇବା ପାଇଁ । ତା' ସହିତ ତନୁଜା ବି ଯାଇଥିଲା । ସେତେବେଳେ ଫଟୋ ଉଠାଇବା ଗୋଟିଏ ସ୍ୱତନ୍ତ୍ର ପ୍ରକାରର ସୁବିଧା ଥିଲା, ସାଧାରଣ ଲୋକଙ୍କୁ ସେ ସୁବିଧା ମିଳିବା କଷ୍ଟକର ଥିଲା । ଆଜିକାଲି ଭଳି ମୋବାଇଲ୍ ନଥିଲା କି ଘରେଘରେ କ୍ୟାମେରା ନଥିଲା । ଏମିତିରେ ବି ତନୁଜାର ଜନ୍ମରୁ ଏକାଦେଶ ଶ୍ରେଣୀ ପର୍ଯ୍ୟନ୍ତ କୌଣସି ଫଟୋ ନାହିଁ; ଅନେକଙ୍କର ନଥିଲା । ଫଟୋ ଉଠାଇବା ମଧ୍ୟ ଖର୍ଚ୍ଚସାପେକ୍ଷ ଥିଲା । ସେଇ ସମୟରେ ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ 'ଜରୁରିକାଳୀନ ପରିସ୍ଥିତି' (ଏମରଜେନ୍ସୀ) ଜାରି କରିଥିଲେ । ବନ ଅପା ଓ ତନୁଜା ଦାଦାଙ୍କ ସହିତ ରିକ୍ସାରେ ବସି ଗାଁ ରାସ୍ତାରେ ଯାଇ ଯାଜପୁରରେ ପହଞ୍ଚିଗଲା । ତନୁଜାକୁ ବି ସେମାନେ ସାଙ୍ଗରେ ନେଇଥିଲେ ଏଇଥିପାଇଁ ଯେ ସିଏ ଟିକେ ଯାଜପୁର ସହର ଦେଖିଦେବ । ସେଇ ଏକା ରିକ୍ସା ଭଡା ତ ? ହେଲେ ସେଠି ପହଞ୍ଚିବା ବେଳକୁ ଗୋଟିଏ ଛକ ଜାଗାରେ କେତେକ ଦୁଷ୍ଟ ସ୍ୱଭାବର ଯୁବକ ଗୋଷ୍ଠୀ ଠିଆ ହୋଇଥନ୍ତି । ସେମାନେ ରିକ୍ସା ଅଟକାଇ ଦାଦାଙ୍କୁ ଧମକ ଦେଇ କହିଲେ, "କୁଆଡେ ମାଡିଗଲୁଛ କି ହେ । ତମର କଣ ଆଇନ୍‌କାନୁନ୍‌କୁ ଖାତିର ନାହିଁ ? ଏମରଜେନ୍ସୀ ଚାଲିଛି ବୋଲି ଜାଣିନ କି ?"

ଦାଦା ଗାଉଁଲିଆ ଲୋକ । ସିଏ ଏ ଏମରଜେନ୍ସୀ କଥା କିଛି ବୁଝନ୍ତିନ । ହେଲେ ଏମରଜେନ୍ସୀ ଚାଲିଛି ବୋଲି କଣ କିଏ ନିତିଦିନିଆ କାମ କରିବେନ । ତାହାର ଫଟୋ ଉଠାଇବା ସହିତ କି ସମ୍ବନ୍ଧ । ବନ ଅପା ତ ସେ ବିଷୟରେ ଆହୁରି ମୂର୍ଖ । ଗାଁରେ ଦାଦା ବଡ ଶକ୍ତିବାନ ଲୋକ । ତାଙ୍କୁ କିଏ ଏମିତି ଧମକ ଦେବ, ସେଇଟା ସିଏ ସହିକି ରହିବେ, ଏ ସଂପୂର୍ଣ୍ଣ ଅସମ୍ଭବ । ଦାଦା ଯଦିଓ ରାଗିଲେ, ତଥାପି ଭଲରେ କହିଲେ, "ଦେଖ, ଆମକୁ ରାସ୍ତା ଛାଡିଦିଅ । ଆମମାନଙ୍କୁ ଫଟୋ ଉଠେଇ ପୁଣି ଗାଁକୁ ଫେରିବାର ଅଛି । ଆମମାନଙ୍କୁ ଏମିତି ଅଟକାଇ ସମୟ ନଷ୍ଟ କରନାହିଁ ।"

ହେଲେ ଦାଦାଙ୍କର ଏ ବିନତି କାହାର କାନରେ ପଡିଲାନାହିଁ । ସେମାନେ ହଠାତ୍ ତାଙ୍କୁ ଆକ୍ରମଣ କଲେ । ରିକ୍ସାବାଲା ଭୟରେ ଯାଇ ଦୋକାନ ପଛପଟ ଗଳରେ ପଶି ଲୁଚଗଲା। କେତେ ଜଣ ବଡଅପାଙ୍କୁ ମଧ ଧରିନେବାକୁ ଆସିଗଲେ । ଦାଦା ସେମାନଙ୍କୁ ଅଟକାଇ ଆହୁରି ନିର୍ଯ୍ୟାତିତ ହେଲେ । ଭୟରେ ବଡଅପା ଥରୁଥାଏ ଯଦିଓ, ତଥାପି ସାହସ କରି ରାସ୍ତାରେ ପଡିଥିବା ଗୋଟିଏ ଡାଙ୍ଗକୁ ଧରି, ତନୁଜାର ହାତ ଧରି ଦଉଡିଲା । ସେ ରିକ୍ସାବାଲା ପଛେପଛେ ଯାଇ ସେମାନେ ଅରମା ବାଡି ଭିତରେ ଛପିଗଲେ । ଦାଦାଙ୍କୁ ସେମାନେ ବାଡେଇ ରକ୍ତାକ୍ତ ଅବସ୍ଥାରେ ଛାଡିଦେଇଗଲେ । କଛି କାରଣ ନଥାଇ, ଏମିତି ନିରୀହ ଲୋକଙ୍କୁ ହଇରାଣ କରିବା ଦେଖି ମଧ କେହି ସେତେବେଳେ କଛି କହିଲେନ । ଏମିତିକ ସେଠି ଦୁଇପାର୍ଶ୍ୱରେ ଥିବା ଘରର ଲୋକମାନେ, ଦୋକାନର ଲୋକମାନେ, କେହି ମଧ ପାଖକୁ ଆସିଲେନ । ଦିନ ବାରଟାରୁ ରାତି ହେଲା । ରାତି ହେବାରୁ ରିକ୍ସାବାଲା ତା' ଲୁଚଥିବା ସ୍ଥାନରୁ ବାହାରିଲା । ନିଜ ଛପିବା ଜାଗାରୁ ବଡ ଓ ତନୁଜା ମଧ ବାହାରିଲେ । ରାତାରାତି ସେମାନେ ଦାଦାଙ୍କୁ ରିକ୍ସାରେ ପକେଇ ସେ ଜାଗା ଛାଡି ଆସି ମାର୍କଣ୍ଡପୁରରେ ପହଞ୍ଚିଲେ । ମାର୍କଣ୍ଡପୁରରେ ସେମାନକ ଗାଁର କଛି ଲୋକଙ୍କର ବନ୍ଧୁବାନ୍ଧବଙ୍କ ଘର ଥାଏ । ସେମାନଙ୍କୁ ସବୁ କହିବାରୁ ସେମାନେ ଜଣେ ଗ୍ରାମ ବୈଦ୍ୟଙ୍କୁ ଡକେଇଲେ । ସିଏ କଛି ଚେରମୂଳକା ଦେଇ ଦାଦାଙ୍କୁ ସୁସ୍ଥ କରେଇଲେ । ତିନଦିନ ପର୍ଯ୍ୟନ୍ତ ସେମାନେ ସମସ୍ତେ ମାର୍କଣ୍ଡପୁରରେ ରହିଲେ । ଗାଁକୁ ଖବର ଦିଆଗଲା । ବାପା ଆସି ପହଞ୍ଚିଲେ । ଆଉ ବଡ ଅପାର ଫଟୋ ଉଠି ପାରିଲାନ ।

ଏ ଘଟଣାର ପ୍ରାୟ ପନ୍ଦର ଦିନ ପରେ କଟକରେ ରହୁଥିବା ଓ ନିର୍ବାଚନରେ ଏମ୍.ଏଲ୍.ଏ ପ୍ରାର୍ଥୀ ହୋଇ ଠିଆ ହେଉଥିବା ଜଣେ ସାନ୍ତଙ୍କୁ ଘରେ ଦେଖିଲା ତନୁଜା । ସିଏ ସମସ୍ତଙ୍କୁ ସବୁ ବିଷୟରେ ପ୍ରଶ୍ନ ପଚାରୁଥାଆନ୍ତି ଓ ବିବରଣୀ ଲେଖିବାକୁ ସାଙ୍ଗରେ ଥିବା ଜଣେ ସାମ୍ବାଦିକଙ୍କୁ କହୁଥାନ୍ତି । ତନୁଜା ତ ସେତେବେଳେ ରାଜନୀତି ବୁଝୁନଥିଲା । ତେବେ ତାର ଇନ୍ଦିରାଗାନ୍ଧୀଙ୍କ ପ୍ରତି ବଡ ଶ୍ରଦ୍ଧା ଓ ସମ୍ମାନ ଥାଏ । ଝିଅ ପିଲା ହୋଇ ଜଣେ ଏତେ ବଡ

ଦେଶର ପ୍ରଧାନମନ୍ତ୍ରୀ ହୋଇଛି, ଇଏ କଣ କମ୍ କଥା ? ହେଲେ ସେ ଜେଜେ ସମସ୍ତଙ୍କୁ ବୁଝାଉଥାନ୍ତି, "ଏସବୁ ହେଉଛି କେବଳ ତମମାନଙ୍କର ସରଳତା ପାଇଁ । ତମେମାନେ ସମସ୍ତେ ଇନ୍ଦିରାଗାନ୍ଧୀଙ୍କୁ ଭୋଟ୍ ଦେଲ । ତାର ଫଳାଫଳ ହେଲା ଏଇଆ । ସିଏ ଜରୁରିକାଳୀନ ପରିସ୍ଥିତି ଘୋଷଣା କରି ସବୁ କ୍ଷମତା ନେଲେ ତ ନେଲେ, ହେଲେ ଏମିତି ସବୁ ଗୁଣ୍ଡା ମାନଙ୍କୁ ସୃଷ୍ଟି କଲେ ଯେ, ସେମାନେ ଆଜି ସାଧରଣ ଲୋକଙ୍କର ନିତିଦିନିଆ ଜୀବନକୁ କଣ୍ଟକିତ କରିଦେଇଛନ୍ତି । ଆର ଥରକୁ ସମସ୍ତେ ଅନ୍ୟ ପାର୍ଟିକୁ ହିଁ ଭୋଟ୍ ଦେବ। ବୁଝିଲ ତ । ବନିକୁ ମୁଁ କଟକ ନେଇଯିବି । ସେଇଠି ତାର ଫଟୋ ଉଠିବ ।"

ଯଦିଓ ତନୁଜା ତାଙ୍କର ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ କଥା ଶୁଣି ଅତ୍ୟନ୍ତ ରାଗିଥିଲା, ହେଲେ ବନି ଅପାର ଫଟୋ ଉଠିପାରିବ ଜାଣି ସିଏ ସେ ସାନ୍ତଙ୍କ ଉପରେ ଖୁସିହେଲା । ସେଇ ବନି ଅପା କଟକରେ ପଢ଼ିଲା ଓ ଆଜି ରାଜନୀତି ବିଜ୍ଞାନର ପ୍ରଫେସର୍ ହୋଇଛି । ହେଲେ ଯାଜପୁରର ସେ ଘଟଣା ମନେପଡିଲେ ତନୁଜାର ଦେହ ତାତି ଉଠେ ଯେତିକି, ଭୟ ଲାଗେ ସେତିକି । ନିଜ ରାଜ୍ୟ ହେଲେ କଣ ହେଲା, ଏ ରାଜ୍ୟରେ ଯେ ଆଇନ୍‌କାନୁନ୍ ଓ ଶାସନର ବିଶୃଙ୍ଖଳା ରହିଛି, ତାକୁ ତ ଅମାନ୍ୟ କରିହେବନି ।

ଏ ଯେଉଁ ଲୋକମାନେ ରାସ୍ତା ବନ୍ଦ କରି ବସିଛନ୍ତି, ସେଠି ତ କାହିଁ କେଉଁଠି ପୋଲିସ୍ ଥିବାର ଦେଖାଯାଉନି । ଆଉ ତାଙ୍କ ଭିତରୁ ପ୍ରତିଶୋଧ ପରାୟଣ ହୋଇ ଯଦି କିଏ କିଛି କରିବ, ତେବେ କିଏ ସେମାନଙ୍କୁ ରକ୍ଷା କରିବ ?

ଆଦିତ୍ୟ ସେମାନଙ୍କୁ ନମ୍ର ଭାବରେ ପଚାରିଲା, "ସାବରଙ୍ଗ ଯିବାକୁ ଆଉ କେଉଁଠି ରାସ୍ତା ଅଛି ତ କୁହ, ନହେଲେ ଆମେମାନେ ବହୁତ ବୁଲିଲୁଣି । ମୋ ଖୁଡୀଙ୍କର ଦେହ ଖରାପ ହୋଇ ବାନ୍ତି ହେଉଛି । ଆମମାନଙ୍କର ଘରେ ପହଞ୍ଚିବା ନିହାତି ଦରକାର ।"

ସେମାନଙ୍କ ମଧ୍ୟରୁ ବୟୋଜ୍ୟେଷ୍ଠ ଜଣେ ବ୍ୟକ୍ତି ଆଉ ଏକ ରାସ୍ତା ବତେଇଦେଲେ । "ସେମିତି ବିଲେବିଲେ କିଛି ଦୂର ଯିବ । ଗାଁ ମଝିର ସଂକୀର୍ଣ୍ଣ ରାସ୍ତା କିଛି ଅତିକ୍ରମ କରିସାରିଲେ ସାବରଙ୍ଗ ଯିବାକୁ ରାସ୍ତା ଆସିଯିବ ।" ତାଙ୍କ ଦ୍ୱାରା ବତାଯାଇଥିବା ରାସ୍ତାକୁ

ଅନୁସରଣ କରି ଡ୍ରାଇଭର୍ ଆସି ଗାଁରେ ପହଞ୍ଚିଲା । ତନୁଜାକୁ ଅତ୍ୟନ୍ତ ଅସ୍ୱସ୍ତିକର ଲାଗୁଥାଏ । ଭଗ୍ୟକୁ ସିଏ ଆମେରିକାରୁ ଆସିବାବେଳେ କଛି "ଜେନଟେକ୍" ପାଖରେ ରଖିଥିଲା । ସେଇଥିରୁ ଗୋଟିଏ ଖାଇ ସିଏ ସିଧା ଶୋଇବାକୁ ଗଲା ।

ଆଦିତ୍ୟ ଓ ଟୁନା ୧୨ଟା ପରେ ଭୁବନେଶ୍ୱର ଗଲେ । ହେଲେ ତନୁଜା ସେମାନଙ୍କ ସହିତ ଯାଇପାରିଲାନ । ନଜେ ଶିଖିଥିବା ଅନୁଭୂତିକୁ ଆଧାର କରି ସିଏ ସଂପୂର୍ଣ୍ଣ ଉପବାସ କଲା ଓ କେବଳ ପାଣି ପିଇ ସେ ଦିନଟି ବିତେଇଲା ।

ଏବେ ଆଉ ଭୁବନେଶ୍ୱରରେ କଣାକଣି କରିହେବ ନାହିଁ । ଯାହା ଯେତେ ଯୋଜନା ଥିଲା, ଏ ଭଦ୍ରକ ବନ୍ଦ ପାଇଁ ସବୁ ପଣ୍ଡୁହେଲା । ସହଜରେ ତ ରାତିରେ ଡେରିରେ ଖାଇଥିଲା, ପୁଣି ଭଦ୍ରକ ବନ୍ଦ ପାଇଁ ଶୀଘ୍ର ଉଠି ଯିବ ବୋଲି ସିଏ ଯେଉଁ ଅନିଦ୍ରା ରହିଲା, ଏ ଦୁଇଟି ମିଶି ହୁଏତ ତାର ପେଟ ଗୋଳମାଳ କରିଦେଇଛନ୍ତି । ଏବେ ତ ଇଏ ଭଲହେବାକୁ ଦିନେ, ଦୁଇଦିନ ଲାଗିଯିବ । ଆଉ କଛି ଉପାୟ ନାହିଁ । ମନେମନେ ସେ ରାଜନୈତିକ ଦଳ ଉପରେ ବଡ ରାଗ ଆସିଲା । ସେମାନଙ୍କ ପାଇଁ ଆଜି ତାର ଏ ଅବସ୍ଥା ହେଲା । ଆହୁରି କେତେଲୋକଙ୍କର ଯେ କେମିତି ଅବସ୍ଥା ହୋଇଥିବ କଏ ଜାଣେ ? ଜବରଦସ୍ତ କରି ଲୋକମାନଙ୍କୁ ଏମିତି ହନ୍ତସନ୍ତ କରିବା, ସେମାନଙ୍କ ଦୈନନ୍ଦିନ ଜୀବନଯାତ୍ରାକୁ ବ୍ୟାହତ କରିବା କ ରକମର ନୀତି ? ସ୍କୁଲ୍ ବନ୍ଦ, କଲେଜ୍ ବନ୍ଦ, ସରକାରୀ କାର୍ଯ୍ୟାଳୟ ବନ୍ଦ, ଦୋକାନ ବଜାର ବନ୍ଦ । ପ୍ରତିଦିନର ରୋଜଗାରରେ ଚଳୁଥିବା ବିଚରା ଖଟିଖିଆ ମାନଙ୍କର ବି କାମ ବନ୍ଦ । ଏସବୁ କେମିତିକା କଥା ? ଏ ଇଣ୍ଟରନେଟ୍ର ଯୁଗରେ ବି ଏମିତି ହେଉଛି, ସାଧାରଣ ଲୋକମାନଙ୍କୁ ଏମିତି ଭାବେ ମନଇଚ୍ଛା କଣ୍ଟେଇ ଭଳ ନଚାଯାଉଛି ଭାବି ବଡ ଦୁଃଖ ଲାଗିଲା । ଏବେ ସବୁ କେମିତି କଣ ହେବ, ଝିଅ ବାହାଘର ପାଇଁ ଲୁଗାପଟା କେମିତି କଣାକଣି କରାଯିବ, ସେସବୁ ଆଉ ଭାବି ହେଉନଥିଲା ।

ତନ୍ମୟ ତାଙ୍କର ବହୁତ ବ୍ୟସ୍ତ ରହୁଥାନ୍ତି । ତାଙ୍କୁ ଦେଖା କରିବା ପାଇଁ କେତେକେତେ ଲୋକ ଆସୁଥାନ୍ତି । କଛି ଲୋକ ଅର୍ଥ ଆଶାରେ ଆସୁଥାନ୍ତି; କଏ ଝିଅ ବାହାଘର କରିବ, କଏ

ସଂସ୍ଥାଟିଏ ଗଢିଛି, କଛି ସାହାଯ୍ୟ ଦରକାର, କଏ ଦୋକାନଟିଏ ଆରମ୍ଭ କରିବାକୁ ଯାଉଛି, ତାହାର ସାହାଯ୍ୟ ଦରକାର, ଏମିତି ସବୁ । ତନୁଜା ପାଇଁ ଆଉ ତାଙ୍କର ସମୟ ନଥାଏ । କଛି ଲୋକ ମଧ ତାଙ୍କୁ ସମ୍ମାନିତ ଅତିଥି ହୋଇ କଛି ସବୁ ମିଟିଙ୍ଗରେ ଯୋଗଦେବାକୁ ଡାକୁଥାନ୍ତି । ଏମିତିରେ ସାରାଦିନଟା ସରିଗଲା । ଦିନସାରା କଛି ନଖାଇ ନିଜକୁ ନିୟନ୍ତ୍ରିତ କରି ରଖିଥିବାରୁ ରାତିବେଳକୁ ତନୁଜାକୁ ଟିକେ ଭଲ ଲାଗିଲା । ରାତିରେ ଖାଇପିଇ ସାରି ତନ୍ମୟ ଉପରକୁ ଶୋଇବାକୁ ଆସିଲେ । ଆସି ଦେହରେ ହାତ ମାରି ଦେଖିଲେ, ଉତ୍ତାପ ଠିକ୍ ଅଛି । କହିଲେ, "ଲାଗୁଛି, ତୁ ଠିକ୍ ଅଛୁ । ଭଦ୍ରକ କଲେଜରେ ସେମାନେ ଛାତ୍ରଛାତ୍ରୀ ମାନଙ୍କୁ କଛି କହିବାପାଇଁ ପଅରିଦିନ ଏଗାରଟା ବେଳକୁ ଡାକଛନ୍ତି । ଯାଇ ପାରିବୁ ତ? "

ଅନ୍ୟ କୌଣସି କଥା ହୋଇଥିଲେ ହୁଏତ ତନୁଜା ଚହିଁକି ଉଠିଥାନ୍ତା । ହେଲେ ଏ ବିଷୟ ଶୁଣି ସିଏ ଖୁସିହେଲା । ମନରେ ଏ ବନ୍ଧକୁ ନେଇ ଯେଉଁ ସବୁ ପ୍ରତିକ୍ରିୟା ଆସିଛି, ଅନ୍ତତଃ ସେ ବିଷୟ ସେ ଭବିଷ୍ୟତର ଓଡିଆ ନାଗରିକ ମାନଙ୍କ ନିକଟରେ ବାଣ୍ଟିପାରିବ । ଇଏ ଗୋଟିଏ ଭଲ ସୁଯୋଗ ରହିବ । କେବଳ ତା' ରିସର୍ଚ୍ଚ ବିଷୟ ନୁହେଁ, ରିସର୍ଚ୍ଚ ବିଷୟ ସହିତ ସିଏ ଏ ସାମାଜିକ ପରିସ୍ଥିତିର ମଧ ଅବତାରଣା କରିବ ।

ଏମିତି ଭାବି ତନୁଜା କଡ ଲେଉଟାଉ ଲେଉଟାଉ ଉତ୍ତରଦେଲା, "ନିଶ୍ଚୟ ଯିବି । ଭଗବାନଙ୍କୁ ଡାକୁଛି, ମୋ ଦେହ ଟିକେ ଭଲ ହୋଇଯାଉ ।'

ରଦରଫୋର୍ଡ ଓ୍ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ନଖୋଜ ଝର୍କା



ଅନୁସୂୟା ମିଶ୍ର

କେଜାଣି କାହିଁକି
ଭିଜିବାକୁ ଭଲଲାଗେ ମୋତେ
ଝର୍କାର ଏପାଖେ ଥାଇକି ।
ଏମିତି ନୁହେଁ ଯେ
ସେପାଖର ଖସଡ଼ା ରାସ୍ତା
କି କାଦୁଅର ଛିଟାକୁ
ଭୟ କରେ ମୁଁ
ଭଲପାଏ
ଘରିକଡ଼େ ବାଡ଼ବୁଜା
ମୋ ନିଜସ୍ୱ ଦୁନିଆଟିକୁ ।

ତା'ରି ଭିତରେ ହସେ
ତା'ରି ଭିତରେ କାନ୍ଦେ
ତା'ରି ଭିତରେ ହିଁ
ହାତମୁଠାରୁ ଖସିଯାଉଥିବା
ପ୍ରତିଟି ବାଲିକଣାଠାରୁ
ତୁମ ଆସିବାର ଖବର ବୁଝେ,

କେବେ ଭସିଯାଏ
କେବେ ସାଉଁଟିନିଏ ନିଜକୁ
ଆଉ କେବେ
ଅମାବାସ୍ୟାର ଆକାଶଟାଯାକ
ତୁମରି ପାଦଚିହ୍ନକୁ ଖୋଜେ।

ପ୍ରତିଟି ପ୍ରତିଶ୍ରୁତିକି
ଗୋଟି ଗୋଟି କାଢ଼ି ଦେଖେ
ପୁଣି ମନତଳେ ସାଇତିକି ରଖେ,
ଅବିଶ୍ୱାସର ପ୍ରଶ୍ନ ହିଁ ନଥାଏ
ଖାଲି ଯାହା
ଅପେକ୍ଷାର ଅସରନ୍ତିପଣଟା
ବେଳୁ ବେଳ ବେସି ବେସି ବାଧେ।

ଝର୍କା ସେପାଖୁ
ତୁମେ ବୋଧେ ଜାଣିପାର ସବୁ,
ଶିତଳତାର ସଂଚରଣଟିଏ
ଅଗ୍ନିକ ଧାଇଁ ଆସେ
ତୁମ ଆସିବାର ଖବର ଦିଏ,
ନିରବ ସେଇ ଆମନ୍ତ୍ରଣରେ
ସ୍ୱବଣର ଅଶାଳୀନପଣ ତ ନଥାଏ
ତଥାପି ମୁଁ ଟାଣି ହୋଇଯାଏ
ମୋତେ ଡେଇଁ, ତୁମ ଯାଏଁ।

ଖୋଲିଯାଏ

ଆଉଜା, ଦରଆଉଜା,

କଳଣୀଲଗା ଯେତେ ସବୁ ଦରଜା,

ଡିଙ୍ଗି ଯାଏ

ଅକୁହା ଅସୁମାରୀ ଇଚ୍ଛା

ଲିଭିଯାଏ ସକଳ ଲକ୍ଷ୍ମଣରେଖା,

ବହଳ ତୁମ ଆଗ୍ରହର ଆବେଶରେ

ସମ୍ପୂର୍ଣ୍ଣ ନଖୋଜ ହୋଇଯାଏ

ମୋ ଭିତରେ ମୁଁ ଟିଏ,

ଜଣା ହିଁ ପଡ଼େନ

ଝର୍କା ବୋଲି କଛି ଗୋଟେ

ସେଠି ଆଉ ଥାଏ କ ନଥାଏ ।

ଶତାବ୍ଦୀ ନଗର, ୟୁନଟ୍- ୮, ଭୁବନେଶ୍ୱର

ପଢନ୍ତୁ ଏବଂ ପଢାନ୍ତୁ "ବେଦାନ୍ତୀ"

# ବଡ଼ ଠାକୁର ଙ୍କୁ ନିମନ୍ତ୍ରଣ



ପ୍ରକାଶ ସାହୁ

ଗୋଟେ ନିମନ୍ତ୍ରଣ ଅଛି ବଡ଼ଠାକୁରେ
କ ଦେଇ ଡାକବି ମହାପ୍ରଭୁ
ଏତେ ବଡ଼ ଠାକୁର ଙ୍କୁ
ନିମନ୍ତ୍ରଣ ଦେଇ ଡାକବାକୁ
ସାହସ ବା କେଉଁଠୁ ପାଇବି ।

ଗୁଆ ଟେ ଦେଇ ଡାକବି
କ ଫୁଲ ଟିଏ ଦେଇ ଡାକବି
ନଡ଼ିଆ ଟେ ଦେଇ ଡାକବି
ଅବା ଭଜନ ର ସ୍ୱର ରେ ଡାକବି ।

ଏମିତି ଭାବୁ ଭାବୁ ବଡ଼ ଠାକୁର ଙ୍କୁ
ଲେଖି ଦେଲି ନିମନ୍ତ୍ରଣ ପତ୍ର ଟିଏ
ଆଖି ର ଲୁହ କୁ ଢାଳି
ହୃଦୟ ର ଭାଷା କୁ ପଂକ୍ତି କରି ।

ଘଣ୍ଟ, ମୃଦଙ୍ଗ ର ସ୍ୱର ରେ
ଚାଲିଥିଲା ତୁମର ଆରତୀ
ଧୂପ ଚନ୍ଦନ ମହକ ରେ
ଲକ୍ଷ ଲକ୍ଷ ଭକ୍ତ ଙ୍କ ଗ୍ରହଣ ରେ

ସୁସ୍ଥ ହୋଇ ଫେରିଛନ୍ତି
ପନ୍ଦର ଦିନ ଅଣସର ରେ
ରହିବା ପରେ, ଆଜି ରତ୍ନ ସିଂହାସନ
ଛାଡି ନନ୍ଦିଘୋଷ ରଥ ରେ ବିଜେ
କରିବେ ମାଉସୀ ମା ଘର କୁ ଯିବେ

ଚତୁର୍ଦ୍ଦିଗ ଆଜି ଚହଳ ପଡିଛି
ଝୁଲି ଝୁଲି ଆସିବେ ବଡ଼ ଠାକୁରେ
ଖୁସି ରେ  ବଡ ଦାଣ୍ଡ ଆଜି
ପାଲଟିଛି ଭକ୍ତ ଙ୍କ ଜନ ସମୁଦ୍ର
ମୁଁ କନ୍ତୁ ହଜିଯାଇଛି
ତୁମର ସେ ଚକାଚକା
ବିସ୍ଫାରିତ ଅପଲକ ନୟନ ରେ

ଯୋଡ଼ା ହସ୍ତେ ନିମନ୍ତ୍ରଣ କରିଲି
ପାଟ, ମନ୍ତ୍ରୀ, ବାଜା ବାଣ ପଟୁଆ
ବଡ଼ ଠାକୁରେ ନ ଥିବେ ସାଙ୍ଗ ରେ
ଭାଇ ଭଉଣୀ ଙ୍କୁ ନେଇ
ମାଉସୀ ମା ଘର କୁ ଯିବା ବାଟ ରେ
ଟିକେ ପାଦ ପକାଅନ୍ତନ ମୋ ଘରେ

କାହୁଁ କେତେ ଦିନୁ ଅପେକ୍ଷାରତ
ତୁମ ପାଦ ରେଣୁ ସ୍ପର୍ଶରେ
ଉଲ୍ଲସିତ ହେବ ମୋ ଅଗଣା
ଲାଜେଇ ଅନ୍ଧାର ଟି ମୁଁହ ଲୁଗ୍ଇବ
ଶିରି ଶିରି ପବନ ଧସେଇ ପଶିବ

ତୁମ ଦୁଇ ପାଦ ଧୋଇଦେବି
ମୋ ଦୁଇ ଧାର ଶୀତଳ ଲୁହ ରେ
ସ୍ୱାଗତ କରିବି ହୃଦୟ କମଳ ରେ
ମୋ ଘରେ ସୁନା ରୁପା ବାସନ ତ ନାହିଁ
ଅଫୁଟା କଦଳୀ ପତ୍ର ପକାଇ
ବାଢି ଦେବୀ ଭେଜି ଭତ ମୁଠାଏ

ସବରୀ ର ସ୍ନେହ ବୋଳା
ଅଇଁଠା କୋଳ ତ ଖାଇଥିଲ
ଗ୍ରହଣ କରିନେବ ବଡ଼ଠାକୁରେ
ଯାହା ଅଛି ଦେବି ଶ୍ରଦ୍ଧା ରେ ।
ମୁଁ ସୌଭାଗ୍ୟବାନ ହେବି, ତୁମେ
ଖାଇବ ମୋ ହାତ ରୁ,
ଆଖି ମୋର ଧନ୍ୟ ହୋଇଯିବ
ତୁମ କଳାବଦନ ର ଦର୍ଶନ ରେ ।

କଛି ମୁହୂର୍ତ୍ତ ର ବିଶ୍ରାମ ମୋ ଘରେ
ପୁଣି ପାଛୋଟି ନେଇଯିବି
ତୁମ ସେ ନନ୍ଦିଘୋଷ ରଥ କୁ
କେତେ ଭକ୍ତ ଅପେକ୍ଷା କରିଥିବେ
ତୁମ ରଥ ଦଉଡି କୁ ଟାଣିବାକୁ
ମୁରବି ପଣିଆ ର ସ୍ମିତହାସ୍ୟ ଟିଏ
ଭରିଥିବ ତୁମ ରଙ୍ଗଭରା ଅଧର ରେ ।

ମୁମ୍ବାଇ, ମହାରାଷ୍ଟ୍ର

# "ଶାନ୍ତି" – କେବେ ଫେରିବ?



ଡ. ଜ୍ଞାନେଶ୍ୱର ମିଶ୍ର

ଯେତେବେଳେ –
କପୋତୀଟେ ନିର୍ମଳ ଆକାଶରେ
ଉତ୍ତର ମେରୁରୁ ଦକ୍ଷିଣ ମେରୁ ପର୍ଯ୍ୟନ୍ତ
ନିର୍ଭୟରେ ଉଡି ପାରିବ
ଜଙ୍ଗଲରେ କମାଣ ତୋପର ଶବ୍ଦ ଲିଭିଯିବ
ବାରୁଦ ଗନ୍ଧ ବଦଳରେ ଫୁଲର ମହକ ଛୁଟିବ
ଝରଣାର କୁଳୁକୁଳୁ ସଂଗୀତ ଶୁଭିବ
ଗୀର୍ଜା, ମନ୍ଦିର, ମସଜିଦ୍ ରେ ପ୍ରାର୍ଥନାର ସ୍ୱର
ଗୋଟିଏ କଥା କହିବ ସବୁ ମଣିଷ ଏକ ଏ ବିଶ୍ୱର
ହତ୍ୟା, ଭୟ, ହିଂସା, ଦଳିତ, ପିଡିତ ଶୋଷିତ
ଅବହେଳିତ ଶବ୍ଦ ପୁଞ୍ଜମାନେ
ଅଭିଧାନ ପୃଷ୍ଠାରେ ବନ୍ଦୀ ହୋଇଯିବ
ତେବେ ଯାଇଁ
"ଶାନ୍ତି" ତାର ପ୍ରିୟ ଆଳୟ ପୃଥିବୀକୁ
ନିଶ୍ଚୟ ଫେରିବ ।


୪୯/ ୫/ ଏଚ୍, କାର୍ଲ ମାର୍କ୍ସ ସରଣୀ,
ଖିଦିରପୁର, କୋଲକତା

# ବର୍ଷା: ଏକ ପ୍ରେମ କଥା



ସ୍ୱଜବାଳା ତ୍ରିପାଠୀ

ରିମ ଝିମ ଶବ୍ଦରେ ପୃଥିବୀକୁ ପୁଣିଥରେ ଭେଟିଛି ବର୍ଷା। ତା ଆଗମନରେ ଶୀତଳ ହୋଇ ଉଠିଛି ଉତ୍ତପ୍ତ ପୃଥିବୀ। ବିନ୍ଦୁ ବିନ୍ଦୁ ବର୍ଷା ପାଣିକୁ ମନ ଭରି ଶୋଷି ନେଇଛି ଧରିଣୀ ସ୍ୱଣୀ ତାର ପିଆସୀ ଓଠରେ। ବର୍ଷାର ମତୁଆଲ୍ ତାନରେ ଉଲ୍ଲସି ଉଠିଛନ୍ତି ପ୍ରାଣୀଠୁ ଉଦ୍ଭିଦ। ସବୁଆଡେ ସବୁଜିମା ସବୁଆଡେ ସତେଜତା। ସତେ କ ବର୍ଷା ଋତୁ ନୁହେଁ ଏଇ ପ୍ରେମ ଋତୁ। ସମସ୍ତଙ୍କ ମନରେ ପ୍ରିୟ ସହ ମିଳନର ଆକାଂକ୍ଷା । ସାରୁ ଗଛ ମୂଳେ ବସି ପ୍ରିୟତମାକୁ କେଂ କଟର ଶବ୍ଦ କରି ଅବିରତ ମିଳନର ଆହ୍ୱାନ ଦେଉଛି ବେଙ୍ଗସ୍ୱଜା। ସତେ ଅବା ସେ କହୁଛି" ଆସ ପ୍ରିୟତମା ଆଉ ଡେରି କରନା, ତୁମ ପ୍ରତୀକ୍ଷାରେ ବିତି ନ ଯାଉ ଏ ବର୍ଷା ଋତୁ। ଅଧୁସ୍ୱ ରହି ନ ଯାଉ ଆମ ମିଳନର ଆକାଂକ୍ଷା" ।



କ୍ଷୁଦ୍ରଦପିକ୍ଷୁଦ୍ର ପ୍ରାଣ ଯେତେବେଳେ ପ୍ରେମରେ ନାଚ ଉଠୁଛି, କୀଟ ପତଙ୍ଗ ବା ଏଥିରୁ ବାଦ ପଡିବେ କପରି। ବର୍ଷାର ଧୂନରେ ମତୁଆଲ୍ ହୋଇ ଉଠିଛି ପୁରୁଷ ପିପିଲିକା( ଜନ୍ଦା) ମାନଙ୍କର ମନ। ଲକ୍ଷ୍ୟ କେବଳ ଗୋଟିଏ, ଦଳରେ ନୂଆ କରି ହୋଇଥିବା ସ୍ୱଣୀର ପ୍ରେମ ପ୍ରାପ୍ତି। କନ୍ତୁ ସେ ଯେ ସ୍ୱଣୀ, ଶରୀରରେ, ପଦବୀରେ ସବୁଥିରେ ପୁରୁଷଠୁ ସେ ଶ୍ରେଷ୍ଠ। ତା ପ୍ରେମ ପାଇବା କଣ ଏତେ ସହଜ। ପୁରୁଷର ପ୍ରେମକୁ ତାର ଲକ୍ଷ୍ୟ ସ୍ଥଳରେ ପହଞ୍ଚେଇବା ଉଦେଶ୍ୟରେ ପକ୍ଷହୀନ ଦେହରେ ତାର ପଲ୍ଲବୀ ଉଠିଛି ଯୋଡିଏ ପକ୍ଷ।

ପୁରୁଷ ମନର ଉତ୍ତାପକୁ ବେଶ ପରଖି ନେଇ ଏକ ଅଳସ ମେଘୁଆ ଅପରାହ୍ନରେ ଘର ଛାଡ଼ି ଉଡିଯାଇଛି ପ୍ରତି ପୁରୁଷର କାମ୍ୟ ରାଣୀ । ପକ୍ଷ ମେଲି ମତୁଆଲା ହୋଇ ଉଡି ବୁଲିଛି ନୀଳ ଆକାଶରେ, ପଛରେ ତାର ପୁରୁଷ ମଣ୍ଡଳୀ । ପବନରେ ବିଞ୍ଚିଦେଇଛି ତା ଶରୀରର ସୁଗନ୍ଧ, ସେ ସୁଗନ୍ଧରେ ଆହୁରି ମତୁଆଲା ହୋଇ ଉଠିଛି ପ୍ରତି ପୁରୁଷର ପ୍ରାଣ। ରାଣୀ ତ ଜଣେ ହେଲେ ତାର ପ୍ରେମାସ୍ପଦ ହଜାରେ। ତାକୁ ପ୍ରେମର ଆଖିରେ ଦେଖୁଛି ହଜାରେ ଚକ୍ଷୁ। କାହାର ପ୍ରେମ ନିବେଦନକୁ ଗ୍ରହଣ କରିବ ସେ। କିଏ ହେବ ତାର ଭବିଷ୍ୟତ ଉତ୍ତରାଧିକାରୀ ମାନଙ୍କର ପିତା। ହଁ ସେ ହିଁ ହେବ ସେଇ ସୁପୁରୁଷ, ଯିଏ ସବୁ ପୁରୁଷଠୁ ଶ୍ରେଷ୍ଠ, ଯାହାକୁ ଦେବାକୁ ହେବ ଏକ ଚରମ ବଳୀଦାନ। ବଳୀଦାନ ନିଜ ଜୀବନର। ରାଣୀର ପ୍ରେମ ପାଇଁ, ଉତ୍ତରାଧିକାରୀ ମାନଙ୍କର ପିତା ହେବାର ସୌଭାଗ୍ୟ ଲାଭ ପାଇଁ ଦେବାକୁ ହିଁ ହେବ ଏହି ବଳୀଦାନ।

ରାଣୀର ସଙ୍ଗ ଲାଭ ସକାଶେ ଆକାଶ ମାର୍ଗରେ ଚାଲେ ଭୀଷଣ ଏକ ପ୍ରତିଯୋଗିତା, ସତେକି ଚାଲିଛି ସ୍ୱୟଂବର । ଯିଏ ବିଜେତା ସିଏ ଶ୍ରେଷ୍ଠ, ତାକୁ ବରି ନେବ ରାଣୀ। ସ୍ୱୀକାର କରିବ ତାର ପ୍ରେମ ନିବେଦନ, ଗ୍ରହଣ କରିନେବ ତାକୁ ନିଜର ଆଗାମୀ ସନ୍ତାନର ପିତା ହିସାବରେ।

ହଁ କେବଳ ଜଣେ, ଜଣେ ହିଁ ପହଞ୍ଚିପାରେ ନିଜର ପ୍ରତୀକ୍ଷିତ ପ୍ରେୟସୀ ପାଖରେ। ଭବିଷ୍ୟତ ଯେ ତା ପାଇଁ କେତେ ଭୟାନକ, ଏ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ପୁରୁଷ ଆଲିଙ୍ଗନ ବଦ୍ଧ କରି ବସେ ରାଣୀକୁ। ଠିକ ଯେପରି ମୃତ୍ୟୁ ବିଷୟରେ ଅଜ୍ଞ ପତଙ୍ଗ ଆଲିଙ୍ଗନ କରି ବସେ ଅଗ୍ନି ଶିଖାକୁ। ସଂଗଠିତ ହୁଏ ସେ ମହାମିଳନ । ସାକ୍ଷୀ ରୁହନ୍ତି ଆକାଶ ଆଉ ପବନ। ପୁରୁଷ ପାଇ ଯାଏ ନିଜର ଆକାଂକ୍ଷିତ ବସ୍ତୁ, ରାଣୀର ସାନିଧ। ଆଉ ରାଣୀ...ରାଣୀ ବି ପାଇ ଯାଏ ନିଜ ଭବିଷ୍ୟତ ଉତ୍ତରାଧିକାରୀ ଗଢିବା ପାଇଁ ଶୁକ୍ରାଣୁ ପଂଜାଏ, ଯାହା ତା

ପାଇଁ ଏହି ମିଳନର ଉଦ୍ଦେଶ୍ୟ। ତାର ଉଦ୍ଦେଶ୍ୟ ସହାଚର୍ଯ୍ୟ ଦେଉଥିବା ପ୍ରେମିକ ପ୍ରାପ୍ତି ନୁହେଁ, କେବଳ ନିଜ ସନ୍ତାନ ପାଇଁ ପିତାର ସନ୍ଧାନ। ଦଳର ପୁରୁଷ ଭିତରୁ ସେହି ଶ୍ରେଷ୍ଠ ପୁରୁଷର ସନ୍ଧାନ ଯାହାର ଗୁଣସୂତ୍ର ସମୃଦ୍ଧ କରିବ ତାର ଆଗାମୀ ବଂଶଧରମାନଙ୍କୁ । ନିଜ ଇପ୍ସିତ ବସ୍ତୁ ପାଇଲା ପରେ ରାଣୀ ନିଜଠୁ ଅଲଗା କରିଦିଏ ପ୍ରେମରେ ଉନ୍ମତ ପୁରୁଷଟିକୁ। ଯୌନାଙ୍ଗ ହରାଇ ଭୂପତିତ ହୁଏ ପୁରୁଷଟି। ପୁରୁଷ ଶୁକ୍ରାଣୁକୁ ନିଜ ଭିତରେ ଯତ୍ନରେ ସାଇତି ରଖି ନୂଆ ବସା ତିଆରି ପାଇଁ ଫେରିଆସେ ରାଣୀ, ସାଙ୍ଗରେ କିଛି ସାଥି, ଭୂମିରେ ମୁମୂର୍ଷୁ ଅବସ୍ଥାରେ ପଡିଥିବା ପୁରୁଷଟି ପ୍ରତି ଥରେ ମାତ୍ର ଦୃଷ୍ଟିପାତ ନ କରି । ତାର କାନ୍ଧରେ ଏବେ ଭବିଷ୍ୟତର ଦାୟିତ୍ୱ।

ପ୍ରେମ ପାଇଁ ମୃତ୍ୟୁକୁ ଆଲିଙ୍ଗନ କରି ପୁରୁଷଟି ଧୀରେ ଧୀରେ ନିଃଶେଷ ହୋଇଯାଏ। ତାର ଅସ୍ତିତ୍ୱ ଲିଭିଯାଏ ପୃଥିବୀ ପୃଷ୍ଠରୁ। ରାଣୀର ପଶ୍ଚାତଗାମୀ ପୁରୁଷ ମଣ୍ଡଳୀମାନଙ୍କ ମଧ୍ୟରୁ ଅନେକ ପଶୁ ପକ୍ଷୀଙ୍କ ଆହାର ହୋଇ ପ୍ରାଣ ହରନ୍ତି। ପ୍ରକୃତିର ନିୟମକୁ ବା ଅବଜ୍ଞା କରିବ କିଏ। ନିଜର ନୂତନ ବସାରେ ଉତ୍ତରାଧିକାରୀମାନଙ୍କୁ ଯତ୍ନରେ ତିଆରି କରୁଥାଏ ରାଣୀ, ପ୍ରତୀକ୍ଷା ପୁଣି ଏକ ପୁଣି ଏକ ବର୍ଷା ଋତୁର, ପୁଣି ଏକ ବଳୀଦାନର....ଜୀବନ ଚକ୍ର ଚାଲିଥାଏ ...

ସହାୟକ ପ୍ରଫେସର, ସରକାରୀ ବିଜ୍ଞାନ କଲେଜ,
ଛତ୍ରପୁର, ଗଞ୍ଜାମ, ଓଡିଶା

# ନରୁଦ୍ଧିଷ୍ଟ କବିମନ



କାର୍ତ୍ତିକ ପାଣିଗ୍ରାହି

ଜୀବନର ଗତିଶୀତରେ ଆଜି ଶିଥିଳତାର ସ୍ପର୍ଶ
ପାଦ ମନେ ବି ନରବ ପ୍ରତିବାଦ କଲେଣି
ଚଲୁଛନ୍ତି ତ ଚଲୁଛନ୍ତି
ଆଖିମାନେ ବି ସ୍ୱପ୍ନ ଦେଖିବା ବନ୍ଦ କରିଦେଲେଣି,
ଆଖି କହିଲଣି ମୁଁ ଦେଖିବିନ
କାନ କହିଲ୍ନ ମୁଁ ଶୁଣିବିନ
ପାଟି କହିଲ୍ନ ମୁଁ କହିବିନ
ଓଠ କହିଲ୍ ମୁଁ ହସିବିନ
ଜିଭ କହିଲ୍ ମୁଁ ହଲିବିନ
ମସ୍ତିଷ୍କ କହିଲ୍ନ ଭାବିବିନ
ମନ କହିଲ୍ଣି ମୁଁ ତ ନରଦ୍ଧିଷ୍ଟ
ଶବ୍ଦ ମାନଙ୍କ ସନ୍ଧାନରେ
ହାତ ବି ବିଦ୍ରୋହ କଲ୍ଣି
ନା କଛି ଶୁଣିବ ନା କଛି ଲେଖିବ ...
କଲମ ତଥାପି ଆଶାବାଦୀ ଜୀବନକୁ ନେଇ
କବିର ସୁପ୍ତ ମନର ସହରରେ
ଶବ୍ଦର ଅଂକୁରନ୍ଦମ ପାଇଁ

ଜୀବନକୁ ପୁଣି ଥରେ ଚଳଚଂଚଳ କରିବାକୁ
ଶବ୍ଦର ଅଭ୍ବବୋଧକୁ ଶବ୍ଦରେ ଭରିଦେବା ପାଇଁ
ଆସକ୍ତ ବିହୀନ ଆଖିରେ
ଶବ୍ଦର ସବୁଜିମା ଭରିଦେବା ପାଇଁ
ଥର ଥର ଓଠରେ
ଶବ୍ଦର ଫୁଲ ହୋଇ ଝରିଯିବା ପାଇଁ
ନିରଦ୍ଦିଷ୍ଟ ତା ଇପ୍ସିତ ସାଥି କୁ
ଶବ୍ଦର ଯଦିରେ ଛନ୍ଦି ଦେବା ପାଇଁ
କଲମକୁ ପୁଣି ସାଥି ହେବାକୁ ହିଁ ହେବ
ପୁଣି ଏକ କବିକୁ ଜିଇଁବାକୁ ହେବ
ପୁଣି ମନକୁ ଜିଇଁବାକୁ ହେବ....

ବ୍ରହ୍ମପୁର, ଗଞ୍ଜାମ

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ଆଖିରୁ ମୋ ଲୁହ ଝରେ



ଧୀରେନ୍ଦ୍ର ମଲ୍ଲିକ

ଏମିତି ଜନମ ଦେଇଛୁ କାଳଆ
କାନ୍ଦୁଛି ମୁଁ ନିତିଦିନ,
ଦେଖା ଯାଉନାହିଁ ତୋ ଚକା ଆଖିକୁ
କରୁମତେ ହୀନମାନ,
ଛୋଟିଆ ସଂସାର ସ୍ତ୍ରୀ ପିଲା ମୋର
ମୋ ଦୁଃଖରେ ସମଦୁଃଖୀ
ଦେଖି ପାରନ୍ତିନି ମୋ କଷ୍ଟ ଯନ୍ତ୍ରଣା
ଲୁହେ ଭିଜେ ତାଙ୍କ ଆଖି,
ଦୁଇମାସ ହେଲା ବେମାର ପଡିଛି
ଭଲ ହେଉ ନାହିଁ ଦେହ,
ଓଳିଏ ଖାଇଲେ ଓଳିଏ ଉପାସ
କେମିତି ବଞ୍ଚିବୁ କହ,
ଗୁହାରି କରୁଛି ତତେରେ କାଳଆ
ରଖିବୁ ମୋ ଅନୁରୋଧ,
ସ୍ତ୍ରୀ ପିଲାଙ୍କୁ ମୋ ସାହା ହେଉଥିବୁ
କ୍ଷମି ମୋର ଅପରାଧ ।

ନଳକଣ୍ଠପୁର, ମଙ୍ଗଳପୁର, ଯାଜପୁର

ବେଦାନ୍ତୀ

# ଅତୀତ



ବିଦ୍ୟାଧର ମିଶ୍ର

କଳଙ୍କିତ ମୋର ଅତୀତକୁ
ଆଉ ଝିରି ପାରିବେନ ଏତେ
ପ୍ରଭାତୀ ସୂର୍ଯ୍ୟର ରଂଗ ନେଇ ମୁଁ
ରଙ୍ଗୀନ କରିବି ମୋତେ
ବିଜନତା ଠାରୁ ଅନେକ ଦୂରରେ
ସ୍ମୃତିର ସଉଧ ଗଢିବି
ମନ ପାରିଜାତ ମହକକୁ ନେଇ
ସୁରଭି ତା ଦେହେ ଭରିବି
ସାର୍ଥକ ସ୍ୱପ୍ନ ଦେଖିବି ଏବେ ମୁଁ
ଆସରତା ଯିବେ ଲେଉଟି
ଭାଗିଦାର ଯୁକ୍ତି ଏଡାଇ
ଭାଗ୍ୟବାନ ହେବ ଏକାଟି

ଚଣ୍ଡେଶ୍ୱର, ପୋ- ଦେବୀଦ୍ୱାର, ଜିଲ୍ଲା- ଯାଜପୁର

# ସତ୍ୟର ସନ୍ଧାନ



ବରଦା ପ୍ରସନ୍ନ ଦାସ

( ସତ୍ୟର ସନ୍ଧାନ ହେଉଛି ଲେଖକ ଶ୍ରୀ ବରଦା ପ୍ରସନ୍ନ ଦାସଙ୍କ ଦ୍ୱାରା ଲିଖିତ ଏକ ସଂପୂର୍ଣ୍ଣ ଭିନ୍ନ ଧରଣର ରଚନା । ଆଜିର ମଣିଷ ମନରେ ଆସୁଥିବା ଅନେକ ପ୍ରକାରର ପ୍ରଶ୍ନର ଉତ୍ତର ଅନେକ ବିଜ୍ଞ ଏବଂ ଜ୍ଞାନୀ ବ୍ୟକ୍ତିମାନଙ୍କଠାରୁ ସାକ୍ଷାତକାର ମାଧ୍ୟମରେ ସଂଗୃହୀତ ହୋଇଥିବା ତଥ୍ୟକୁ ଲେଖକ ବ୍ୟକ୍ତ କରିଛନ୍ତି ପୁସ୍ତକ ( ସତ୍ୟର ସନ୍ଧାନ) ମାଧ୍ୟମରେ ।)

## ପ୍ରଶ୍ନ - ୧୧ : ରୁଦ୍ରାକ୍ଷ ଧାରଣ ମଣିଷ ଉପରେ କୌଣସି ପ୍ରଭାବ ପକାଇଥାଏ କି?

## - ଉତ୍ତର-

- ରୁଦ୍ରାକ୍ଷ ନାମରୁ ଜଣାଯାଉଛି ଯେ ତାହା ରୁଦ୍ର ( ଶିବ) ଙ୍କର ଚକ୍ଷୁ ଆକାରର ଏକ ଫଳ। ଯେଉଁମାନେ ଶିବଭକ୍ତ ସେମାନେ ରୁଦ୍ରାକ୍ଷମାଳା ଧାରଣ କରି ଜପ କରିଥାନ୍ତି। ତେଣୁ ମାନସିକ ପ୍ରକ୍ରିୟା ଏଥିରେ ସନ୍ନିହିତ ଓ ମନୁଷ୍ୟ ଉପରେ ପ୍ରଭାବ ପକାଏ ।

[ ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁ]

- ମହିମା ଧର୍ମରେ ରୁଦ୍ରାକ୍ଷ ଧାରଣକୁ ନିଷେଧ କରାଯାଇଛି । ରକ୍ତଚାପ ପ୍ରଭୃତି ରୋଗରେ ପ୍ରକୃତ ରୁଦ୍ରାକ୍ଷ ଧାରଣକୁ ନିର୍ଦ୍ଦେଶିତ କରାଯାଏ । କିନ୍ତୁ ମହିମା ଧର୍ମର

ନିୟମ ମାନ ଶାନ୍ତି, ଶୀଳ, ଦୟା, କ୍ଷମା ଆଚରଣ କଲେ ଶରୀର ଯଥାରୀତି ଧୀର, ସ୍ଥିର ଓ ଶାନ୍ତ ରହେ ।

[ ପ୍ରଫେସର ଶତ୍ରୁଘ୍ନ ନାଥ]

- ମୁଁ ଜାଣେନ ।

[ ଡ. ସଚ୍ଚି ରାଉତରାୟ]

- ମୁଁ ରୁଦ୍ରାକ୍ଷ ବ୍ୟବହାର କରିନାହିଁ । ତେଣୁ ରୁଦ୍ରାକ୍ଷ ଧାରଣର ପ୍ରଭାବ ସମ୍ପର୍କରେ ମୋର କୌଣସି ଧାରଣା ନାହିଁ ।

[ ଡ. ଶ୍ରୀରାମ ଚନ୍ଦ୍ର ଦାଶ]

- ପକାଇଥାଏ । ସେଥିପାଇଁ ଇନ୍ଦିରା ଗାନ୍ଧୀ ମଧ୍ୟ ଜୀବନର ଶେଷ ଭାଗରେ ପକାଇଥିଲେ । କେତେକ ରୋଗରେ ଏହାର ପ୍ରତ୍ୟକ୍ଷ ଫଳ ପରୀକ୍ଷଣୀୟ ।

[ ଅଧ୍ୟାପକ ଗୌରୀକୁମାର ବ୍ରହ୍ମା]

- ମୋର ଅଭିଜ୍ଞତା ନାହିଁ, ତଥାପି ଲୋକେ ବିଶ୍ୱାସ କରନ୍ତି ।

[ ଜଷ୍ଟିସ୍ ନବକୁମାର ଦାସ]

- ମୁଁ ଠିକ୍ ଜାଣେନାହିଁ । ଏହାର ଫଳାଫଳ ବିଷୟରେ ଓ ବୈଜ୍ଞାନିକ ବିଶ୍ଳେଷଣ ବିଷୟରେ ମୋର ଧାରଣା ନାହିଁ ।

[ ପ୍ରଫେସର ରାଧାନାଥ ରଥ]

- ଦ୍ରବ୍ୟଗୁଣରେ ମୋର ବିଶ୍ୱାସ ଅଛି । ଏଇ ଦ୍ରବ୍ୟଗୁଣ ଫଳ ଆଶାରେ ଅନେକେ ତୁଳସୀମାଳ ପିନ୍ଧନ୍ତି । ଏହାକୁ ବୈଷ୍ଣବ ସମ୍ପ୍ରଦାୟର ଆଗ୍ରହରେ ଗ୍ରହଣ କରାଯାଇଛି । ରୁଦ୍ରାକ୍ଷର ଅବସ୍ଥା ମଧ୍ୟ ସେହିପରି ।

[ ନାଟ୍ୟକାର ମନୋରଞ୍ଜନ ଦାସ]

- ରୁଦ୍ରାକ୍ଷ ଗୋଟିଏ ଦ୍ରବ୍ୟ, ତା'ର ସ୍ୱତନ୍ତ୍ର ଶକ୍ତି ଅଛି । ସେ ଶକ୍ତିକୁ ବହନ କଲେ କଛି ଉପକାର ମିଳେ । ଶରୀରର ଅବସ୍ଥା ଅନୁସାରେ ତାହା ଧାରଣ କରାଯାଏ – ସବୁ ବ୍ୟକ୍ତିଙ୍କ ପାଇଁ ନୁହେଁ । ଯେପରି ଶନଙ୍କ ଦୃଷ୍ଟି ପଡ଼ିଲେ ଲୋକଙ୍କର କ୍ଷତି ଘଟେ, ସେହିପରି ରୁଦ୍ରଙ୍କ ଆକ୍ଷି ସ୍ୱରୂପ ରୁଦ୍ରାକ୍ଷକୁ ଧାରଣ କରିବା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ ।

[ ପଣ୍ଡିତ ଶ୍ରୀଯୁକ୍ତ ସୋମନାଥ ଦାଶ ଶର୍ମା]

- ରୁଦ୍ରାକ୍ଷ ଧାରଣ ନ କରି ମଧ୍ୟ ପ୍ରତ୍ୟେକ ମନୁଷ୍ୟର ଜୀବନରେ ବହୁ ପରିବର୍ତ୍ତନ ଘଟିଥାଏ ।

[ ଅଧ୍ୟାପକ ଚିତ୍ତରଞ୍ଜନ ଦାସ]

- ବୈଜ୍ଞାନିକ ଦୃଷ୍ଟିରୁ ରୁଦ୍ରାକ୍ଷ ଦେହ ଓ ମନକୁ ହିତ ବୋଲି କେତେକ କହିଥାଆନ୍ତି, ତେବେ ମୋର ସେଥିରେ ପ୍ରବେଶ ନାହିଁ । କନ୍ତୁ ମୋର ଧାରଣା ଯେକୌଣସି ବସ୍ତୁ ହିତକାରୀ ହୋଇପାରେ ମଣିଷ ପାଇଁ, ଯଦି ତା'ର ଅଟଳ ବିଶ୍ୱାସ ଥାଏ ଯେ 'ଏଇଥିରେ ଭଲ ହେବ ମୋର' । ଏହା ମନସ୍ତାତ୍ତ୍ୱିକ ତଥ୍ୟ ।

[ କଶୋରୀ ଚରଣ ଦାସ]

- ଏ ବିଷୟରେ ମୋର ଧାରଣା ନାହିଁ ।

[ ଡ. ମନ୍ମଥ ନାଥ ଦାସ]

- ପ୍ରକୃତ ରୁଦ୍ରାକ୍ଷ ଉପକାର କରେ ।

[ ଜଷ୍ଟିସ୍ ରଙ୍ଗନାଥ ମିଶ୍ର]

- ହଁ ପକାଇଥାଏ ।

[ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ]

- ବୋଧହୁଏ ପକାଏ । ଦ୍ରବ୍ୟଗୁଣର ପ୍ରଭାବ ତ ବୈଜ୍ଞାନିକ ସତ୍ୟ!

[ ପ୍ରଫେସର ପଠାଣି ପଟ୍ଟନାୟକ]

- ହଁ, ଆୟୁର୍ବେଦରେ 'ପ୍ରଭାବ' ସମ୍ପର୍କରେ ଅନେକ ପଦାର୍ଥର ବର୍ଣ୍ଣନା ଅଛି, ଯାହାର କାରଣ କହିହୁଏ ନାହିଁ, କିନ୍ତୁ ଫଳ ମିଳେ ।

[ ଡ. ଲିଙ୍ଗୁକେଶ୍ୱର ଶତପଥୀ]

- ପ୍ରକୃତ ରୁଦ୍ରାକ୍ଷ ଧାରଣ ଏବଂ ତାହାର ସୁଫଳ ସମ୍ବନ୍ଧରେ ମୋର ଧାରଣା ନାହିଁ । ଦ୍ରବ୍ୟଗୁଣର ଅବା କ'ଣ ଫଳ ଥାଇପାରେ! ତେବେ ମୁଁ ନିର୍ଦ୍ଦିଷ୍ଟ ଭାବରେ ରୁଦ୍ରାକ୍ଷ ଧାରଣ ନେଇ ସନ୍ଦିହାନ ।

[ ହରିହର ବାହିନୀପତି]

- ପ୍ରକୃତ ରୁଦ୍ରାକ୍ଷ ଧାରଣ ଦ୍ୱାରା ରକ୍ତଚାପ ନିୟମିତ ହୋଇଥାଏ । କେବଳ ରୁଦ୍ରାକ୍ଷ ଚିକିତ୍ସା ଦ୍ୱାରା (ରୁଦ୍ରାକ୍ଷ ଥେରାପି) ବିଭିନ୍ନ ରୋଗର ନିରାକରଣ ପାଇଁ ହାଇଦ୍ରାବାଦରେ ବ୍ୟବସ୍ଥା ଅଛି । ସେ ଅନୁଷ୍ଠାନର କିଛି Literature ମୁଁ ପଢ଼ିଥିଲି ।

[ ପଣ୍ଡିତ ରଙ୍ଗାଧର ଷଡ଼ଙ୍ଗୀ]

- ରୁଦ୍ରାକ୍ଷ ତଥା ତୁଳସୀ, ପଦ୍ମକେଶର, ସ୍ଫଟିକ ଆଦି ମାଳର ଧାରଣରେ ମନୁଷ୍ୟର ଶରୀର ଓ ମନ ଉପରେ ପ୍ରଭାବ ପଡ଼ିଥାଏ । ଏହା ଆୟୁର୍ବେଦ ବିଜ୍ଞାନରେ ସ୍ୱୀକୃତ । କିନ୍ତୁ ଆଧ୍ୟାତ୍ମିକ ଫଳ ପାଇଁ ଏହାକୁ ବିଶ୍ୱାସର ସହିତ ଧାରଣ କରିବାକୁ ହେବ । ମୁଁ ବେଳେବେଳେ ଏ ମାଳା ସବୁ ଧାରଣ କରେ, ସବୁବେଳେ ନୁହେଁ ।

[ ପ୍ରଫେସର ହୃଦାନନ୍ଦ ରାୟ]

- ମଣିଷ ଉପରେ ସୁପ୍ରଭାବ ପକାଇଥାଏ, ଅର୍ଥାତ୍ ତା'ର ମଙ୍ଗଳ ସାଧିତ ହୁଏ ।

[ ଶ୍ୟାମସୁନ୍ଦର ପାଢ଼ୀ, ଆଇ.ପି.ଏସ୍]

- ରୁଦ୍ରାକ୍ଷ ରକ୍ତଗ୍ରୁପ ପ୍ରଭୃତି କେତେକ ରୋଗ ପାଇଁ ଉପକାରକ ।

[ ଗିରିଜା ଭୂଷଣ ପଟ୍ଟନାୟକ]

- ଅଷ୍ଟମ ପ୍ରଶ୍ନର ଉତ୍ତର ଦେଖନ୍ତୁ ।

[ ବେଦବିତ୍ ଇଂ. ପ୍ରିୟବ୍ରତ ଦାସ]

- ଗବେଷଣାସାପେକ୍ଷ । ମୁଁ ବ୍ୟକ୍ତିଗତ ଭାବେ ଏସବୁକୁ ମୋର ରକ୍ଷାକବଚ ବୋଲି ଭାବେନା କି ବ୍ୟବହାର କରେନା । ବାହ୍ୟ କବଚ ପରିବର୍ତ୍ତେ ଅନ୍ତର୍ନିହିତ କବଚକୁ ଶକ୍ତିଶାଳୀ କରାଯିବା ଦରକାର । ଏହା ଯୋଗ ମାର୍ଗରେ ସହଜସାଧ୍ୟ ହୁଏ । ଯେଉଁମାନଙ୍କର ମନୋବଳ ସୀମିତ ସେମାନେ ବାହ୍ୟ କବଚ ଧାରଣ କରିପାରନ୍ତି ।

[ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ]

- ରୁଦ୍ରାକ୍ଷ ସ୍ୱାସ୍ଥ୍ୟ ପକ୍ଷରେ ବିଶେଷରେ ହୃଦରୋଗୀଙ୍କ ପକ୍ଷରେ ଶୁଭପ୍ରଦ ବୋଲି ଶୁଣିଛି। ମୋର ନଜର ଅନୁଭୂତି ନାହିଁ ।

[ ଡ. ରେଖା ମହାନ୍ତି]

- ଏହା ମନ ଉପରେ ଏକ ଧର୍ମଭାବ ସୃଷ୍ଟି କରେ ।

[ ଶରତଚନ୍ଦ୍ର ମିଶ୍ର, ଆଇ.ପି.ଏସ୍]

- ହଁ । ଏହାର ଅନେକ ପ୍ରଭାବ ଅଛି । ବିଜ୍ଞ ଓ ଅଧିକାରୀ ବ୍ୟକ୍ତି ଅଥବା ସଦଗୁରୁଙ୍କ ଉପଦେଶ ବିନା ଏହା ଧାରଣ କରିବା ଉଚିତ ନୁହେଁ ।

[ ସୁରେନ୍ଦ୍ର ଚନ୍ଦ୍ର ଦେ, ଆଇ.ପି.ଏସ୍]

- ବ୍ୟକ୍ତିଗତ ଅଭିଜ୍ଞତା ନାହିଁ ।

[ ବନବିହାରୀ ପଣ୍ଡା, ଆଇ.ପି.ଏସ୍]

- ରୁଦ୍ରାକ୍ଷ ବିଭିନ୍ନ ପର୍ଯ୍ୟାୟର; ଯଥା- ଏକମୁଖୀ, ଦ୍ୱିମୁଖୀ ଓ ପଞ୍ଚମୁଖୀ ପ୍ରଭୃତି । ସବୁଠାରୁ ଏକମୁଖୀ ରୁଦ୍ରାକ୍ଷ ଶ୍ରେଷ୍ଠ । ତାହା ପୁଣି 'ଯୋଗୀ' ହାତରୁ ପାଇଲେ

ବିଶେଷ ଶୁଭ ବୋଲି ଶାସ୍ତ୍ରରେ ବର୍ଣ୍ଣିତ । ରୁଦ୍ରାକ୍ଷ ପିନ୍ଧିବା ଦ୍ୱାରା ଶିବ ସନ୍ତୁଷ୍ଟ ହୋଇଥାଆନ୍ତି । ଏହା ପୁଣି ଜପକାର୍ଯ୍ୟରେ ସହାୟକ ହୁଏ । ଶରୀରର ରୋଗ ନିରାକରଣ ପାଇଁ ରୁଦ୍ରାକ୍ଷ ଏକ ଅଭିନବ ଔଷଧ ପରି କାର୍ଯ୍ୟ କରେ । ହୃଦରୋଗର ଉପଶମ ପାଇଁ ଏହା ବ୍ୟବହାର କରାଯାଇପାରେ । ପେଟର ଗୋଳମାଳ ଥିଲେ ରୁଦ୍ରାକ୍ଷକୁ ପାଣିରେ ବୁଡ଼ାଇ ପିଇଲେ ପେଟରୋଗ ଦୂର ହୁଏ । ତେଣୁ ଅଧ୍ୟାତ୍ମ ଦୃଷ୍ଟିରୁ ତଥା ଶରୀରର ରୋଗ ନିରାକରଣ ଦୃଷ୍ଟିରୁ ଏହାର ପ୍ରଭାବକୁ ଅସ୍ୱୀକାର କରାଯାଇପାରିବ ନାହିଁ ।

[ ଡ. ରତ୍ନାକର ସାହୁ]

- କହିପାରିବି ନାହିଁ ।

[ ଅନାଦି ସାହୁ, ଆଇ.ପି.ଏସ୍, ସାଂସଦ]

- ନା ।

[ ଡାକ୍ତର ନିରଞ୍ଜନ ତ୍ରିପାଠୀ]

- ହଁ, ଏହା ବହୁ କ୍ଷେତ୍ରରେ ରକ୍ତଚାପ, ଅନ୍ୟମନସ୍କତା, ଅଯଥା ଭୟ ଏବଂ କେତେକ ମନସ୍ତାତ୍ତ୍ୱିକ ରୋଗ ଉପରେ ପ୍ରଭାବ ପକାଉଥିବା ଦେଖାଯାଉଛି ।

[ ଜ୍ୟୋତିର୍ବିଦ୍ ଡ. ନିମାଇଁ ବାନାର୍ଜୀ]

- ହଁ, ଖାଣ୍ଟି ରୁଦ୍ରାକ୍ଷ ଖାଣ୍ଟି ସୁନାର କାମ କରେ । ରକ୍ତଚାପ ଓ ହୃଦରୋଗ ଥିବା ବ୍ୟକ୍ତି ରୁଦ୍ରାକ୍ଷ ଧାରଣ କଲେ ଅନୁଭବ କରିପାରିବ ଏହାର ଗୁଣ । ରୁଦ୍ରାକ୍ଷ ଯନ୍ତ୍ରବତ୍ କାର୍ଯ୍ୟ କରେ ।

[ ପ୍ରସନ୍ନ କୁମାର ପାଟଶାଣୀ, ସାଂସଦ]

- ହଁ ।

[ ଠାକୁର ଶ୍ରୀ ଶ୍ରୀ ଶ୍ରୀ କେଶବ ଚନ୍ଦ୍ର]

- ଔଷଧୀୟ ପ୍ରଭାବ ଥାଇପାରେ, ମୁଁ କିନ୍ତୁ ବିଶ୍ୱାସ କରେନି ।

[ ଧୀରେନ୍ଦ୍ର କୁମାର ମହାନ୍ତି, ବିଶପ୍]

- ପ୍ରକୃତ ରୁଦ୍ରାକ୍ଷ ଗୋଟିଏ ଔଷଧ ଗଛର ଫଳ । ଔଷଧ ଫଳ ସ୍ୱରୂପ ଏହାର କେତେକ ପ୍ରଭାବ ଶରୀରରେ ପଡ଼ିବା ଅସମ୍ଭବ ନୁହେଁ । ରୁଦ୍ରାକ୍ଷ ଆତ୍ମାର ଶୁଦ୍ଧିକରଣ ପାଇଁ ସାହାଯ୍ୟ କରେ ବୋଲି ଲୋକଙ୍କର ବିଶ୍ୱାସ । ଏହି ବିଶ୍ୱାସ ଯଦି କାହାର ଥାଏ ରୁଦ୍ରାକ୍ଷ ତାକୁ ଆତ୍ମଶୁଦ୍ଧିରେ ସାହାଯ୍ୟ କରେ ।

[ ଡ. ଲୁଇ ସଭାସୁନ୍ଦର, କାଥଲିକ୍]

- ଭ୍ରମାତ୍ମକ ଅନ୍ଧବିଶ୍ୱାସ ।

[ ମଇନୁଦ୍ଦିନ୍ ଅହମଦ, ଆଇ.ଏ.ଏସ୍]

ଖ୍ରୀଷ୍ଟ ଓ ଇସ୍ଲାମ ଧର୍ମ ରୁଦ୍ରାକ୍ଷ ଧାରଣ ମଣିଷ ଉପରେ ପ୍ରଭାବ ପକାଇବା ବିଷୟକୁ ସ୍ୱୀକାର କରେନାହିଁ । ହିନ୍ଦୁ ଧର୍ମାବଲମ୍ବୀ ନାସ୍ତିକ ତଥା ଆସ୍ତିକମାନଙ୍କ ମତରେ ବିବିଧତା ପରିଲକ୍ଷିତ ହୋଇଛି । ତେବେ ପୃଥିବୀର ଜଣେ ମହୀୟସୀ ନେତ୍ରୀ ଇନ୍ଦିରା ଗାନ୍ଧୀ ଏହାକୁ ଧାରଣ କରୁଥିବା ବିଷୟ ପ୍ରକାଶିତ ହୋଇଛି । ଉପକାର ମିଳିବାର ନ ଥିଲେ କିଏ କ'ଣ କେଉଁ କଥା ବ୍ୟବହାର କରେ? ତେବେ ଯିଏ ଏହାର ଭୁକ୍ତଭୋଗୀ ତା'ର ଅନୁଭୂତି ବିଶ୍ୱାସଯୋଗ୍ୟ । ବାସ୍ତବ ଉପଲବ୍ଧିକୁ ନେଇ ବିଶ୍ୱାସ ଅବିଶ୍ୱାସ । ହିନ୍ଦୁ ତପସ୍ୱୀ ଗୁରୁମାନେ ବେକରେ ରୁଦ୍ରାକ୍ଷମାଳା ଧାରଣ କରିବା ଦୃଷ୍ଟିଗୋଚର ହୋଇଥାଏ । ମାତ୍ର ସତ କେଉଁଠି ତାହା ଉପଲବ୍ଧିକୁ ନେଇ ବିଚାରଯୋଗ୍ୟ ।

( ଲେଖକ)
ଉପ ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା
ଦୂରଭାଷ – 9861145687

# ଯୋଗ୍ୟ କରି ଗଢି ତୋଳ



ଦେବବ୍ରତ ଜେନା

ଫୁଲ ପରି ମୋତେ କୋମଳ କର ମା
ତୁମ ପଦେ ଆଶ୍ରା ନେବି ।
ସୁବାସ ସଂଗକୁ ଲାବଣ୍ୟରେ ମୋର
ଜନ ମନ ମୋହୁଥିବି ॥
ସୂର୍ଯ୍ୟ ସମ ମୋତେ ଦୀପ୍ତିମନ୍ତ କର
ଆଲୋକ ପ୍ରକାଶୁଥିବି ।
ନଭ ସମ ବ୍ୟାପ୍ତ ହୃଦୟଟେ ଦିଅ
ପରହିତେ ଲାଗୁଥିବି ॥
ଝର ସମ ମୋତେ ପ୍ରବାହିତ କର
ତୃଷ୍ଣା ଶୂନ୍ୟ ହେଉ ମହୀ ।
ଶଇଳ ପରି ମା ହେବି ମୁଁ ଅଚଳ
ଦୁଃଖ, ଝଡ, ଝଂଜା ବହି ॥

ମରୁ ବାଲି ସମ ସମୟ ସାଥିରେ

କରି ଦିଅ ଉପଯୁକ୍ତ ।

ଗ୍ରୀଷମରେ ଉଷ୍ମ ଶୀତେ ଶୀତଳତା

ଧାରଣ କରିବି ନତ୍ୟ ॥

ଦୁର୍ବା ସମ କର ନମନୀୟ ମୋତେ

କେବେ ଭଙ୍ଗିଯିବି ନାହିଁ ।

ମହୁମାଛି ସମ କର ଅନ୍ୟହିତେ

ମହୁ ସାଉଁଟିବା ପାଇଁ ॥

ଜଗତଜନନୀ ଘେନ ମୋ ଦୟିନୀ

ଆହେ ମା କଲ୍ୟାଣମୟୀ ।

ପଦ ପଙ୍କଜରେ ସମର୍ପୁଛି ନତି

ଆଉ କଛି ମାଗୁନାହିଁ ॥

ଶିକ୍ଷକ, ରଣସିଂହପୁର ଆଶ୍ରମ ବିଦ୍ୟାଳୟ

# କବିତା



ରମେଶ କୁମାର ବାରିକ

ନଇଡି ଭେଟ ହୁଏ ତୁମ ଓ ମୋର

ଶବ୍ଦ କଆରୀର ଧଳା ଖେତରେ ।

ପ୍ରତ୍ୟେକ ଦେଖାରେ ଲୁଚକାଳି ଖେଳ

ପ୍ରଜାପତି ହୋଇ,

ହୃଦୟ ଅଭିଧାନର ଉଦ୍ୟାନରେ,

କେବେ ତୁମେ ଆସ ଶୀତ ସକାଳରେ

କହୁଡି ହୋଇ,

କେବେ ତୁମେ ଆସ ବସନ୍ତ ଋତୁରେ

ଫଗୁଣ ହୋଇ,

ତୁମ ଆସିବାର ନ ଥାଏ ଠିକଣା, ସମୟ,

ପହଂଚ ଯାଅ ନଦାଘ ଗ୍ରୀଷ୍ମରେ

ଅସରାଏ ବର୍ଷା ହୋଇ,

ମସ୍ତିଷ୍କ ସିଡିରୁ ଓହ୍ଲାଉଥିବା ବେଳେ

ଗୁମ ହେଇ ଛିଡା ହେଇ ପଡ

ମଝି ପାହାଁଚରେ

କଛି ଭାବନା ଓ ଖିଆଲରେ

ନିଜକୁ ହଜାଇ ଦେଇ ।

ଛୁଆଙ୍କ ଭଳି ଦଉଡ଼ିଣ୍ଡି ହୁଏ

ଆଗଣା ସାରା ତମ ଆସିବା ବାଟ ଚାହିଁ ।

କେବେ ରୁଷିଗଲେ ପ୍ରେମିକା ହେଇ

ମନେଇବା କୁ ପାହିଯାଏ ସାରା ରାତି

ଅନିଦ୍ରା ହେଇ ।

ଶବ୍ଦ ଓ ବାକ୍ୟ, ଅକ୍ଷର ଓ ମାତ୍ରାର

ଅଲଙ୍କାର ର ସମାହାରରେ

ସଜେଇ ଦେଲେ ପାଲଟିଯାଅ

ପରୀ ଟେ ହେଇ ।

ତୁମ ପ୍ରତ୍ୟେକ ଦେଖାରେ

ଉତଫୁଲ୍ଲିତ ହୁଏ ହୃଦୟ,

ମନ ଲାଗେ ଯେ ପରି

ନୂଆଁ ନୂଆଁ ପ୍ରେମ କରୁଛି ।

କାଦୋବସା, କଂଟାବାଞ୍ଜି, ବଲାଙ୍ଗିର

# ଖଟି ଖିଆ



ପ୍ରଦୀପ ବନ୍ଧ

ଖଟି ଖାଉଥିବା ମଣିଷଟିଏ  ଗୃରିକାନ୍ତୁ ଆବଦ୍ଧ
ବାଲିସିରି ସପକୁ ନଜର କରି
କାଦୁଅ,  ବାଲି ଆଉ ପାଣି କଆରୀରେ ସ୍ୱପ୍ନ ଦେଖେ ।
କାନ୍ଧରେ କୋଦାଳ ଧରି
ସେ କେବେ ସୁଖର ଗୃରି ଚଉତା
ଗାମୁଛାରେ ମୁହଁ ପୋଛି କହେନ
ତା ଅତୀତ ଆଉ ଭବିଷ୍ୟତର କାର୍ଯ୍ୟପନ୍ଥା।।

ଏତିକ କେବଳ କହେ
ମାଟି ମାଆର ଛାତି କଥା
ଆଉ କଛି କହେ ନାହିଁ
ଆପେ ଆପେ ଦେଖି ହୁଏ
ତା  ଭୁରୁ ଭୁରୁ ଧାନ କଆରୀର ସବୁଜ ସଙ୍କେତ ।।

ସବୁଜିମା ପୂର୍ଣ୍ଣ ଆଶାରେ

ଆସର ଜମେଇ

ତା ଗରିବତ୍ୱ ସହ ତାଳ ଦେଇ ଝୁମେଇ ଦିଏ

ହସେଇ, ନଚେଇ,

ଓଠରେ ହସ ବାଣ୍ଟି ଗାଇ ଦେଇଯାଏ

ପଦୁଟିଏ ଗୀତ,

ଦକ୍ଷିଣା ପବନ ସହ ଆସି ଛୁଇଁ ଦେଇଯାଏ ଅଜଣା ଅତିଥି ସାଜି।।

ସେ ଖୁସିର ମାହୋଲ ଭିତରେ ସବୁ ପର୍ବପର୍ବାଣୀ ସହିତ ମଣିଷ ମିଶେ

ମିଶିଯାଇ କହେ

ମୁଁ ସବୁଜିମା କୋଳର ଯୋଗ୍ୟ ସନ୍ତାନ।

ଭଦ୍ରକ, ବାସୁଦେବପୁର,
ସନମ ଛୁଆଘାଇ, ରାଜଘରପୋଖରୀ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଅନ୍ଧ ଦିଗନ୍ତ



ସୁଷମା ପରିଜା

ଭୁବନେଶ୍ୱରରେ ଆସି ରହିବା ପରେ ପ୍ରତି ଶନିବାର ସନ୍ଧ୍ୟା ରେ ପିଲାମାନେ ଅଫିସ୍ ରୁ ଫେରିବା ବେଳକୁ ମୁଁ ଆଉ ନାତି ସଜାଡ଼ି ହୋଇ ହସୁଥାଉ କଟକ ଘରକୁ ଯିବାକୁ । ତରବର ହୋଇ ସମସ୍ତେ ବାହାରି ଯାଉ ଘରକୁ ଆଉ ଫେରିଆସୁ ରବିବାର ରାତିରେ। ପୁଣି ସୋମବାର ସକାଳୁ ସପ୍ତାହକର ସେଇ ରୁଟିନ୍ ବନ୍ଧା ଜୀବନ, ସେଇ ଗତାନୁଗତିକ ଧାଇଁ ଦୌଡ଼ । ତେଣୁ ସେଇ ତେଇଶି କି ଚବିଶି ଘଣ୍ଟା ସମୟ ର ଘରେ ରହିବାର ସୁଖ କୁ ମୁଁ ପ୍ରାୟତଃ ହାତଛଡ଼ା କରେନାହିଁ । ସେଦିନ ଥିଲା ସେମିତି ଏକ ଶନିବାର ର ସନ୍ଧ୍ୟା । ଆମେ ଯାଇ ଜୟଦେବବିହାର ଛକ ରେ ପହଞ୍ଚିଲା ବେଳକୁ ପୁଅର ମୋବାଇଲ୍ ରିଂ ହେଲା। ଗାଡ଼ି ଚଲାଇବା ବେଳେ ମୁଁ ଶକ୍ତ ବାରଣ କରିଥାଏ ପୁଅକୁ ମୋବାଇଲ୍ ରେ କଥାବାର୍ତ୍ତା ନକରିବା ପାଇଁ। ମୋର ଗୋଡ଼ରେ ଅସୁବିଧା ଥିବାରୁ ମୁଁ କାର୍ ର ସାମନା ସିଟ୍ ରେ ବସେ ଠିକ୍ ପୁଅ ପାଖରେ, ଆଉ ବୋହୂ ପଛ ସିଟ୍ ରେ ବସେ ନାତି କୁ ଧରି । ସାଧାରଣତଃ ମୋର କଥା ରକ୍ଷାକରି ସେ ଫୋନ୍ ଧରେନା ନହାତି ଜରୁରୀ ନଥିଲେ। ସେଦିନ କିନ୍ତୁ ସେ ଫୋନ୍ ଟି ଉଠାଇଥିଲେ ଖୁବ୍ ଖୁସି ହୋଇ । ସେପଟୁ ଯାହା ଶୁଣୁଥିଲା ସେଥିରେ ତା' ମୁହଁ ଟା ଖୁସି ରେ ଉଜ୍ଜ୍ୱଳ ଉଠୁଥିବା ମୁଁ ଲକ୍ଷ୍ୟ କଲି, "କଂଗାଚ୍ୟୁଲେସନ୍ସ, ମିଟିଙ୍ଗ୍ ୟୁ ଟୁମରୋ" କହି ସେ ଫୋନ୍ ରଖିଲା ଆଉ ମୋ ଆଡ଼କୁ ଚାହିଁ ହସି ହସି କହିଲା "ବୋଉ, ଗୋଟିଏ ବଢ଼ିଆ ଖବର, ଜାଣିଛୁ ନା, ସଙ୍କଳ୍ପ ର ବାହାଘର ଠିକ୍ ହୋଇ ଯାଇଛି, ଦୁଇ ଦିନ ପରେ ନିର୍ବନ୍ଧ ଆଉ ଆସନ୍ତା ତିଥିରେ ବିବାହ ।" ଏକା ନିଶ୍ୱାସ କେ କଥା ଗୁଡ଼ିକ କହି ପକାଇଲା ସେ, ତା'ର ଖୁସି ସ୍ପଷ୍ଟ ଭାବରେ ଦିଶୁଥିଲା ତା' ହସ ହସ ମୁହଁ ରେ । "ସତରେ ନା

କ'ଣ? " ମୁଁ ଆଉ ମୋ ବୋହୂ ଦୁହେଁ ଏକା ସାଙ୍ଗରେ କହି ଉଠିଲୁ । 'ସଙ୍କଳ୍ପ' ମୋ ପୁଅ ଆଉ ବୋହୂ ଙ୍କର ଘନିଷ୍ଠ ବନ୍ଧୁ କଲେଜ୍ ସମୟ ରୁ । ତା'ର ବାପା ମାଆଙ୍କୁ ମୁଁ ଅନେକ ଥର ଭେଟିଛି, ଖୁବ୍ ସ୍ନେହୀ ମେଳାପୀ ଭଦ୍ରଲୋକ ସେମାନେ । ପାଠ ପଢା ସରିଲା ପରେ ଚାକରୀ କରି ଯିଏ ଯୁଆଡେ ରହିଲେ ମଧ୍ୟ ବନ୍ଧୁତା ଅତୁଟ ରହିଛି ପିଲା ମାନଙ୍କର। ନିୟମିତ ଭାବରେ ଦେଖା ସାକ୍ଷାତ ହୁଏ। ଉଭୟେ ସମବୟସ୍କ ହୋଇଥିବାରୁ ଏବଂ ମୋ ପୁଅ ର ବାହାଘର ସାତ ଆଠ ବର୍ଷ ହେଲା ହୋଇ ସାରିଥିଲେ ମଧ୍ୟ ସଙ୍କଳ୍ପ ର ବିବାହ କେଉଁଠି ଠିକ୍ ହୋଇ ପାରିନାହିଁ ବୋଲି ତା' ମାଆଙ୍କ ମନ ସବୁବେଳେ ଖରାପ ରହୁଥାଏ। ଯେବେ ବି ଦେଖା ହେଲେ କହନ୍ତି "ମୋ ପୁଅ ପାଇଁ କନ୍ୟା ଟେ ଦେଖନ୍ତୁ ମ, ଘୁରିଆଡେ ବୁଲି ବୁଲି ଥକିଲିଣି, ମନଲାଖି ବୋହୂ ଟିଏ ପାଉନି।"ମତେ ଆଶ୍ଚର୍ଯ୍ୟ ଲାଗେ, ରଙ୍ଗ ନୀରସ ହେଲେ କ'ଣ ହେବ, ପୁଅ ଟି ସୁସ୍ଥ ସବଳ, ଭଲ ପାଠ ପଢିଛି, ଭଲ ଚାକରୀ କରିଛି, ଆର୍ଥିକ ସ୍ୱଚ୍ଛଳ ପରିବାର, ଘରେ ବାପା ମାଆ ଦୁହିଁଙ୍କ ବ୍ୟତୀତ ଆଉ କେହି ନାହାଁନ୍ତି , ତଥାପି ବୋହୂ ମିଳୁନି ? ସଙ୍କଳ୍ପ ର ମାଆ କହନ୍ତି "ଏକ ମାତ୍ର ପୁଅ ମୋର, କ'ଣ ନାହିଁ ମୋ ଘରେ ? ଯାଚ ଯୌତୁକ ଲୋଡା ନାହିଁ, ଖାଲି ଭଲ ପରିବାର ରୁ ସୁନ୍ଦର ଝିଅ ଟିଏ ଦରକାର, କେଜାଣି କେବେ ଠାକୁରେ ଜୁଟେଇବେ ।" ମୁଁ ମଧ୍ୟ ତାଙ୍କୁ ଆଶ୍ୱାସନା ଦିଏ, ସମୟ ଆସିଲେ ସବୁ ହେବ, ଆପଣ ବ୍ୟସ୍ତ ହୁଅନ୍ତୁନି । ଆଜି ପୁଅ ଠାରୁ ଖବର ଟି ଶୁଣି ଆମେ ସମସ୍ତେ ଖୁସି ହେଲୁ। ଯାହା ହେଉ, ଏତେ ଦିନକେ ତାଙ୍କର ମନୋକାମନା ପୂରଣ ହୋଇଛି । ମୋ ବୋହୂ ଟିକିଏ ଅଧିକ ଉତ୍ସାହିତ ହୋଇ ପଚାରୁଥିବେ "ଝିଅ ଟି କେମିତି ଦେଖିବାକୁ, ଘର କୋଉଠି, ଚାକରୀ କରିଛି ନା ନାହିଁ, ଇତ୍ୟାଦି ଇତ୍ୟାଦି ।" ମୋ ପୁଅ ତା'କୁ କରୁଥାଏ "ରହ, ସେ କାଲି ଫଟୋ ସହିତ ସବୁ ଡିଟେଲ୍ସ ପଠାଇବ, ଦେଖିବନି ।"

ପରଦିନ ଥାଏ ରବିବାର । ସକାଳୁ ସକାଳୁ ନିଜେ ମାଂସ କିଣି ଆଣି ରୋଷେଇ କରିଥାଏ। ଆମେ ସବୁ ଖାଇ ବସିଥାଉ, ହଠାତ୍ ପୁଅ ର ମୋବାଇଲ୍ ବାଜି ଉଠିଲା । ଅଧାଖିଆରୁ ଉଠି ଯାଇ ମୋବାଇଲ୍ ଟି ଧରିଲା ସେ, ସେପଟରୁ କ'ଣ ଶୁଣିଲା କେଜାଣି, ଚମକି ଉଠି "ଏଁ,

କେତେବେଳେ, କେମିତି? " କହି ଫୋନ୍ ଟି ଧରି ସେଇ ଅଇଁଠା ହାତରେ ଘର ଭିତରକୁ ପଶି କବାଟ କଳ ଦେଲା । କଛି ଗୋଟାଏ ବଡ ଅଘଟଣ ଘଟି ଯାଇଥିବାର ଆଶଙ୍କା ରେ ତ୍ରସ୍ତ ହୋଇ ସେମିତି ଅଧାଖିଆରେ ବସି ରହିଥିଲୁ ଆମେ । କଛି ସମୟ ପରେ ଲଳତ ବାହାରିଲା କବାଟ ଖୋଲି, ଆଖି ଦୁଇଟା ଲୁହ ଛଳ ଛଳ, ମୁହଁ ଟା ଶୁଖି କଳାକାଠ ପଡିଛି। ହାତ ଧୋଇ ଉଠି ଗଲି ମୁଁ ଧରି ପକାଇଲି ତା'କୁ, ଛାତି କୁ ଆଉଜେଇ ଆଣି ପଗ୍ଚରିଲି "କ'ଣ ହେଇଛି ବାବା, କାହାର ।" କାନ୍ଦି ଉଠିଲା ଲଳତ "ବୋଉ, କାଲି ସଂକଳ୍ପ ର ଯେଉଁ ବାହାଘର କଥା କହୁନଥିଲି ଆଜି ସେ ଝିଅଟିକୁ ମାରି ଦେଇଛି ତା'ର ରୁମ୍ ମେଟ୍। ସଂକଳ୍ପ ଏବେ ମେଡିକାଲ ରେ ଅଛି, ସେ ଝିଅ ର ଶବ ପାଖରେ। ସେ ବହୁତ କାନ୍ଦୁଛି ବୋଉ। ବିଚଗ୍ରା, କାଲି ସନ୍ଧ୍ୟା ରେ କେତେ ଖୁସି ରେ ଫୋନ୍ କରିଥିଲା ଆଉ ଆଜି କ' ଣ ହେଲା ଦେଖ। ତା' ଜୀବନ ଟା ଆରମ୍ଭ ନହେଉଣୁ ଶେଷ ହୋଇଗଲା ।" ମୁଁ ଅବାକ୍ ହୋଇ ଗ୍ଚହିଁ ରହିଥିଲି ଲଳତ ର ମୁହଁକୁ। ଲଳତ କଥା ର ବିନ୍ଦୁ ବିସର୍ଗ ବୁଝି ପାରୁନଥିଲି । ସେତିକ ବେଳେ ଡ୍ରଇଁରୁମ୍ ରେ ବସି ଟିଭି ଦେଖୁଥିବା ମୋ ସ୍ୱାମୀ ପାଟି କରି ଉଠିଲେ - ଆରେ ଆସ ଦେଖିବ, ଆମ ଭୁବନେଶ୍ୱର ରେ କେଡେ ମର୍ମନ୍ତୁଦ ଭାବରେ ଗୋଟିଏ ଝିଅ ଆଉ ଗୋଟିଏ ଝିଅ କୁ ମାରିଛି ଛୁରୀ ରେ। ସମସ୍ତେ ଉଠି ଧାଇଁଲୁ ଟିଭି ପାଖକୁ । ଓଃ, କ ବିଭତ୍ସ ସେ ଦୃଶ୍ୟ । ଘନ ଘନ ପ୍ରସାରିତ ହେଉଥିଲା ଟିଭି ରେ ଚର୍ଚ୍ଚିତ ଘଟଣା ଟି। ଘଟଣା ସମ୍ପର୍କରେ ସବିଶେଷ ଅନୁସନ୍ଧାନ କରୁଥିବା ପୋଲିସ୍ ର ଗ୍ଚଞ୍ଚଲ୍ୟକର ତଥ୍ୟ ସବୁ । ଆମର ଆଉ ଖାଇବାପାଇଁ ଇଚ୍ଛା ହିଁ ନଥିଲା । ସଙ୍କଳ୍ପ ର ଘରକୁ ଫୋନ୍ କରି କଛି ବୁଝିବା ପାଇଁ କାହାରି ସାହସ ବି ନଥିଲା । କ'ଣ କହିବୁ , କ'ଣ କହି ସାନ୍ତ୍ୱନା ଦେବୁ କଛି ଭାବି ପାରୁ ନଥାଉ। ଏମିତି ଅସ୍ତବ୍ୟସ୍ତ ହୋଇ ରବିବାର ସନ୍ଧ୍ୟାରେ ଫେରିଲୁ ଭୁବନେଶ୍ୱର । ଆମକୁ ଘରେ ଛାଡି ଦେଇ ଲଳତ ଗ୍ଚଲିଗଲା ସେମାନଙ୍କର ଆଉଜଣେ ଅନ୍ତରଙ୍ଗ ବନ୍ଧୁ ଶଶୀକାନ୍ତ ପାଖକୁ। ଉଦ୍ଦେଶ୍ୟ ଏକା ସେ ସଂକଳ୍ପ କୁ ବୁଝେଇ ପାରିବନ ବରଂ ଦୁଇ ଜଣ ଯାକ ମିଶିକ ଯିବେ ତା'କୁ ବୁଝାଶୁଝା କରିବା ପାଇଁ । ଆମେ ସମସ୍ତେ ସେମିତି ମନସ୍ତାପ ରେ ବସିଥାଉ। ସମ୍ବେଦନଶୀଳ ଘଟଣା ଟିର ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଖବର ପ୍ରଗ୍ଚର କରୁଥାଏ ଟିଭି ରେ ଭିନ୍ନ ଭିନ୍ନ ଗ୍ଚନେଲ। ଗ୍ରତି ପ୍ରାୟ ବାରଟା

ହେବ, ଫେରିଲା ଲଳିତ । ଚେହେରାରେ ଟିକିଏ ସହଜ ଜଣାପଡୁଥିବାରୁ ବୋହୂ ଯାଇ ପଚାରିଲା ତାଙ୍କୁ ସଂକଳ୍ପ କେମିତି ଅଛି ବୋଲି । ବାଥରୁମ୍ କୁ ଯାଇ ଫ୍ରେସ୍ ହୋଇ ଆସିବା ପରେ ଆରମ୍ଭ କଲା ଲଳିତ । ସୋସିଆଲ୍ ମିଡ଼ିଆ ରେ ଯାହା ପ୍ରଚାରିତ, ପ୍ରସାରିତ ହେଉଥିଲା ଘଟଣା ଟି ଥିଲା ତା' ଠାରୁ ଅଧିକ ଚମକପ୍ରଦ ।

ଘଟଣା ର ନାୟିକା ରିନ ଆଉ ଖଳନାୟିକା ଶୀତଲ୍ ଥିଲେ ପରସ୍ପର ର ବନ୍ଧୁ । ଦଶ ବାର ବର୍ଷ ତଳେ ସେମାନଙ୍କର ସାକ୍ଷାତ ହୋଇଥିଲା ରାୟଗଡା ଜିଲ୍ଲାର ଗୋଟିଏ ଏନ୍ ଜି ଓ ରେ ଏକାଠି କାର୍ଯ୍ୟ କରିବା ସମୟରେ । ରିନ ଥିଲା ବାଲେଶ୍ୱର ଜିଲ୍ଲା ଆଉ ଶୀତଲ୍ ଥିଲା ପୁରୀ ଜିଲ୍ଲା ର । ରିନ ଠାରୁ ଚାରି ପାଞ୍ଚ ବର୍ଷ ବଡ ଥିଲା ଶୀତଲ୍ । ରିନ ଶରୀରରେ ଦୁର୍ବଳ ଥିଲାବେଳେ ଶୀତଲ୍ ଥିଲା ହୃଷ୍ଟପୁଷ୍ଟ ଶରୀରର। ଦୁହିଁଙ୍କ ପରିବାର ଥିଲା ଆର୍ଥିକ ଅସ୍ୱଚ୍ଛଳ। ତେଣୁ ସେଇ ସ୍ୱଳ୍ପ ବେତନର ଚାକିରୀ ରେ ନିଜର ପରିବାର କୁ ସହାୟତା କରିବାକୁ ଦିନ ରାତି ପରିଶ୍ରମ କରୁଥିଲେ ଦୁହେଁ । ସେଇ କାମ କରିବା ଭିତରେ ଦୁହିଁଙ୍କ ମଧ୍ୟରେ ବନ୍ଧୁତା ଗଢି ଉଠିଥିଲା । କିଛି ସମୟ ପରେ ଦୁହେଁ ଏକାଠି ଗୋଟିଏ ଘର ଭଡା ନେଇ ରହିବାକୁ ଆରମ୍ଭ କଲେ । ସଙ୍ଗେ ହୋଇ ରହୁଥିଲେ, କାମକୁ ଯାଉଥିଲେ, ବୁଲାବୁଲି, ଖିଆପିଆ, ସବୁ ବେଳେ ଏକାଠି ଦେଖିବାକୁ ମିଳୁଥିଲା ଦୁହିଁଙ୍କୁ । ଦୁହିଁଙ୍କର ଅନ୍ତରଙ୍ଗତା ବଢିଥିଲା । ତା' ସହିତ ପରସ୍ପର ପ୍ରତି ଆନୁଗତ୍ୟ। ଉଭୟଙ୍କ ପରିବାର ରେ ମଧ୍ୟ ଘନିଷ୍ଠତା ବଢିଥିଲା । ସମୟ ଅସମୟରେ ଦୁହେଁ ପରସ୍ପର ର ପରିବାର କୁ ସାହାଯ୍ୟ କରୁଥିଲେ, ସୁଖ ଦୁଃଖ ରେ ଏକାଠି ଠିଆ ହେଉଥିଲେ । ଏମିତି ରେ ବିତିଗଲା ସାତବର୍ଷ । ସେମାନଙ୍କ ରଙ୍ଗଢଙ୍ଗ ଦେଖି ସନ୍ଦେହ ଉପୁଜିଥିଲା ପଡୋଶୀ ମାନଙ୍କ ମନରେ। ଧୀରେ ଧୀରେ ସେମାନଙ୍କ ସଂପର୍କ କୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଫୁଟ୍ ଫାଟ୍ ଆରମ୍ଭ ହୋଇ ଯାଇଥିଲା । ଯିଏ ଯାହା ମତରେ ରଙ୍ଗ ଦେବାକୁ ଲାଗିଲା ସେମାନଙ୍କ ସଂପର୍କ କୁ। ସେଇ ଗୁଜବ ରୁ ରକ୍ଷା ପାଇବା ଲାଗି ଦୁହେଁ ସ୍ଥାନ ପରିବର୍ତ୍ତନ କରିବା ପାଇଁ ଚିନ୍ତା କରି ଆସିଥିଲେ ଭୁବନେଶ୍ୱର । ଭୁବନେଶ୍ୱର ରେ ଚାକିରୀ ଖୋଜି ଓଲଡ୍ ଟାଉନ୍ ର ଗୋଟିଏ ଛୋଟ ଆପାର୍ଟମେଣ୍ଟରେ ଭଡା ରହିଥିଲେ ଦୁହେଁ । ସ୍କୁଟି ଟିଏ କିଣି ସାଥିରେ ଯିବାଆସିବା

କରୁଥିଲେ । ଦୁଇ ଯୁବତୀ ଏକାଠି ରହିବା ଏଠି ଗୋଟାଏ ସାଧାରଣ ଘଟଣା ଭାବି, କେହି ଗୁରୁତ୍ୱ ଦେଉ ନ ଥିଲେ । ଦୁଇ ଚାରି ବର୍ଷ କଟିଗଲା ସେମିତି । ରିନ ର ବୟସ ବଢି ଚାଲିଥିଲା, ଆର୍ଥିକ ସ୍ୱଚ୍ଛଳତା ଆସିବା ପରେ ଘର ଲୋକ ବ୍ୟସ୍ତ ହୋଇ ପଡିଥିଲେ ତା'ର ବାହାଘର କରିବା ପାଇଁ ।

ଆଗରୁ ଯେତେବେଳେ ବି ବିବାହ ପ୍ରସ୍ତାବ ଆସୁଥିଲା ରିନ ମନା କରୁଥିଲା । ନା, ନା, ଏବେ ନୁହେଁ, ଆଗ ଘର କରିବି, ଭାଇଭଉଣୀ ଙ୍କୁ ପାଠଶାଠ ପଢେଇ ମଣିଷ କରିବି, ତା' ପରେ ବାହାଘର କଥା ଦେଖିବା । ତା'ର ଏଇ କଥା ଗୁଡିକ ଶୁଣି ଘରଲୋକ ଭାବୁଥିଲେ ଯେ ସେସବୁ ରିନ ର ସାନ ସାନ ଭାଇଭଉଣୀ ଙ୍କ ପାଇଁ, ନିଜର ବାପା ମାଆଙ୍କ ପାଇଁ ନିଜର ଦାୟିତ୍ୱବୋଧ। ଏବେ ସାନ ଭାଇ ର ଇଞ୍ଜିନିୟରିଂ ପାଠ ସରିବା ଉପରେ। ସାନ ଭଉଣୀ ମିନ ର ବିଇଡି ସରି ସେ ଘରେ ବସିଛି ଚାକରୀ ଅପେକ୍ଷା ରେ। ତା ସତ୍ତ୍ୱେ ମଧ୍ଧ ରିନ ର ଟାଳଟୁଳ ନୀତି ଭଲ ଲାଗୁନଥିଲା ଘରଲୋକ ଙ୍କୁ । ସେମାନେ ଏବେ ନିଜେ ନିଜେ ପ୍ରସ୍ତାବ ଠିକ୍ କରିବାରେ ଲାଗି ପଡିଥିଲେ । ରିନ ରାଗୁଥିଲା, ଝଗଡା କରୁଥିଲା, ମୋ କଥା ମୁଁ ବୁଝିବି ବୋଲି କହୁଥିଲା। କେବେ କେବେ ଝଗଡା କରି ମାସେ ଦୁଇମାସ ଘରକୁ ଆସିବା ବନ୍ଦ କରିଦେଉଥିଲା ରାଗରେ । ସେଇ ଭିତରେ କୋଉଠି ଗୋଟିଏ ବିବାହ ଯୋଗସୂତ୍ର ଅଫିସ୍ ତରଫରୁ ଆସିଥିଲା ସଙ୍କଳ୍ପ ସହିତ ରିନ ର ବିବାହ ପ୍ରସ୍ତାବ । ଭଲ ଘର, ସୁଯୋଗ୍ୟପାତ୍ର ଦେଖି ରାଜି ହୋଇଥିଲେ ଉଭୟ ପକ୍ଷ । ସାକ୍ଷାତକାର ପାଇଁ ଦିନ ନିର୍ଦ୍ଧାରଣ ହେଲା, ନିର୍ଦ୍ଦିଷ୍ଟ ସ୍ଥାନରେ ସାକ୍ଷାତ ହେଲା ଉଭୟ ପରିବାରର । ନିଜର ଅନିଚ୍ଛା ସତ୍ତ୍ୱେ ମଧ୍ଧ ବାପା ମାଆ ଦୁହିଁଙ୍କ ବାଧ୍ୟବାଧକତା ରେ ଯାଇଥିଲା ରିନ । କିନ୍ତୁ ସେଠାରେ ପହଞ୍ଚି ସଂକଳ୍ପ କୁ ଦେଖିବା ପରେ ମନ ଚହଲି ଯାଇଥିଲା ତା'ର। ସଂକଳ୍ପ ର ଖୋଲା ମନ, ତା'ର ଭଦ୍ର ଅମାୟିକ ବ୍ୟବହାର, ତା'ର ହସଖୁସିଆ ସ୍ୱଭାବରେ ମୁଗ୍ଧ ହୋଇଥିଲା ରିନ । ତା' ପାଟି ରୁ ପ୍ରତିବାଦର କୌଣସି ଶବ୍ଦ ବାହାରି ନଥିଲା, ସାଧାରଣ ଝିଅଟି ପରି ମୁହଁ ତଳକୁ କରି ବସି ରହିଥିଲା ସେ।

ସଂକଳ୍ପ ର ପରିବାରକୁ ମଧ ଖୁବ୍ ପସନ୍ଦ ଆସୁଥିଲା ରିନ ର ଏମିତି ସାଧାରଣ ସ୍ୱଭବ। ରୂପରେ ତ ସୁନ୍ଦର ଥିଲା ରିନ ମାତ୍ର ତା'ର ଏଇ ଚୁପ୍ ଚୁପ୍ ଢଙ୍ଗ ଖୁବ୍ ଭଲ ଲାଗୁଥିଲା ସମସ୍ତଙ୍କୁ । ସାମାନ୍ୟ ଔପଚାରିକ ପ୍ରଶ୍ନୋତ୍ତର ପରେ ସେଇଠି ଅବଧାନ ଙ୍କୁ ଡାକ ଜାତକ ଶୁଝେଇ ନିର୍ବନ୍ଧ ଆଉ ଆସନ୍ତା ନିକଟତମ ତିଥିରେ ବିବାହ ସ୍ଥିର କରାଯାଇଥିଲା । ଝିଅ ଭୁବନେଶ୍ୱର ରେ ରହୁଥିବା ଜାଣି ଧୀର ସ୍ୱରରେ ସଂକଳ୍ପ ମୋବାଇଲ୍ ନମ୍ବର ଟି ମାଗିଥିଲା ରିନ କୁ ଏବଂ ମିସ୍ କଲ୍ ଟିଏ କରି ନିଜ ନମ୍ବର ଟି ଜଣାଇଦେଲା ରିନକୁ। ସବୁ ସ୍ଥିର କରି ସେମାନେ ଫେରି ଆସିଥିଲେ ନିଜ ନିଜର ଘରକୁ । ରାତି ରେ ପ୍ରଥମେ ଫୋନ୍ କରିଥିଲା ସଂକଳ୍ପ, ଅଳ୍ପ ସମୟ ର କଥାବାର୍ତ୍ତା ପରେ ସଙ୍କୋଚ ତୁଟି ଯାଇଥିଲା ଉଭୟ ପକ୍ଷ ରୁ। ତା'ପରେ ପ୍ରତିଦିନ ଜାରି ରହିଥିଲା ସେମାନଙ୍କ କଥାବାର୍ତ୍ତା । ନୂତନ ଜୀବନର ଆଳ୍ପନା ତିଆରି ରେ ମଜ୍ଜି ଯାଇଥିଲେ ଦୁହେଁ । ରିନ କହିଥିଲା କେମିତି ତା'ର ଜଣେ ଅନ୍ତରଙ୍ଗ ବନ୍ଧୁ ଅଛି ଯିଏ ତା' ଜୀବନ ଠାରୁ ଅଧିକ ଭଲପାଏ ତା'କୁ। ସେମାନେ ସାଥି ହୋଇ ରହୁଛନ୍ତି ଅନେକ ଦିନ ଧରି। ସବୁ କଥାକୁ ସ୍ୱାଭାବିକ ଭାବରେ ଗ୍ରହଣ କରିଥିଲା ସଂକଳ୍ପ । କିଛି ଦିନ ପରେ ସଂକଳ୍ପ ଅନୁଭବ କଲା ରିନ ଟିକିଏ ଦୁଃଖୀ ଜଣା ପଡୁଛି, କଥାବାର୍ତ୍ତା ହେଉ ହେଉ ଅନ୍ୟମନସ୍କ ହେଉଛି । କାରଣ ପଚାରିଲେ ଚତୁରତା ର ସହିତ ଆଡେଇ ଯାଉଛି । ଉଭୟ ଭୁବନେଶ୍ୱର ରେ ରହୁଥିଲେ ମଧ ସେମାନଙ୍କ ମଧରେ ଦେଖା ସାକ୍ଷାତ ହୋଇ ପାରୁନଥିଲା ସମୟ ସୁବିଧା ର ଅଭାବ ଯୋଗୁଁ । ତା'ପରେ ସଂକଳ୍ପ ଜାଣି ଥିଲା ତା ମାଆ ଖୁବ୍ ସଂସ୍କାରବାଦୀ। ପୁଅର ବିବାହ ପୂର୍ବରୁ ବୋହୁ କୁ ନେଇ ବୁଲାବୁଲି କରିବାକୁ ସେ ମୋଟେ ପସନ୍ଦ କରିବେନି। ତେଣୁ ସେ ସେଥିରେ ମନ ଦେଉନଥିଲା । ତଥାପି ସେ ରିନ କୁ ତା'ର ଦୁଃଖ ର କାରଣ ଜଣାଇବାକୁ ବାରମ୍ବାର ଅନୁରୋଧ କଲା । ରିନ ଖାଲି ଏତିକି କହିଲା ଯେ ତା'ର ଏଇ ବାହାଘର ରେ ତା'ର ବାନ୍ଧବୀ ଖୁବ୍ ଅସନ୍ତୁଷ୍ଟ । କାରଣ ତା'ର ଅଜାଣତରେ ରିନ ଏଥିରେ ସମ୍ମତ ହୋଇଛି। ତା'ର ବାନ୍ଧବୀ ର ଅସନ୍ତୁଷ୍ଟ ହେବା, ରାଗରୁଷା, ସେ ମୋଟେ ବରଦାସ୍ତ କରି ପାରିବନି । କାରଣ ସେ ନିଜ ଠାରୁ ତା'କୁ ଅଧିକ ଭଲପାଏ । ତା' ବିନା ସେ ବଞ୍ଚି ପାରିବନି। ତା'ର ଇଚ୍ଛା ବିରୁଦ୍ଧରେ ଯଦି ରିନ ବାହା ହୋଇ ଯିବ ତେବେ ସେ ଜୀବନ ହାରିଦେବ ।

ଓଃ, ଏଇ କଥା ! କହି ହସି ହସି ଗଡି ଗଲା ସଂକଳ୍ପ । କହିଲା "ତୁମେ ଝିଅ ଗୁଡା ଭାରି ଇର୍ଷାଳୁ । ନିଜ ଭଲ ପାଇବାରେ କାହାକୁ ବି ଭାଗ ଭସାଇବାକୁ ଦେବନି । ଆଚ୍ଛା ତମେ ଗୋଟାଏ କାମ କର । ତା'କୁ ଥରେ ମୋ ସହିତ କଥା କରେଇ ଦିଅ । ଯଦି ଦଶ ମିନଟ୍ ଭିତରେ ତା'କୁ ପଟେଇ ନଦେଇଛି ମତେ କହିବ ।" ଅନେକ ବୁଝା ଶୁଝା କରିବା ପରେ ସ୍ୱାଭାବିକ ହେଲା ରିନି । ଖୁବ୍ ଗପ ସପ କରି ସେଦିନ ରାତି ତିନଟା ରେ ଶୋଇଲା ସଂକଳ୍ପ। ମନେ ମନେ ଭାବୁଥିଲା ସେ ରିନି ର ବାନ୍ଧବୀ ଟି ବୋଧହୁଏ ଆବଶ୍ୟକତାରୁ ଅଧିକ "ପୋଜେସିଭ୍"। ସେଥିପାଇଁ ଅଯଥା ଟାରେ ଇମୋଶନାଲ୍ ବ୍ଲାକ୍ ମେଲିଂ" କରୁଛି ରିନି କୁ। ତା'ର ତ ପୁଣି ନିଜସ୍ୱ ଗୋଟାଏ ମନ ଅଛି ନା ନାହିଁ ? କେମିତିକା ମୂର୍ଖୀ ଟା କେଜାଣି ? ପରଦିନ ସକାଳୁ ସକାଳୁ ଫୋନ୍ କଲା ବେଳକୁ ରିନି ର ଫୋନ୍ ସୁଇଚ୍ ଅଫ୍ । ବାରମ୍ବାର ଚେଷ୍ଟା କରିବା ପରେ ବିଫଳ ହେବାରୁ ସଂକଳ୍ପ ଭାବିଲା ସେ ରିନି ର ଅଫିସ୍ କୁ ଯାଇ ତା'କୁ ଦେଖା କରିବ। କିନ୍ତୁ ରିନି ତ ତା'କୁ ରାଣ ଦେଇ ମନା କରିଛି ବାହାଘର ପୂର୍ବରୁ ତା'ର ଅଫିସ୍ କୁ ନଯିବା ଲାଗି। କ'ଣ କରିବ, କ'ଣ କରିବ ଭାବୁଛି ଏଇ ସମୟରେ କଲ୍ ଆସିଲା ରିନି ର। ରିନି କିଛି କହିବା ପୂର୍ବରୁ ପ୍ରଶ୍ନବାଣରେ ତା'କୁ ପୋତି ପକାଇଲା ସଂକଳ୍ପ । ଜଣାଇଦେଲା ରିନି ର ପଦୁଟିଏ କଥା ଶୁଣିବାକୁ ସେ କେମିତି ଅଣନିଶ୍ୱାସୀ ହୋଇ ରହିଁ ବସିଛି ସକାଳ ପହରୁ । ଏଇ କିଛି ଦିନ ଭିତରେ ରିନି ତା'ର ଅସ୍ଥିମଜ୍ଜାଗତ ହୋଇଯାଇଛି, ତା'କୁ ବାଦ୍ ଦେଇ ବଞ୍ଚିବା ଏକବାର ଅସମ୍ଭବ । ସେପଟରୁ କଇଁ କଇଁ ହୋଇ କାନ୍ଦି ଉଠିଲା ରିନି, କହିଲା "ମୁଁ ମଧ୍ୟ ତମ ବିନା ବଞ୍ଚି ପାରିବିନି ସଂକଳ୍ପ, ହେଲେ ମୋର ବାନ୍ଧବୀ ଚାହେଁ ମୁଁ ତମ ସହିତ ସବୁ ସଂପର୍କ କାଟି ଦିଏ ବୋଲି । ସେ କାଲି ରାତିରୁ ଖିଆପିଆ ନକରି ରୁଷି ବସିଛି, ବହୁତ ଝଗଡ଼ା କଲା ମୋ ସାଙ୍ଗରେ। ତମେ ମୋତେ ଟିକେ ସାହାଯ୍ୟ କର, କିଛିଦିନ ଲାଗି ଫୋନ୍ କରିବା ବନ୍ଦ କରିଦିଅ । ମୁଁ ତା'କୁ ବୁଝାଶୁଝା କରିବାକୁ ଚେଷ୍ଟା କରୁଛି, ରଖୁଲି ।" କହି ଫୋନ୍ କାଟିଦେଲା ରିନି ।

ସଂକଳ୍ପ ର ମୁଣ୍ଡ କିଛି କାମ କରୁନଥିଲା । ଦୁଇ ବାନ୍ଧବୀଙ୍କର ଏଇ କଳି ର କାରଣ ସେ ବୁଝି ପାରୁନଥିଲା। ସେ ଭାବୁଥିଲା ରିନି ର ବାନ୍ଧବୀ ସହିତ ତା'ର କେବେ ଦେଖା ସାକ୍ଷାତ

ହୋଇନ, କ କଥାବାର୍ତ୍ତା ମଧ୍ୟ ହୋଇନ । ତେବେ ସେ ଏତେ ଘୃଣା କାହିଁକି କରୁଛି ତା'କୁ ଯେ ରିନ ସହିତ ତା'ର ବାହାଘର ଭାଙ୍ଗି ଦେବାକୁ ଚେଷ୍ଟା କରୁଛି । କ'ଣ କେହି ତା'କୁ ସଂକଳ୍ପ ବିଷୟରେ କିଛି ଭୁଲ୍ ତଥ୍ୟ ଦେଇଛି କି? ନା ଅତ୍ୟଧିକ ଭଲପାଇବା ହେତୁ ସେ ରିନ କୁ ନିଜ ଠାରୁ ଅଲଗା କରିବାକୁ ଚାହୁଁନି? କ'ଣ ହୋଇପାରେ କାରଣ ? ଏଇ କଥା ଭାବି ଭାବି ସାରା ଦିନ କଟିଗଲା । ଅଫିସ୍ କାମରେ ମନ ଲାଗିଲାନି, ଭୋକ ଶୋଷ ଉଡିଗଲା । ସନ୍ଧ୍ୟା ରେ ଘରକୁ ଫେରିବା ପରେ ପୋଷାକପତ୍ର ନ ବଦଳେଇ ବେଡ୍ ଉପରେ ଗଡି ପଡିଲା ସେ । ନିଦ ଭାଙ୍ଗିବା ବେଳକୁ ଦେଖିଲା ରାତି ଦଶଟା, ଗୋଡ ପାଖରେ ମାଆ ବସିଛି । କ'ଣ ହୋଇଛି ପଚାରିଲାରୁ କଥା ଆଡେଇ ଗଲା ସଂକଳ୍ପ, ଯାହା ସେ ନିଜେ ବୁଝି ପାରୁନ ମାଆକୁ କେମିତି ବୁଝେଇବ? କହିଲା "କିଛି ନାହିଁ, ଅଫିସ୍ ରେ ଟିକିଏ ଅଧିକ କାମ ଥିଲା ତ ସେଥିପାଇଁ ମୁଣ୍ଡଟା ବିନ୍ଧୁଥିଲା, ଶୋଇପଡିଲି ।" ହଉ, ଚାଲ୍ ଖାଇବା କହି ମାଆ ରୋଷେଇ ଘର ଭିତରକୁ ପଶିଲେ। ଅନିଚ୍ଛା ସତ୍ତ୍ୱେ ମଧ୍ୟ ଅଳ୍ପ କିଛି ଖାଇ ଡାଇନିଂ ଟେବୁଲ ଉପରୁ ଉଠି ନିଜ ରୁମ୍ କୁ ପଶି କବାଟ କିଳି ଦେଲା ସଂକଳ୍ପ । ଆଶା ଆଶଙ୍କାରେ ଅନେକ ସମୟ ଛଟପଟ ହେବା ପରେ ରାତି ଗୋଟାଏ ବେଳକୁ ମୋବାଇଲ୍ ଉଠାଇ ରିନ ର ନମ୍ବର ଡାଏଲ୍ କଲା । ପ୍ରାୟ ଦଶ ବାର ଥର ଡାଏଲ୍ କଲା ପରେ ଫୋନ୍ ଉଠାଇଲା ରିନ, ଚୁପ୍ ଚୁପ୍ ହୋଇ କହିଲା "ଦେଖ, ତମକୁ କହିଥିଲି ନା ଫୋନ୍ କରିବନି ବୋଲି, ଆମ ଭିତରେ ପ୍ରବଳ ଝଗଡା, ସନ୍ଧ୍ୟା ବେଳ ଠାରୁ ଏ ଯାଏଁ କେହି କିଛି ଖାଇନୁ, ଏବେ ସେ ଟିକିଏ ଶୋଇ ପଡିଛି । ସେଥିପାଇଁ ମୁଁ ଛାତ ଉପରକୁ ଆସି ତମ ଫୋନ୍ ଧରିଲି, ତମେ ଏବେ ରଖିଦିଅ । କଥା ଟିକିଏ ବାଟକୁ ଆସିଗଲା ପରେ ମୁଁ ତମକୁ ଫୋନ୍ କରିବି, ଦୟାକରି ଆଉ ମତେ କଲ୍ କରିବନି ।" ସଂକଳ୍ପ ହା ହୁତାସ ରେ ଜଳୁଥିଲେ ବି ବାଧ୍ୟ ହୋଇ ଚୁପ୍ ରହିଲା ।

ତହିଁ ଆର ଦିନ ଭୋର୍ ଛଅଟା ବେଳକୁ ମାଆ ର ଜୋର୍ ଜୋର୍ କରି ହଲାଇବା ରେ ଧଡଧଡ ହୋଇ ଉଠି ବସିଲା ସଂକଳ୍ପ । ସାଧାରଣତଃ ସେ ଡେରି ରେ ଉଠେ । ମାଆ ତା'ର ସକାଳୁ ଉଠି ନିତ୍ୟକର୍ମ ସାରି ଅଧା ରୋଷେଇ ସାରିଲା ପରେ ଡାକେ ତା'କୁ । ବାପା

ତାଙ୍କର ମର୍ଣ୍ଣିଂ ୱାକ ସାରି ପରିବାପତ୍ର ଧରି ଫେରି ଆସିଥାନ୍ତି ସେତେବେଳକୁ । ସଂକଳ୍ପ ସାଢେ ଆଠଟାବେଳେ ଉଠି ନିତ୍ୟକର୍ମ ସାରି ରେଡି ହୁଏ ଅଫିସ୍ ଯିବାକୁ । ଏକୁଟିଆ ପୁଅ ହେବାର ଏଇ ଛୋଟ ଅୟସ ଟି ଖୁବ୍ ଆମୋଦ କରେ ସଂକଳ୍ପ କୁ। କୌଣସି ଦାୟିତ୍ୱ କ କୌଣସି ଟେନସନ୍ ନାହିଁ, ବିନ୍ଦାସ୍ ଜୀବନ । ଆଜି ମାଆ ର ଏ ହଡବଡିଆ ଡାକ ଟା ଶୁଣି ବାପାଙ୍କ ଦେହ କଛି ଖରାପ ହୋଇଛି ଭାବି ଚମକ ଉଠିଲା ସେ । ଆଖି ମଳ ମଳ ବିଛଣା ରେ ବସି ଦେଖିଲା ବାପା ବି ସାର୍ଟ ପ୍ୟାଣ୍ଟ ପିନ୍ଧି ବାହାରକୁ ଯିବାକୁ ପ୍ରସ୍ତୁତ ହେଇ ଅଛନ୍ତି, ପ୍ରଶ୍ନିଳ ଆଖିରେ ମାଆକୁ ଚାହିଁଲା ସେ । ମାଆ କହିଲା "ଆରେ ଅନେକ ବେଳୁ ରିନ ର ବାପା ଫୋନ୍ କରିଥିଲେ । ରିନ ର ରୁମ୍ ମେଟ୍ ସହିତ କ'ଣ ଝଗଡା ହୋଇଛି ରିନ ର ଯେ ସେ ଚଣ୍ଡାଳୁଣୀ ଟା ତା'କୁ ଛୁରୀ ମାରି ଦେଇଛି, ସେ ମେଡିକାଲ ରେ ଅଛି। ପୋଲିସ୍ ଷ୍ଟେସନ୍ ରୁ ଖବର ପାଇ ସେମାନେ ଆସି ପହଞ୍ଚିଛନ୍ତି । ବାପା ଙ୍କୁ ନେଇ ତୁ ଶୀଘ୍ର ଯା' ସେଠିକି ।" ଏକା ନିଶ୍ୱାସ କେ ଏତକ କହି ଆଖିରୁ ଲୁହ ପୋଛିଲେ ସେ । ସଂକଳ୍ପ କାଠ ଖଣ୍ଡିଟିଏ ଭଳି ଚାହିଁଥିଲା ତାଙ୍କୁ । ତା'ର ପାଦ ଦୁଇଟି ଭୂମିରେ ଲାଖି ଯାଇଥିଲା । କାନ ଭାଁ ଭାଁ ଡାକୁଥିଲା । କୋହ ସବୁ ତଣ୍ଟି ପାଖରେ ଜମାଟ ବାନ୍ଧି ତା' ଗଳା ଶୁଖି ଯାଉଥିଲା । ଥରଥର ହୋଇ କମ୍ପୁଥିଲା ସେ। ମାଆ ଆଉ ଥରେ ହଲାଇ ଦେଲେ ତା'କୁ "ଆରେ ଯା', ଏମିତି ବୋକା ଭଳିଆ ଚାହିଁବୁ କ'ଣ ? " ହଁ ହଁ କହି ଉଠି ଗଲା ସେ ବାଥ ରୁମ୍ କୁ । ସେଇଠୁ କେମିତି ସେ ବାପାଙ୍କୁ ଧରି ଗାଡି ଚଲେଇ ଆସି ଭୁବନେଶ୍ୱର ମେଡିକାଲ ରେ ପହଞ୍ଚିଛି ସେ ନିଜେ ଜାଣିନି । ସେଠାରେ ପହଞ୍ଚି ଦେଖିଲାବେଳକୁ ନାହିଁ ନଥିବା ଭିଡ । ପୋଲିସ୍ ଛାଉଣୀ, କ୍ୟାମେରା ପକାଇଥିବା ସାମ୍ବାଦିକ ମାନେ ହେଉଥିଲେ । ଲୋକ ଥାଟ ପଟାଳି ଲାଗୁଛନ୍ତି। ବହୁତ କଷ୍ଟ ରେ ଭିଡ ଆଡେଇ ପଶିଲେ ସେମାନେ। ମେଡିକାଲ ଭିତରେ ମୁଣ୍ଡ ପୋତି ବସିଛନ୍ତି ରିନ ର ବାପା । ସେମାନଙ୍କୁ ଦେଖି ଉଠି ଆସି କୁଣ୍ଢେଇ ପକେଇଲେ, କାନ୍ଦି ଉଠି କହିଲେ "ମୋ ରିନ ଆଉ ନାହିଁ, ସେଇ ରାକ୍ଷସୀ ଟା ତା'କୁ ନୃଶଂସ ଭାବରେ ଛୁରୀରେ କାଟି ଦେଇଛି ତା'ର ଗଳାକୁ। ବଂଶନାଶ ହୋଇଯାଉ ତା'ର । କୁଷ୍ଠ ହୋଇଯାଉ ସେଇ ହାତରେ। ଯେଉଁ ହାତ ମୋର ଦେବୀ ଭଳିଆ ଝିଅ କୁ ହତ୍ୟା

କରିଛି, ମାରି ଦିଅ, ଫାଶୀ ଦେଇ ଦିଅ ତା'କୁ ।" ସଂକଳ୍ପ ହତଭମ୍ବ ହୋଇ ଠିଆ ହୋଇଥିଲା । ସେ ଭାବି ପାରୁ ନ ଥିଲା ଗତରାତିରେ ସାଢେ ତିନଟା ବେଳେ ଶୁଣିଥିବା କଣ୍ଠସ୍ୱର ଟା ଚିରଦିନ ପାଇଁ ନିସ୍ତବ୍ଧ ହୋଇଯାଇଛି । ସେଇ ସୁନ୍ଦର ମୁହଁ ଟା ରହିରହି ନାଚ ଉଠୁଥିଲା ତା' ଆଖିରେ । ଯିଏ କେତେ ସୁନାର ସପନ ଦେଖାଇଥିଲା ତା'କୁ । ଦି' ଦିନ ତଳେ ମାଆ ନିର୍ବନ୍ଧ ପାଇଁ କିଣିଥିବା ସେଇ ନାଲି ଶାଢୀ ଆଉ ସୁନ୍ଦର ଚନ୍ଦ୍ରହାର ଟା ରହି ରହି ନାଚ ଉଠୁଥିଲା । ସବୁ ଦୃଶ୍ୟ ମାନେ ଫେଣ୍ଟାଫେଣ୍ଟି ହୋଇ ଘୁରି ବୁଲୁଥିଲା ସଂକଳ୍ପ ର ମୁଣ୍ଡ ଭିତରେ । ସେ କାନ୍ଦି କାନ୍ଦି ବେହୋସ ହୋଇ ତଳେ ପଡିଗଲା । କିଛି ସାମ୍ବାଦିକ ଧାଇଁ ଆସିଥିଲେ ସେମାନଙ୍କ ପାଖକୁ । ସୋସିଆଲ୍ ମିଡ଼ିଆ ରେ ଭାଇରାଲ୍ ହୋଇ ଯାଇଥିଲା ସେଇ ଘୃଣ୍ୟ କର ହତ୍ୟାକାଣ୍ଡ ଘଟଣାଟି ।

ସଂକଳ୍ପ ର ସ୍ଥିତଧୀ ବାପା କିନ୍ତୁ ଠଉରାଇ ପାରିଥିଲେ ଘଟଣା ର ରହସ୍ୟ । ଗୋଟାଏ ନିଷିଦ୍ଧ ପ୍ରେମ ର ଅନ୍ଧ ଦିଗନ୍ତ ରେ ହଜି ଯାଇଥିବା ତାଙ୍କର ଏକମାତ୍ର ସନ୍ତାନ ର ସୁଖଦ ଭବିଷ୍ୟ । ଆରମ୍ଭ ନହେଉଣୁ ଶେଷ ହୋଇଯାଇଥିବା ସଂକଳ୍ପ ର ଅଧୁରା ପ୍ରେମ ର କରୁଣ ପରିଣତି । ସଂକଳ୍ପ ର ହାତ ଧରି ଭିଡି ଭିଡି ସେ ସାମ୍ବାଦିକମାନଙ୍କୁ ଏଡେଇ ଦେଇ ବାହାରକୁ ଆସି ସେଇ ପାଖରେ ରହୁଥିବା ସଂକଳ୍ପ ର ନିକଟତମ ବନ୍ଧୁ ନୀରଜ କୁ ଫୋନ୍ କରି ଡାକ ଥିଲେ । ତା' ରି ସହାୟତା ରେ ସଂକଳ୍ପ କୁ ଗାଡିରେ ବସାଇ ନିଜେ ଡ୍ରାଇଭ୍ କରି ଘରକୁ ଫେରିଥିଲେ । ସଂକଳ୍ପ ର ମାଆଙ୍କୁ ସବୁ ଘଟଣା ଜଣାଇ ଦୁଇ ଚାରିଦିନ ଯାଏଁ ସଂକଳ୍ପ କୁ ଘରୁ ବାହାରକୁ ଯିବାକୁ ନ ଦେବା ଲାଗି ଆଦେଶ ଦେଇଥିଲେ ପତ୍ନୀଙ୍କୁ । ଦୁଃଖ ଆଉ କ୍ଷୋଭରେ ଭରି ଯାଇଥିଲା ସଂକଳ୍ପ ର ମାଆ ପ୍ରଜ୍ଞା ଦେବୀ ଙ୍କ ମନ । ନିଜର ଏକମାତ୍ର ସନ୍ତାନ ର ଏମିତି ଦୟନୀୟ ଅବସ୍ଥା ଦେଖି ଛାତି ଭିତରଟା କୋରି ହୋଇ ଯାଉଥିଲା ତାଙ୍କର । ଖୁବ୍ ରାଗ ଆସୁଥିଲା ରିନ ଆଉ ତା'ର ପରିବାର ଉପରେ । କେତେ ସଇତାନ ଲୋକ ଗୁଡାକ ସେମାନେ?

ଦଶ ପନ୍ଦର ବର୍ଷ ର ନିଷିଦ୍ଧ ସଂପର୍କ କୁ ଜାଣି ସୁଦ୍ଧା ଝିଅକୁ ଅନ୍ୟତ୍ର ବାହାଘର କରିବାର ଦୁଃସାହସ ସେମାନେ କଲେ କେମିତି ? ଆଜି ଯଦି ବାହାଘର ପରେ ସେ ସଂକଳ୍ପ କୁ ହତ୍ୟା

କରି ଦେଇଥାଆନ୍ତା?  ତେବେ? କ'ଣ ହୋଇଥାନ୍ତା ସେମାନଙ୍କ ଜୀବନ?  ଯେଉଁ ବଂଶଲତା କୁ ଆଗକୁ ବଢାଇବା ପାଇଁ ସେମାନେ ସଂକଳ୍ପ କୁ ବାହାଘର କରିବାକୁ ଯାଉଥିଲେ, ସେଇଟି ସଂପୂର୍ଣ୍ଣ ରୂପେ ଲୁପ୍ତ ହୋଇ ଯାଇଥାନ୍ତା ନା ନାହିଁ? ପରମେଶ୍ୱରଙ୍କୁ ଦୁଇ ହାତ ଯୋଡି ପ୍ରାର୍ଥନା କଲେ  ପ୍ରଜ୍ଞା ଦେବୀ । ନିଶ୍ଚିତ ମୃତ୍ୟୁ ରୁ ଅଳ୍ପକେ ରକ୍ଷା ପାଇଥିବା ତାଙ୍କର ଏକମାତ୍ର ସନ୍ତାନ କୁ ଉଦ୍ଧାର କରିଦେଇଥିବାରୁ କୃତଜ୍ଞତା ର ଅଶ୍ରୁ ଢାଳି ଧନ୍ୟବାଦ ଜଣାଇଲେ ।

ସଂକଳ୍ପ ର ମନ କିନ୍ତୁ ବୁଝୁ ନଥିଲା । ଅଳ୍ପ ଦିନ ଭିତରେ ସେ ରିନି ସହିତ ଏତେ ଆତ୍ମୀୟତା ବାନ୍ଧି ସାରିଥିଲା ଯେ,  ବାହାରୁ ଶୁଣୁଥିବା କୌଣସି କଥା କୁ ବିଶ୍ୱାସ କରୁନଥିଲା ବରଂ ଭାବୁଥିଲା ସମସ୍ତେ ରିନିକୁ ଅଯଥା ବଦନାମ୍ କରୁଛନ୍ତି । ଘଟଣା ସମ୍ପର୍କରେ ସବିଶେଷ ଅନୁସନ୍ଧାନ କରୁଥିବା ପୋଲିସ୍ ର ରିପୋର୍ଟ କୁ ମଧ୍ୟ ସେ ମାନସିକ ସ୍ତରରେ ସ୍ୱୀକାର କରି ପାରୁନଥିଲା।  ତା' ଆଖିରେ ରିନି ର ପ୍ରେମ ର ରଙ୍ଗ ଅଦ୍ୟାବଧି ଭରି ରହିଥିଲା । କିଏ ଜାଣେ ସେ ରଙ୍ଗ କେବେ ଛାଡିବ ? ????

ଶାରଳା ଭବନ, ପୋତାପୋଖରୀ,
ନୂଆବଜାର,  କଟକ - 753004

“ବେଦାନ୍ତୀର ଅଗଷ୍ଟ ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଜୁଲାଇ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା :vedantimagazine@gmail.com”

# ଏଇତ ଜୀବନ



ଯଶୋବନ୍ତ ପଟ୍ଟନାୟକ

ଏକ ରୂପ ବହୁ ରୂପେ – ବହୁ ରୂପେ ଏକ ରୂପେ
ଏକାକାର ହୋଇଯାଏ ଏଇ ଜୀବନରେ
କେତେ ସୁଖ କେତେ ଦୁଃଖ- କେତେ ହସ କେତେ ଲୁହ
ନଦୀ ହୋଇ ମିଶିଯାଏ ଏଇ ସାଗରରେ ।୧।

ସଂସାରର ସାଗରରେ କେତେ ଝଡ କେତେ ଘୂର୍ଣ୍ଣି
ପଡେ ଉଠେ ଭଟ୍ଟା ଓ ଜୁଆର
ଏକତା- ସମତା ଆଉ ମମତାର ବନ୍ଧ ଭଙ୍ଗେ
ପଡେ ପୁଣି ଲଙ୍ଗଳ ସିଆର ।୨।

ଏ ସିଆର କ୍ରମେ ହୁଏ ଦୁର୍ବାର ପ୍ରାଚୀର
ଖଣ୍ଡ ଖଣ୍ଡ କରିଦିଏ ସୁନାର ସଂସାର
ସଂପତ୍ତିର ମୂଲ୍ୟ ଗଣି ହରଣର ରେଖାଟାଣେ
କାଟିଦିଏ ଲକ୍ଷ୍ମଣର ଗାର ।୩।

ନଜର କୁ ପର କରେ – ପରକୁ ନଜର କରେ
ଭିନ୍ନ ଏକ ମୋଡ ନଏ ଜୀବନର ଧାର୍
କୃଷ୍ଣସାର ମୃଗ ପାଇଁ ମରୀଚିକା ଗଢିତୋଳେ
ମିଛଟାରେ ବହିଯାଏ ରକତର ଧାର୍ ।୪।

ସେ ରକ୍ତରେ ସଜା ହୁଏ ଗୋଲାପ ପାଖୁଡା
ବାସହୀନ, ରଂଗହୀନ ଝାଉଁଳା ମୁଖୁଡା
ଦେବା ପାଇଁ ଭେଟି ସେଇ କାଳ ଶାଗୁଣାକୁ
ନିଜ ହାତେ ନିଜ ସାଥେ କରେ ପାଅ ଭିଡା ।୫।

ଶିକ୍ଷକ, ଗାନ୍ଧିନଗର, ଡାଲକ, ଓଡଗାଁ, ନୟାଗଡ

**"ବେଦାନ୍ତୀର ଅଗଷ୍ଟ ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଜୁଲାଇ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା :vedantimagazine@gmail.com"**

# ଶ୍ରାବଣ ମେଘ



ସିଦ୍ଧେଶ୍ୱର ତ୍ରିପାଠୀ

ଶ୍ରାବଣ ସାଥିରେ ଝର ଝର ଝରେ
ପୀରତି ବରଷା ମେଘ
ଏଇମୋ ଦେହକୁ ଧୋଇବା ଆଗରୁ
ତୁମକୁ ଭିଜାଏ ଆଗ ।

ବତୁରା ଦେହରେ ତୁମେ ଆସ ଧୀରେ
ମୋ ଛାତିରେ ଯାଅ ଲାଖି
ଓଠର ଉଷ୍ମତା ମାପିଲା ବେଳକୁ
ମିଶିଯାଏ ଚାରି ଆଖି ।

ପବନ ସାଥିରେ ବଢି ଚାଲିଥାଏ
ଆମ ପ୍ରେମ ଗାଡି ବେଗ
ଶ୍ରାବଣ ସାଥିରେ ଝରଝର ଝରେ
ପୀରତି ବରଷା ମେଘ ।

କଥାତ ଦେଇଛ ଚାଣବି ଖାଇଛ
ମୋ ହାତରେ ରଖି ହାତ
ତୁମ ଓଠ ଦେଇ ଭାସି ଆସୁଥିବ
ପ୍ରୀତିର ସୁରିଲା ଗୀତ ।

ବରଷା କ ଖରା ଶୀତ ପରସରେ
ନଥିବ ବିରହ ଦାଗ
ଶ୍ରାବଣ ସାଥିରେ ଝରଝର ଝରେ
ପୀରତି ବରଷା ମେଘ ।

କବିର ଘର, କୁଣ୍ଡିଲୋ, କେରଙ୍ଗ ଖୋର୍ଦ୍ଧା

# ତେଣୁ ମୁଁ ମୋ ଭିତରେ ଥାଏ



ଶ୍ରୀକ୍ଷେତ୍ର ସୁନ୍ଦର

ହୁଏତ ମୋ ପରେ ମୁଁ ଇତିହାସ ହୋଇନପାରେ
ହେବାକୁ ହୁଏତ ଯୋଗ୍ୟତା ମୋର ଥାଇନପାରେ
ଦୁନିଆର ରଙ୍ଗୀନ ରଙ୍ଗରେ ମୋ ଆଖି କେବେ ଝଲସି ଉଠେନା
ତା ଶବ୍ଦର କୋଳାହଳ ମୋ କାନ ଯାଏଁ କେବେ ପହଞ୍ଚି ପାରେନା
ମୁଁ ମୋ ଅଭେଦ୍ୟ ଦୁର୍ଗରେ ବେଶ ସୁରକ୍ଷିତ
ଠିକ ମୋ ମାଆ କୋଳ ପରି
ମୋର ନା ପରାଜୟ ଭୟ ଅଛି ନା ଜିତିବାର ଲୋଭ
ତେଣୁ ମୁଁ ମୋ ଭିତରେ ଥାଏ.........

ନିଜ ଗୁଣେ ଗୁଣୀ ହେବା ପ୍ରକୃତି ଶିଖାଏ
ସେ ଗୁଣର ମହତ ଯେ କାଳ କାଳ ରହେ
କୋକିଳର କୁହୁତାନ, ଫୁଲର ସୁବାସ
ମଧୁର ମଧୁରତା, ମଳୟର ଶୀତଳତା
ଗ୍ରୀଷ୍ମର ଉଷ୍ମତା ସବୁ ତା ନିଜସ୍ୱ
ମୁଁ ବି ମୋ ନିଜକୁ ପରଖିବାକୁ ଚାହେଁ
ନିଜେ ନିଜ ପରିଚୟ ହେବାକୁ ଚାହେଁ
ତେଣୁ ମୁଁ ମୋ ଭିତରେ ଥାଏ........

ସଂଗୀତ ଶିକ୍ଷକ, ଓଡିଆ ଆଦର୍ଶ ବିଦ୍ୟାଳୟ,
ଗାଇସିଲଟ, ବରଗଡ

# ଉନ୍ମାଦିନୀ



ଆଶା ସାହୁ ( ଆରତୀ)

ସୌରଭ କିଛି ନିର୍ଣ୍ଣୟ ନେଇ ପାରୁନାହିଁ। ପଚଶଟା ଖଣ୍ଡେ ଫଟୋ ଆସିଛି ହ୍ୱାଟସଆପ୍ ରେ। ସେ ବାରମ୍ବାର ଦେଖି ସୁଦ୍ଧା ଫଟୋରୁ ଝିଅଙ୍କ ଚରିତ୍ର ଅନୁମାନ କରି ପାରୁନାହିଁ। ଯେବେକି ଫଟୋ ଦେଖି ବା ମଣିଷର ଚେହେରା ଦେଖି ତାର ନିର୍ଭୁଲ ଚରିତ୍ର ଚିହ୍ନଣ କରିବାରେ ସେ ଧୁରନ୍ଧର। କିନ୍ତୁ ବର୍ତ୍ତମାନ ଯେତେବେଳେ ତାର ନିଜର ଆବଶ୍ୟକତା ପଡ଼ିଛି ତାର ବିଦ୍ୟା ଧରା ଛୁଆଁ ଦେଉନାହିଁ। ଚକ୍ଷୁର ଆକାରରୁ ସେ ଜାଣି ପାରେ ଲୋକଟି ଉଦାର ନା କୃପଣ। ଓଷ୍ଠର ଭଙ୍ଗିମାରୁ ସେ କଳପାରେ ବ୍ୟକ୍ତିର କ୍ରୁରତାର ଡିଗ୍ରୀ।

ଏଠି କିନ୍ତୁ ସବୁ ନିଷ୍ଫଳ। ଝିଅଙ୍କ ଫଟୋ ଗୁଡ଼ିକ ସବୁ ଯେମିତି ଗୋଟିଏ ଗୋଟିଏ ସୁପର୍ ଗ୍ରେଡ ସୁଡୋକୁ। କାହାର ଲଲାଟ ଏତେ ପ୍ରଶସ୍ତ ଯେ ଯେତେବଡ଼ ବିନ୍ଦି ହେଲେ ସୁଦ୍ଧା ବୈଧବ୍ୟର ଆଭାସ ଦେବ। କାହାର ଲଲାଟ ପୁଣି ଏତେ ସଂକୀର୍ଣ୍ଣ ଯେ ସୋରିଷ ପରି ବିନ୍ଦିଟିଏ ଲଗାଇବାକୁ ବ୍ୟୋମକେଶ ବକ୍ସି ପରି ଅନୁସନ୍ଧାନ କରିବାକୁ ହେବ। କେଉଁ ଲଳନା ଆୟତନୟନା ତ କିଏ ଅତ୍ୟନ୍ତ କ୍ଷୁଦ୍ର ମାର୍ଜାରନୟନା। କିଏ ଅତ୍ୟନ୍ତ ସ୍ଥୁଳାଙ୍ଗୀ ତ କିଏ ସାମାନ୍ୟ ପବନରେ ମଧ୍ୟ ନିଜର ଭାରସାମ୍ୟ ହରାଇ ଦେଇ ପାରେ। ଏପରି ଗୋଟିଏ ହେଲେ ଫଟୋ ନାହିଁ ଯାହାକୁ ସେ ମନଭରି ଦେଖି ପାରିବ। ଭଗବାନ କଣ ତା ପାଇଁ ସୁଯୋଗ୍ୟ କନ୍ୟା ନିର୍ମାଣ କରିବାକୁ ଭୁଲି ଯାଇଛନ୍ତି?

ତେବେ କଣ ତାକୁ ବୋଉ ଠିକ କରିଥିବା ମାଦଳ ସଦୃଶ୍ୟା ମୀନାକୁ ଆଜୀବନ ବେକରେ ଝୁଲେଇବାକୁ ପଡ଼ିବ? ଓଃ କି ପେଜୁଆ ପେଜୁଆ ଆଖି ତାର। ତାର ଦେହ ଶିହରି ଉଠିଲା। ବୋଉ ପାଇଁ ସେ ହୋଇ ପାରିଥାଏ, ଗୁଣ୍ଡୁଣୀ ହାତୀ, ଚଲା ଆଖିଆ ଲକ୍ଷ୍ମୀ ପ୍ରତିମା।

କିନ୍ତୁ ତାର ଅନୁଭବ କୁହେ, ଚଲାଚଳ ଆଖିଆ ମାନେ କୁତ୍ସିତ ମନୋଭାବ ଧାରି, କୁତ୍ସାରଟନାକାରୀ ଆଉ ମଧ ଷଡ଼ଯନ୍ତ୍ରକାରୀ।

ବାପା ବୋଉ ଏତେ ବ୍ୟସ୍ତ କାହିଁକି କେଜାଣି?

ହଠାତ କଲିଂ ବେଲ ବାଜିଲା। ସାମନାରେ ହୋଟେଲ ବୟ। ବଢ଼ାଇ ଦେଲା ଚଉଭଙ୍ଗ ଲେଟର ହେଡ ଟିଏ। ଡୋର ବନ୍ଦ କରି ସୋଫାରେ ବସିଲା। ଅପରିଚିତ ମୁମ୍ବାଇ ସହରରେ କିଏ ସେ ତାକୁ ଚିଠି ଦେଇଛି। ଅତ୍ୟନ୍ତ ଉତ୍ସୁକ ହୋଇ ଭାଙ୍ଗ ଖୋଲିଲା। ଖୁବ୍ ସୁନ୍ଦର ଗୋଲ ଗୋଲ ଅକ୍ଷରରେ ଲେଖା ହୋଇଥିବା ଚିଠିଟା, ପଢ଼ିବା ପୂର୍ବରୁ ମନ ମୋହି ନେଇଥିଲା। ସତେକି ତାଳପତ୍ରରେ ଲେଖା ଯାଇଥିବା ଉପେନ୍ଦ୍ର ଭଞ୍ଜଙ୍କ ପ୍ରେମ ସୁଧାନିଧୀର ଅକ୍ଷୁର୍ଣ୍ଣ ଚଟାଉ।

"ମହାଶୟ,

ନିବେଦନ, ଆପଣ ଆଜି ହୋଟେଲ ସମୀପସ୍ଥ ମୋର ବାସ ଭବନରେ ସାୟଂ ଜଳପାନ କରି ମୋତେ ଧନ୍ୟ ମନେ କରିବାର ସୁଯୋଗ ପ୍ରଦାନ କରିବେ।

ମହେନ୍ଦ୍ର ନାୟକ

ସୁଇଟ୍ ର ବାଲକୋନୀକୁ ଆସି ଦେଖିଲା ସୌରଭ। ସମ୍ମୁଖରେ କିଛି ଦୂରରେ ଏକ ସୁରମ୍ୟ ଅଟ୍ଟାଳିକା। ଲେଟର ହେଡରେ ସେହି ଅଟ୍ଟାଳିକାର ଠିକଣା ଥିଲା।

କନ୍ୟା ସମ୍ବନ୍ଧରେ କିଛି ତ ଲେଖା ନାହିଁ। ତେବେ ସମ୍ମୋହିତ ହେଲା ପରି ସାନ୍ଧ୍ୟ ଭ୍ରମଣ ସମୟରେ ସେ ନିଜକୁ ଆବିଷ୍କାର କଲା ସେହି ଅଟ୍ଟାଳିକାର ସୁଉଚ୍ଚ ସୁନିର୍ମିତ ଫାଟକ ସମ୍ମୁଖରେ।ଦରୁଆନ ଫାଟକ ଖୋଲିଦେଲା।

ସେ ଯେମିତି ମନ୍ତ୍ର ସିକ୍ତ ହୋଇ ସ୍ଥାଣୁ ପାଲଟି ଯାଇଥିଲା। ରୁଚଶୀଳତାର ଏପରି ଉଦାହରଣ ସହିତ ସେ ଅନ୍ତତଃ ଏ ଯାବତ ପରିଚିତ ହୋଇ ନଥିଲା। ଫାଟକ ପାଖରୁ ନାଲି ମୁରୁମର ସୁଦୀର୍ଘ ରାସ୍ତା ସମାପ୍ତ ହୋଇଛି ଠିକ ସୁସଜ୍ଜିତ ଏକ ବାରଣ୍ଡାରେ। ଦାମି ଟାଇଲର ଏପରି

ପ୍ରଭାବ ବୋଧେ ପଡ଼ି ନଥାନ୍ତା ଆଗନ୍ତୁକଙ୍କ ମନରେ। ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ମନଲୋଭା ପୁଷ୍ପଶଯ୍ୟା ମାନ ବିଭିନ୍ନ ଆକାର ପ୍ରକାରରେ। ବାରଣ୍ଡାରୁ ଟିକେ ଛାଡ଼ି ଅଷ୍ଟ୍ରେଲିଆନ୍ ଘାସର ଲନ୍ । ଶୃଙ୍ଖଳା ପତ୍ର ତ ପତ୍ର କଏ ଯେପରି ଜୀଭ ଅଗରେ କୁଟା କାଠି ମଧ ସଫା କରି ଦେଇଛି। ସ୍ୱଚ୍ଛତା ଓ ସଜ୍ଜା ଦେଖି ସୌରଭର ମନରେ ଆଶା ମୁଣ୍ଡ ଟେକଲା, ଏହିଠାରେ ହୁଏତ ତାର ମନର ମାନସକନ୍ୟାଟି ମିଳ ଯାଇ ପାରେ।

ଶୁଭ୍ର ପରିଧାନଧାରୀ ଜଣେ ପ୍ରୌଢ଼ ବ୍ୟକ୍ତି ବାରଣ୍ଡାରୁ ଓହ୍ଲେଇ ଆସି ତାକୁ ପାଛୋଟି ନେଇ ଗଲେ। ତାଙ୍କର ବ୍ୟକ୍ତିତ୍ୱ ଏପରି ପ୍ରଭାବଶାଳୀ ଯେ, ତାହା ଯେ କୌଣସି ଲୋକର ଆତ୍ମବିଶ୍ୱାସ ହରି ନେଇ ପାରେ। ନିଜକୁ ନ୍ୟୁନ ମନେ କରୁଥିଲା ସୌରଭ ତାଙ୍କ ନିକଟରେ।

ବର୍ତ୍ତମାନ ତା ମନରେ ଆଶଙ୍କା ସୃଷ୍ଟି ହେଲା, ଏ ନାମୀ ଦାମୀ ବ୍ୟକ୍ତିଙ୍କ କନ୍ୟା ରତ୍ନଟିକୁ ତା ପରି ଜଣେ କଲେକ୍ଟର ସମ୍ଭାଳ ପାରିବ ତ?

"ସୁମୋନା , ସୁମୋନା,"

ଡାକ ଛାଡ଼ିଲେ ଭଦ୍ରବ୍ୟକ୍ତି।

"ଆପଣଙ୍କ ବିଜ୍ଞାପନ ଦେଖିଥିଲି, ପେପରରେ। ଆପଣଙ୍କ ଆପେକ୍ଷିକ ଗୁଣ ଗୁଡ଼ିକ ମୋର କନ୍ୟା ଯଥାର୍ଥରେ ପୂରଣ କରି ପାରିବ ବୋଲି ଆଶା।"

ଭାରି ପରଦା ଆଢୁଆଳରୁ ଭାରି ଶାଢ଼ୀର ଖସର ଖସର ଶବ୍ଦ ସୌରଭର ହୃଦଗତିକୁ ଦ୍ୱିଗୁଣିତ କରିଦେଲା। ନିଜର ଲଜ୍ଜାବନତ ମୁଣ୍ଡ ଟେକଲା ବେଳକୁ ସେ ହତାଶ ହେଲା। ଜଣେ ପୃଥୁଳାଙ୍ଗି ମହିଳା ସୋଫା ଉପରେ ଧମ୍ କିନା ବସି ପଡ଼ିଲେ। କଥାବାର୍ତ୍ତାରୁ ସେ ଠଉରାଇ ନେଲା ଯେ ଆଗନ୍ତୁକା ଭଦ୍ରବ୍ୟକ୍ତିଙ୍କ ବଙ୍ଗୀୟ ଅର୍ଦ୍ଧାଙ୍ଗିନୀ।

କିଛି ମୁହୂର୍ତ୍ତ ଉତ୍ତାରୁ କ୍ଷୀଣାଙ୍ଗି ଏକ ତରୁଣୀ ପ୍ରବେଶ କଲେ ଗୃହା ଟ୍ରେ ଧରି। କୋମଳତା ସତ୍ତ୍ୱେ ମୁଖମଣ୍ଡଳରେ ଏକ ଗର୍ବିତ ବଙ୍ଗୀୟ ଆଭା ସୌନ୍ଦର୍ଯ୍ୟ କୁ ବିବର୍ଣ୍ଣ କରୁଥିଲା।

ସୌରଭର ହୃଦୟ ତନ୍ତ୍ରୀ ଅଭ୍ୟନ୍ତରରେ ଏକ ବାରଣର ଇଶାରା ବାରମ୍ବାର ତାକୁ ବ୍ୟସ୍ତ କରୁଥାଏ।

ଏପଟେ ଭଦ୍ରବ୍ୟକ୍ତି ସ୍ୱକନ୍ୟାର ସ୍ୱଭାବ, ଗୁଣ ଓ ଶୀକ୍ଷା ବାବଦରେ ଘଣ୍ଟ ବାଡେଇ ଗ୍ଲିଥାନ୍ତି। ସୌରଭ କଏଦୀ ସମ ବସିଥାଏ ନିର୍ଲିପ୍ତ ହୋଇ।

ଗୃହାପର୍ବ ଅ ଚରେ ସାରି ସେ ବିଦାୟ ମାଗିଲା।

ତତକ୍ଷଣାତ୍ ପାଉଞ୍ଜିର ମଧୁର ଧ୍ୱନି ସହ ଏକ ମନମୋହକ କଣ୍ଠ ତାର ପାଦକୁ ସ୍ଥାଣୁ କରିଦେଲା। ପରଦା ଆଡ଼େଇ ବାହାରି ଆସିଲା ତାର ସ୍ୱପ୍ନର ମାନସୀ। ସତରେ ତାର କଳ୍ପନାର ଓଡ଼ିଶୀ ବାଳା ଆଜାନୁ ଲମ୍ବିତ କଳା ନାଗୁଣୀ ସଦୃଶ ବେଣୀ ଓ ସମ୍ବଲପୁରୀ ଶାଢ଼ୀରେ ଅପୂର୍ବ ଶୀହରଣ ସୃଷ୍ଟି କରୁଥିଲା ତାର ମନରେ। ମୂଖମଣ୍ଡଳରେ ଚପଳତା ଓ ସ୍ଥିରତା ଉଭୟ ନିଜର ଉପସ୍ଥିତି ଜାହିର କରିବାକୁ ଅପଚେଷ୍ଟା କରୁଥିଲେ।

ଗୋଟିଏ ମୁହୂର୍ତ୍ତରେ ସୌରଭ ନିଷ୍ପତ୍ତି ନେଇ ନିଜର ମତାମତ ସ୍ୱଷ୍ଟ ଭାବରେ କହିଦେଲା ଭଦ୍ରବ୍ୟକ୍ତିଙ୍କ ସମ୍ମୁଖରେ। ସାମାନ୍ୟ ଅପ୍ରତିଭ ହୋଇଗଲେ ନାୟକ ଦମ୍ପତ୍ତି ଏ ଅପ୍ରତ୍ୟାଶିତ ପ୍ରସ୍ତାବରେ। କିଛି ସମୟ ଗୁମ ମାରି ତାକୁ ବାହାରକୁ ଡାକି ନେଲେ ଓ ଏକ ପରମାଣୁ ବୋମା ବିସ୍ଫୋରଣ ହେଲା ପରି ଉଜାଗର ହେଲା ଏକ କ୍ରୁର ସତ୍ୟ।

"ସେ ଅନୀମା, ମୋର ଭାଣିଜୀ। କୌଣସି ପ୍ରକାର ସେ ମୋତେ ମୋର ଝିଅ ଠାରୁ କମ ପ୍ରିୟ ନୁହେଁ। କିନ୍ତୁ ତାର ମାନସିକ ସ୍ତରରେ ସେ ସେତେଟା ସୁସ୍ଥ ନୁହେଁ। ଗତ ବର୍ଷ ତାକୁ ରାଞ୍ଚିରେ ଇଲେକ୍ଟ୍ରିକ ଶକ୍ ଦିଆଯାଇଛି। ତେବେ ତାର ସେ ଅବସ୍ଥା ପୁନର୍ବାର ପ୍ରତ୍ୟାବର୍ତ୍ତନ ଯେ ନ କରିବ ସେକଥା କହି ହେବ ନାହିଁ। "

ସୌରଭ ବାକ୍ ଶକ୍ତି ହରେଇ ବସିଲା ଯେମିତି। କିଛି କ୍ଷଣ ସ୍ତମ୍ଭିଭୂତ ହୋଇ ମୂଖାବନତ ଅବସ୍ଥାରେ ଛିଡ଼ା ହୋଇ ରହିଲା। ଦୃଢ଼ ଇଚ୍ଛାଶକ୍ତି ତାର ଅଟଳ ନିଷ୍ପତ୍ତିକୁ ହାରିବାକୁ ଦେଇ ନଥିଲା।

ମୁଣ୍ଡ ଟେକ ସେ ବଡ଼ ଯୋରରେ କହିଲା, "ମୁଁ ତଥାପି ଅନୀମାକୁ ବିବାହ କରିବି । "

* * * * * * * * * * * * * *

ଅନୀମାକୁ ପାଇ ସୌରଭର ସମୟ ପକ୍ଷ ଲଗାଇ ଉଡ଼ି ଚାଲିଲା । ନିତ୍ୟ ନୂତନ ଦିବସ, ନିତ୍ୟ ଜୋଛନା ରାତି ତାର ଜୀବନକୁ ମଧୁମୟ କରି ତୋଳୁଥିଲେ । ପଛରେ ସେ ଜାଣି ପାରିଥିଲା ଯେ ତାର ର ମାନସପ୍ରିୟାର ସ୍ୱହସ୍ତ ଲିଖିତ ପତ୍ର ଦ୍ୱାରା ହିଁ ଅଦୃଷ୍ଟ ତାଙ୍କର ମିଳନ ଲେଖିଥିଲା ।

ହଠାତ ତାର ବଦଳ ଆସେ ରାଞ୍ଚି ସକାଶେ । ଆଗତ ଭବିଷ୍ୟତ ବିଷୟରେ ନ ଭାବି ସେ ଅନୀମାକୁ ଏ ବିଷୟରେ କହିଦେଇ ତାକୁ ପ୍ରସ୍ତୁତ ହେବାକୁ ନିର୍ଦ୍ଦେଶ ଦିଏ ।

ତା ପରଠାରୁ ଅନୀମାର ବ୍ୟବହାରରେ ପରିବର୍ତ୍ତନ ପରିଲକ୍ଷିତ ହୁଏ। ସଦା ସର୍ବଦା କଳକଳ ଛଳଛଳ ପାହାଡ଼ି ଝରଣା ସଦୃଶ୍ୟ ଅନୀମା ପାଲଟି ଯାଏ ମୂକ ନିର୍ଜୀବ ପଥର ।

ଦିନେ ରାତିରେ ଅନୀମାକୁ ବିଛଣାରେ ନପାଇ ସୌରଭର ମନରେ ଛନକା ପଶେ । ଉଠି ଚାରିଆଡ଼େ ଖୋଜି ଖୋଜି ତାକୁ ଦେଖେ ଦାଣ୍ଡ ବାରଣ୍ଡା ଗ୍ରିଲ ପାଖରେ । ବାଳ ଖୋଲା, ବସ୍ତ୍ର ଆଲୁଳାୟିତ । ଗ୍ରିଲ ରଡ଼କୁ ହାତରେ ମୋଡି ଭାଙ୍ଗି ପକାଇବାର ନିଷ୍ଫଳ ଚେଷ୍ଟା।

" ଅନୀମା, କଣ ହେଉଛି"?

"ତୁମେ ମୋତେ ରାଞ୍ଚିରେ ଛାଡ଼ିବାର ଷଡ଼ଯନ୍ତ୍ର କରୁଛ ନା। ମୁଁ ଜମା ଯିବିନି। ଜମା ଯିବିନି।"

ସୌରଭ କଛି କହିବା ପୂର୍ବରୁ ଅନୀମାର ଚେତାଶୂନ୍ୟ ଶରୀର ଭୂଇଁରେ ଲୋଟିଯାଏ ।

ସୌରଭ ସବୁଠାରୁ ବଡ଼ ସାଇକଆଟ୍ରିଷ୍ଟ ସହ ଆଲୋଚନା କରେ ଓ ତାର ଚକସ୍ସା କରିବା ପାଇଁ ଅନୁରୋଧ କରେ। ଅନୁଭବୀ ବୟୋଜ୍ୟେଷ୍ଠ ଡାକ୍ତର ତାକୁ ଦେଖି ଦେଇ ଅନୁମାନ କରି ନଅନ୍ତି ରୋଗର ଭୟାବହତା। ତାକୁ ମିଛ କହି ମେଣ୍ଟାଲ ହସପିଟାଲ ନେବାକୁ ପଡ଼ିବ। ଆଉ ଅନ୍ୟ ଉପାୟ ନାହିଁ।

ଭାରି ମନରେ ସୌରଭ ଅନୀମା ପାଖରେ ମିଛ ଅଭିନୟ କରେ।

"ଆମେ ଆଉ ରାଞ୍ଚି ଯିବା ନାହିଁ। ମୋର ବଦଳ ରଦ୍ଦ ହୋଇ ଯାଇଛି। ଆମେ ବୁଲିବା ପାଇଁ ଦେହରାଦୁନ ଯିବା।"

ଆଶ୍ଚର୍ଯ୍ୟ ଜନକ ଭାବେ ଅନୀମା ପୁଣି ପାଲଟି ଯାଏ ଲୀଳାମୟୀ, ହାସ୍ୟ ଉଲ୍ଲାସ ମୟୀ, ସୌରଭର ସ୍ୱପ୍ନର ମାନସୀ।

ବହୁତ ଆଗ୍ରହର ସହ ଅନୀମା ଆସବାବପତ୍ର ସଜାଡିବାକୁ ଆରମ୍ଭ କରେ। କେତେବେଳେ କଣ ପିନ୍ଧିବ ସବୁ ସେଟ କରି ରଖେ। ଯାତ୍ରା ସମୟକୁ ଅପେକ୍ଷା କରେ ଚାତକ ପରି। କାର ଭିତରେ ସବୁ ରଖି ଦୁହେଁ ବାହାରନ୍ତି ନିଜ ନିଜର ଭାବନାର ଗନ୍ତବ୍ୟ ସ୍ଥଳ ଉଦ୍ଦେଶ୍ୟରେ।

ମେଣ୍ଟାଲ ହସ୍ପିଟାଲର କାର ଅପେକ୍ଷା କରିଥାଏ ଦୁଇଜଣ ହୃଷ୍ଟ ପୁଷ୍ଟ ମହିଳା କର୍ମଚାରୀ ସହିତ। ପାଗଳ ମାନଙ୍କ ସହ ରହି ରହି ସେମାନଙ୍କ ମୁହଁ କଠୋର ଓ ସମ୍ବେଦନହୀନ ପାଲଟି ଯାଇଥାଏ। ଆଖିରୁ କ୍ରୁରତା ଝରୁଥାଏ।

ହୃଦୟର କୋହ ଓ ଉଚ୍ଛ୍ୱାସକୁ ଚାପି ରଖି ସୌରଭ ଅନୀମାକୁ କୁହେ।

"ଆମର କାର ଖରାପ ହୋଇଗଲା, ଆମେ ସେହି କାରରେ ଯିବା। ତୁମେ ଯାଇ ବସ। ସେମାନେ ମଧ ଆମ ସହ ଯିବେ। ମୁଁ ଯାଏ କୁଲିର ବ୍ୟବସ୍ଥା କରେ।"

* * * * * * *

ରାଞ୍ଚିର ମେଣ୍ଟାଲ ହସ୍ପିଟାଲର କୋଠରୀର ଗ୍ରିଲକୁ ଧରି ଠିଆ ହୋଇଛି ଅନୀମା। ଦୃଷ୍ଟିରେ ଆଶା ଓ ବିଶ୍ୱାସ। ଦୂରଦିଗ୍ ବଳୟ ଯାଏ ଲମ୍ବି ଯାଇଥିବା ରାସ୍ତାରେ ତାର ନିଷ୍ପଲକ ଦୃଷ୍ଟି। କେବେ ଆସିବ ସୌରଭ କୁଲି ନେଇ।

ଡାକ୍ତର ସୌରଭକୁ ଆଶ୍ୱାସନା ଦେଉଛନ୍ତି, "ଉନ୍ମାଦନାରେ ପ୍ରଥମେ ପ୍ରଥମେ ଏମିତି ହୁଏ। ପରେ ସବୁ ସାମାନ୍ୟ ହୋଇଯିବ। ଗୋଡ଼ ଥକଗଲେ ସେ ସ୍ୱୟଂ ବସି ପଡ଼ିବ।"

କିନ୍ତୁ ସୌରଭ ଜାଣେ ଅନୀମାକୁ। ସେ ଅନନ୍ତ କାଳ ପର୍ଯ୍ୟନ୍ତ ଠିଆ ହୋଇ ରହିବ ତାର ପ୍ରତୀକ୍ଷାରେ।

ଏହି ବିଚିତ୍ର ପ୍ରତୀକ୍ଷାଳୟରେ କୁଲି ଧରି ସୌରଭ କେବେ ପହଞ୍ଚିବ- କେବେ? ? ? ?

ବସନ୍ତ ବିହାର, ନୂଆ ଦିଲ୍ଲୀ

**ବେଦାନ୍ତୀର ଆଗାମୀ ସଂଖ୍ୟା ଅଗଷ୍ଟ ମାସ ୧ ତାରିଖରେ ପ୍ରକାଶ ପାଇବ। ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ। ଆପଣମାନଙ୍କ ଲେଖା ଜୁଲାଇ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ। ଆପଣମାନେ ଲେଖା ଇମେଲ୍ କିମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ।**

# ହଜିଲା ଅତୀତ



ସୁବାସ ଚନ୍ଦ୍ର ମୁଦୁଲି

ଅବସର ପରେ ମନେପଡେ
ମୋ ଅତୀତ ମୋ ପିଲାଦିନ
ଯେଉଁଠି ଆସିଥିଲି ଛାଡି
ମୋ ଷଠୀଘର
ଗାଁ ଦାଣ୍ଡ ଆଉ ବାଲିଘର
ଭାସୁଥିଲା ବରଷା ପାଣିରେ
କାଗଜ ଡଙ୍ଗା ମୋର

ଗହୀର ବିଲ ଶାଗୁଆ କ୍ଷେତ
ସୋରିଷର ଫୁଲ
ଆମ୍ବ ତୋଟା
ବଉଳର ବାସ୍ନା ପୁଣି
ନଦୀ ପଠା କାଶତଣ୍ଡୀ ଫୁଲ
ଯାନ ଯାତ ଫଗୁ ଖେଳ

ରଜ ଆଉ
କୁଆଁର ପୁନେଇ ଜହ୍ନ

କାହିଁକି ମନ ଝୁରେ
ଏତେ ବର୍ଷ ପରେ
ସେ ପୁରୁଣା ଦିନକୁ
ଯାହା ତ ଯାଇଛି
ପାଣି ପରି ବୋହି
ଫେରିବନ କେବେ

ବରିଷ୍ଠ ପ୍ରାଯୁକ୍ତିକ,
ଜିଲ୍ଲା ମୁଖ୍ୟ ଚକିତ୍ସାଳୟ, ସମ୍ବଲପୁର

# ସ୍ୱରବର୍ଣ୍ଣରେ ସ୍ମରଣୀକା



ସନ୍ତୋଷ ପଟ୍ଟନାୟକ

ଅଗତିର ଗତି ହେ ଜଗତପତି
ଅସହ୍ୟ ହେଲାଣି ଦୁଃଖ
ଅନ୍ତର୍ଯ୍ୟାମୀ ତୁମେ ନଜାଣୁଛ କେଣେ
ଅନ୍ତର ବେଦନା ଟିକ....
ଆସନ୍ତକ ଥରେ ମନ ବୃନ୍ଦାବନେ
ଆଶେ ଅଛି ମୋର ଚଉ
ଆଡ ଗୃହାଣୀରେ ଦୁଃଖ ମୋ' ପରଖି
ଆଶିଷ ବରଷିଥାନ୍ତୁ....

ଇତି ହେଉ ମୋର ଅବଶୋଷ ଟିକ
ଇତର ପ୍ରଣାମ ରଖ
ଇଶ୍ବର ବିଶ୍ବାସୀ ହେଉ ମନ ମୋର
ଇଷତ୍ କରୁଣା ସିଞ୍ଚ.....
ଉଆସ ମୋହର ଲୋଡା ନାହିଁ ପ୍ରଭୁ
ଉଣା ନହେଉ କରୁଣା
ଉଦାର ପଣରେ ଉଦ୍ଧାରିବ ତାତ
ଉପାଡି କାମ ବାସନା.....

ଋଷ୍ଟ ହୋଇ କବା କଷ୍ଟ ଦିଅ ସାଇଁ
ଋଗୁଣ ମନକୁ ଛାର
ଋଖାଟିଏ ମୁହିଁ ଦୀପ ଧରିବାକୁ
ଋତ୍ୱିକ୍ ତୁମେ ତ' ମୋର....

ଏବେଠାରୁ ଗୁଣେ ଗୁଣକୁ ତୁମରି
ଏ'ପାରିରୁ କର ପାରି
ଐର ବିନାଶକ ହେ'ବିଶ୍ୱ ନାୟକ
ଐକୁଣ୍ଠ ଦେବ ମୁରାରୀ.....

ଓଠ ଜପୁଥାଉ ନନ୍ଦନନ୍ଦନ ଙ୍କୁ
ଓଲଟ ପାଲଟ କରି
ଔତ୍ସୁକ ଜାଗ୍ରତେ ମନ ଭରିଉଠୁ
ଔଦାସୀନ ପରିହରି.....

~ ~ ~ ~ ~ 0 ~ ~ ~ ~ ~

ଋତ୍ୱିକ୍ - ପୁରୋହିତ
ଋଖା - ଦୀପ ରଖିବା ପାଇଁ ବ୍ୟବହୃତ କାଠ ପାତ୍ର ଦୀପରଖା
ଐକୁଣ୍ଠ - ସର୍ବଶ୍ରେଷ୍ଠ
ଐରି - ଶତ୍ରୁ
ଔତ୍ସୁକ୍ୟ - ପ୍ରବଳ ଆଗ୍ରହ, ଉତ୍ସାହ
ଔଦାସୀନ - ଉଦାସୀନତା, ଅନାସକ୍ତି

~ ~ ~ ~ ~ ~ ~ 0 ~ ~ ~ ~ ~ ~

ବେଗୁନିଆପଡା ବ୍ଲକ୍, ଡିରିଡା, ଗଞ୍ଜାମ

# ଧର୍ମଶାଳା



ସରୋଜିନୀ ବେହେରା( ଟିକି)

ହୃଦୟ ଟି ତୋର ଖେଳପଡ଼ିଆ
ବୋଧ ହୁଏ, ସଭିଙ୍କ ପାଇଁ
ଅଛି ସ୍ଥାନ ତୋ ପରି ହୃଦୟ ଥାନ୍ତାକ
ମୋର କେବେ ହୁଅନ୍ତିନ ହୀନମାନ।

ଚହ୍ନିବାକୁ ତତେ ବିଳମ୍ବ ହେଲେ ବି
ଏବେ ଖୋଲିଛି ଆଖି
ସେ ଖେଳପଡ଼ିଆ ର ନୀତିକୁ
ପରଖି ଗଲିଣି ଆଜି ମୁଁ ଥକ
ମୋ ହୃଦେ ଥିଲା ତୋ ପାଇଁ ପ୍ରେମ
ତୋ ଠାରେ ଥିଲା ପ୍ରତାରଣା
କରୁଥିଲୁ ତୁ ଛଳନା।

କଏ ଆସେ କଏ ଯାଏ ତତେ ଫରକ
ପଡେନ କ ପଡିବନ।

କାହିଁକି ନା ତୋ ହୃଦୟ ବିଶାଳ ନା
ସମସ୍ତଙ୍କ ପାଇଁ ସବୁବେଳେ ଫାଙ୍କା
ହେଲେ ମୋର ତ ଛୋଟିଆ ହୃଦୟଟେ
ଯେଉଁଠିକି ଖାଲି ମୁଁ ତତେ
ରଖିଛି ସେଠି ଜାଗା ନାହିଁ ଆଉ କାହା
ପାଇଁ।

ବହୁତ ଖୁସି ଲାଗୁଛି
ତୋର ଉପହାର ପାଇ
ତୁ ଜାଣୁ, ଆହୁରି ଖୁସି ଲାଗୁଛି କ ତୁ
ମହାନ ଏତେ ବଡ଼ ହୃଦୟ ପାଇ।

ହଁ, କହିଥିଲି କ ମତେ ଜନ ଗହଳ
ଜାଗା ଭଲ ଲାଗେ
ବୋଧ ହୁଏ ସେଥିପାଇଁ ତୁ
ତୋ ହୃଦୟ କୁ ଗହଳ ପରିପୂର୍ଣ୍ଣ
କରିଦେଲୁ ତୁ ଗ୍ଲିଗଲୁ ତୋ
ବାଟରେ ପାଲଟିଲୁ "ଧର୍ମଶାଳା"
ତୋ ପାଇ ମୁଁ ପାଲଟିଲି "ପାନ୍ଥାଶାଳା"।

ଅଗରପଡା, ଭଦ୍ରକ

# ଜିଲିବିଲିଙ୍କ ଗାଁ ରେ

ପ୍ରିୟବ୍ରତ ପାଢ଼ୀ

## ( ପ୍ରଥମ ଭାଗ)

କୋରାପୁଟ ନାଁ ଟି କାହାପାଇଁ କଣ ହୋଇପାରେ, କିନ୍ତୁ ମୋ ପାଇଁ ଏକ ସଜଳ ଭାବପ୍ରବଣତାର ନାଁ । ଯୁକ୍ତିବାଦୀ ମନ ଅପେକ୍ଷା ଆବେଗପୂର୍ଣ୍ଣ ହୃଦୟ ନେଇ କୋରାପୁଟକୁ ଦେଖିବାରେ ମୋର ବେଶି ଆନନ୍ଦ । କୋରାପୁଟ କହିଲେ କିଏ ଗୋଟିଏ ସହରକୁ ବୁଝେ, କିଏ ଜିଲ୍ଲାକୁ ବୁଝେ, କିଏ ଅବିଭକ୍ତ ମାଳ ଅଞ୍ଚଳ ଜିଲ୍ଲାକୁ ବୁଝେ । କିଏ ସବା ଆଗ ସମସ୍ୟା ଗୁଡିକୁ ଦେଖେ, କିଏ ମାନବ ବିବର୍ତ୍ତନର ଇତିହାସକୁ ଖୋଜେ, କିଏ ଖଣିଖାଦାନ ଓ ଜଙ୍ଗଲକୁ ଆଖି ପକାଏ, କିଏ ପୁଣି ଶୋଷଣ ଓ ଅନ୍ତହୀନ ଯନ୍ତ୍ରଣାକୁ ଦେଖେ । କିଏ ଜନଜାତିଙ୍କ ନୃତ୍ୟଗୀତରେ, ଲୋକଗୀତ, ବେଶଭୂଷ ବା ଢଗଢମାଳରେ ମଜ୍ଜିଯାଏ ଓ କିଏ ପ୍ରାକୃତିକ ଶୋଭାରାଜିରେ ହଜିଯାଏ । ସବୁଠୁ ଆଶ୍ଚର୍ଯ୍ୟ କଥା ହେଲା ଏମିତି ଦଳେ ଲୋକ ଅଛନ୍ତି, ଯେଉଁମାନେ କୋରାପୁଟ କହିଲେ କେବଳ ଗୋପୀନାଥ ମହାନ୍ତିଙ୍କ ବର୍ଣ୍ଣିତ କୋରାପୁଟକୁ ହିଁ ବୁଝିଥାନ୍ତି । ସେଇ ମୁଷ୍ଟିମେୟ ଅନୁଭବୀଙ୍କ ଭିତରେ ମୁଁ ଜଣେ ।

ଦୀର୍ଘଦିନ ଧରି କୋରାପୁଟରେ ରହି ସୁଦ୍ଧା ମୁଁ ଭାବେ ମୋର ଖୋଜିଲା କୋରାପୁଟ ଆଉ କେଉଁଠି ଅଛି । ଆଜିର ସମୟର ପୃଷ୍ଠଭୂମିରେ ସ୍ୱାଧୀନତା ପୂର୍ବର ସେଇ କୋରାପୁଟକୁ ଖୋଜିବା, ଝୁରିହେବା, ବାହୁନ ବାହୁନ କାନ୍ଦିବା – ଏକ ଏକ ବୃଥା ଆତ୍ମରତି ବୋଲି ଜାଣିବା ପରେ ବି ସେଇ ହଜିଲା ଜଗତଟିକୁ ବାରବାର ଫେରିଯିବାରେ ମୋର ପ୍ରବଳ ଆନନ୍ଦ । ବାସ୍ତବତା ଡେଣିକ ଯାହାହେଉ ।

ପରଜା ଉପନ୍ୟାସର ଚରିତ୍ର ସବୁ କାଳ୍ପନିକ ହେଲେ ମଧ୍ୟ ଯେ କୌଣସି ବାସ୍ତବ ଚରିତ୍ର ଅପେକ୍ଷା ସେମାନେ ଅଧିକ ଭାବେ ହସାଇଛନ୍ତି, କନ୍ଦାଇଛନ୍ତି ଓ ରଗାଇଛନ୍ତି । ଚନ୍ଦନର ଏକ ଊର୍ଦ୍ଧ୍ୱତର ବାସ୍ତବତାରେ ସେମାନେ ସମସ୍ତେ ପ୍ରାଣବନ୍ତ ।

ଶୁକ୍ରୁଜାନି ଉପନ୍ୟାସର ମହାନାୟକ । କିନ୍ତୁ ତା ଆଖିରେ ଶରଶୁପଦର ଖୁବ୍ ସୀମିତ । କେବେଠୁ ମରିହଜି ଯାଇଥିବା ସ୍ତ୍ରୀ ସମ୍ବାରୀ, ପିଲାମାନଙ୍କ ଅନାଗତ ଭବିଷ୍ୟତ ତଥା ନିଜର ଅତି ଆପଣାର ଜମିଖଣ୍ଡିକ ଛଡା ତାକୁ କିଛି ଦିଶୁନଥିଲା । କିନ୍ତୁ ଜିଲି, ବିଲିଙ୍କ ଦୃଷ୍ଟିରେ ଶରଶୁପଦର ଖୁବ୍ ବ୍ୟାପକ । ସେଥିରେ ଜୀବନ, ଯୌବନ, ପ୍ରେମ, ପ୍ରତାରଣା, ସ୍ୱପ୍ନ, ସ୍ୱପ୍ନଭଙ୍ଗ, ଆଶାନିରାଶା, ନୃତ୍ୟଗୀତ, ପର୍ବପର୍ବାଣୀ, ସବୁକିଛି ଭରି ରହିଛି । ତେଣୁ ଶରଶୁପଦରକୁ ଜିଲିବିଲିଙ୍କ ଗାଁ ବୋଲି କହିବାରେ ବେଶି ପୂର୍ଣ୍ଣତା ମିଳିଥାଏ । ସେଇ ଗାଁରେ କୁଣିଆ ହେବା ପାଇଁ କେଉଁ ପାଠକର ମନ ନଗୁହିଁବ?

"କୋରାପୁଟରୁ ଲକ୍ଷ୍ମୀପୁର ଯିବା ରାସ୍ତାରେ, ଲକ୍ଷ୍ମୀପୁର ମୋଟେ ଦେଢକୋଶ ଥାଇ ଯେଉଁ ଭୟଙ୍କର ଧର୍ମଦୁଆର ଘାଟି ପଡେ, ଏପାଖୁ ଗୁଳଣି ସେପାଖୁ ପଗ୍ଣ ପାହାଡ ଠେଲାଠେଲି ଧକ୍କା ଧକ୍କି ହୋଇ ମୁହାଁମୁହିଁ ଠିଆ ହୋଇଛନ୍ତି, ସେହି ଧର୍ମ ଦୁଆର ଘାଟିଠୁ ଉତ୍ତରକୁ କୋଶେ ଦୂରରେ ପଡେ ଗୋଟେ ଗାଁ – "ଶରଶୁପଦର", ଗୋଟିଏ ପାହାଡରେ ଢାଲୁରେ ଠିକ୍ ଅଣ୍ଟା ପାଖରେ ।

ମୋଟେ କୋଡିଏ ଦୁଇ ଘରର ବାସ । ଏହି ଗାଁର ପରଜାସାହିର ଶୁକ୍ରୁଜାନି ତାର ଟିକି ସଂସାରକୁ ନେଇ ଖୁସିବାସିରେ ଚଳୁଥିଲା । ସଂସାର ବୋଇଲେ ତାକୁ ଛାଡି ତାର ଦୁଇପୁଅ ମାଣ୍ଡିଆ ଓ ଟିକ୍ରା, ଦୁଇ ଝିଅ ଜିଲି ଓ ବିଲି..... ।"

ଏମିତି ଆରମ୍ଭ ହୋଇଛି ଗୋପୀନାଥ ମହାନ୍ତିଙ୍କ ବିଖ୍ୟାତ ଉପନ୍ୟାସ "ପରଜା" ର ପ୍ରଥମ ଅଙ୍କ ।

ଲକ୍ଷ୍ମୀପୁର ପାଖରେ ତୋୟାପୁଟ ଗାଁ। ତୋୟାପୁଟ ପାଖରୁ ଡାହାଣକୁ ବୁଲି ଯେଉଁ କଚ୍ଚାଟିଆ ରାସ୍ତା ଶରଣୁପଦର ଦିଗେ ଯାଇଛି, ସେହି ରାସ୍ତାରେ ଚାଲିଥିଲୁ ଆମେ ଦୁଇ ପଥିକ। ଏହି ରାସ୍ତା କିଛି ବର୍ଷ ପୂର୍ବେ ହଠାତ୍ କରି ଖବରକାଗଜର ପୃଷ୍ଠାମଣ୍ଡନ କରିଥିଲା, କାରଣ ଠିକ୍ ଏହି ରାସ୍ତାରେ ଅପହୃତ ବିଧାନସଭା ସଭ୍ୟ ଝିନ ହିକକାଙ୍କୁ ମାଓବାଦୀମାନେ ଚଲେଇ ଚଲେଇ ଶରଣୁପଦର ନେଇଯାଇଥିଲେ। ଏବଂ ପରେ ପରେ ପର୍ବତ ଆରପାଖେ ନାରାୟଣପାଟଣାର ଦୁର୍ଗମ ଜଙ୍ଗଲରେ ମାସାଧିକ କାଳ ଲୁଚେଇ ରଖିଥିଲେ।

ରାସ୍ତା କଡେ କଡେ ଆମ ସାଙ୍ଗେ ଚାଲିଥିବା ଟ୍ରେନଟି ହଠାତ୍ କରି ଏକ ଟନେଲ୍ ଆଁ ଭିତରେ ପଶିଗଲା ଏବଂ ଅଦୃଶ୍ୟ ହୋଇଗଲା। କୋରାପୁଟ ରାୟଗଡା ଭିତରେ ଏହା ହେଉଛି ସବୁଠୁ ବଡ ଟନେଲ୍। ପର୍ବତ ଭିତରେ ଯାଇ ତାହା ସିଧା ଆରପଟେ ଲକ୍ଷ୍ମୀପୁର ଷ୍ଟେସନ ପାଖରେ ବାହାରିଛି।

ଆଉ କିଛି ବାଟପରେ ମାଇଲ୍ ମାଇଲ୍ ଧରି ନୀଳଗିରି ଗଛର ଚାଷ। ଜଙ୍ଗଲ ସରିଯିବା ପରେ ଜଙ୍ଗଲ ବିଭାଗ ତରଫରୁ ନବୀନ- ବନୀକରଣ ଯୋଜନା। ପାହାଡ ସନ୍ଧିରୁ, ଗଛ ଉହାଡରୁ, ମୁଣ୍ଡିଆ ସେପାଖରୁ ବାଟଭାଙ୍ଗି ଲୋକେ ରାସ୍ତା ଉପରକୁ ଆସିଯାଉଥିଲେ। ସେମାନେ ସମସ୍ତେ ଚାଲିଥିଲେ କାକରୀଗୁମ୍ମାର ବାହୁଡା ଯାତ୍ରା ଦେଖିବାପାଇଁ, ଆମେ କିନ୍ତୁ ଚାଲିଥିଲୁ ଓଲଟା ଦିଗେ, ଶରଣୁପଦର ଦେଖିବା ପାଇଁ। ମାଳମାଳ ଆଦିବାସୀ ସ୍ତ୍ରୀଲୋକ ଶାଢି ବ୍ଲାଉଜ୍ ପିନ୍ଧି, ମୁଣ୍ଡରେ ଜଡାତେଲ ଲଗାଇ, ଫୁଲଖୋସି ନଙ୍ଗଳା ପାଦରେ ଝଟଝଟ କରି ଆସୁଥିଲେ। ପାହାଡୀ ଝୋଲା ପରି ମୁହଁରେ ଥିଲା ଖଳ ଖଳ ହସ। ଧାଙ୍ଗିଡୀମାନଙ୍କ କଳା ମଶମଶ ମୁହଁରେ କୁସୁମ ତେଲ ଚକ୍ ଚକ୍, ଫାଳକଆ ଖୋସାରେ ଆଙ୍ଗୁଠି ପରି ନାଲିରଙ୍ଗର ବଣୁଆ ଫୁଲର ପେନ୍ଥା। ସେମାନଙ୍କ କଥାକୁହା ଆଖିସବୁ ପହଁରି ଚାଲୁଥିଲା, କାହାକୁ ଖୋଜୁଥିଲା ପୁଣି ଖଟାକୋଳ ପରି କାହାକୁ ଛାଡି ଚାଲି ଯାଉଥିଲା। ନିଜ ଗାଁର ହେଉ କି ଅନ୍ୟ ଗାଁର ହେଉ, ଧାଙ୍ଗଡା ଧାଙ୍ଗିଡୀ ମାନଙ୍କ ଭିତରେ ମନଖୋଲା ଚାହିଁଚାପରା,

ପ୍ରେମ ସମ୍ଭାଷଣ । ସମସ୍ତେ ଯେମିତି ଯାତ୍ରା ଯିବା ବାଟରେ ହିଁ କାହାସାଥିରେ ଉଦୁଲିଆ ଗ୍ଲିଯିବେ ।

ମୁଁ କନ୍ତୁ ସେ ଭିଡ ଭିତରେ ଜିଲିବିଲିଙ୍କୁ ଖୋଜୁଥିଲି ।

କିଛି ସମୟ ଧରି ସୋରଶବ୍ଦ ନଥିବା ରାସ୍ତା ଗଲାପରେ ପଡିଲା ଏକ ବୁଲାଣି । ଚମକ ପଡିଲି, ଠିକ୍ ଜିଲିବିଲିକ ପରି ଦୁଇ ଭଉଣୀ । ଜଣକୁ ସତର, ଆଉ ଜଣକୁ ଚଉଦ ହେବ ପରା ! କୁସୁମ ତେଲରେ ଚକଣ ଚକଣ ମୁହଁ । ଜଣେ ପିନ୍ଧିଛି ନାଲିନେଳୀ ପଟିପଟିକଆ ଲୁଗା, ଆଉ ଜଣକ ଛିଟ ଲୁଗା ! ଲୁଗା ଗୁଡିକ ଅଣ୍ଟା ଉପରକୁ ଆବୋରି ରହିଛି, ତଳେ ଜଙ୍ଘ ତଳକୁ ଖାଲି । ଲହୁଣୀ ପରି ନରମ ନରମ ହାତ, ଗୋଡ, ପାହାଡପରି ଛାତି, ବିଜୁଳି ପରି ଦେହର ରଙ୍ଗ ।..... ଗୋପୀନାଥ ବାବୁଙ୍କ ଭାଷା ସବୁ ଅକସ୍ମାତ ମନଉପରେ ଅଜାଡି ହୋଇ ପଡୁଥିଲା । ନାଚ କଲା ପରି ଦୁଇଜଣ ହାତ ଛନ୍ଦାଛନ୍ଦି ହୋଇ ଆସୁଥିଲେ । ସତେକି ଘୁଙ୍ଗୁର ପିନ୍ଧିଥିବା ଦୁଇଟି ବଣି ଡେଇଁଡେଇଁ ଆସୁଛନ୍ତି ।

ମୋ ବନ୍ଧୁ ତୋୟାପୁଟର ଶୁଣ୍ଢି ମାଳବେପାରୀ । ଯୁବତୀ ରଙ୍କୁଣା । ଗାଡି ରଖି ଅନେଇ ରହିଲେ ।

"ଆଉରି ଏତେ ବାଟ ଗ୍ଲିକରି ଯିବକରେ ନୁନୀମାନେ? ର୍ଭେଡ୍ ଯାଏଁ ଛାଡି ଦେବି କ? "

ଝିଅ ଦୁଇଟି ପରସ୍ପର ଠେଲାପେଲା ହୋଇ ହସାହସି ହେଲେ ।

ଆମି ନତୁ ନତୁ । ( ଆମକୁ ଦରକାର ନାହିଁ, ଦରକାର ନାହିଁ)

"ପରଜା" ର କଥା ମନେ ପଡିଯାଉଥିଲା । ଏମିତି ନତୁ ନତୁ କହି କହି ଜିଲି ଶେଷରେ ଡୋକ୍ରା ( ଦରବୁଢା) ସାହୁକାର ରାମ ବିଶୋଇର ଅନ୍ଧାର ଘରକୁ ପଶି ଯାଇଥିଲା । ରକ୍ଷିତା ହେଲା, ଶୁଣ୍ଢିଆଣି ହୋଇ ରହିଗଲା । ଖଦି ଖଣ୍ଡେ, ବାସନା ତେଲ କାଚେ ପାଇଁ ।

ସେମାନେ ଆମକୁ ଛାଡି ଗ୍ଲଲିଗଲେ । ଫାଳେ ହୃଦୟ ତାଙ୍କ ସାଥେ ସାଥେ ଗ୍ଲଲିଗଲା ପରି ଲାଗୁଥିଲା । ବନ୍ଧୁ କହିଲେ – "ଏ ମୂଲକରେ ଲୁଗ୍ଲଛପା କଛି ନାହିଁ । ଆକାଶ ପରି ସବୁ ନିର୍ମଳ, ସବୁ ସଫା । କାହାକୁ କୁଣ୍ଢେଇ ଧରି ପକେଇଲେ ମଧ କୋଉ ଗ୍ରମାୟଣ ମାଗ୍ଧ ହୋଇ ଯିବନ । ଏମାନେ ସରଗି ଫୁଲ୍, ମାଣ୍ଡିଆ ଫୁଲ୍, ବାଲିଫୁଲ୍, ସାରିଆ ଦାନ୍, ସାରିଆ ଫୁଲ୍ । ଯାହା ଡାକଲେ ଗ୍ଳଜି । ମାତ୍ର ଏମାନେ ଲାଜକୁଳୀ ଲତା ନୁହଁନ୍ତି ଯେ ଛୁଇଁଦେଲେ ଲାଜରେ ମରିଯିବେ ।

ଆମ ଗାଡି ଆଗକୁ ଗ୍ଲଲିଲା । ହଠାତ୍ ଆକାଶରେ କଳାଘୁମର ମେଘର ଆବିର୍ଭାବ । ଗ୍ଲରିଆଡୁ କୋହଲା ପବନ । ତଳୁ ଉପରୁ, ପାହାଡକୁ ଛୁଇଁ ଛୁଇଁ ମେଘ ଉଠୁଥିଲା । ଉଡି ଆସୁଥିବା ପାଣିବାମ୍ପକୁ ଦେଖିଲେ ଏ ମୂଲକରେ ଲୋକ କହନ୍ତି ବାଘେଇ ପାଗ । ଏମିତି ପାଗ ହେଲେ ବାଘକୁ କୁଆଡେ ବେଶି ଭୋକ କରେ । ମେଘ ତଳେତଳେ ବାଘ ଦୌଡି ଆସେ । ସେ ଲାଞ୍ଜଟେକ ନାଚେ, ତାକୁ ନାଚ ମାଡେ । ତାପରେ ପାଞ୍ଚ ଥାନ୍ତୁ କ ପଚଶି ଥାନ୍ତୁ, ଗହଳ ଭିତରୁ ଜଣକୁ ବାଘ ଉଠେଇ ନିଏ । ତହିଁ ଆରଦିନ ଦିପହର ଭିତରେ ସେ ମଢକୁ ସଫାକରି ଖାଇଦିଏ । ସେଦିନକ ତାକୁ ନିଶା ଧରେ । ମଦୁଆ ପରି ଟଳଟଳକା ହୋଇ କଡେକଡେ ସେ ବୁଲୁଥାଏ, ଶୋଇ ପଡୁଥାଏ । ପୁଣି ଦିନେ ଦୁଇଦିନ ଛାଡି ଶିକାରରେ ବାହାରଏ । ଗୋଟିଏ ଗୋଟିଏ ଗାଁରୁ ବାଘ ଦଶପନ୍ଦର ଯାଏ ଉଠେଇ ନିଏ । ଶେଷରେ ଗାଁ ଭାଙ୍ଗିଯାଏ ଏ ସବୁ ଗୋପୀବାବୁଙ୍କ ଭାଷା ।

ଆମେ ଯାଉଥିବା ବାଟଟିରେ ଆହୁରି ପିଚୁ ପଡିନଥାଏ । ମାଟି କାଦୁଅରେ କେଉଁଠି କେଉଁଠି ଗାଈ ମଇଁଷିଙ୍କ ପାଦ ଚହ୍ନ । ମତେ ବାଘ ଖୋଜ ପରି ଲାଗୁଥିଲା । ଗ୍ରସ୍ତା କଡରେ କାଳଖୁଣ୍ଟ ଗଛର ଫୁଲ । ବାଘିରିମାଳ ର ଫୁଲ ଅବିକଳ ବାଘ ପରି ଗନ୍ଧ ଛାଡେ । ସେଠାରେ ଜଙ୍ଗଲ ନଥିଲା, ବାଘ ନଥିଲେ । ଥିଲା ଖାଲି "ପରଜା" ର ଅଭୁଲା ବାଘ ଭୟ । ବାଘକୁ ନେଇ କେତେ କଥା, କେତେ ତୁଳନା । ଗ୍ଲଉଁକନା ମୋ ପାଟିରୁ ବାହାରିଗଲା – "କ ଉପମା" ।

ମୋ ବନ୍ଧୁ ବେପାରୀ ଲୋକ । ସେ କହିଲେ – ଉପମା ମନେ ପଡୁଛି, ତା ସାଙ୍ଗକୁ ତରକାରୀ । ସେ କାହୁଁ ଜାଣିବେ ଗୋପୀବାବୁଙ୍କ ଉପମା କଥା ।

ବାଟରେ ଗୋଟିଏ ଦୁଇଟି କ୍ଷୁଦ୍ର ଜନପଦ ପଡିଲା । କିଛି ଘରେ ଧଳାଚୂନ ଲାଗିଥିଲା । ନାଲି ଟାଇଲ୍ ସାଙ୍ଗକୁ ମାଟି କାନ୍ଥ । ବିଶ୍ଳେଷଣ ଭିତରେ ହୁଏତ ମୁଁ ଧରି ନେଉଥିଲି ଏଇଟା ଶରଣୁପଦର ଆସିଗଲା କି? କିନ୍ତୁ ପରେ ଜାଣୁଥିଲି ଆଉ ଖଣ୍ଡେ ଦୂରରେ ଆମର ଅଭିଳଷିତ ଗାଁ? ପାହାଡ ଢାଲୁକଡରେ କୋଡା ଚଂଛା କରି ଖଣ୍ଡିଏ ଖଣ୍ଡିଏ ଜମି । ଗ୍ଭରିକଡେ ସାବଜା ଜଙ୍ଗଲ, ମଝିଟା ଆବୁ ପରି । ଜମି କଡେ, ଗଛମୂଳେ ବସି କିଏ ଜଣେ ବଂଶୀ ବଜାଉଥିଲା । ଗ୍ଭରିକଡେ ଖୁନ୍ଦାଖୁନ୍ଦି ହୋଇ ପର୍ବତମାନେ ବସିପଡି ବଂଶୀ ଶୁଣୁଥିଲେ । ଆକାଶଟି ଦିଶୁଥିଲା ଅନମନ୍ତ୍ରିତ ଶ୍ରୋତାଟିଏ ପରି । ବଂଶୀସ୍ୱର ଏତେ ସୁନ୍ଦର ହୋଇପାରେ, ଏତେ ଦୂରକୁ ଶୁଭିପାରେ – ଏକଥା ଭାବି ମୁଁ ଚକିତ ହେଉଥିଲି ।

ଏଥର ଦୂରରେ ଦିଶିଲା ଶରଣୁପଦର ଗାଁ । ନିର୍ମାଣାଧୀନ ପ୍ରଧନମନ୍ତ୍ରୀ ସଡକଟି ଶରଣୁପଦର ଯାଏଁ ଲମ୍ବି ଯାଇଥିଲା । ପିଚୁ ପଡିଗଲେ, ଆଉ କିଛି ବର୍ଷ ଭିତରେ ସୁନ୍ଦର ସୁନ୍ଦର କାର ଆସି ସିଧା ଗାଁ ପାଖରେ ଡେରା ପକାଇବେ । ପଦାକୁ ଗୋଡ ନକାଢି, କାଚ ଝରକା ନଖୋଲି, ବାବୁ ବାବୁଆଣୀମାନେ ଭିତରେ ବସି କଥା ହେବେ – ହେଇଦେଖ, ଶୁକୁଜାନର ଗାଁ । ଜିଲି ବିଲିର ଗାଁ । ସେଡକଡେ ଗାଁ ପିଲାଙ୍କ ପାଇଁ ଆଶ୍ରମ ସ୍କୁଲ । ସ୍କୁଲରେ ତାଲା ପଡିଛି । ଅଥଚ କାନ୍ଥଡେଇଁ ପିଲାଙ୍କ ଅବାଧ ଯିବା ଯିବା । ଛାତରେ ଗ୍ଭରି ପାଞ୍ଚଟା ଟହଲ ମାରୁଥିଲେ । ଏଥର ଗାଡି ରଖି, ଗାଁ ଭିତରକୁ ଗ୍ଭଲିଗ୍ଭଲି ଯିବା ଯୋଜନା ।

ପ୍ରାୟ ୧୦୦ ଫୁଟ ତଳେ, ଗଡାଣି ରାସ୍ତା ପାରହେଲେ ତଳେ ପଡି ବହିଯାଉଥିବା ବଣଝରଣା । ରାସ୍ତାକଡେ ସିମେଣ୍ଟ ଇଟାର ଅନୁଚ୍ଚ ବାଡ । ଦୂରରେ ଗାଁ ର ଝିଅ ବୋହୂମାନେ ନିର୍ବିକାର ଭାବେ ଗାଧପାଧ କରୁଥିଲେ । ସମସ୍ତେ ଥିଲେ ପ୍ରାୟତଃ ଅର୍ଦ୍ଧ-ଉଲଗ୍ନ । ଦିନେ ଏମିତି ଉଲଗ୍ନ ହୋଇ ଗାଧୋଇଥିବା ଜିଲିକୁ ଦେଖି ଜଙ୍ଗଲ- ଜମାନରେ

ପାଟି ଓଦାଓଦା ହୋଇଯାଉଥିଲା, ଏବଂ ସେଇଠୁ ହିଁ ଆରମ୍ଭ ହୋଇଥିଲା ଶୁକୁଜାନୀ ପରିବାରର ବିପର୍ଯ୍ୟୟର କାହାଣୀ । ଏହି ଦେହଲୋଭ କେତେ ବଡ ବିପର୍ଯ୍ୟୟର କାରଣ ନହେଲା ସତେ!

ଝୋଲାରେ ଖଳଖଳ ହେଇ ପାଣି ଗଳୁଛି, ଜୀବନ ଭଳ । ଶୁକୁର ସ୍ତ୍ରୀ ସମ୍ବାରୀ ଏଠାକୁ ଶାଗ ତୋଳ ଆସିଥିଲା, ବାଘ ତାକୁ ଟେକ ନେଲା । ଝୋଲା କଡେକଡେ ଏବେ ବି ରହିଛି ସେଇ ପୁରୁଣା ବରଗଛ, ଆମ୍ବଗଛ, ଦେବତା ରହିବା ଜାଗା । ଦେବତା ଥାନ ଆଗରେ କଛି ସମତଳ ଜାଗା । ପରବ ଦିନମାନଙ୍କରେ କୁକୁଡା ବା ପାର୍ବ ବଳ ଦେଇ ନାଚଗୀତର ସମୟ ଆରମ୍ଭ ହେଲାବୋଲି ଧିସାରୀ ଘୋଷଣା କରୁଥିଲା । ଏମିତି ଏକ ଚୈତ ପରବର ଅବସରରେ ଲେଖକ ବୃକ୍ଷଦେବତା ଆମ୍ବ ଗଛଟିର ଯେଉଁ ବର୍ଣ୍ଣନା କରିଛନ୍ତି ତାହା ନମ୍ନ ପ୍ରକାରେ –

"ସେ ଗୋଟାଏ ଖୁବ୍ ବଡ ଆମ୍ବଗଛ, ଅତି ପୁରୁଣା । ଠିକ୍ ଝୋଲାର ଖଣ୍ଡିପାଖେ ପେଟ ଫୁଲେଇ ବଡବଡ ବାହୁଟେକ ଠିଆହୋଇଛି । ଗଣ୍ଡିରେ ଆଉ ଉପରେ ବିନା ଡାଳପତ୍ରରେ ଖାଲି କାନ୍ଧିକାନ୍ଧି ବଉଳ ଫୁଟିଛି । ବଡ ରସିକ ଦେବତା ସେ, ରସୁଆଳ ଉପରେ ନାଲିପତ୍ର, ମଲାଙ୍ଗର ଫୁଲ, କାଖରେ ଲମ୍ବ ମହୁଫେଣା, ହାତରେ ମହୌଷଧି ଗୁଳୁଚ ଲଟାର ବଳା, ଛାତିରେ ଶିଆଳ ପଇତା, ଅଣ୍ଟାରେ ରଙ୍ଗକସର୍ ବକଳ, ଦେହ ଉପରେ ବଣମଲ୍ଲୀ, ବଣ ନଆଳୀ, ବାଘନଖୀ, ମହାକାଳ ଜାଲ, ଦେବତାର ଦେହ ସେହି, ଦେଖିଲେ ରୁମ ଟାଙ୍କୁରୀ ଉଠେ । ଦେବତା ପାଖରେ ପୂଜା ସରିଲେ ଉପରକୁ ମଶାଲ ଟେକ ପଛକୁ ପଛ ଧାଡିଟିଏ ହୋଇ ଖାଲରୁ ପୁଣି ଉପରକୁ ମଣିଷ ଚଢିଲେ । ଖୁନ୍ଦାଖୁନ୍ଦି ଏକ ଧାଡି, ବଙ୍କେଇ ସାପେଇ ରାସ୍ତା, ପାଖକୁ ପାଖ ଜଳନ୍ତା ମଶାଲର ମୁଣ୍ଡ । ଯେପରିକି ପ୍ରାକ୍- ଐତିହାସିକ ଯୁଗର ଗୋଟିଏ ହାଲୋଳମୟ ପ୍ରକାଣ୍ଡ ବିଛା, ଆପଣାର ଚନ୍ଦ୍ରା ପାହାଡରୁ ହାଲୁଏ ହାଲୁଏ ଉପରକୁ ଉଠୁଛି ।"

ଝୋଲାକଡୁ ପୁଣି ଶହେଫୁଟ ଉପରକୁ ଉଠିଲେ ଶରଷୁପଦର ଗାଁ। ଝୋଲାକଡୁ କଡେ ସଜେଇ ହେଲାପରି ଚକ୍ରପଟ୍ଟରେ ଗାର କାଟିଦେଲା ପରି ଛୋଟଛୋଟ କଆରୀ ଉପରକୁ ଉପରକୁ ଉଠି ଗ୍ଲିଛି। ଛୋଟ ଛାମୁଣ୍ଡିଆ ଉପରେ ଝିଅ ଦୁଇଟି ବସିଥିଲେ। ହାତରେ ପେନ୍ଥାପେନ୍ଥା କୁସୁମ ଫଳ। ଗୋଟିଏ ଗୋଟିଏ କୋଳ ପାଟିରେ ପକାଇ ମଞ୍ଜିଟିକୁ ଥୁମ୍ପି ଦେଉଥିଲେ। ବହୁ ବର୍ଷ ତଳେ ଏଇଠି ଠିକ୍ ଏପରି ଢଙ୍ଗରେ ଦୁଇ ଭଉଣୀ ଜିଲିବିଲି ମରିଚ ବାଡକୁ ଜଗି ରହୁଥିଲେ। ନାଲି ମରିଚ ଖାଇବାକୁ ପର୍ବତ ଉପରୁ ପଲପଲ ମୟୂର ଗଡି ଆସୁଥିଲେ ଏବଂ ତାକୁ ହୁରୁଡେଇବାକୁ ପଡୁଥିଲା। ଆକାଶରେ ମେଘ ଉଠିଲେ, ପୁଚ୍ଛଟେକ ନାଚୁଥିବା ମୟୂର ଗ୍ରିକଡେ ପଲେ ମୟୂରୀ ମଧ୍ୟ ନାଚ ଆରମ୍ଭ କରିଦେଉଥିଲେ। ବାପାଭାଇ ଖଦି ଖଣ୍ଡେ ନଆଣିଲେ ଜିଲିବିଲି ଅଭିମାନରେ କହୁଥିଲେ – ମରିଚ ବିକ ଯାହା ମିଳବ ସେଥିରେ ଆମେ ଖଦି କଣିବୁ, ଖଜା କଣିବୁ।

କ୍ରମଶଃ.....

ଭାରତୀୟ ଜୀବନ ବୀମା ନିଗମ, କୋରାପୁଟ, ଓଡ଼ିଶା

**"ବେଦାନ୍ତୀର ଅଗଷ୍ଟ ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଜୁଲାଇ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା :vedantimagazine@gmail.com"**

# ଖର୍ ତାତି



### ପ୍ରେମଶିଲା ରାଉତ

ବଢ଼ି ଯାଉଛେ ଗୁଲ୍ ଗୁଲି
ତାର୍ ସନେ ଖର୍ ତାତି
ଦେଖିକରି ସମ୍ କର
ଯାଏସି ତ ଫାଟି ଛାତି ।

ଗୁଲ୍ ଗୁଲି ନେ ଡହକ୍ ବିକଲ୍
ଲାଗ୍ ସି ଯେ ମନ୍ ତନ୍
ଯେତେକ୍ ଯାହା କଲେ ବି ସତେ
ଦମ୍ ନେଇ ଧରେ ଜୀବନ୍ ।

ପରଛା ନେଇ ଲାଗେ ମନ୍ ଟା
ଗୁଲେଇ ଘାଟି ହେଉଥିସି
ଖର୍ ତାତିର ଧୂକାର ଝାଞ୍ଜ୍ ରେ
ଦେହି କେ ଖୁବ୍ ବାଧ୍ ସି ।

ଝାଇ ଝାଇ ଖର୍ ତାତି ନେ ସତେ
ଶୁଖି ଯାଏସି ଇ ତୁଣ୍ଡ
ଦେହି ସାର୍ କେ ବାହାରି ଝାଲ୍
ଘୁରି ଯାଏସି ତ ମୁଣ୍ଡ ।

ଖୁଜ୍ ସନ୍ ସଭେ ଘରେ ଘରେ
ପଂଖା ଆରୁ କୁଲର୍ ଏସି

ଛାତ୍ ଘର୍ କେ କେନ୍ ପଗ୍ଭରେ
ମାଏଟ ଘର ଭଲ୍ ଲାଗ୍ ସି ।

କଏ ଖାଏସି ତ ଦହି ପଖାଳ
କଏ ପିସି ଲେମ୍ବୁ ପାନ
ବେଲ୍ ସର୍ବତ୍ ପଣା ପିଇ ବାକେ
ଲୁକ୍ ହେସନ୍ ଘିଚଟାନ ।

ତର୍ଭୁଜ କାଖେର ସପେଟା ଆମେ
ଥିସି ଯେ ସମ୍ କର ମନ୍
ଗରମ୍ ଜିନଷ୍ ପସନ୍ଦ ନାଇ
କାକର ଜିନଷ୍ କେ ନୁର୍ ସନ୍ ।

ଇ ଖର୍ ତାତି ଖୋବ୍ ଝନ୍ ଝଟ୍
ଲୁକ କେ ମାଡ଼ ସି ଡର୍
ସହି ନାଇ ହୁଏ ରହି ନାଇ ହୁଏ
ଲାଗ୍ ସି ତ ଜର୍ ଜର୍ ।

ଗ୍ରାମ- ବୃନ୍ଦାବାହାଲ, କଳାହାଣ୍ଡି

ଚଳତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଅଦିନ ମେଘ



ପ୍ରଶାନ୍ତ କୁମାର ପଧାନ

ଭ୍ରିଦୁଷ୍ଟ ଏଇ ଅଦିନ ମେଘଟା
କରିଦିଏ ବାଟବଣା
ଯୌବନ ସାଗରେ ଜୁଆର ପରିକା
ଲଙ୍ଘିଯାଏ ସବୁସୀମା ।।

ମନେପଡେ ଆଜି ପବନର ସାଥେ
ଆସିଥିଲା ଏଇ ମେଘ
ଓଢଣୀକୁ ତୁମ ଉଡେଇ ନେଇ ସେ
ବଦଳେଇଥିଲା ଦିଗ ।।

ରାଗମିଶା ଲାଜ ମୁହଁରେ ତୁମର
ହୋଇଥିଲା ପ୍ରସ୍ଫୁଟିତ
ଢାଙ୍କିଦେଲି ଯେବେ ଓଦା ଦେହ ତୁମ
ହେଲ ତୁମେ ଶିହରିତ ।।

ଥମୁ ନ ଥିଲା ତ ବର୍ଷାର ତାଣ୍ଡବ
ନଖ ଖୁଣ୍ଟୁଥିଲ ତୁମେ
ନିର୍ଜନ ପଥରେ ପାନ୍ଥଶାଳା ଦେଖି
ଲୁଚ ଯାଇଥିଲେ ଆମେ ।।

ବିଜୁଳ ଚମକେ ଭୟଭୀତ ହୋଇ
କଲ ଯେବେ ଆଲିଙ୍ଗନ
ବିଜୁଳ ଖେଳଲା ଦେହସାରା ମୋର
ସଂସ୍ପର୍ଶରେ ପ୍ରିୟା ତୁମ ।।
ଅନୁମତି ବିନା ଛୁଇଁଦେଲି ଯେବେ
ଦୂରେ ଗଲ ତୁମେ ଚାଲି
ଖେଳୁଥିଲା ତୁମ ଅଧରରେ ହସ
ଚାହୁଁଥିଲ ବୁଲି ବୁଲି ।।
ବୁଝିପାରିଲିନ ଇସାରାକୁ ତୁମ
ଅଧାରେ ରହିଲା ପ୍ରେମ
ଫେରି ଯାଇଥିଲା ଅଦିନ ମେଘଟା
ଭିଜେଇ ଦେଇ ଏ ମନ ।।

ଗ୍ରାମ – ବୁର୍ଦ୍ଦେମୁଣ୍ଡା, ଜିଲ୍ଲା - ବରଗଡ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଏକ ଦେଶ, ଏକ ନିର୍ବାଚନ - ଏକ ଅନୁଶୀଳନ



ଡ଼ି ଶୁଭମ୍

ଦାର୍ଶନିକ ଦୃଷ୍ଟିକୋଣରୁ ବିଚାର କଲେ ଭାରତ ସାରା ବିଶ୍ୱରେ ଏକ ଅଗ୍ରଗଣ୍ୟ ଦେଶ ଅଟେ । ୧୨୦ କୋଟି ଭାରତୀୟ ଏକତାର ଡୋରିରେ ବାନ୍ଧା । ଏଠି ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ସମସ୍ତେ ଏକ । ଏକଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ସାତୋଟି ମୌଳିକ ଅଧିକାର ସମସ୍ତଙ୍କ ପାଇଁ ଏକ ବୋଲି ଭାରତୀୟ ସମ୍ବିଧାନ ବର୍ଣ୍ଣନା କରେ । ତେବେ ମନରେ ପ୍ରଶ୍ନ ଆସେ ଯଦି ଏସବୁ ସତ, ତାହେଲେ ଆଜି ଦେଶରେ ସବୁଥିରେ ସବୁ ବିଭାଗରେ ଊଣା କଣ ପାଇଁ ପରିଲକ୍ଷିତ ହେଉଛି? ? ଯେଉଁଠି ଏକତାକୁ ନେଇ ମଣିଷ ବଂଚେ, ସେଠି ଧନୀଲୋକ ଟିଏ ବାହୁବଳ ବା କ୍ଷମତାର ପ୍ରକୋପ ଦେଖାଇ ବିପିଏଲ, ରାସନକାର୍ଡ଼, ଇନ୍ଦିରା ଆବାସ କୁ ନିଜ ଅକ୍ତିଆରକୁ ନେଇଯାଉଥିବା ବେଳେ ଗରିବଙ୍କ ଭାଗ୍ୟରେ ପ୍ରତିବାଦ କରିବାକୁ ବି ବଳ ନଥାଏ । କଥା ହଉଛି ଯେ ଆମେ ସଭିଙ୍କ ଆଗରେ କହୁଛେ ଆମେ ସବୁ ଏକ, ସମସ୍ତେ ଭାରତମାତାର ଅମୃତ ସନ୍ତାନ, ଆମ ମଧ୍ୟରେ ଭାରତୀୟତାର ରକ୍ତ ପ୍ରବାହିତ, ଆମେ ସବୁ ଏକ ଦେଶର ..ସେସମୟରେ ଏକ ନିର୍ବାଚନକୁ କଣ ସମ୍ମତି ଦିଆଯାଇପାରିବନି? ? ଆଜି ନେତାଟିଏ ନିର୍ବାଚନ ସମୟରେ କହୁଛନ୍ତି ମୋ ପାଇଁ ଧନୀ, ଗରିବ ସବୁ ସମାନ, ସବୁ ଏକ, ତେବେ ଯୋଜନାରେ ଏତେ ପାତରଅନ୍ତର କଣ ପାଇଁ? ? ମୋ ବ୍ୟକ୍ତିଗତ ମତାନୁଯାୟୀ ମୁଁ କହିବାକୁ ଚାହେଁ ଆଜି ସବୁ ଭାରତୀୟଙ୍କ ପାଖରେ ନିଜ ପରିଚୟ ହିସାବରେ ଦେଖେଇବା ପାଇଁ ଆଧାର କାର୍ଡ଼, ପାନ କାର୍ଡ଼ ଅଛି । ସେସବୁ ତ ସମସ୍ତଙ୍କ ପାଇଁ ସମାନ (ଏକ) ଅଟେ । ଏହି ପରିପ୍ରେକ୍ଷୀରେ ନିର୍ବାଚନକୁ ଏକକ କରିଦେଲେ ବୋଧହୁଏ ସ୍ୱଚ୍ଛ ଗଣତନ୍ତ୍ରର ଆଲୋକ ଆସିପାରିବ । ଏକକ ଦେଶର ଡିଣ୍ଡିମ ପିଟୁଥିବା ଭାରତବର୍ଷରେ ଯଦି ନେତା ଆଉ ସାଧାରଣ ମଣିଷ ସମାନ ହୋଇପାରିବେନି,

ତାହେଲେ ତାକୁ କଣ ଏକକ ଦେଶ କହିପାରିବା? ? ଆଜି ଭାରତରେ ନେତା, ବାବୁଙ୍କ ପାଇଁ ଗାଡ଼ି ଠୁ ଆରମ୍ଭ କରି ଚକସ୍ତା ଖର୍ଚ୍ଚ, ପେନସନ୍ ଭତ୍ତା ଯାଏଁ ସବୁକଛି ସମ୍ଭବ, ହେଲେ ବୋଧହୁଏ ଆପଣଙ୍କ ମନେ ଥିବ ବିଗତ ୫ମାସ ତଳେ ଆମ ଓଡ଼ିଶାର ରାଜଧାନୀର ରାଜରାସ୍ତାରେ ଗରୀବ ଗୃଷୀକୂଳ ନଜର ପ୍ରାଇସ୍, ପ୍ରେଷ୍ଟିଜ୍, ପେନସନ୍ ପାଇଁ ଦାବୀ କରି ଧାରଣା ଦେଉଥିବା ବେଳେ ସେମାନଙ୍କ ଉପରେ ପୋଲିସର ଆକ୍ରମଣ ହେଲା । ଏସବୁକୁ ବିଗ୍ଭର କଲେ ଏହାକୁ କଣ ଏକକ ଦେଶ କୁହାଯାଇପାରିବ !!!!!!

ଗଣତନ୍ତ୍ରରେ ନିର୍ବାଚନ ଏକ ନୂଆ କଥା ନୁହଁ । ନିର୍ବାଚନ ସବୁବେଳେ ଗଣ ମାନଙ୍କର ଭୂମିକାକୁ ସମ୍ମାନ ଦେଇଥାଏ । ପରନ୍ତୁ ଆଜିର ଗଣତନ୍ତ୍ର ଏକ ବଂଶବାଦ ରାଜନୀତିରେ ପରିଣତ ହୋଇଗଲାଣି । ବୁଝିହୁଏନ ଏ ନିର୍ବାଚନ ରଣାଙ୍ଗନରେ ବାପା ପାସ୍ ମାନେ ତାର ପରେ ପରେ ପୁଅ ବି ଠିଆ ହେବା କଣ ବାଧ ନା ସେ ନିର୍ବାଚନମଣ୍ଡଳୀରେ ଆଉ କେହି ଉପଯୁକ୍ତ ପାର୍ଥୀ ନାହାନ୍ତି । ନା ଏହା କେବଳ ବାହୁ ବଳ ଓ କ୍ଷମତା ବଳର ପରିଣତି । ନେତା ଓ ଜନତା ପରସ୍ପରର ପରିପୂରକ । ଜନତାଙ୍କର ସୁଖଦୂଖର ସାଥୀ ନେତା । ନିର୍ବାଚନ ପାଂଚ ବର୍ଷ ପାଇଁ ହୁଏ, ଏହା ସତ କିନ୍ତୁ ସଭିଏଁଙ୍କୁ ମନେ ରଖିବାକୁ ହେବ ଯେ ଜନତାର ଏକ ଆଶାବାଡ଼ିର ଭୂମିକା ନେଇଥାନ୍ତି ନେତା । ଏ ନିର୍ବାଚନ ରଣାଙ୍ଗନର ସେନାପତି ବି ଜନତା ଆଉ ସାରଥୀ ବି ଜନତା । ତେବେ ଏସବୁ ଭିତରେ ଜନତାଙ୍କୁ ଦୃଷ୍ଟିଦେବାକୁ ପଡ଼ିବ ଯେ ଏ ନିର୍ବାଚନରେ ଯେପରି ଏକ ସ୍ୱଚ୍ଛ ଓ ଲୋକାଭିମୁଖୀ ପ୍ରତିନିଧି ଚୟନ କରିବାକୁ ପଡ଼ିବ । କେବଳ ଭୋଟ ପାଇଁ ପ୍ରଗ୍ଭର କରି ବସିଗଲେ ହେବନି ବରଂ ସବୁସମୟରେ ଲୋକଙ୍କ ପାଇଁ କାମ କରିବାର ଅହେତୁକ ସ୍ପୃହା ଦେଖାଯିବା ଆବଶ୍ୟକ ।

ଚଳିତ ନିର୍ବାଚନରେ ଏନ୍‌ଡ଼ିଏକୁ ବହୁମତ ମିଳିବା ପରେ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏକ ଦେଶ, ଏକ ନିର୍ବାଚନର ପ୍ରସ୍ତାବ ଆଣିଛନ୍ତି । ସାରା ଦେଶରେ ସମକାଳୀନ ଭାବେ ନିର୍ବାଚନ କରିବାକୁ ଯୋଜନା ରଖିଛନ୍ତି । ଏହା ପୂର୍ବରୁ ୧୯୬୦ ଯାଏଁ ଭାରତରେ ଏକକାଳୀନ ନିର୍ବାଚନ ହେଉଥିଲା । କିନ୍ତୁ ଏହା ପରେ ନିର୍ବାଚନ ଏକକାଳୀନ ନହୋଇ ବିଭିନ୍ନ ରାଜ୍ୟରେ ଭିନ୍ନ ସମୟରେ ହେଲା । ଏହା ଫଳରେ ଏକ ବିଧିବଦ୍ଧ

ଯୋଜନା ସୁଗ୍ଭରୁ ରୂପେ ସମ୍ପାଦିତ ହୋଇପାରେ ନାହିଁ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ମତପାର୍ଥକ୍ୟ ଆରମ୍ଭ ହୁଏ, ଆଉ ଏହାର ଶିକାର ହୁଅନ୍ତି ସାଧାରଣ ଜନତା । ଲୋକେ ତ ଭୋଟ ଦେଇ ଆଗ୍ରହରେ ରୁହନ୍ତି କି ଆମେ ଜାଣୁ ଆମ ନେତା ଆମକୁ ସବୁସମୟରେ ସାହାଯ୍ୟ କରିବ । କିନ୍ତୁ ସେମାନେ ଏହି ଜଟିଳ ପରିସ୍ଥିତିକୁ ବୁଝିପାରିବାରେ ଅସମର୍ଥ ହୋଇଥାନ୍ତି । ନୀତି ଆୟୋଗ ଦ୍ୱାରା ଆନୀତ ଏହି ପ୍ରସଂଗ ଏକ ଦେଶ, ଏକ ନିର୍ବାଚନ ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ । କାରଣ ଏକକ ନିର୍ବାଚନ ନହେବା ଯୋଗୁଁ ଉଭୟ କେନ୍ଦ୍ର ଓ ପ୍ରାଦେଶିକ ଶାସନ ସ୍ତରରେ ଅନେକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ବାରମ୍ବାର ନିର୍ବାଚନ ହେବା ଦ୍ୱାରା ଅନେକ ଅର୍ଥ ଖର୍ଚ୍ଚ ହେବା ସହିତ ଉପଯୁକ୍ତ ପ୍ରାର୍ଥୀ ମିଳ ପାରୁନାହାନ୍ତି । ଏହା ଦ୍ୱାରା ବିକାଶର ଧାରା ପରିବର୍ତ୍ତିତ ହେବା ସହିତ ସଂଘୀୟ ସହଯୋଗିତା ପ୍ରଭାବିତ ହେଉଛି । ଇତି ମଧ୍ୟରେ ସମୟ ମଧ୍ୟ ସଂରକ୍ଷିତ ହୋଇପାରିବ । ଯାହା ଲୋକଙ୍କ ବିକାଶ କାମରେ ଲାଗିପାରିବ ।

ତେବେ କେବଳ ଏକକ ଦିର୍ବାଚନ କରିଦେଲେ ଯେ ନିର୍ବାଚନର ସଂସ୍କାର ହୋଇଯିବ ସେକଥା ନୁହେଁ ବରଂ ଏହା ମନେ ରଖିବାକୁ ପଡ଼ିବ ଯେଉଁ ଦେଶ ବସୁଧୈବ କୁଟୁମ୍ବକମ୍ ମନ୍ତ୍ରରେ ଦୀକ୍ଷିତ, ଯେଉଁଠି ସମାନତା ଅଧିକାରକୁ ନେଇ ମଣିଷ ବସବାସ କରେ ସେଠି ଅନ୍ୟାୟ କିମ୍ବା ବ୍ୟଭିଗ୍ଭରର ପ୍ରଶ୍ନ ଉଠିବା ଠିକ୍ ନୁହେଁ । ଏକକ ନିର୍ବାଚନ ଗୋଟିଏ ଦିନ ପାଇଁ ହେବ ପରନ୍ତୁ ଏହାର ରୂପାୟନ ପାଂଚବର୍ଷ ଯାଏଁ ସାଧାରଣ ଜନତା ପ୍ରତ୍ୟକ୍ଷଦର୍ଶୀ ଭାବେ ଉପଲବ୍ଧି କରିବେ । ସୁତରାଂ ଏ ପ୍ରସ୍ତାବ ସଫଳ ହେଉ ଏବଂ ଭାରତ ଏକ ବିକଶିତ ରାଷ୍ଟ୍ରର ରୂପ ନେଉ, ଏତିକି କାମନା ।

ସମ୍ପାଦକ – ଶ୍ୟାମଳ ସୁବର୍ଣ୍ଣ , ବାସୁଦେବପୁର

# ତୁମେ ଗଲା ପରେ



ସାଗର ପ୍ରଧାନ

ତୁମେ ଗଲାପରେ ନଈ ତ ଝୁରୁନ
ସାଗର ମିଳନ ପାଇଁ
ତୁମେ ଗଲାପରେ ନିର୍ଝର ଝରଣା
ନିରବେ ଯାଉଛି ବହି
ତୁମେ ଗଲାପରେ ବସନ୍ତେ ବହୁନ
ମଳୟେ ମିଳନ ବାଆ
ତୁମେ ଗଲାପରେ ଶ୍ରାବଣେ ଲାଗୁନ
ବରଷାର ମିଠା ଛୁଆଁ
ତୁମେ ଗଲାପରେ ବଂଶୀ ତ ଗାଉନ
ମିଳନର ମଧୁ ଛନ୍ଦ
ତୁମେ ଗଲାପରେ ଫୁଲରୁ ଝରୁନ
ପ୍ରୀତି ମହକର ଗନ୍ଧ
ତୁମେ ଗଲାପରେ ଫଗୁଣ ଆସୁନ
ହୋଲିର ରଙ୍ଗ ପସରା
ତୁମେ ଗଲାପରେ ଏକାକ ବଞ୍ଚିଛି
ହୋଇଗଲି ମୁଁ ବେସାହାରା

ପାତ୍ରପୁର, ଗଂଜାମ

# ସ୍ରଷ୍ଟା ଓ ସୃଷ୍ଟି



ପ୍ରିୟଦର୍ଶିନୀ ମହାନ୍ତି

ସ୍ରଷ୍ଟା ହାତେ ଗଢ଼ା ମାନବ, ଦାନବ
ଜଳ, ସ୍ଥଳ, ତରୁ, ଲତା,
ବିଶ୍ୱକୁ ଗଢ଼ିଛ ବ୍ରହ୍ମେଶ୍ୱର ତୁମେ
ତୁମେ ହିଁ ତ ସୃଷ୍ଟି କର୍ତ୍ତା।

ଗୁରୁ ହାତେ ଗଢ଼ା ଉତ୍ତମ ଶିଷ୍ୟଟି
ପାଇ ଉଚତ ଜ୍ଞାନ,
ଅବଜ୍ଞା କରିଲେ ଗୁରୁଙ୍କ ଆଜ୍ଞାକୁ
ଅନ୍ଧାରରେ ଯିବ ଦିନ।

କବି ଧରିଥାଏ କଲମ ହାତରେ
ଲେଖେ ସମାଜର କଥା,
ଦୁର୍ନୀତି, ଦୁଷ୍କର୍ମ ବିରୋଧରେ ତାଙ୍କ
କବିତାରେ ଥାଏ ବାର୍ତ୍ତା।

ମାଟି ସହ ମାଟି ହୋଇ ଚଷା ଭାଇ

ମାଟିରେ ଫଳାଏ ସୁନା,

ଲହୁ, ଲୁହ ତାର ଏକତ୍ରିତ କରି

ଦେଶକୁ ଯୋଗାଏ ଦାନା।

ସ୍ରଷ୍ଟା ହାତେ ଗଢ଼ା ଏ ସୁନ୍ଦର ସୃଷ୍ଟି

ଗୁରୁ ଗଢ଼ିଥାଏ ଶିଷ୍ୟ,

କବି ରଚଥାଏ କଲମେ କବିତା

ଚଷା ଦେଇଥାଏ ଶସ୍ୟ ।

ଏସ ଆର ୭, ଟଙ୍କପାଣି ରୋଡ
ପାଣ୍ଡବନଗର, ଭୁବନେଶ୍ୱର ୭୫୧୦୧୮

# ଦୂର ପାହାଡ



ଅନଙ୍ଗ ମଞ୍ଜରୀ

ଗଳ ବହୁତ ନା କରିଥିଲା । କାରଣ ରାତି ପାହିଲେ ଗଳରେ ଛୋଟମୋଟ ଖାତା କଲମର ଆଉ ଫୌଜି ମାନଙ୍କର ବର୍ଦ୍ଦୀ, ବାକ୍ସ, ବୁଟ ଆଉ ବେଲ୍ଟର ଛୋଟମୋଟ ଦୋକାନ । ସବୁ ଫୌଜିଙ୍କର ଥିଲା ଏକ ନୀତିଦିନର କର୍ମମୟ ଜୀବନ ଶେଷକରି ସେ ଗଳର ଛୋଟ ମାର୍କେଟରେ ସନ୍ଧ୍ୟାରେ ଯାଇ ବୁଲିଆସିବା । କରଣବାବୁ ଥିଲେ ଫୌଜିର କ୍ଲର୍କ । କଛି କଣିବାକୁ ଦରକାର ପଡୁଥିଲେ ଯାଉଥିଲେ ମାର୍କେଟକୁ ଆଉ ସିଂହବାବୁଙ୍କ ଦୋକାନରେ ବସି କଛି ସମୟ ବିତେଇ ଆସିଯାଉଥିଲେ ।

ଅଗ୍ନକ ଦିନେ ସିଂହବାବୁଙ୍କର ପରଲୋକ ହୋଇଗଲା । ଗ୍ରେଟି ଝିଅ, ବଂଶ ରକ୍ଷାପାଇଁ ଶେଷରେ ଗୋଟିଏ ପୁତ୍ରକୁ ଜନ୍ମ ଦେଇଥିଲେ । ଦୋକାନକୁ ଚଳେଇବାକୁ ଦରକାର । ପୁତ୍ର ଅତି ଛୋଟ ଥିଲା । ଏଣୁ କଛି ଦିନ ଦୋକାନ ବନ୍ଦ ହେବାପରେ କରଣବାବୁ ସବୁଦିନ ସନ୍ଧ୍ୟାସମୟରେ ଯାଇ ଦୋକାନ ଖୋଲିବସନ୍ତି । ସିଂହବାବୁଙ୍କ ଝିଅ “ମୋନ” ପାଠ ପଢୁଥାଏ । ବଡ ସାହାସୀ ଆଉ ପରିଶ୍ରମୀ ଥିଲା । ନଜେ କମର କସିଥିଲା ଦୋକାନକୁ ସିଂହବାବୁଙ୍କର ନାଁରେ ଆଗେଇ ନବାକୁ । ସେତେବେଳେ ଗାଡି ମଟର ଏତେ ସୁବିଧା ନଥିଲା । ସାଇକେଲରେ ବାନ୍ଧି ବଡବଜାରକୁ ଯାଇ ସବୁ ସାମାନପତ୍ର ଆଣୁଥିଲା । ଛୁଟି ଦିନରେ କରଣବାବୁ ଯାଇ କଛି ସାହାଯ୍ୟ କରୁଥିଲେ । ଏହିପରି ଗୁଜାର୍ ସହିତ ବଡ

କଷ୍ଟରେ ଦୁଇ ଭଉଣୀଙ୍କର ବିଭାଘର କରି ମୋନୀ ପାଠ ପଢୁଥିଲା, ଭାଇକୁ ମଧ୍ୟ ପଢାଉଥିଲା ।

ଦିନ ଆସିଲା ମୋନୀ ତାର ପିତାଙ୍କ ଘର ଛାଡି କରଣବାବୁଙ୍କ ହାତ ଧାମି ଭାଇକୁ ତାର ଜିମେଦାରୀ ଦେଇ ଚାଲିଆସିଥିଲା । ଚାହିଁଥିଲେ ସେ ସେଠାରେ ରହି ପାରିଥାଆନ୍ତା କିନ୍ତୁ ସ୍ୱାଭିମାନୀ ମୋନୀ ଦୂରରେ ରହି ସାହାଯ୍ୟ କରିବାର ଅଭିପ୍ରାୟ ରଖିଥିଲା ।

ସମୟ ସହିତ ଖୁସିରେ ପରିବାରକୁ ଆଗକୁ ବଢାଇଥିଲା । ପାଠପଢି ଏକ ଶିକ୍ଷୟତ୍ରୀ ଭାବରେ ଯୋଗଦେଲା ମୋନୀ । କରଣ ବାବୁଙ୍କର ଟ୍ରାନ୍ସଫର ହୋଇଗଲା ଶ୍ରୀନଗର । ମୋନୀ ପିଲାକୁ ସ୍କୁଲ ପଠେଇ ନିଜେ ସମସ୍ତ କାର୍ଯ୍ୟ ସାରି କର୍ମକ୍ଷେତ୍ରକୁ ଚାଲିଯାଆନ୍ତି । ଏକୁଟିଆ ରହି ପିଲାମାନଙ୍କୁ ନଜର ରଖିବା ବଡ କଷ୍ଟ, କିନ୍ତୁ ମୋନୀ ବଡ ସ୍ୱାଭିମାନ ସହିତ ପିଲାମାନଙ୍କୁ ମଣିଷ କରିଥିଲା । ହଠାତ୍ ଦିନେ ଏକ ଛୋଟ ଆକ୍ସିଡେଣ୍ଟ ରେ ମୋନୀର ଦୁଇହାତ ଜଳିଗଲା । ବହୁତ ଦିନ ଟ୍ରିଟମେଣ୍ଟ ପରେ ମୋନୀ ନିଜର ସବୁ ଆଙ୍ଗୁଠି ହରେଇ ଦେଇଥିଲା । କରଣବାବୁ କାରଗିଲ୍ ଯୁଦ୍ଧରେ ଥିଲେ, ସେତେବେଳେ ଆସିବା ତାଙ୍କପାଇଁ ସମ୍ଭବପର ହୋଇନଥିଲା । ସେଥିରେ ବି ମୋନୀ ହାର ମାନି ନଥିଲା । କଷ୍ଟ କଣ ଦେଖି ଆସିଥିଲା ବୋଲି ନିଜକୁ ସମ୍ଭାଳି ନେଇ ସବାରୀ ପାରିଥିଲା । ପିଲାମାନେ ଧୀରେ ଧୀରେ ବଡ ହୋଇଗଲେ ।

ମୋନି ଗୋଟିଏ ଘର ନିଜ ପାଇଁ କରିଲା । ଧିରେ ଧିରେ ପିଲାମାନଙ୍କର ବିଭାଘର କରିଲା । ବଡ ପୁଅ, ସାନଭାଇ ମିଶିକରି ସବୁ ରହୁଥିଲେ । ଘରେ ଧିରେ ଧିରେ ଛୋଟମୋଟ

ଖିଟପିଟ୍ ଆରମ୍ଭ ହୋଇଗଲା । ମୋନୀ ଏହିପରି ଖିଟପିଟ୍ ଦେଖି ଭାବିନେ ୨ ଜଣଙ୍କୁ ଅଲଗା ଅଲଗା ଘର ନେଇ ନିଜ ପରିବାର ସାଥିରେ ସୁଖରେ ରହିବାକୁ ଅନୁମତି ଦେଇଦେଲେ ଭଲ ହେବ । ଝିଅଟିକୁ ଏକ ଆମେରିକାରେ ରହୁଥିବା ଏକ ପ୍ରବାସୀ ସାଙ୍ଗରେ ବିବାହ କରିଦେଲେ । ପିଲାମାନଙ୍କୁ କହିଲେ ତମର ଯେବେ ଖୁସିହବ ଆସିବ, ମୋତେ ଆଉ ତୋର ବାବାଙ୍କୁ ଦେଖିବାକୁ । ମୋର ମନ ଯେବେ ହେବ ମୁଁ ଯାଇ ତମ ପାଖରେ ବୁଲି ଆସିପାରିବି । ମୋର ଘରଦ୍ୱାର ସବୁବେଳେ ପାଇଁ ଖୋଲା, କନ୍ତୁ ମୁଁ ଗୃହେଁ ଶାନ୍ତି । ଆଉ ଯେତେ ଦିନ ରୁହ ତୁମେମାନେ ପରିବାର ସହିତ ଶାନ୍ତିରେ ରୁହ । ଭାଇ ଭଉଣୀ ଭଲ ମନୋଭାବ ନେଇ ରୁହ । ମୋନୀର ଏପରି ନିଷ୍ପତି ବହୁତ କଛି ପ୍ରେରଣା ଦିଏ । ଇଣ୍ଡିପେଣ୍ଡେଣ୍ଟ ହେବା ସହିତ ଦୂର ପାହାଡ ସୁନ୍ଦର ଗୃହେଁ, ସେ ମୋର ନିଜର ସନ୍ତାନ କାହିଁକି ନହୁଅନ୍ତୁ ।

ହାଇଦରାବାଦ

ଚଳିତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଆଲୋକର ପଥ

ଗୀତା ଷଡ଼ଙ୍ଗୀ

ପ୍ରଶ୍ନ ପରେ ପ୍ରଶ୍ନ ଖାଲି

ପ୍ରତିଧ୍ୱନି ତୋଳୁଥାଏ

ମୋ ମଗଜ ଭିତରେ

ମାଟିରେ ପାଣିରେ

ପଥରରେ ନା ଆକାଶରେ

କେଉଁଠି ରଖିବି ପାଦ

ଯେଉଁଠି ରଖିଲେବି

ପାଦ ଖାଲି ଟଳମଳ ।

ଚତୁର୍ଦ୍ଦିଗେ ଏତେ କୋଳାହଳ

କାନ୍ଦ ବୋବାଳରେ ଉଛୁଳେ

ଧୈର୍ଯ୍ୟହରା ଲାଗେ ବେଳୁବେଳ

ଛାତିର ଦରଜ ଦେଖି ହୁଏନି

କି କାହାକୁ ଦେଖାଇ ହୁଏନି ।

ଦୀର୍ଘଶ୍ୱାସର ଦୈର୍ଘ୍ୟ

ଯେତେ ବେଶୀ ହେଉପଛେ

ଲିଭାଇ ପାରିବନି ମୋ

ଅଖଣ୍ଡ ଜ୍ୟୋତିକୁ

ଆଜି ମୁଁ ବାହାରିଛି

ହୃଦୟରୁ ହୃଦୟକୁ

ଆଲୋକ ଦାନ କରିବାକୁ ।

ଅଂଧାରରେ ଏକାକାର

ହୋଇ ଯାଉଥିବା ମୋ ଶରୀର

ସେ ତ ଦୀପ ତଳର ଅଂଧାର

ଅନ୍ତରରେ ଅନିର୍ବାଣ ଜ୍ୟୋତି

ଜଳାଇ ରଖିଛି ନିରନ୍ତର

ନିଜେ ଜଳି ଅପରକୁ

ଦେଖାଇବି ପଥ ଆଲୋକର ।

ପ୍ଲଟ ନଂ- ୨୨୭, ସେଣ୍ଟ୍ରାଲ ଆପାର୍ଟମେଣ୍ଟ
ଦୟାଲ ଦାସ ରୋଡ, ଭିଲେପାର୍ଲେ ଇଷ୍ଟ, ମୁମ୍ବାଇ

# ରାମ ନାମ ସତ୍ୟ
# ହରି ନାମ ସତ୍ୟ



ଭାରତୀ ସାହୁ

ଆଖି ବୁଜି ଦେଲେ ନିଦ ଆସିଯାଏ ନିଦ ଆସିଗଲେ ସ୍ୱପ୍ନ,
ସେହି ସ୍ୱପ୍ନ ଯଦି ସାକାର ନହେଲା ଭାଙ୍ଗି ଚୁନା ହୁଏ ମନ ।
ରାତି ପାହିଗଲେ ଜହ୍ନ ଲୁଚିଯିବ ଭାଙ୍ଗିଯିବ ମୋର ସ୍ୱପ୍ନ,
ଫିଙ୍ଗିଦେବି ସବୁ ଗଭାର ଗଜରା ହଜିଯିବ ସ୍ମୃତି ଚିହ୍ନ ।
ରାଣ ଦେଇ ପରା ରାତିକୁ କହିଲି ଆଉ ଦଣ୍ଡେ ମାତ୍ର ରୁହ,
କେଇପଦ ମିଠା କଥା କହିବାକୁ ଆସିବେ ନିଶ୍ଚୟ ପ୍ରିୟ ।
ରାତି ଖୋଜୁଅଛି ଜହ୍ନର ଜୋଛନା ମୁଁ ତୁମକୁ ଖୋଜେ ସାଥି,
କେତେ ଭଲପାଏ ପୂନେଇ ଜହ୍ନକୁ ସେ କଥା ଜାଣିଛି ରାତି ।
ଲକ୍ଷେ ଫଗୁଣର କୃଷ୍ଣଚୂଡ଼ା ଆଣି ଗଭାରେ ଖୋସିବ ବୋଲି,
ତୁମ ପାଇଁ ଅଭିସାରିକା ସାଜିଲି ଶେଯ ଆଖିଠାରେ ଖାଲି ।
ରାତି ପାହିଗଲେ କଥା ସରିଯିବ ଯଦି ତୁମେ ନଆସିବ,
ରାମ ନାମ ସତ୍ୟ ହରି ନାମ ସତ୍ୟ ଗାଁ ଦାଣ୍ଡେ ଶୁଭୁଥିବ ।

ଯୁନଦା ପାଟଣା, ଦଶରଥପୁର, ଯାଜପୁର

# କଏ କହେ ତାକୁ ଛଳନା ପୁଣି, କଏ କହେ ତାକୁ ପ୍ରେମ....



ସୁବଳ ମହାପାତ୍ର

"ବଣ୍ଟି, ଏ ବଣ୍ଟି....ଉଠୁଛୁ ନା ନାହିଁ? ? ନଅ ଟା ବାଜିଲାଣି ଏ ପିଲାର ନିଦ ଭାଙ୍ଗୁନି" କହି ଜୋର ରେ ହଲେଇ ଦେଲା ମା....

ମୁଁ ବଣ୍ଟି, ବଣ୍ଟି ମିଶ୍ର। କୁଳୀନ ବ୍ରାହ୍ମଣ। ଗାଁ ରେ ଥିଲାବାଲା ଘରର ଏକମାତ୍ର ପୁତ୍ର। ପ୍ରାୟ ପଚାଶ ସରିକି ଏକର ଜମିର ମାଲିକ ମୁଁ। ଘରେ ଆଠଟି ହଳଆ ମୂଲିଆ କାମ କରନ୍ତି। ମୁଁ ଏ ବର୍ଷ ଦଶମ ପାସ କରି କଲେଜ ଯାଇଛି। ପ୍ରେମ ମୋ ଦେଇ ହେଲାନି, କେହି ଜଣେ ବି ଭଲ ଲାଗି ନାହାନ୍ତି ଏବେ ଯାଏଁ, ଯେଉଁଠି ମୋ ସାଙ୍ଗ ମାନେ ପ୍ରାୟ ଗୋଟେ, ଯୋଡ଼େ କମ୍ବା ତିନଟା ଗାର୍ଲ ଫ୍ରେଣ୍ଡ କରି ବେଳେ ବେଳେ ବଜାର ବୁଲା ଓ ସିନେମା ଦେଖାରେ କଲେଜ ବଙ୍କ ମାରନ୍ତି, ସେଠି ମୁଁ ଅତ୍ୟଧିକ ଦେହ ଖରାପ ନହେଲେ ସବୁ କ୍ଲାସ କରେ। ଗୋଟେ ବି ମିସ କରେନି। ଏତିକି ପରିଚୟ ଯଥେଷ୍ଟ ବୋଧେ, ଯାହାକୁ ଅଧିକ ଦରକାର ପଚାରି ପାରିବେ। ମୁଁ ଉତ୍ତର ଦେବି....

ଓହୋ, ମଣିଷ କ ମସ୍ତ ସ୍ୱପ୍ନ ଟେ ଦେଖୁଥିଲା, ଏ ଘରେ ମଣିଷ କୁ ସ୍ୱପ୍ନ ବି ଦେଖିବାକୁ ଦେବେନି.... ଛେ... ନିଦୁଆ ନିଦୁଆ ଆଖିରେ ଆଖି ମଳି ମଳି ଚାହିଁ ଆଡକୁ ଚାହିଁଲି ମୁଁ। ମା କେତେବେଳୁ ରୁମ ଭିତରୁ ବାହାରକୁ ଯାଇ ସାରିଥିଲା, ମୁଁ ଏବେ ସ୍ୱପ୍ନ ଟି ମନେ ପକେଇଲି....

ଅଗନା ଅଗନ ବନସ୍ତ। ବନସ୍ତ ଭିତରେ ଗୋଟେ ପୋଖରୀ। ପୋଖରୀ ଭିତରେ କାଚ କେନ୍ଦୁ ପରି ପାଣି। ବଣ ର ଗଛ ସବୁ ଆକାଶ ଛୁଇଁଲା ପରି ଲାଗୁଥାନ୍ତି। ମାଟି ଉପରେ

ସୂର୍ଯ୍ୟ କରଣ ପଡି ପାରୁ ନଥାଏ। ମୋ ହେଲିକ୍ୟାପ୍ଟର ରୁ ମୁଁ ଓହ୍ଲେଇ ବଣ ଭିତରେ ଚାଲିଥାଏ। ହାତରେ ଗୋଟେ ଖଣ୍ଡା, କାନ୍ଧ ରେ ଧନୁ ଓ ତୀର। ଖଣ୍ଡା ରେ ବୁଦୁ ବୁଦୁକଆ ଗଛ କାଟି ରାସ୍ତା କରି ମୁଁ ମାଡି ଚାଲିଥାଏ ଆଗକୁ ଆଗକୁ। ରାଜ୍ୟ ର ସବୁଠୁ ବଡ ବ୍ୟାଙ୍କ ରୁ ସବୁ ଟଙ୍କା ଲୁଟି, ଡକାୟତ ମାନେ ସବୁ ଏଇ ଜଙ୍ଗଲ ରେ ଲୁଚଥାନ୍ତି। ରାଜ୍ୟ ର ପ୍ରଧାନ ମନ୍ତ୍ରୀ ( ରାଜା ରାଜୁଡା ଅମଳ ର ରାଜ୍ୟ) ମୋତେ ଆଦେଶ ଦେଇଥାନ୍ତି ଡକାୟତ ଗ୍ୟାଙ୍ଗ କୁ ଧରିବା ପାଇଁ। ମୁଁ ଏବେ ଜଙ୍ଗଲ ଭିତରେ ଚାଲିଥାଏ ସେମାନଙ୍କ ଉଦ୍ଦେଶ୍ୟ ରେ। ହଠାତ ଏତେ ସୁନ୍ଦର ପୋଖରୀ ଦେଖି ଅଟକ ଗଲି। ପୋଖରୀ ରୁ ପାଣି ପିଇ ପାଖରେ ଥିବା ବରଗଛ ମୂଳରେ ଟିକେ ଶୋଇ ଯିବାକୁ ମନ ଡାକୁଥାଏ। କନ୍ତୁ ଜୀବ ଜନ୍ତୁ ଓ ଡକାୟତ ଙ୍କ ଭୟରେ ନ ଶୋଇ ଆଗକୁ ଯିବାକୁ ମନସ୍ଥ କଲି। ତଥାପି ଆଖି ମାଡି ପଡୁଥାଏ। ନଦ ଆସିଲେ ତ ଚଉଦ ବ୍ରହ୍ମାଣ୍ଡ ଅନ୍ଧାର ଦେଖାଯାଏ, ସେଠି ଚୋର, ସରୀସୃପ କୁଆଡୁ ଦିଶିବେ? ଦେଖୁ ଦେଖୁ ଆଖି ମାଡି ପଡିଲା।

ଆଖି ଖୋଲିଲା, ରାତି କେତେ ଘଡି ହୋଇଥିବ ଜଣା ନାହିଁ। ମୁହଁ ହାତ ଧୋଇବାକୁ ପୋଖରୀ କୁ ଗଲି। ଅଳ୍ପ ଅଳ୍ପ ଜହ୍ନ ଆଲୁଅ ପଡି ପୋଖରୀ ର ପାଣି ଚକ ମିକ କରୁଥାଏ। ବହୁତ ସୁନ୍ଦର ଦେଖାଯାଉଥାଏ ସେ ଦୃଶ୍ୟ। ପୋଖରୀ ଭିତରେ କଛି ଦୂରରେ, ଏତେ ସୁନ୍ଦର ଝିଅଟିଏ ଗାଧୋଉଥିବ ବୋଲି ମୋର ଧାରଣା ନଥିଲା। ଆଖି ଲାଖିଗଲା ତା'ଠି... ଆଃ... କେଉଁ ଦେଶ ର ରାଜକନ୍ୟା ନଶ୍ଚେ। ହେଲେ ଏତେ ରାତିରେ, ବିନା ସହଚରୀଙ୍କ ସହ କେହି କଣ ପୋଖରୀ ରେ ଗାଧୋଇବା ପାଇଁ ଆସିପାରେ? ? ନା ନା....ଇଏ ମନୁଷ୍ୟ ନୁହେଁ, ନଶ୍ଚିତ ଭାବେ କେହି ଦେବୀ ଅଥବା ପରୀ। ଗାଢ଼େଇ କ ଅନେଇଲି, ନା....ପରୀ ର ପର ଥିଲା ପରି ଲାଗୁ ନଥିଲା। ସେ ଯିଏ ବି ହେଉ, ଆଉ କଛି ନଭାବି ତା ରୂପ ରେ ମୁଁ ମଜ୍ଜି ଗଲି। କ ସୁନ୍ଦର ଗ୍ରିବା, ସୁନ୍ଦର କେଶ ପରିପାଟି, ସୁନା ଧଡି ଥିବା ମଖମଲି ପୋଷାକ। ଅଣ୍ଟା ଠାରୁ ମୁଣ୍ଡ ଯାଏଁ ଦଶ ପନ୍ଦର ଥର ଆଖି ବୁଲେଇ ସାରିଲା ପରେ ଭାବିଲି ଯାଇ ପଚାରିବି କ? କନ୍ତୁ ସେ ଡରି ଯିବନ ତ? କଛି ଭାବିବନ ତ? କାଳେ କେଉଁ ଚୋର, ଡକାୟତ ଭାବି ଯଦି ଆକ୍ରମଣ କଲା? କଛି ବିଶ୍ୱାସ ନାହିଁ। ରାତି ଅଧ ରେ ଯିଏ ଏକା ଏକା ଏ ଜଙ୍ଗଲ ଭିତରେ ଥିବା ପୋଖରୀ ରେ ଗାଧୋଇ ପାରେ, ସେ ନଶ୍ଚେ ଯୁଦ୍ଧ ବିଦ୍ୟା ରେ ପାରଙ୍ଗମ ହୋଇଥିବ। ତଥାପି ମନ ଟି ଅଟକ ଗଲା....

ଛେ....ମା କୁ ବି ଏଇ ସମୟ ରେ ଡାକବାକୁ ଥିଲା? ? ଆଉ ଟିକେ ହେଇଥିଲେ କଛି ନହେଲେ ତା ନାଁ ଟା ତ ପଚ୍ଚାରି ପାରିଥାନ୍ତି, ରାଗ ଆସୁଥିଲା ମା ଉପରେ.....

* * *

ପଅର ଦିନ ରାତିରେ ଦେଖିଥିବା ସ୍ୱପ୍ନ ଟି ପୁଣି ଥରେ ଦେଖିବା ପାଇଁ କାଲି ଶୀଘ୍ର ଶୋଇଗଲି, କନ୍ତୁ ନା ଆଜି କାଇଁ ସେ ଦେଖା ଗଲାନ। ଛାଡ଼... ଏବେ ସେ ସ୍ୱପ୍ନ ଟି ପାଇଁ ପୁଣି ଅପେକ୍ଷା କରିବାକୁ ଲାଗିଲି....

* * *

ବଣ୍ଟି...ଏ ବଣ୍ଟି, ପାଠ ପଢ଼ିବାର ଆଉ ନାହିଁ କ? ସବୁଦିନ କଣ ସକାଳୁ ଡେରି ରେ ଉଠୁଛୁ। ସେଇତ ନଆଁଲଗା ମୋବାଇଲ...ଖାଇଲା ସବୁ ଛୁଆଙ୍କୁ। ସବୁ ଶେଜ ରେ ପଡି ସେ ଫାଳକଆ ମେସିନ କୁ ଖାଲି ଖେଳିଲେ। ରାତିରେ ଜଲଦି ଶୋଇଲେ ସିନା ସକାଳୁ ଉଠି ପାଠ ପଢନ୍ତୁ....ଏ ମୋବାଇଲ କଏ ତିଆରି କଲା କେଜାଣି... ଇତ୍ୟାଦି ଇତ୍ୟାଦି....ମା, ମୋବାଇଲ ଆଉ ମୋବାଇଲ ତିଆରି କରିବା ଲୋକର ର ଚଉଦ ପୁରୁଷ ଉଦ୍ଧାରୁ ଥାଏ, ମୁଁ କନ୍ତୁ ରାତିରେ ଦେଖିଥିବା ସ୍ୱପ୍ନ କୁ ମନେ ପକେଇବାକୁ ଲାଗିଲି....

ଦୁଇଦିନ ପରେ ପୁଣି ସେ ଦେଖାଗଲା ସ୍ୱପ୍ନ ରେ, ଠିକ ଯେଉଁଠୁ ଛାଡିଥିଲି ସେଇଠୁ.... ମୁଁ ତାକୁ ଏକ ଲୟରେ ଚାହିଁଥାଏ। ସେ ପୋଖରୀ ଭିତରେ ଗାଧୋଉ ଥାଏ। ମୁଁ ତାକୁ ପଚ୍ଚାରିବି ପଚ୍ଚାରିବି ହେଉଥିଲି, କନ୍ତୁ କଣ? କଣ ପଚ୍ଚାରିବି? ତୋ ନାଁ କଣ? ତୋ ଘର କେଉଁଠି? ତୁ ମଣିଷ ନା ଅପ୍ସରୀ? କଣ ପଚ୍ଚାରିବି ଭାବି ପାରୁ ନଥାଏ। ମୁହଁ ତଳକୁ କରି ଚନ୍ତା କଲା ବେଳକୁ ହଠାତ ପାଖରୁ କାହାର ପାଟି ଶବ୍ଦ ଶୁଣି ତା ଆଡକୁ ଅନେଇଲି। ରୂପ ରେ ମୁଗ୍ଧ ହୋଇ ମୋର ବେହୋସ ହେବା ଅବସ୍ଥା। ସେ କହି ଚାଲିଥାଏ, "ଅବନ୍ତି ଦେଶ ର ରାଜକୁମାର, ଏତେ ରାତିରେ ଏ ନର୍ଜନ ଅରଣ୍ୟ ରେ କଣ କରୁଛନ୍ତି?

ଆଃ...କ ସୁନ୍ଦର କଣ୍ଠସ୍ୱର, ସତେ ଅବା କେହି ଜଣେ ବଇଁଶୀ ବଜେଇବାର ଶବ୍ଦ। ଏତେ ପାଖରେ ତାକୁ ଦେଖି ଚମକ ପଡିଲି। ହସି ହସି ଗଡ଼ିଗଲା ସେ। କହିଲା, "ମୁଁ ଭୂତ ନୁହେଁ ମ, ମୁଁ ଏ ପାଞ୍ଚାଳ ଦେଶ ର ରାଜ କୁମାରୀ। ହଠାତ ରାତିରେ ନଦ ନ ହେବାରୁ ରାଜ୍ୟ

ଭିତରେ ବୁଲୁ ବୁଲୁ ଏ ଜଙ୍ଗଲ ଆଡେ ଚାଲି ଆସିଲି। କେଜାଣି କେହିଜଣେ ହାତଠାରି ଡାକଲା, କନ୍ତୁ ଯେତେ ଭିତରକୁ ଭିତରକୁ ପଶିଲି ସେହି ଶବ୍ଦ କାହିଁକି ଘୁଞ୍ଚି ଘୁଞ୍ଚି ଗଲା। ଆସୁ ଆସୁ ହାଲିଆ ହୋଇ ଯାଇଥିଲି। ଏଠାରେ ଏ ପୋଖରୀ ଦେଖି ଟିକେ ଗାଧୋଇ ପଡିବାକୁ ଇଚ୍ଛା ହେଲା।

ଆପଣ ମୋତେ କେମିତି ଚହ୍ନିଲେ? ଛାତି ଧଡ଼ ଧଡ଼ କମି ନଥିଲେ ବି ଗୋଟେ ନଶ୍ୱାସ ରେ ପଚାରିଦେଲି ମୁଁ।

ଅଳ୍ପ ହସି ସେ କହିଲା, କଛି ଦିନ ପୂର୍ବରୁ ମୁଁ ସଖୀ ମାନଙ୍କ ପାଖରୁ ଆପଣଙ୍କ ତୈଳଚତ୍ର ଦେଖିଥିଲି। ଭଲ ବହୁତ ଭଲ। ତେବେ ଆପଣ ଏଠି ଯେଉଁ ଚୋରର ମାନଙ୍କୁ ଧରିବାକୁ ଆସିଛନ୍ତି, ସେମାନେ ଏବେ ଏଠାରୁ ମାତ୍ର ଦୁଇ କଲୋମିଟର ଦୂରତା ରେ ଆଣିଥିବା ଟଙ୍କା ସୁନା ଭାଗ କରୁଛନ୍ତି। "ଓଃ ଧନ୍ୟବାଦ ଏ ସୂଚନା ପାଇଁ" ବୋଲି କହି ମୁଁ ସେ କହିଥିବା ଦିଗରେ ଘୋଡା ଛୁଟେଇଲି। ଚୋରଙ୍କୁ ଧରି ରାଜ୍ୟ କୁ ଆଣି ରାଜାଙ୍କ ଜିମା ଦେବାପରେ ଅହରହ ମୁଁ କଛି ଯନ୍ତ୍ରଣା ରେ ଛଟପଟ ହେବାକୁ ଲାଗିଲି। ମୋ ମୁଣ୍ଡରେ ବହୁତ ଗୁଡିଏ ପ୍ରଶ୍ନ ଉଙ୍କି ମାରିବାକୁ ଲାଗିଲେ। ସେ କେମିତି ଜାଣିଲା ଦୁଇ କଲୋମିଟର ଦୂରରେ ଚୋର ମାନେ ଟଙ୍କା ସୁନା ଭାଗ କରୁଛନ୍ତି ବୋଲି? ଯଦି ଜାଣିଥିଲା ତେବେ ସେମାନଙ୍କୁ କାବୁ କଲାନାହିଁ କାହିଁକି? ସେମାନେ କଣ ଏକୁଟିଆ ଝିଅଟିଏ କୁ ରାତି ଅଧରେ ଦେଖିଲା ପରେ ସେମିତି ଛାଡିଦେଲେ? ଇଏ ନଜେ ସେମାନଙ୍କ ଦ୍ୱାରା ଚୋରି କରେଇ ନଥିଲା ତ? ଏମିତି ହଜାରେ ପ୍ରଶ୍ନ କନ୍ତୁ ଉତ୍ତର ପାଇ ପାରୁ ନଥିଲି।

କଣ ଇଏ? କାହିଁକି ଏମିତି ଘଟୁଛି? କାହିଁକି ରାତିରେ ଶୋଇ ପାରୁନ ମୁଁ? ବଡ ବିଚଳତ ଲାଗୁଛି। ତେବେ କଣ ମୁଁ ? ପ୍ରେମ ରେ ଅଛି? ? କେଜାଣି? ନା ରହସ୍ୟ ଉନ୍ମୋଚନ କରିବାର ଜିଜ୍ଞାସା ମୋ ମନରେ ଉଙ୍କି ମାରୁଛି? ମୁଁ କଛି ବି ଜାଣି ପାରୁ ନଥିଲି। ବିଚଳତ ହୋଇ, ଟେନସନ ରେ ମୋ ଦେହରୁ ଝାଳ ବାହାରି ଯାଉଥାଏ। ଠିକ ଏତିକ ବେଳେ ମା କୁ ଡାକବାର ଥିଲା...ଛେ....ପୁଣି ସେ ସ୍ୱପ୍ନ କୁ ଅପେକ୍ଷା କରିବାକୁ ପଡିବ। ଜଣା ନାହିଁ ପୁଣି ମୁଁ ସେ ସ୍ୱପ୍ନ ଆଉଥରେ ଦେଖି ପାରିବି କ ନାହିଁ। ମୁଁ ଦିନ ରାତି ବସି ସେ ସ୍ୱପ୍ନ ବିଷୟରେ ଭାବିବାକୁ ଲାଗିଲି। ସତରେ ପାଠ ପଢା ପୁରା ଚୁଲିକୁ ଯାଇ ସାରିଥିଲା। ନା କଲେଜ, ନା

ଟିଉସନ, ନା ସକାଳ, ନା ସନ୍ଧ୍ୟା, ଏ ସ୍ୱପ୍ନ ମୋତେ ଏତେ ଆବୋରି ବସିଥିଲା ଯେ ତା ବ୍ୟତୀତ ଆଉ କଛି ବିଷୟରେ ମୁଁ ଚନ୍ତା ବି କରିପାରୁ ନଥିଲି।

ଏ ଭିତରେ ଗୁଡ଼େ ଦିନ ବିତି ସାରିଥାଏ। ସେ ସ୍ୱପ୍ନ ଆଉ ମୋତେ ଆସୁ ନଥାଏ। ମୁଁ ବି ଦୈନଦୀନ ଜୀବନରେ ପଡି ତାକୁ ଭୁଲିବାକୁ ବସିଥାଏ, ହଠାତ ଦିନେ ରାତିରେ ମୁଁ ପୁଣି ସେଇ ସ୍ୱପ୍ନ ଦେଖିଲି। ଯେଉଁଠି ଛାଡିଥିଲି ଠିକ ସେଇ ଜାଗାରୁ। ଏଥର ମୁଁ ପୁଣି ସେଇ ଜଙ୍ଗଲ କୁ ଆସି ସେ ଝିଅଟିକୁ ଅପେକ୍ଷା କଲି, ଦିନ ପରେ ଦିନ ବିତି ଚାଲିଥାଏ, ରହସ୍ୟ ଉନ୍ମୋଚନ ନହେବା ଯାଏଁ ମୁଁ ରାଜ୍ୟ କୁ ଫେରିବିନ ବୋଲି ନିଷ୍ପତ୍ତି ନେଇଥାଏ। ଏ ଭିତରେ ଦିନ ପରେ ମାସ ବିତି ତିନମାସ ବିତି ସାରିଥାଏ। ମୋ ମୁହଁ ରେ ନିଶ, ଦାଢ଼ି ଭର୍ତି ହୋଇ ସାରିଥାନ୍ତି। ସେଇ ପୋଖରୀ କୂଳରେ ମୁଁ କୁଡ଼ିଆ ଟିଏ କରି ମାଛ, ଫଳମୂଳ ସହ ଜଙ୍ଗଲ ରୁ ଜନ୍ତୁ ଶିକାର କରି ପେଟ ଭର୍ତି କରି ଅପେକ୍ଷା କରିଥାଏ ସେ ଝିଅକୁ। ହଠାତ ଦିନେ ରାତି ଅଧରେ ପୁଣି ପାଣି ର ଚଭ ଚଭ ଶୁଭିଲା। ମୋ କୁଡ଼ିଆରୁ ବାହାରି ବାହାରକୁ ଆସି ଦେଖେ ତ ସେଇ ଝିଅଟି। ଏଥର ମୁଁ ଝାମ୍ପି ପଡିଲି, ହାତ ଧରି ତାକୁ ବାହା ହେବା ପାଇଁ ନିବେଦନ କଲି। ହୋ ହୋ ହସରେ ବନ ଭୂମି ଯେମିତି ପ୍ରକମ୍ପିତ ହୋଇ ଉଠିଲା। ଡର ଟିକେ ଟିକେ ଲାଗୁଥିଲେ ବି ତାକୁହିଁ ବାହା ହେବି ବୋଲି ନିଷ୍ପତ୍ତି ନେଇଛି ଓ ତା ପାଇଁ ଦୀର୍ଘ ତିନମାସ ଧରି ଏଇଠି ଅପେକ୍ଷା କରିଛି ବୋଲି ସୁଚେଇ ଦେଲି। ଆଉ ଥରେ ପୁଣି ହୋ ହୋ ହୋଇ ହସି ଉଠିଲା ସେ । କହିଲା, "ଦୀର୍ଘ ଅଠର ଶହ ବର୍ଷ ଆଗରେ ତିନମାସ କଣ ବହୁତ ବେଶୀ? ? " । ମୁଁ କଛି ବୁଝି ନପାରି ଆଖି ପଲକ ନ ପକେଇ ତା ଆଡ଼କୁ ଚାହିଁ ରହିଲି। ଅଳ୍ପ ଟିକେ ମୁରୁକୁନ୍ଦ ମାରି କହି ଚାଲିଲା ସେ, "ଅଠର ଶହ ବର୍ଷ ପୂର୍ବେ, କାଞ୍ଚନ ଦେଶର ରାଜା ଜୟ ବର୍ମା ମୋ ବାପାଙ୍କୁ ଯୁଦ୍ଧ ରେ ପରାସ୍ତ କରି ମୋତେ ନେଇ ଆସିଲେ। ତାଙ୍କ ପାଖରେ ମୋତେ ମିଶେଇ ତିନଶହ ରାଣୀ ଥାଆନ୍ତି। ଆମେ ସବୁ ହାରେମ ରେ ରହୁଥାଉ, ତୁମେ ସେ ରାଜ୍ୟ ର ମନ୍ତ୍ରୀ ପୁତ୍ର ଆମ ଖାଇବା, ପିଇବା, ଭଲ ମନ୍ଦ ସବୁ ବୁଝିଥିଲ। ଆଉ ଆସ୍ତେ ଆସ୍ତେ ଆମ ଦୁଇ ଜଣଙ୍କ ଭିତରେ ପ୍ରେମ ହେଇଗଲା। ତୁମେ ତୁମ ହାତରୁ ନାଲି ରକ୍ଷା ସୂତ୍ର ଖୋଲି ମୋ ଆଗରେ ପ୍ରତିଜ୍ଞା କରିଥିଲ ଯେ ମୋତେ ବାହା ହେବ ବୋଲି। ସେ ଦିନୁ ମୁଁ ତୁମକୁ ଅପେକ୍ଷା କରିଛି। କୌଣସି ଏକ ଯୁଦ୍ଧ ରେ ତୁମେ ବିରଗତି ପ୍ରାପ୍ତ ହେଲ ଓ ମୁଁ ତୁମକୁ ନପାଇ ଏ ଖବର ଶୁଣି ହାରେମ ଭିତରେ ଆତ୍ମହତ୍ୟା କଲି। ଏତେ ବର୍ଷ ପରେ ମୋ ଆତ୍ମହତ୍ୟା ର ପାପ ମୋଚନ ହେବାରୁ ମୁଁ ତୁମକୁ ଦୃଶ୍ୟ ହେଉଛି, ହେଲେ ମୁଁ ଏକ

ଅଶରିରୀ। ମୋ ପୁନର୍ଜନ୍ମ ମୁଁ ନର୍ଧାରଣ କରି ସାରିଛି ତୁମେ ବି ଶୀଘ୍ର ଆସିବ, ମୁଁ ତୁମକୁ ଅପେକ୍ଷା କରିବି। ଆମେ ବାହାହେଲେ ଯାଇ ଆମ ପ୍ରତିଜ୍ଞା ପୂର୍ଣ୍ଣ ହେବ। ଯଦି ମୁଁ ଆଗ ଜନ୍ମ ନଏ ଓ ତୁମେ ପଛରେ ଆସ ତେବେ ତୁମେ, ତୁମ ପ୍ରତିଜ୍ଞା ଭଙ୍ଗି ପାରିବ। ହେଲେ ମୋତେ ଖୋଜି ମୋଠାରୁ ରକ୍ଷା ସୂତ୍ର ଟି ଫେରେଇ ନେଲେ ହିଁ ମୁଁ ଏଥିରୁ ମୁକ୍ତ ହେବି।

ଏ ଏ ଏ ବର୍ଣ୍ଣି, ଉଠୁଛୁ ନା ଦେଖିବୁ ଏଇଲେ? ? ବାଡ଼ି ଖଣ୍ଡେ ଧରିକି ଗଲେ ପିଠିରୁ ଗ୍ଲେପା ଛଡେଇ ଦେବି। ବୁଝିଲୁ? ? ପାଠ ଶାଠ ସବୁ ଚୁଲିକି ଗଲାଣି ଯେ ଆସି ଦିନ ନଅଟା ଯାଏଁ ଶୋଇବ... ଉଠୁଛୁ ନା ଦେଖିବୁ? ?

ଉହୁଁ.....ଯେ ବି.....ପୁରା ସ୍ୱପ୍ନ ଟା କୀର୍କିରା କରିଦେଲା। ଏବେ କଉଠି ପାଇବି ତାକୁ? ? ମା ବି.... ଛେ......

ଗୋଟେ ଗୋଟେ ମୁହୂର୍ତ୍ତ ମୋତେ ଗୋଟେ ଗୋଟେ ବର୍ଷ ପରି ଲାଗୁଥାଏ। ପ୍ରେମରେ ଏତେ ଶକ୍ତି ଥାଏ ଏହା ମୋ ଚନ୍ତା ବାହାରେ ଥିଲା। ଜଣେ କଣ ଅଠର ଶହ ବର୍ଷ ଧରି ଜଣଙ୍କୁ ଅପେକ୍ଷା କରିପାରେ? ହେଲେ ଏହା ତ ଏକ ସ୍ୱପ୍ନ ମାତ୍ର। ସତରେ କଣ ପ୍ରେମ ଏତେ ସୁନ୍ଦର? ଏତେ ଶାଶ୍ୱତ? ଏତେ ଚରନ୍ତନ? କେଜାଣି? ? ମୋ ସାଙ୍ଗମାନେ ତ ମାସକୁ ଦୁଇଟା ଗାର୍ଲ ଫ୍ରେଣ୍ଡ ଚେଞ୍ଜ କରନ୍ତି...ହି ହି...କନ୍ତୁ ମୁଁ ? ? ମୋତେ କାହିଁକି ଆଜି ଯାଏଁ କେହିବି ପସନ୍ଦ କଲେ ନାହିଁ? ? ତେବେ ଏ ସ୍ୱପ୍ନ କଣ ସତ? ? ମୁଁ କଣ ସତରେ ଅବନ୍ତି ଦେଶ ର ରାଜକୁମାର ଥିଲି? ? ଆଉ ଏବେ ଏ ଗରିବ କୁଡ଼ିଆ ରେ ଜନ୍ମ ନେଇଛି? ? ସେ କଣ ସତରେ ମୋ ପାଇଁ ଜନ୍ମ ନେଇଥିବ? ସେ କଣ ସତରେ ଏତେ ସୁନ୍ଦର ଥିବ? ସତରେ ସେ କଣ ମୋ ପାଇଁ ଅପେକ୍ଷା କରିଥିବ? ? ଆଃ....ଏତେ ସବୁ ପ୍ରଶ୍ନ ର ଉତ୍ତର ଦେବ କଏ? ? ପୁଣି ଏକ ସ୍ୱପ୍ନ? ? ନା ଏ କାହାଣୀ ଅଧୁରା ରହିବ ଏହି ଜାଗାରେ? ?

ସକାଳୁ ସକାଳୁ ମୁଣ୍ଡ ଗୋଳମାଳ ହୋଇ ଗଲାଣି, ଆହୁରି ଦିନ ପଡିଛି....ମୋତେ କଣ କରିବା ଦରକାର ଏବେ? ଆଉ ଥରେ ଶୋଇ ପଡିବି କି? ? ହେଲେ ମା କଣ ଶୋଇବାକୁ ଦେବ? ? ନା....

ଦିନ ପରେ ଦିନ ବିତି ଚାଲିଥାଏ, ଅମୀମାଂସିତ ପ୍ରଶ୍ନ ର ଉତ୍ତର ମିଳୁ ନଥାଏ। ପାଠ ପଢା ସତରେ ଚୁଲି କୁ ଯାଇ ସାରିଥାଏ। କଲେଜ, ଟିଉସନ ରୁ ଘରକୁ କଂପ୍ଲେନ ଆସିବା ଆରମ୍ଭ ହୋଇ ସାରିଥାଏ କିନ୍ତୁ ମୁଁ ?? ନା ବଦଳ ପାରୁଥାଏ ନା ସ୍ୱପ୍ନ କୁ ଭୁଲି ପାରୁଥାଏ.....

ଏ ଭିତରେ ପ୍ରାୟ ଛଅ ମାସ ବିତି ସାରିଥାଏ। ମୁଁ ସ୍ୱପ୍ନ କୁ ଭୁଲିବାକୁ ବସିଥାଏ। ପ୍ରଥମ ବର୍ଷ ର ପରୀକ୍ଷା ସରି ସାରିଥାଏ, ଏ ଖରା ଛୁଟି ରେ ଗରମ ରୁ ରକ୍ଷା ପାଇବା ପାଇଁ ଛାତ ଉପରେ ଶୋଉଥାଏ....ହଠାତ ଦିନେ ପୁଣି ଦେଖିଲି ସେ ସ୍ୱପ୍ନ.... ଏଥର କିନ୍ତୁ ଚେହେରା ପରିଷ୍କାର ଦେଖା ଯାଉଥାଏ। ମୁଁ ତାକୁ କେଉଁଠି ଦେଖିଲା ପରି ମନେ ହେଉଥାଏ। ପୂର୍ବଥର ଯେତେ ଥର ବି ଦେଖିଛି କିଛି ଝାପ୍ସା ଝାପ୍ସା ଭାବେ ଦେଖା ଯାଏ, ଏଥର କିନ୍ତୁ ପୁରା ପରିଷ୍କାର.... ଆରେ...ହେ....ୟେ ତ ତିନଦିନ ପୂର୍ବରୁ ଆମ କଲୋନୀ କୁ ନୂଆ କରି ଆସିଥିବା ମହାନ୍ତି ଅଙ୍କଲ ଙ୍କ ଝିଅ। ଯିଏ ଏ ବର୍ଷ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ର ପରୀକ୍ଷା ଦେଇଛି। ହେଲେ ସେ ତ ମୋଠୁ ବଡ଼, ତେବେ କଣ ତାକୁ ପ୍ରେମ କରି ବିବାହ କରିବି? ନା ରକ୍ଷା ସୂତ୍ର ମାଗି ଆଣି ପ୍ରତିଜ୍ଞା ଭାଙ୍ଗିବି? ସେ କଣ ମୋ ଭଳି ସମାନ ସ୍ୱପ୍ନ ଦେଖୁଥିବ? ସେ କଣ ଜାଣିଥିବ ଯେ ମୁଁ ହେଲି ତା'ର ଅଠର ଶହ ବର୍ଷ ପୂର୍ବର ପ୍ରେମିକ? ସତରେ ସେ କଣ ମୋତେ ରକ୍ଷା ସୂତ୍ର ଫେରେଇ ଦେବ? ନା ଜିଦ ଧରି ବସିବ ବାହା ହୋଇ ପ୍ରତିଜ୍ଞା ରକ୍ଷା କରିବା ପାଇଁ? ମାତ୍ର ବର୍ଷେ ସାନ ବଡ଼ ରେ କଣ ବିବାହ ନିଷେଧ?? .....

ହେଲେ ଏତେ ସବୁ ଦ୍ୱନ୍ଦ ଭିତରେ ସେ କହିବାକୁ ଆରମ୍ଭ କଲା, "ଦେଖ, ମୋ ପ୍ରତୀକ୍ଷା ର ଅନ୍ତ ଘଟିଛି। ଏବେ ନୁହେଁ ତ କେବେ ନୁହେଁ। ଏବେ ନିଷ୍ପତ୍ତି ତୁମର। ତୁମେ ମୋତେ ଗ୍ରହଣ କରିପାର ବା ପ୍ରତିଜ୍ଞା ଫେରେଇ ନେଇ ପାର। ଯାହାବି ତୁମ ଇଛା। ଏତେ ବର୍ଷ ର ପ୍ରତୀକ୍ଷା ପରେ ନିଶ୍ଚିତ ଭାବେ ତୁମ ଇଛା କୁ ବି ସମାନ ଭାବେ ସମ୍ମାନ ଦେବା ମୋ କର୍ତବ୍ୟ। ତୁମ ସବୁ ପ୍ରଶ୍ନ ର ଉତ୍ତର କାଲି ସକାଳୁ ତୁମକୁ ମିଳଯିବ। କିନ୍ତୁ ଏବେ ତୁମକୁ ନିଷ୍ପତ୍ତି ନେବାକୁ ପଡିବ। ତୁମେ ମୋତେ ଗ୍ରହଣ କରିବାକୁ ଚାହଁ ନା ପ୍ରତିଜ୍ଞା ଫେରେଇ ନେବାକୁ ଚାହଁ? ଯାହା ବି ତୁମ ଇଛା..... ମୋତେ ଗ୍ରହଣ କରିବ ତ??

ସେପଟେ ମା ର ଛାଟ, ଏପଟେ ସମ୍ପର୍କ ର ଦ୍ୱାହି। ସେପଟେ ଅନ୍ୟ ଜାତି ପାଇଁ ସମାଜ ର ନାଲି ଆଖି ତ ଏପଟେ ଅଠର ଶହ ବର୍ଷ ର ପ୍ରତୀକ୍ଷା, ସେପଟେ ବାପାଙ୍କ ସମ୍ପତ୍ତି ରୁ ତେଯ୍ୟ ପୁତ୍ର ହେବାର ଭୟ ତ ଏପଟେ ପ୍ରେମ ର ବନ୍ଧନ..... ନା, ଆଉ ଭାବି

ପାରିବିନ...... କେବଳ "ନା" ବ୍ୟତୀତ ବାକ ସବୁ ପାଟି ଭିତରେ ଜିଭ ଅଗରେ ରହିଗଲେ "ଠାଏ" କରି ଶବ୍ଦ ଟିଏ ହେବାରୁ। କଛି ବୁଝିବା ପୂର୍ବରୁ ହାତ ଗ୍ଲି ଯାଇଥିଲା "ପଛ" ଆଉଁସିବାକୁ। ମା ର ଛାଟ ଯେ ପଛରେ ବାଜି ସାରିଥିଲା ଏକଥା ବୁଝିବାକୁ ଆଉ ବାକ ନଥିଲା। କନ୍ତୁ ସ୍ୱପ୍ନ ଆଜି ପୁଣି ଅଧା ରହିଗଲା।

ମା ର ପାଟି, "ଶହେ ଥର ଡାକ ସାରିଲିଣି, ଏବେ ଯାଏଁ ତୋ ନଦ ଭାଙ୍ଗୁନ? ? ପଧାନ ଘର ଗାଈ ପଶି ସବୁ ଗଛ ଖାଇ ସାରିଲେଣି। ଯା ଆଗ ଘଉଡେଇ ଦେଇ ଆ..."

ମୁଁ ଆଖି ମଳ ମଳ ଗାଈ ଘଉଡେଇବାକୁ ଯିବାବେଳେ, ମହାନ୍ତି ବାବୁଙ୍କ ଝିଅ ସାମ୍ନା ପଟୁ ଆସୁଥିବାର ଦେଖି ଅଟକ ଗଲି.....ହାତରୁ ତା ର ନାଲି ସୁତା (ଆଗରୁ ହାତରେ ଭିଡା ଯାଇଥିବା ରକ୍ଷା ସୂତ୍ର) ଟିଏ ଖସି ପଡୁଥିବାର ଦେଖି ସେ ଆଡକୁ ଦୌଡ଼ିଲି.....କନ୍ତୁ ସବୁ ପ୍ରଶ୍ନ ର ଉତ୍ତର ଫେରେଇ ସୁତା ଖଣ୍ଡିକ ମାଟିରେ ପଡି ସାରିଥିଲା ମହାନ୍ତି ବାବୁଙ୍କ ଝିଅର ଅଗୋଚର ରେ.....ମୁଁ ପହଞ୍ଚିବା ପୂର୍ବରୁ ସେ ଆମ ଗଳ ର ବାଙ୍କ ବୁଲି ସାରିଥିଲା।

ହଠାତ ମୋର ମନେ ପଡି ଯାଉଥିଲା ତା'ର ଶେଷ ପ୍ରଶ୍ନ.... ମୋତେ ଗ୍ରହଣ କରିବ ତ? ? ଆଉ ତା ସହ ମୋ ଉତ୍ତର...."ନା", ଯାହା କ ମା ଛାଟ ପାଇଁ ଅଧା ରହି ଯାଇଥିଲା......

ଏତେ ସୁନ୍ଦର ଝିଅଟିଏ ହାତ ଛଡା ହୋଇ ଯାଇ ଥିବାରୁ ମନ ଦୁଃଖ ତ ହେଉଥିଲା ଜୋର....ତେବେ ଏ ସମୟ ରେ ମା'ର ମାଡ଼ ରୁ ବଞ୍ଚିବା ପାଇଁ ମନଦୁଃଖ ଠୁ ଅଧିକ ପଧାନ ଘର ଗାଈ ଘଉଡେଇବା ମୋ ପାଇଁ ଜରୁରୀ ଥିଲା....

ତେବେ ଏ ଘଟଣା ଟି କଣ ସତ ଥିଲା? ନା ଖାଲି ଏକ ସ୍ୱପ୍ନ? ? ମୁଁ ଆଜି ବି ଦ୍ୱନ୍ଦ ରେ...

କଏ କହେ ତା କୁ ଛଳନା ପୁଣି, କଏ କହେ ତାକୁ ପ୍ରେମ......

ଖଲାରୀ, ଅନୁଗୁଳ, ଓଡିଶା

# ଖର୍‌ଛୁଟି



ଦୀନବନ୍ଧୁ ପୋଇ

ଶିକ୍ଷକ ଗୃକରି କରିଅଛି ବୋଲି
ଖର୍‌ଛୁଟି ମିଳେ ମୋତେ,
ଘରଣୀ ମୋହର ବୁଲ୍‌ବୁଲି ପାଇଁ
ଯୋଜନା କରିଛି କେତେ?   ।୧।

ସରକାରୀ କଳ ଛୁଟି ତାଲିକା ରେ
ଛଅ ମେ,  ରୁ ଛୁଟି ଥାଏ,
ଗ୍ରୀଷମ ସୂରୁଯ ବଢେଇ ଉତ୍ତାପ
ନିୟମ ଲଙ୍ଘିଲ୍ ସିଏ  ।୨।

ଆଗୁଆ ଛୁଟିର ଘୋଷଣା ଖବର
ପତ୍ନୀ ଟିଭିରୁ ଶୁଣିଲେ,
ବୁଲି ଯିବା ପାଇଁ ଲଗେଜ ସଜାଡ଼ି
ଆନନ୍ଦରେ ହସୁଥିଲେ  ।୩।

ପିଲାଙ୍କର ଛୁଟି ଶିକ୍ଷକ ର ନାହିଁ
ଦେଖାଇ ଦେଲି ମେସେଜ
ଶୁଣି ମୋ ଘରଣୀ ଭ୍ଗ୍ୟ ରେ ମୋ ନାହିଁ
ଅଭିମାନେ ଶୁଏ ସେଯେ   ।୪।

କର୍ଣି ପିଅନ ବାହାହୋଇ ସାଙ୍ଗ
ଗୃରି ଧାମ ବୁଲି ବୁଲି,

ଭିନ୍ନ ଭିନ୍ନ ଫଟୋ ଫେଏସବୁକ୍ ରେ
ଦେଖାନ୍ତି କଇତି ଖୋଲି ।୫ ।

ଯୁକ୍ତ ଦୁଇ ବିଜ୍ଞାନ ପଢେ ମୋ ପୁଅ
ସେ ବୋର୍ଡ ପରୀକ୍ଷା ଦେବ,
ଖରା ଛୁଟିତକ ଟ୍ୟୁସନ ନ ହେଲେ
ପରସେଣ୍ଟ ତା କମିବ ।୬ ।

ନିର୍ବାଚନ ପର୍ବ ଆଗକୁ ଆସୁଛି
ଅଫିସର ପଦ ନେବି,
ପାଞ୍ଚ ବରଷରେ ଅଫିସର ପଦ
ଖୁସିରେ ମୁଁ ହାତେଇବି ।୭ ।

ଉଚ୍ଚ ଶିକ୍ଷିତ କୁ ବଡ ଘର ଝିଅ
ସହଜରେ ବୁଝିଗଲା,
ବୁଝୁ କ ନ ବୁଝୁ ଫନର ତାଣ୍ଡବ
ଭଲରେ ବୁଝେଇ ଦେଲା ।୮ ।

ଆର ବରଷକୁ ହେ ସୂର୍ଯ୍ୟ ଦେବତା
ଉତ୍ତାପ ତୋ କମେଇବୁ ,
ମୋ ପ୍ରିୟା ସଙ୍ଗରେ ଗୃରି ଧାମ ଯାଇ
ତିର୍ଥ ଦର୍ଶନ କରିବୁ ।୯।

ବିଶେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ,
ମୁଣ୍ଡେଇଲୋ, ପର୍ଜଙ୍ଗ, ଢେଙ୍କାନାଳ

# ମୋ ପ୍ରଶ୍ନ



କବି ପ୍ରସାଦ

ଅଜଣା ବାଟର ବାଟୋଇ ମୁଁ
ଜାଣେନା ହେବ କା ସାଥେ ଭେଟ
ଅନାମି ନାଟକର ନାଟୁଆ ହୋଇ
ସଂସାର ହାଟରେ କରୁଛି ନାଟ ।

ସୁର ହିନ ଏଇ ଜୀବନ ସଙ୍ଗୀତ
ତଥାପି ତା' ଛନ୍ଦେ ଛନ୍ଦିହେଇ
ଗାଇ ଗ୍ଲିଛି ଅବିରତ ପ୍ରତିକ୍ଷଣ
ଗୋଟେ ବେସୁର୍ ଗାୟକ ହୋଇ ।

କେମିତି କହିବି କାହାକୁ କହିବି
ନଜର ଅବା ଅଟେ ପର
ମୁଁ ନଜେ ଖୋଜୁଛି ମୋ ବାସ୍ତବତା
ମୋ ଠିକଣା ମୋ ଘର ।

ଶୂନ୍ୟମୟ ଏଇ ନଭରେ ଯେମିତି
ଅନନ୍ତ ଅମାପ ନକ୍ଷତ୍ର ତାର୍
ଠିକ୍ ସେମିତି ମୋହର ଜୀବନେ
ବହେ ପ୍ରଶ୍ନ ର ଅଗଣିତ ଧାର୍ ।

ତଥାପି ଖୋଜୁଛି ଜୀବନର ଉଦ୍ଦେଶ୍ୟ
ଏଇ ଅସ୍ଥାୟୀ ସମୟ ଧାରେ
ଜୀବନ ଉଦୟଗିରିରୁ ଗ୍ଳିଛି ଆଗେଇ
ହାରିଯାଇ ନ କେବେ ଥରେ ।


ଦେଖିଛି ମୁଁ ଅନେକ ଅଦ୍ଭୁତ ବିସ୍ମୟ
ଜନମ ମରଣ ମଧ୍ୟରେ ସମର
ତଥାପି ଏ ଯାଏଁ ଅବୁଝା ସଭିଏଁ
ଆଶାବାଦୀ ହେବାକୁ ଅମର ।

କନ୍ତୁ ଜୀବନକୁ ନେଇ ମୋ ପ୍ରଶ୍ନ
ମୁଁ କଏ ମୋ ବାସ୍ତବତା କ'ଣ
ସ୍ୱପ୍ନ ନା ଏ ବାସ୍ତବ ଅବା ଆଉ କଛି
କେବେ ହେବ ସତ୍ୟତା ର ଜ୍ଞାନ ।

ସର୍ଗିଗୁଡା, ମଣ୍ଡଳ, ବେଲପଡା,
ବଲାଙ୍ଗୀର, ଓଡିଶା।

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତ୍ତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ସଂଯମ



ସୁଧାଂଶୁ ଶେଖର ଦ୍ୱିବେଦୀ

ସମ୍ରାଟ ପୁଷ୍ୟମିତ୍ରଙ୍କର ଅଶ୍ୱମେଧ ଯଜ୍ଞ ସଂପନ୍ନ ହେବାପରେ ଅତିଥି ମାନଙ୍କ ନିମନ୍ତେ ନୃତ୍ୟୋତ୍ସବର ବିରାଟ ଆୟୋଜନ କରାଯାଇଥାଏ । ମହର୍ଷି ପତଞ୍ଜଳି ଓ ତାଙ୍କ ଶିଷ୍ୟ ଚୈତ୍ର ମଧ୍ୟ ସେହି ଉତ୍ସବରେ ଯୋଗ ଦେବାପାଇଁ ଆମନ୍ତ୍ରିତ ହୋଇଥାନ୍ତି ।

ପ୍ରଥମେ ଜଣେ ପରେ ଜଣେ ତାପରେ ସମବେତଭାବେ ନୃତ୍ୟାଙ୍ଗନା ମାନେ ନୃତ୍ୟ ପରିବେଷଣ କରୁଥାନ୍ତି । ସେସବୁ ଦେଖି ଚୈତ୍ରଙ୍କୁ ବହୁତ ଖରାପ ଲାଗୁଥାଏ । ହେଲେ କିଛି ଉପାୟ ନାହିଁ । ରାଜାଙ୍କ ଆମନ୍ତ୍ରଣ ରକ୍ଷାକରି ସେ ସମୟରେ ସେ ଚୁପ୍ ଚାପ୍ ରହିଲେ ।

ଦିନେ ମହର୍ଷି ପତଞ୍ଜଳି ଯୋଗ ଦର୍ଶନ ପଢାଉଥାନ୍ତି । ବିଷୟବସ୍ତୁର ଆଲୋଚନା ଓ ସମୀକ୍ଷା ସରିବାପରେ ଶିଷ୍ୟ ଚୈତ୍ର ନମ୍ରଭାବେ ଉତ୍କଣ୍ଠାର ସହ ପଚାରିଲେ, "ଗୁରୁବର ! ନୃତ୍ୟ-ଗୀତ, ରସ- ରଙ୍ଗ କଣ ଆମ ଚିତ୍ତ- ବୃତ୍ତିକୁ ନିରୋଧ କରିବାରେ ସହାୟକ ହୋଇଥାଏ? "

ଶିଷ୍ୟ ପଚାରିଥିବା ପ୍ରଶ୍ନର ଅଭିପ୍ରାୟ ମହର୍ଷି ପତଞ୍ଜଳି ବୁଝିପାରି କହିଲେ, "ଆତ୍ମାର ସ୍ୱରୂପ ରସମୟ, ରସରେ ଆତ୍ମାକୁ ଆନନ୍ଦ ଓ ତୃପ୍ତି ମିଳେ। କିନ୍ତୁ ସେହି ରସ ଯେପରି ବିକୃତ ହୋଇନଥାଏ ଯଥା ଶୁଦ୍ଧ- ସ୍ୱରୂପ ହେବା ଆବଶ୍ୟକ। ମନର ବିକାର ଆଶଂକାରେ ରସକୁ ପରିତ୍ୟାଗ କରିବା ଉଚିତ୍ ନୁହେଁ। ସେଇୟା ଯଦି ହେଉଥାନ୍ତା, ତାହେଲେ କେତେକ କୃଷକ ପଶୁମାନଙ୍କ ଦ୍ୱାରା କ୍ଷେତ ଉଜୁଡିଯିବା ଭୟରେ କୃଷିକର୍ମ ଛାଡି ଦିଅନ୍ତେ । ତାହା ହିଁ ସଂଯମ,

ପଳାୟନପନ୍ଥୀ ନୁହେଁ । ଜୀବନକୁ ରସହୀନ କରି ଉପଭୋଗ କରୁଥିବା ସଂଯମ ଏହିପରି । ଜଳର ତରଳତା ଏବଂ ଅଗ୍ନିର ଉଷ୍ମରୁ ବଞ୍ଚିତ ରହିବାପରି ରସକୁ ନୁହେଁ ବରଂ ତା ବିକୃତିକୁ ହେୟ ମାନିବାକୁ ହୋଇଥାଏ ।"

ଗୁରୁଙ୍କ ଉପଦେଶ ଶୁଣି ଶିଷ୍ୟ ଚୈତ୍ର ମନମଧ୍ୟରୁ ବିକୃତି ଦୂରକରି ଚତ୍ତ- ବୃତ୍ତିକୁ ସଂଯମରେ ରଖିବା ଉପାୟ ଜାଣିପାରିଲେ ।

ଯୋଗ ଫର ଲାଇଫ, ସେକ୍ଟର- ୧, ସଲ୍ଟ ଲେକ୍, କୋଲକତା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ରଜ ସଜ



ଅଜୟ କୁମାର ବେହେରା

ଝରି ତପତ ଧରା
ଲୋ ସଜନୀ
ଝରି ତପତ ଧରା....

ଗହଳ ଚହଳ
ସବୁଠି ଲୋ, ସଜନୀ
ଆସିଛି ରଜ ପର୍ବ....

ନାରୀ ମନ
ହୁଏ ଛନଛନ
ରଜ ଦୋଳ ଝୁଲିବା ପାଇଁ କ
ଲୋ ସଜନୀ
ରଜ ଦୋଳ ଝୁଲିବା ପାଇଁ କ....

ମିଠା ପାନ
ଆହାଃ କେଡେ ସୁନ୍ଦର
ଲୋ ସଜନୀ
ଆହାଃ କେଡେ ସୁନ୍ଦର....

ଘରେ ଘରେ ପୋଡ଼ ପିଠା
ଆହାଃ କେଡେ ମଧୁର
ଲୋ ସଜନୀ
ଆହାଃ କେଡେ ମଧୁର....

ବନ୍ଧୁ ବାନ୍ଧବେ
ଆହାଃ ଘର ପୁରିଯାଏ
ଲୋ ସଜନୀ
ଆହାଃ ଘର ପୁରିଯାଏ....

ଲୁଡୋ, କବାଡି ଖେଳରେ
ଖୁସିରେ ଦିନ ବିତି ଯାଏ
ଲୋ ସଜନୀ
ଖୁସିରେ ଦିନ ବିତି ଯାଏ....

ରଜ ଗୀତ ସବୁରି କଣ୍ଠରେ ଲାଗେ
ଆହାଃ କେଡେ ସୁନ୍ଦର
ଲୋ ସଜନୀ
ଆହାଃ କେଡେ ସୁନ୍ଦର....

ଘରଣୀ ଖୁସି ମନରେ
ପରସି ଦିଏ ନିଜ ହାତରେ
ନାନା ଦରବ
ଲୋ ସଜନୀ
ନାନା ଦରବ....

ଘରେ ଘରେ ବନ୍ଧା ଦୋଳ
ଲୋ ସଜନୀ
ଘରେ ଘରେ ବନ୍ଧାଦୋଳ....

ଭୂମି ପୂଜନ କେଡେ ସୁନ୍ଦର
ଲୋ ସଜନୀ
ଭୂମି ପୂଜନ କେଡେ ସୁନ୍ଦର.....

ଗାଁ, ଠାକୁରାଣୀ
ମାଆ ଦୁଆର ଶେଣୀ
ସଭିଙ୍କ ପୂଜନ
ହୁଏ ସୁନ୍ଦର
ଲୋ ସଜନୀ
ହୁଏ ସୁନ୍ଦର....

ମୋରଡ଼ା, ମୟୂରଭଞ୍ଜ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ ଏହା ପଠାନ୍ତୁ । ଏହାଦ୍ୱାର୍ ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ତୁମେ.....



କେଶରୀ ପ୍ରସାଦ ମହାନ୍ତି

ତୁମେ ହିଁ ମୋର ଆଶା
ତୁମେ ହିଁ ମୋ କବିତା ର ଭାଷା
ତୁମେ ହିଁ ତ ମୋର ଜିଜ୍ଞାସା
ତୁମେ ହିଁ ମୋର ଅନୁସନ୍ଧିତ୍ସା ।

ଦିନ ଥିଲା ତୁମେ ଥିଲ ମୋର ନିଶ୍ୱାସ
କେମିତି ଭାଙ୍ଗିଲ ମୋ ବିଶ୍ୱାସ
ତୁମ ବିଚ୍ଛେଦ ରେ ଆଜି ମୁଁ ନିଃଶ୍ୱ
ଜୀବନ ଥାଇ ବି ଅଟକୁଛି ଶ୍ୱାସ ।

ହିନମନ୍ୟତାର ଇଟା
କୁଚକ୍ରାନ୍ତର ବାଲି
ଅଭିଜାତ୍ୟର ପ୍ଲାନ
ଏସବୁ କରିଛି ମୋତେ ମ୍ଲାନ ।

ମୁଁ ନୁହେଁ ଯେ କାଠର କଣ୍ଢେଇ

ତମେ ଦେବ ମୋତେ ଭଣ୍ଡେଇ

ମୁଁ ଜାଣେ ମୁଁ ସ୍ମୃତିର ଶ୍ମଶାନ

ଆଉ ତମେ ସୌନ୍ଦର୍ଯ୍ୟର ନନ୍ଦନ କାନନ ।

କହିବକ କ ପାଇଁ କରିଲ ଦ୍ୱେଷ

କଏ ଭରିଦେଲା ତମ ମନରେ ବିଷ

କଲମ ରୁ କାଳି ସରିଯାଉଛି

ଆଜି ତୁମ ପାଇଁ କବିତା ଲେଖୁଛି ।

ଏବେବି ତମେ ମୋ ସ୍ୱପ୍ନେ ଆସୁଛ

ମୋ କବିତାରେ ସ୍ୱର ଝଂକରୁଛ

ତମେ ମୋ ହୃଦୟେ ସଦା ରହିଛ

କହିବକ କପାଇଁ ମିଛେ ରାଗିଛ ।

ଛାତ୍ର, ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ,
ଯାଜପୁର

# କଲମ କାନ୍ଦୁଛି.......



ଅରୁଣ କୁମାର ମହାନ୍ତି

କେମିତି କହିବି          କାହାକୁ କହିବି
ବଡ଼ ଅଲାଜୁକ କଥା
କଲମ କାନ୍ଦୁଛି          କୁଆଁ କୁଆଁ ହୋଇ
ନଇଁତ ଯାଉଛି ମଥା....!! ( ୧)

ମହଙ୍ଗା ସାଜିଛି          ସତ୍ୟ ଧର୍ମ ନ୍ୟାୟ
ରକତ ଏଇଠି ଶସ୍ତା
ମିଥ୍ୟାର ରାଜୁତି          ବଢେ ନିତି ଏଠି
ଦୃତରେ ଦୁର୍ନୀତି ପେଶା....!! ( ୨)

କାମ ବାସନାରେ          ଅନ୍ଧ ହୋଇ ଆଜି
କରୁଛୁ ହୀନ ପ୍ରୟାସ
ମନ୍ଦିର ମସଜିଦ୍          ମାନୁନାହୁଁ କଛି
ସାଜିଛୁ ନର ରାକ୍ଷସ......( ୩)

ଲୁହ ଲହୁର ଏ          ସମାଜ ସଂସାର
ଦିଶୁଛି ଘନ ଅନ୍ଧାର
ଅଧର୍ମ ଅନ୍ୟାୟ          ସୀମା ଟପିଲାଣି
ହୋଇବ ନଷ୍ଟେ ସଂହାର.....( ୪)

ଯନ୍ତ୍ରଣା ଜୁଇରେ ଜଳୁଥିବୁ ନିତି
ହୋଇଣ ଜିୟନ୍ତା ଶବ
ମରଣ ବରଣ କରିବାକୁ ଧନ
ଯୋଡୁଥିବୁ କେନ କର......( ୫)

ଶୁଣିବେନ ତୋର କାକୁତି ବୀନତି
କାଳର ଦେବତା ଯମ
ଏ ହାତର ପାପ ସେ ହାତ ନେବନ
ମନେ ରଖିଥା ତୁ ଧନ.....( ୬)

ଛୁଇବେନ କେହି ପାପି ବୋଲି କହି
ଯିବେରେ ତୋ ଠୁ ଦୂରେଇ
ଛନ୍ଦ କପଟର ଖେଳ ଖେଳୁଥିବୁ
ନରକ ଯାତନା ସହି.......( ୭)

ହାତ ଯୋଡ଼ି ମୁହିଁ ବୀନତି କରୁଛି
କବି କବୟିତ୍ରୀ ପାଶେ
କଲମ ତୁମର ବ୍ରହ୍ମାଅସ୍ତ୍ର ଟିଏ
ଲଗାଅ ଜଗତ ହିତେ.....( ୮)

ନୂତନ ଚେତନା ଜାଗରଣ ହେବ
କୋଟି ଜନତାଙ୍କ ମୁଖେ
କଲମ କାନ୍ଦଣା ଜାଗ୍ରତ ଆଣିବ
ସମାଜ ସୁଧାର ହିତେ......( ୯)

ଇଷାଣପୁର, ଯାଜପୁର

# ପରମାତ୍ମା ଡାକ୍ତର



ଡ. ସୌମ୍ୟ ରଞ୍ଜନ ମିଶ୍ର

କିଛିଦିନ ତଳେ ଡାକ୍ତରମାନେ ସେମାନଙ୍କ ଉପରେ ହେଉଥିବା ଆକ୍ରୋଶମୂଳକ ଅତ୍ୟାଚାରର ଦେଶବ୍ୟାପି ସାମୂହିକ ପ୍ରତିବାଦ କରିଥିଲେ। ପ୍ରତିବାଦ ବେଶ୍ କିଛିଦିନ ଚାଲୁ ରହିଲା। ଏକଥା ବହୁମାତ୍ରାରେ ବିଚଳିତ କଲା ସୁଦର୍ଶନକୁ। ଅଗତ୍ୟା ମନର କଥା ମୋତେ ନ କହି ତାର ବାଟ କାହିଁ? ସୁଦର୍ଶନ ଡାକ୍ତରମାନଙ୍କୁ ବହୁତ ସମ୍ମାନକରେ। ତେଣୁ ରୋଗୀର ମୃତ୍ୟୁପରେ ଜ୍ଞାତି ପରିଜନମାନଙ୍କ ଦ୍ୱାରା ଡାକ୍ତରମାନଙ୍କୁ ମାରମାରି ଓ ଗାଳିଗୁଲଜ ଆଦୌ ଠିକ୍ ନୁହେଁ ବୋଲି ତାର ମତ। ସେଥିପାଇଁ ଦୋଷୀ ମାନଙ୍କୁ ଆଇନ୍ ଅନୁଯାୟୀ ଦଣ୍ଡ ଦିଆଯିବା ଉଚିତ ବୋଲି ସେ ଭାବେ। ଏ ବିଷୟରେ ମୋର ମତାମତ ଜାଣିବାକୁ ଚାହିଁବାରୁ ଦୋଷୀକୁ ଦଣ୍ଡ ଦିଆଯାଉ କି ନ ଦିଆଯାଉ ଏସବୁ କାଣ୍ଡ ବେଳେବେଳେ ଘଟିବ ବୋଲି ମୁଁ କହିଲି। ସୁଦର୍ଶନ ଅଧିକ ବିବ୍ରତ ଦେଖାଗଲା। ତାଙ୍କୁ ବୁଝାଇବାକୁ ଯାଇ ଓଡିଶାର ଜଣେ ଯଶସ୍ୱୀ କଥାକାରଙ୍କର ଲଘୁ କଥାଟିଏ ତାକୁ ଶୁଣାଇଲି।

ଜଣେ ଗୁରୁ ଥିଲେ। ଭାରି ପ୍ରସିଦ୍ଧି ଥିଲା ତାଙ୍କର। ଗୁରୁକୁଳରେ ପଢୁଥିଲେ ଅନେକ ଶିଷ୍ୟଶିଷ୍ୟା। ସମସ୍ତଙ୍କୁ ଉପଯୁକ୍ତ ନାଗରିକ କରି ଗଢି ତୋଳିବା ଥିଲା ଗୁରୁଙ୍କର ଜୀବନର ବ୍ରତ। ସମସ୍ତଙ୍କ ଦେହରେ ପରମାତ୍ମା ବାସ କରନ୍ତି ଏବଂ ସଂସାରରେ ଆତଯାତ ହେଉଥିବା ସମସ୍ତ ପ୍ରାଣୀ ଓ ଉଦ୍ଭିଦ ପରମାତ୍ମାଙ୍କ ରୂପ ବୋଲି ସେ ଶିଷ୍ୟଶିଷ୍ୟା ମାନଙ୍କୁ ବୁଝାନ୍ତି। ସମସ୍ତଙ୍କୁ ପରମାତ୍ମା ଜ୍ଞାନକରି ଉଚିତ ବ୍ୟବହାର କରିବାକୁ ଉପଦେଶ ଦିଅନ୍ତି । ବର୍ଷକର କଥା। ଶିକ୍ଷା ସରିଲା ପରେ ସମସ୍ତ ଶିଷ୍ୟଶିଷ୍ୟା ଗୃହ ପ୍ରତ୍ୟାବର୍ତ୍ତନ କରନ୍ତି। କିନ୍ତୁ ଜଣେ ଶିଷ୍ୟ ଗୃହଗମନ ଦିନ ହିଁ ଲହୁଲୁହାଣ ହୋଇ ଗୁରୁକୁଳକୁ ଫେରନ୍ତି ଏବଂ ଗୁରୁ ତାଙ୍କୁ ଠିକ୍ ପାଠ ପଢାଇ ନାହାଁନ୍ତି ବୋଲି ଅଭିଯୋଗ କରନ୍ତି। କଥା ବୁଝିବାରୁ ଜଣାପଡେ ଯେ ମହୁନ୍ତ

ବାରବାର ମନା କରିବା ସତ୍ତ୍ୱେ ଏକ ଦନ୍ତାହାତୀକୁ ବାଟ ଛାଡିଦେବା ପରିବର୍ତ୍ତେ ପରମାତ୍ମା ମନେକରି ଆଲିଙ୍ଗନ କରି ଅଟକାଇବାକୁ ଚେଷ୍ଟା କରିଛନ୍ତି ସେହି ଶିଷ୍ୟ ଜଣକ । ଗୁରୁ ବୁଝାଇ ଦିଅନ୍ତି ଏଥିରେ ତାଙ୍କର ପାଠପଢାରେ କୌଣସି ତୃଟି ନାହିଁ । ମାହୁନ୍ତ ରୂପକ ପରମାତ୍ମାଙ୍କ ଉପଦେଶକୁ ଶିଷ୍ୟ ମାନବା ଉଚତ ଥିଲା । ସେତକ ନକରିବାରୁ ଏପରି ଅବସ୍ଥା ହେଲା । ଏହି ଘଟଣା ପରେ ଅବଶ୍ୟ ଗୁରୁ ଶିଷ୍ୟଶିଷ୍ୟା ମାନଙ୍କୁ ଆତ୍ମା ପରମାତ୍ମା ବିଷୟକ ଏହି ଗୂଢ ରହସ୍ୟଟି ଆଉ ଶିଖାଇଛନ୍ତି କ ନାହିଁ ଜଣାନାହିଁ ।

କଥାଟି ସରିଲାବେଳକୁ ସୁଦର୍ଶନ ମୁହଁରେ ଚମକଟିଏ ଦେଖିବାକୁ ପାଇଲି । ମୁଁ ବୁଝିଗଲି, ସୁଦର୍ଶନ କଥାର ମଞ୍ଜି ଧରିପାରିଛି । ମୋତେ ବୁଝାଇବାକୁ ଯାଇ କହିଲା – ବୁଝିଗଲି ଭାଇନା, ଆତ୍ମାକୁ ପରମାତ୍ମା ନେଇଗଲା ପରେ, ଆତ୍ମାର ସାଥି ଆତ୍ମାମାନେ ଦୋଷୀ ପରମାତ୍ମାକୁ ଖୋଜାଖୋଜି କରନ୍ତି । କନ୍ତୁ ପରମାତ୍ମା ବା ମିଳବେ କାହୁଁ । ତେଣୁ ଆତ୍ମା ତୃପ୍ତି ପାଇଁ ଅନ୍ୟ ଏକ ଆତ୍ମାକୁ ପରମାତ୍ମା ବୋଲି ଭାବିନିଅନ୍ତି, ତାକୁ ମାଡ ମାରନ୍ତି ଏବଂ ଗାଳ ଗୁଲଜ କରିପକାନ୍ତି । ବେଳେବେଳେ ଏହି କ୍ରିୟାଟି ଏତେ ଆବେଗର ସହ କରନ୍ତି ଯେ ଆତ୍ମା ପରମାତ୍ମା ମିଳନ ପର୍ଯ୍ୟନ୍ତ କଥା ଗ୍ଭଲିଯାଇଥାଏ ।

ସୁଦର୍ଶନ ଆଉ କଛି କହିବାକୁ ଯାଉଥିଲା । ମୁଁ ତାକୁ ଅଟକାଇଲି ଆଉ ବିହାରରେ ମସ୍ତିଷ୍କ ଜ୍ୱରରେ ଏତେ ସଂଖ୍ୟାରେ ଶିଶୁମାନଙ୍କର ମୃତ୍ୟୁ ହୋଇଥିଲେ ମଧ୍ୟ କୌଣସି ଡାକ୍ତରଙ୍କୁ କେହି ସମ୍ପର୍କୀୟ କାହିଁକି ଆଙ୍ଗୁଠି ମଧ୍ୟ ଉଠାଉନାହାନ୍ତି ବୋଲି ପ୍ରଶ୍ନ କଲି । ସୁଦର୍ଶନ ମୁହଁର ଚମକ ହଜିଗଲା ଓ ଗୋଟାଏ ଦାର୍ଶନିକ ସୁଲଭ ଉଦାସୀନତା ଗ୍ରାସ କଲା ତାକୁ । କଣ ସବୁ ବିଡ୍ ବିଡ୍ ହୋଇ ଗ୍ଭଲିଗଲା ସେ । ମୁଁ ଯେତେ ଡାକଲେ ବି ଶୁଣିଲାନ ।

ମଧ୍ୟଖଣ୍ଡୀ, ଶ୍ରୀ ବଳଦେବ ଜୀଉ, କେନ୍ଦ୍ରାପଡା



ଅନାମ ଚରଣ ସାହୁ

# ହୋଲି

ସୀମାନ୍ତରେ ଦେଖ ଆତଙ୍କବାଦୀଏ
ରକତେ ଖେଳନ୍ତି ହୋଲି
ଦିନେଅଧେ ନୁହେଁ ନତିଦିନ ଗ୍ଲେ
ହିଂସା ରଙ୍ଗ ନାଲି ବୋଲି ।
ବୁଦ୍ଧଙ୍କ ମାଟିରେ ଶାନ୍ତି ଭୂଖଣ୍ଡରେ
ଭ୍ବିତ ନଥିଲେ କେହି
ଶୋଣିତ ସାଥିରେ ଶୋଣିତ ଲଢିବ
ଆପଣା ବଇରୀ ହୋଇ ।
ପ୍ରତାରଣା ବହ୍ନି ଏବେବି ଜଳୁଛି
ହୃଦରୁ ହୃଦକୁ ଡେଇଁ
ଜିତିବାକୁ ହେବ ଏହି ଶେଷ ଯୁଦ୍ଧ
ଶୋଇଲେ କହେବ ଭ୍ଇ ।
ଅହିଂସା ମନ୍ତରେ ଦୀକ୍ଷିତ ହୁଅରେ
ବେଳ ଥାଉଁ ଦେଶବାସୀ
ବନ୍ଧୁକ ବଦଳେ ପ୍ରେମ ବାଣୀ ବଳେ
ଚଳବା ସଭିଏଁ ମିଶି ।
ଗାନ୍ଧୀଙ୍କ ସପନ ଦିନେ ହେବ ସତ
ପ୍ରେମ ରଙ୍ଗ ଦେହେ ବୋଳ
ଜାତି ଧରମର ଊର୍ଦ୍ଧ୍ୱରେ ଆମେତ
ଖେଳବା ନଷ୍ଟୟେ ହୋଲି ।

ବିଭୁତିପୁର, କାକଟପୁର, ପୁରୀ

# ମୌସୁମୀ



ପ୍ରକାଶ ଚନ୍ଦ୍ର ପଣ୍ଡା

ବହୁ ପ୍ରତୀକ୍ଷାର ଅନ୍ତ ଘଟାଇ ତୁମେ ଆସିଛ
ଖୁସିରେ ଆତ୍ମହରା ହୋଇ ପାଇବାକୁ ତୁମ
ସ୍ପର୍ଶ
ମୁଁ ଯେମିତି ଅପେକ୍ଷାରତ
କନ୍ତୁ ତୁମର ଏକ ପରିବର୍ତ୍ତନ
ଆବାକ ଲାଗୁଛି ତୁମକୁ ଦେଖିଲେ
ତୁମେ ଆଉ ଆଗପରି ନୁହଁ
ଦାରୁଣ ଗ୍ରୀଷ୍ମର ଗଞ୍ଜଣା
ଦେଇଛି ଅଶେଷ ଯନ୍ତ୍ରଣା
ତୁମେ ଦେଖ ମୋ ଦେହରେ
କେତେ ଖଣ୍ଡିଆ ଖାବରା
ଭାବିଥିଲି ତୁମ ସ୍ପର୍ଶେ ଦୂରହେବ
ମୋ ଦେହେ ଯନ୍ତ୍ରଣା

କିନ୍ତୁ ତୁମେ ଆଉ ଆଗପରି ନାହଁ

ତୁମ ଆଗମନେ ବରଷାର ବାରିଧାର୍ ଝରି

ଯାଉଥିଲା

ତୁମେ ଆସିଲେ ଶିତଳ ସମୀରଣ ବହୁଥିଲା

ପ୍ରଶାନ୍ତ ଖେଳ ଯାଉଥିଲା ଶରୀରେ ମୋହର

କିନ୍ତୁ ଆଜି ମତେ ଆବାକ ଲାଗେ

ତୁମେ ଆଉ ଆଗପରି ନାହଁ

ତୁମେ ବଦଳି ଯାଇଛ

କଲ୍ୟାଣପୁର, ଭୁଇଁପୁର,
ଯାଜପୁର, ପାଣିକୋଇଲି

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

ବେଦାନ୍ତୀ

# ସ୍ୱାମୀ ଦେବ
# ସ୍ତ୍ରୀ ଦେବୀ



ନୂତନ କୁମାର ବେହେରା

ମାନବ ସମାଜେ ସ୍ୱାମୀ ଦେବ
ସ୍ତ୍ରୀ ଅଟଇ ମମତାର ଦେବୀ,
ପରସ୍ପର ସହଯୋଗେ ଶିରୀ
ବୃଦ୍ଧିହୁଏ ପରିବାର ସେବି।

ସଂସାରର କଲ୍ୟାଣେ ସତତ
ଧୈର୍ଯ୍ୟ ତ୍ୟାଗ ନିଷ୍ଠା ଆବଶ୍ୟକ,
ମଙ୍ଗଳ ବିଧାନ କରୁଥାନ୍ତି
ମନମେଳ ରଖି ସର୍ବେ ଏକ।

ସୁଖଦେଲେ ସୁଖମିଳେ ସଦା
ଦୁଃଖଦେଲେ ଦୁଃଖମିଳେ ପରା,
ପ୍ରକୃତିର ଏହି ତ ନିୟମ
ପାଳନେ ଉନ୍ନତ ହୁଏ ଧରା।

ଆଶା ପୂରଣ ପାଇଁ ସୁଭିକ୍ଷା
କର୍ମେ ହୁଏ ତାହା ପରିପୂର୍ଣ୍ଣ,
ଭରସା ବିଶ୍ୱାସ ପରସ୍ପରେ
ମନକୁ ରଖିଥାଏ ପ୍ରସନ୍ନ।

ହୃଦୟ ସାଥେ ହୃଦୟ କଥା
ବୁଝୁଥିଲେ ସବୁ ନିରନ୍ତର,
ମଧୁର ବନ୍ଧନ ମଧୁମୟ
କରେ ହୁଏ ସର୍ବଦା ସାକାର ।

ଜ୍ଞାନ ବୁଦ୍ଧି ବିଦ୍ୟା ଧନ ମନ
ଉଚତେ କଲେ ସୁବିନିଯୋଗ,
ଜୀବନ ତ ସରସ ସୁନ୍ଦର
ପାଶେ ଆସେ ସୁବର୍ଣ୍ଣ ସୁଯୋଗ ।

ଉନ୍ନତ ବୁଝାମଣା ଦୁହିଁଙ୍କ
ପରିବାରର ଗର୍ବ ଗୌରବ,
ଯଶ କୀର୍ତ୍ତି ମାନ ମର୍ଯ୍ୟାଦାର
ଅଟଇ ଯେ ଅନନ୍ୟ ବିଭବ ।

ଗୁଣ ଜାଣି ଗୁଣୀ ଯେବେ ପାଳେ
ସଂସାରେ ହୁଅଇ ସେ ସୁଯୋଗ୍ୟ,
ଚିରଦିନ ଶାନ୍ତି ପାଇ ଥାଏ
ବଦଳିଯାଏ ତାଙ୍କର ଭାଗ୍ୟ ।

କୋହି, ଗଡ଼ିଆ, ମୟୂରଭଞ୍ଜ

# ପାଳଭୂତ

ଶିବରାମ ଦଳେଇ

ପତିବର୍ଷ ପରି ଏ ବର୍ଷ ବି ଗାଁ ରେ ବଡ଼ ଯାତ୍ରା। ସମସ୍ତ ଙ୍କ ଘରେ ବନ୍ଧୁବାନ୍ଧବରେ ଭର୍ତ୍ତି । ଗାଁ ମୁଣ୍ଡ ଶିବ ମନ୍ଦିର କଡ ନଦୀ ପଠାରେ ପୁଷ ପୁନେଇଁ ଯାତ୍ରା । ଆଗକୁ ଆଗକୁ ମାଡ଼ି ଯାଇଛି ଗ୍ରୀଷ ଜମି । କାହିଁ କେଉଁ କାଳୁ ଏ ଯାତ୍ରା ଚ୍ଚଲି ଆସୁଛି । ଯାତ୍ରା ଦୁଇ ତିନ ଦିନ ଲାଗି ରହେ । ନଦୀ ପଠା ଲୋକାରଣ୍ୟରେ ପରିପୂର୍ଣ୍ଣ ହେଇଯାଏ ।

କବିନାନୀ ଆସିଛି ବାପ ଘରକୁ ପୁଷ ପୁନେଇଁ ଯାତ୍ରା ଦେଖିବାକୁ । ସାଥିରେ ତାର ଗୋଟିଏ ବର୍ଷ ର ଗୁଲୁଗୁଲଆ ପୁଅ । ଗାଁ ପିଲା ଙ୍କୁ ଗୋଟି ଗୋଟି କରି ନାନା ରଙ୍ଗ ବେରଙ୍ଗରେ ରଙ୍ଗେଇ ମୁହଁରେ ମୁଖା ପିନ୍ଧେଇ ସଜେଇ ଦଉଛି ସେ। କଏ ହାତୀ ମୁଖା ପିନ୍ଧିଛି ତ କଏ ବାଘ ମୁଖା, କଏ ଭାଲୁ ମୁଖା ତ ଆଉ କଏ ହରିଣ ମୁଖା। ବାଃ ବହୁତ ମନୋରମ ଏ ଯାତ୍ରା । ଛୋଟ ଛୋଟ ପିଲା ମାନଙ୍କ ରାଧାକୃଷ୍ଣ ବେଶ ସାଙ୍ଗକୁ ନାନା ରଙ୍ଗର ପୋଷାକ ପତ୍ର ଆଧୁନକ ବତୀ ( ଲାଇଟ) ରେ ଝଟକୁଥାଏ ଏହି ଯାତ୍ରା ।

ଏବେ ଟୁକୁନା ପୁଅ କପିଳା ର ପାଳି । କବିନାନୀ ଆ ଏଠାକୁ ମୁଁ ତୋତେ ପାଳଭୂତ ବନେଇ ଦେବି । ପାଳଭୂତ ନାଁ ଶୁଣି ହଠାତ ଚମକ ପଡିଲା କପିଳା । ପାଳଭୂତ ହେଇ ନାଚବାକୁ ସେ ସେ ଟୋକଠୋକ ମନା କରିଦେଲା । କବିନାନୀ ତାକୁ ବାଧ କରିବାରୁ ସେ କବିନାନୀ ର ହାତ ଧରି ଗୋଟେ ଜନଗହଳ ଶୂନ୍ୟ ସ୍ଥାନକୁ ନେଇଗଲା । ଯେଉଁଠି ଥିଲେ ସେମାନେ କେବଳ ଦୁଇ ଜଣ । କପିଳା କାନକୁ ଧରି ଆଣ୍ଠେଇ ପଡ଼ିଲା କବିନାନୀ

ଆଗରେ। ଭୟ ର ଶିହରଣ ଖେଳଗଲା ତା ଦେହରେ । ଶୀତ ଦିନରେ ବି ଝାଳ ବୋହି ଚାଲିଥାଏ ତା ତାଳୁରୁ ତଳପା ଯାଏ । ସେ କହିବାକୁ ଲାଗିଲା ମୁଁ ଦୁଇ ବର୍ଷ ତଳୁ ପାଳଭୂତ ସାଜି ଭୁଲ କରିଛି ନାନୀ । ସେଦିନ ବି ଥିଲା ପୁଷ ପୁନେଇଁ ଯାତ୍ରା । ରାତି ପ୍ରାୟ ୧୨ଟା ପାଖାପାଖି ମୋତେ ପରିସ୍ରା ଲାଗିବାରୁ ମୁଁ ଚାଲିଆସିଥିଲି ଫସଲ ବିଲ କଡ଼କୁ । ମୁଁ ପରିସ୍ରା କରୁଥାଏ, କିଛି ଦୂରରୁ ଦୁଇ ଜଣଙ୍କ ପାଟିର ଶବ୍ଦ ଶୁଣି ଡରିଗଲି।

ଏତେ ରାତିରେ ଚାଷ ଜମିରେ କିଏ ? ମନେ ହେଉଥିଲା ଯାଇ ଯାତ୍ରାର କିଛି ଲୋକଙ୍କୁ ଡ଼ାକି ଆସିବି । ପୁଣି ମନରେ ସାହସ ବାନ୍ଧି ସେ ବିଲରେ ଥିବା ପାଳଭୂତ ମୁଖା ନିଜ ମୁଣ୍ଡରେ ମୁଣ୍ଡେଇ ପାଳଭୂତ ପରି ଠିଆ ହୋଇ ରହିଲି ପ୍ରକୃତ ରହସ୍ୟ ଜାଣିବା ପାଇଁ ।

କିଛି ସମୟ ପରେ ଦୂରରୁ ଭାସି ଆସିଲା ଗୋଟେ ଝିଅର କଣ୍ଠ ସ୍ୱର। ସେ କଇଁ କଇଁ ହୋଇ କହୁଥିଲା "ରାଧୁଆ ଭାଇ ମୁଁ ମୋ ଜୀବନ ର ଅମୁଲ୍ୟ ସମ୍ପଦଟିକୁ ତୁମକୁ ଦେଇଦେଲି, ହେଲେ ମୋତେ ଠକି ଦେବନି ତ ? ନଚେତ ମୋ ଜୀବନ ହାରିଦେବି ।" ସେ ଆଉକିଛି କହିବା ଆଗରୁ ରାଧୁଆ ଭାଇ କହିଥିଲା ମୋତେ ବିଶ୍ୱାସ କର "ମୁଁ ଏହି ପାଳଭୂତ କୁ ସାକ୍ଷୀ ରଖି କହୁଛି ତୁମକୁ କେବେ ଠକି ଦେବୀନାହିଁ କି ମୋ ଠାରୁ ଦୂରେଇ ଦେବି ନାହିଁ । ଆଉ ଏ ପାଳଭୂତ ର ରାଣ ଖାଇ କହୁଛି କିଛି ଦିନ ପରେ ମୁଁ ଗୋଟେ ଚାକରି ପାଇଗଲେ ତୁମକୁ ମୋ ଘରର ଘରଣୀ କରିବି । ଦୁଇ ବର୍ଷ ବିତିଗଲାଣି, ରାଧୁଆ ଭାଇ ଚାକରୀ ବି କଲା । କିନ୍ତୁ ଏଯାଏ ତାର ବିବାହ ହେଇନାହିଁ " ?

ହେଲେ ଏ କଣ କବିନାନୀ ଶୀତ ଦିନରେ ବି ଝାଳରେ ସୁରୁପୁଟୁ ହେଇସାରିଥିଲା ।

ଲେଖନପୁର, ସାଲେପୁର

# ଫୁଲ୍



ମନୋଜ ମହାନନ୍ଦ

ହଏରେ ଫୁଲ୍......
କାଏଁ ବୋଲି ଗାଏମି ତୋର୍ ଗୁନକେ
ବିନ୍ ପଏସେ ଘିନ୍ଲୁ ମୋର୍ ଗୁନ୍‌କେ
କେନ୍ତା ଢଁଗେଯେରେ ଫୁଲ୍,
କମ୍ ସମିଆଁର୍ ଲାଗି ଫୁଟୁଥିଲେ ଭିଲ୍
କହଁରେଇ ଦଉଛୁ ଗାଁ ଖୁଲ୍
ସତେରେ....... ଫୁଲ୍।

ଅନାଥ୍ ଛୁଆ ଲେଖେଁନ୍ ରହିକରି ଭିଲ୍
ରଜା ଛୁଆ ଲେଖେଁନ୍ ତୁଇ
କେତେ ସୁନ୍ଦରେ ବଢୁଛେରେ ଫୁଲ୍,
ମାଁ ବୁଆ ମୋର୍ ଯତ୍ନେଇ ପୁତ୍ନେଇ ବି ଦେଖ୍
ମୋର୍ ସାର୍ଟନେ ଲାଗିଛେ ଧୂଲ୍
ମୋର୍ ପେଁନଟେ ଲାଗିଛେ ଧୂଲ୍ ।

କେତ୍ରା ଗଦାନେ ଥିଲେ ଭିଲ୍ ତୁଇ
ହୀରା, ନୀଳା, ମୋତି ସଂଗେ
ସରଗର୍ ତରା ଲେଖେଁନ୍ ଦିଶୁଛୁଗା ଫୁଲ୍,
ମୋର୍ ସର୍ସିଆ ଯୁବା ବଏଁସିଏନ୍ ଯୁବା ବଏଁସିଆ
ତତେ ଦେଖି କନ୍ଦ୍ରି ପଡସନ୍

କାଏଁ ରସ୍ କରିଛୁଯେ ଠୁଲ୍ ....
କାଏଁ ରସ୍ କରିଛୁଯେ ଠୁଲ୍ ।

ସମ୍ବଲପୁରର୍ ସୁନ୍ଦ୍ରୀ ନନୀ
ବାନ୍ଧିଛେ ଢଲିଆ ଖୁଷା
ତତେ ଖୁଁଟରେ ଫୁଲ୍.....,
ଛନେକେ ଘଡେକେ ଛାଏଁ ଦର୍ପନ୍ ଦେଖି
ହଁସୁଛେନ ମୁଲ୍ ମୁଲ୍
ହଁସୁଛେନ ମୁଲ୍ ମୁଲ୍ ।

ବିହା ବର୍ପନ୍ ହଉ କ ପୂଜା ପାଟ୍
ତୁଇତ ସବୁନେ କରୁଛୁ ନାଟ୍
ବୁଢୀ, ଧାଙ୍ଗ୍ରିର୍ ମୁଡେ ବସିରେ ଫୁଲ୍,
ମୁଇଁ ଯେ ଆଏଲ୍ ମାଲ୍ ଯଦି ....
କାହାର୍ ନ ଟିକେ ଠଁଟେଇ ହେଲେ
କୁଟି କୁଟି ଦଉଛନ୍ ଦୁଲ୍ ଦୁଲ୍
କୁଟି ଦଉଛନ୍ ଦୁଲ୍ ଦୁଲ୍ ।

ନଏଦ୍ ନାଲ୍ ଯେନ୍ତା ପାର୍ କରି ନ ହୁଏ
ଇ ପାରୁଁ ସେ ପାର୍କେ ଯିବାର୍ ଲାଗି
ନାଇଁଥିଲେ ଗୁଟେ ପୁଲ୍,
ତୋର୍ ବିନା ପ୍ରେମ୍ କଥା ଅଧା ରହେସି
ହେନ୍ତା ଢଁଗେରେ ଫୁଲ୍
ସତ୍ତେରେ....... ଫୁଲ୍ ।

ବାଗଯୋର, ସଇଁନ୍ତଲା, ବଲାଙ୍ଗିର

# କବର ତଳର ନିଆଁ



ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ଛାତି ତଳ କଛି ଅକୁହା କଥାକୁ
ଦେଇଛି କବର ଆଜି
ନିତି ଜାଳୁଥିଲ୍ ଏଇ ହୃଦୟକୁ
ଶ୍ମଶାନ ଚଣ୍ଡାଳ ସାଜି ।।

ପ୍ରତିଶ୍ରୁତି ଦେଇଥିଲ୍
ମୋର ଦେହ ଛୁଇଁ,
ଭୁଲିଗଲ୍ ଦୂରେ ଠେଲି
ନୂଆ ସାଥି ପାଇ,
ବିଶ୍ୱାସରେ ଦେଲ୍ ବିଷ
ସେ କାଳ ନାଗୁଣି,
ବିଷର ଜ୍ୱାଳା ସହୁଛି
ହୋଇ ହିନୀମାନ,
ତଥାପି ବଞ୍ଚିଛି ନିଜ ଭାବନାରେ
ପ୍ରେମିକ ପ୍ରବର ସାଜି .....
ଦେଇଛି କବର ଆଜି ।।

ସ୍ୱାର୍ଥପର ଦୁନିଆରେ
ସ୍ୱାର୍ଥୀଟିଏ ସେହି,
ସ୍ୱାର୍ଥ ପୁରିବାରୁ ଗଲ୍

ମୁହଁ ମୋଡି ଦେଇ,
କାହିଁକି ଜଳବି ନିତି
ତା' ସ୍ମୃତି ସାଇତି,
ଉଜାଗରେ ବିତାଇବି
କମ୍ପାଇଁ ମୁଁ ରାତି,
ତା' ପାଇଁ ମୋ ଆଖି ଆଉ ରହିବନି
ତତଲା ଲୁହରେ ଭିଜି ......
ଦେଇଛି କବର ଆଜି ।।।

ଭାବି ନେବି ଭାଙ୍ଗି ଗଲା
ସ୍ୱପ୍ନ ବାଲି ଘର,
ବଇରୀ ସାଜିଲା ଆଜି
ମୋର ଆପଣାର,
ଦେଖିବିନି ଆଉ ସ୍ୱପ୍ନ
ତୋଳବାକୁ ନୀଡ଼,
ନଥିବ ଭାଙ୍ଗିବା ଭୟ
ଆସୁ ଯେତେ ଝଡ଼ ,
ଦୁରେଇ ରହିଛି ଦୁରେଇ ରହିବି
ଲଗେଇ ଜୀବନ ବାଜି .....
କବର ଦେଇଛି ଆଜି ।।।

ସା/ ପୋ- ଚକାପଦା, ବେଗୁନିଆ, ଖୋର୍ଦ୍ଧା

# ମେଘ



କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ

ସାଜିଲାଣି ଆକାଶେ ମହ୍ଲାରେ ମେଘ,

ସରି ସରି ଆସିଲାଣି ବୋଧେ ନଦାଘ,

ଚନ୍ଦ୍ରିକା ତୋଳ ମୟୂରୀ ନର୍ତ୍ତକୀ ପ୍ରାୟେ,

ନୃତ୍ୟ କରୁଥିବ କୃଷ୍ଣ ବାଦଲ ମୋହେ,

ସ୍ୱଳ୍ପ ଅନୁଭୂତି ଗଳ୍ପ ରୂପେ ଯେବେ ଲେଖଇ,

କଳ୍ପନା କୁ ଅଶ୍ରୁ ରୂପେ ଅଳ୍ପ ମେଘ ଦିଏ ଭିଜାଇ

ଶ୍ରାବଣ ଝରେ ଏ ଧରା ରେ, ମୋ ମନରେ, ସ୍ୱପ୍ନରେ

ସ୍ମୃତି ସବୁ ଭିଜି ଭିଜି ଯାଏ ମେଘର ଏ ପରସରେ ॥

ଭଦ୍ରକ, ଓଡିଶା

# ବାଉରୀ



ନବୀନ ପଧାନ

ଜନମ୍ ହେଲା ପରେ ମାଆଁ ମରିଗଲା
ବାପା ହେଲା ଉଁଝା ବିହା
ଆଶ୍ରମ ଇସ୍କୁଲେ ପାଆଠ୍ ପଢୁଥିଲି
ବିଧାତା ନ ହେଲା ସାହା ।।

ଇସ୍କୁଲର୍ ମାଆଷ୍ଟର୍ ଖରାପ୍ ନଜର୍ କଲା
କହେଲେ ତ ପିଟାମର୍‌
ସହି ନାଇଁ ପାରି ମାଷ୍ଟରର୍ ଅତ୍ୟାଚ୍ଚର୍
ଚନ୍ତେ ଖାଏମି ମହର୍ ।।

ନଅ କଲାସ୍ ଠାନୁ ପାଆଠ୍ ଛାଡ଼ି ଦେଲି
ହୋଇଥିଲି ଗରଭ୍ ବତୀ
ଜନମ୍ ହେଲା ପରେ ଛୁଆ ମରି ଗଲା
ହୋଇଗଲି ମହାନ୍ ସତୀ ।।

ବିହା ହେଲିଁ ପଛେ ମଦୁଆ ଗୁଟେକେ
ସେ ତ ବେଶୀ ବଇମାନ୍
ଯୌତୁକ୍ ନାଇଁ ବଲି ଘରୁ ତଡ଼ି ଦେଲା
କଲା ମତେ ଅସମ୍ମାନ୍ ।।

ସେ ଦିନ୍ ଠାନୁ ମୁଇଁ ପଲେଇ ଆସିଛେଁ
ନୁହେଁ ସେ ମୁଇଁ ବାଉରୀ
ବାଉରୀ ର ଅଭିନୟ ନାଇଁ କଲେଁ
ଲୁକର୍ ଲାଜେ ଯିମି ମରି ।।

ବାଉରୀ ସାଜିଛେଁ ନୁଖୁର୍ ଦିଶୁଛେଁ
ଦେଉଅଛେଁ ଅଭିଶାପ୍
ଯେନ୍ ଲୋଅକ୍ ମାନେ ଜୀବନେ ଖେଲିଛନ୍
ପଡ୍ ବା ତାକୁଁ ମୋର ନୀଶାସ୍।।

ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ବାବୁଫାସଡ଼

**ବେଦାନ୍ତୀର ଆଗାମୀ ସଂଖ୍ୟା ଅଗଷ୍ଟ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଜୁଲାଇ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।**

# ଯାହାକୁ ରଖିବେ ଅନନ୍ତ କ କରିପାରେ ବଳବନ୍ତ



ନରେନ୍ଦ୍ର ପ୍ରସାଦ ବେହେରା

ଭାରତ ହେଉଛି ଜଗନ୍ନାଥର ଦେଶ । ଏହି ଦେଶର ନାଗରିକମାନେ ବାର ମାସରେ ତେର ପର୍ବ ପାଳନ କରିଥାଆନ୍ତି । ହେଲେ ଜଗତରନାଥ ଜଗନ୍ନାଥଙ୍କୁ କେହି କେବେ ଅବହେଳା କରିନଥାନ୍ତି । ସବୁରି ମୂଳରେ ସେହି ଜଗନ୍ନାଥ । ତାଙ୍କ ବିନା ଗଛର ପତ୍ରଟି ହଲେନାହିଁ । ସେ ସ୍ୱୟଂ ସୃଷ୍ଟି କର୍ତ୍ତା, ପରମବ୍ରହ୍ମ, ନିରାକାର, ରକ୍ଷାକର୍ତ୍ତା ଓ ସଂହାର କର୍ତ୍ତା ମଧ୍ୟ । ତାଙ୍କର ଆକାର ନ ଥିବାରୁ ତାଙ୍କୁ ନିରାକାର ବୋଲି କୁହାଯାଇଥାଏ । ଆପଦ ବିପଦ ସମୟରେ ରକ୍ଷାକରିଥିବାର ପୂର୍ବ ପୁରୁଷରୁ କଥିତ ଅଛି । ଯିଏ ଯେଉଁ ପ୍ରକାରେ ଭକ୍ତି କରି ପାରିଲା ପ୍ରଭୁ ଜଗନ୍ନାଥ ତାଙ୍କୁ ସେହି ପ୍ରକାର ରକ୍ଷା କରିଥାଆନ୍ତି । ସେଥିପାଇଁ ତାଙ୍କୁ ଭକ୍ତର ଭଗବାନ ବୋଲି କୁହାଯାଇଥାଏ କାରଣ ଭକ୍ତର ମନ ଜାଣି ମନୋବାଞ୍ଛା ପୂରଣ କରି ଥାଆନ୍ତି ।

ଦିନକର କଥା, ଜଣେ ଜମିଦାର ଥିଲେ । ସେ ଯେମିତି ଧନୀ ସେମିତି ଦାନୀ ମଧ୍ୟ ଥିଲେ। ତାଙ୍କର ଅଚଳାଚଳ ସମ୍ପତ୍ତି ଥିଲା । ଦୈନିକ ଅତିଥି ମାନଙ୍କର ଯିବା ଆସିବାରେ ଜମିଦାରଙ୍କର ଅତିଥି ଭବନ ଆନନ୍ଦ ଉଲ୍ଲାସରେ ଉଚ୍ଛୁଳ ଉଠୁଥିଲା । ଜମିଦାରଙ୍କ ସ୍ତ୍ରୀ ସାକ୍ଷାତ ଲକ୍ଷ୍ମୀ ଠାକୁରାଣୀ ଓ ସର୍ବଗୁଣାରେ ପରିପୂର୍ଣ୍ଣା ଥିଲେ । ଏତେ ଧନ ସମ୍ପଦର ଅଧିକାରିଣୀ ହୋଇଥିଲେ ମଧ୍ୟ ଦିନେ ହେଲେ ତାଙ୍କର ଗର୍ବ ଅହଂକାର ନ ଥିଲା । ସାଧୁ,

ସନ୍ୟାସୀ ଓ ଅତିଥି ମାନଙ୍କ ସେବାରେ ଦିନରାତି ବୁଡି ରହୁଥିଲେ । ସରଳ ସୁନ୍ଦର ବ୍ୟବହାର ଓ ମିଠା କଥାରେ ଅତିଥି ମାନଙ୍କର ଦୁଃଖ ଦୂର ହୋଇ ଯାଉଥିଲା । ଜମିଦାର ଦମ୍ପତିଙ୍କର କୋଳ ମଣ୍ଡନ କରିଥାଏ ପୁତ୍ରଟିଏ । ଅତି ସରଧାରେ ନାମ ଦେଇଥାନ୍ତି ରଘୁନାଥ । ଜନ୍ମ ହେବା ଦିନରୁ ପିଲାଟିର ସ୍ୱଭାବ ଜଣାପଡିଥିଲା । କ୍ରମଶ ବଡ଼ ହେବାକୁ ଲାଗିଲା ରଘୁନାଥ । ନମ୍ର ଓ କୋମଳ ସ୍ୱଭାବର ହୋଇଥିବାରୁ ସେ ସମସ୍ତଙ୍କର ପ୍ରିୟ ଭାଜନ ହୋଇପାରିଲା । ପିତାମାତା ଯେତେବେଳେ ମନ୍ଦିରକୁ ଯାଆନ୍ତି ସେତେବେଳେ ତାଙ୍କ ସହିତ ପୁଅ ରଘୁନାଥ ମଧ ମନ୍ଦିରକୁ ଯାଏ । ପିତାମାତାଙ୍କ ସହିତ ଜଗନ୍ନାଥଙ୍କର ସ୍ତୁତି ଓ ଭଜନ କୀର୍ତ୍ତନ ମଧ କରେ । ମନ୍ଦିରରେ ଜଗନ୍ନାଥଙ୍କ ମୂର୍ତ୍ତି ଦେଖି ଭାରି ଖୁସି ହୁଏ । ପୁଅକୁ ଯେତେବେଳେ ୧୭ ବର୍ଷ ବୟସ ପିତାମାତା ବିବାହ ପାଇଁ ପାଖ ଗାଁରୁ ସୁନ୍ଦରୀ ଝିଅଟିଏ ଠିକ୍ କଲେ । ବିବାହ ପାଇଁ ବୟସ ହୋଇ ନ ଥିଲେ ମଧ ବହୁ ଜାକଜକମରେ ବାଲୁତ ବିଭା କଲେ । ହେଲେ ନୟତିର ଇଛାକୁ କାହାରି ହାତ ନଥିବା କଥା ସମସ୍ତେ ଜାଣନ୍ତି । ଜମିଦାରଙ୍କ ଅଞ୍ଚଳରେ ଦୀର୍ଘଦିନ ହେବ ବର୍ଷା ନହେବାରୁ ଦୁର୍ଭିକ୍ଷ ପଡିଲା । ଯେହେତୁ ଜମିଦାର ଜଣେ ଦୟାଳୁ ଓ ଦାନୀ ବ୍ୟକ୍ତି ଥିଲେ, ଦୁର୍ଭିକ୍ଷ ସମୟରେ ପ୍ରଜାମାନଙ୍କ ଭୋକ ଉପବାସକୁ ଦେଖି ସହି ପାରିଲେ ନାହିଁ । ନିଜ ଅମାରରେ ଯାହା ଥିଲା ସେ ସବୁ ପ୍ରଜାମାନଙ୍କୁ ବାଣ୍ଟି ଦେବାରୁ ଅମାର ଖାଲି ହୋଇଗଲା । ଅତିଥି ମାନେ ଦୁଆରୁ ଫେରି ଯାଉଥିବାରୁ ଚନ୍ତାରେ ଜମିଦାର ଅସୁସ୍ଥ ହୋଇ ପଡିଲେ । ଏହି ସମୟରେ ପୁଅକୁ ପାଖକୁ ଡାକ କହିଲେ ପୁଅରେ ମୋତେ ତ ଆରପାରିରୁ ଡାକ ଆସିଲାଣି । ମୁଁ ଯେତେ ଋଣ କରିଛି ତୁ ଯେମିତି ହେଲେ ଶୁଝିଦେବୁ । କାହାରିକୁ ଠକବା ମନୋବୃତ୍ତି ରଖିବୁ ନାହିଁ। ଜଗନ୍ନାଥ ତୋର ମଙ୍ଗଳ କରିବେ । ଏତିକ କହି ଜମିଦାର ଚରନଦ୍ୱାରେ ଶୋଇଗଲେ । ସ୍ତ୍ରୀ କମଳା ସ୍ୱାମୀଙ୍କ ଜୁଇ ନଆଁରେ ଝାସ ଦେଲେ । ବାପାମାଆଙ୍କୁ ହରାଇ ପୁଅ ରଘୁନାଥ ଅନାଥ ହୋଇ ପଡିଲେ । ବାପାଙ୍କ ସମ୍ପତ୍ତି ବିକ୍ରି କରି ଋଣ ସବୁ ଶୁଝିଦେଲା । ନିଜକୁ ବଞ୍ଚିବାକୁ ଆଉ କଛି ରହିଲା ନାହିଁ । ନିରାଶ୍ରୟ ହୋଇ ଶେଷରେ ଭିକ୍ଷା ମାଗିବାକୁ ଲାଗିଲେ। ଦିନେ

ଭିକ୍ଷା କରି ଫେରୁଥିଲା ବେଳେ ହଠାତ୍ ରଘୁ ଚନ୍ତା କଲା ଏଠାରେ ଏତେ ଭୋକ ଉପବାସରେ ରହି ଭିକ୍ଷା ମାଗି ଚଳିବା ଅପେକ୍ଷା ବଡଦାଣ୍ଡର ବଡଠାକୁର ପ୍ରଭୁ ଜଗନ୍ନାଥଙ୍କ ପାଖକୁ ଯିବି। ସେହିଠାରେ ରହି ମହାପ୍ରସାଦ ଖାଇ ଦିନ କାଟିବି । ମଲେ ସେହିଠି ହିଁ ମରିବି । ସେଠାରେ ମହାପ୍ରଭୁଙ୍କୁ ସବୁକଥା ଜଣାଇ ମହାପ୍ରସାଦ ଖାଇ ମହାପ୍ରଭୁଙ୍କୁ ଦର୍ଶନ କରି ରହିଲେ । ଏକଥା ଶ୍ୱଶୁର ଘର ଲୋକ ଜାଣିବାକୁ ପାଇଲେ ଓ ମନେ ମନେ ସନ୍ତାପି ହେଲେ କାହିଁକି ଲକ୍ଷ୍ମୀରୂପା ଝିଅକୁ ବାଳୁତ ବିଭାକଲେ। ସବୁ ସମ୍ପତ୍ତି ହରାଇ ଜ୍ୱାଇଁ ଦାଣ୍ଡରେ ଭିକ୍ଷା ମାଗୁଛି । ଆଉ ସେହି ଭିକାରୀକୁ ଝିଅକୁ ନଦେଇ ଅନ୍ୟତ୍ର ବିଭା ଦେବାକୁ ସ୍ଥିର କଲେ। ଏକଥା ଝିଅ ଜାଣିପାରି ଚଠି ଖଣ୍ଡେ ଲେଖି ଗାଁରୁ ଜଗନ୍ନାଥ ଧାମକୁ ଯାଉଥିବା ଲୋକଙ୍କ ହାତରେ ସ୍ୱାମୀ ରଘୁନାଥଙ୍କ ପାଖକୁ ପଠାଇଲା । କାରଣ ସେତେବେଳକୁ ସ୍ତ୍ରୀ ଜାଣି ସାରିଥିଲା ରଘୁନାଥ ବଡଦାଣ୍ଡରେ ରହି ଭିକ୍ଷାମାଗି ଚଳୁଛନ୍ତି ଓ ଚଠିପାଇ ରଘୁନାଥ ମୂଳରୁ ଶେଷ ପର୍ଯ୍ୟନ୍ତ ପଢି ସବୁ ବୁଝିପାରିଲେ। ତତକ୍ଷଣାତ ଘରକୁ ଆସିବାକୁ ମନସ୍ଥକରି ମହାପ୍ରଭୁଙ୍କୁ ଜଣାଇଲେ । ପୂର୍ବରୁ ଶ୍ୱଶୁର ଘରଲୋକ ଚନ୍ତା କରିଥିଲେ ଜ୍ୱାଇଁକୁ ମାରିଦେଇ ଝିଅକୁ ଅନ୍ୟତ୍ର ବିଭା ଦେବା ପାଇଁ। ଜ୍ୱାଇଁ ଶ୍ୱଶୁର ଘରେ ପହଞ୍ଚନ୍ତେ ଶ୍ୱଶୁର ଘରଲୋକେ ବହୁ ଆଦର କଲେ। ତା'ପରେ ଚନ୍ତାକଲେ ଜ୍ୱାଇଁକୁ ମାରିବା ପାଇଁ। ପିଠାରେ ବିଷଦେଇ ମାରିବାକୁ ସ୍ଥିର କରୁଥିବାର ସ୍ତ୍ରୀ ଅନ୍ନପୂର୍ଣ୍ଣା ଶୁଣିବାକୁ ପାଇଲା । ହେଲେ ସ୍ୱାମୀର ମରଣ ଚନ୍ତାକୁ ସ୍ତ୍ରୀ ସହିପାରିଲେ ନାହିଁ । କରିବେ କ'ଣ, କପରି ସ୍ୱାମୀଙ୍କୁ ମରଣ ମୁହଁରୁ ରକ୍ଷା କରିବେ ଏହିକଥା ମନରେ ଭାବି ଭାବି ଜଗନ୍ନାଥଙ୍କୁ ସ୍ମରଣ କଲେ । ଏଣେ ସ୍ୱାମୀ ଯେ ଜଗନ୍ନାଥଙ୍କର ପରମ ଭକ୍ତ ଏକଥା ସ୍ତ୍ରୀ ଅନ୍ନପୂର୍ଣ୍ଣାକୁ ଜଣାନଥାଏ । ରଘୁନାଥକୁ ପିଠାରେ ବିଷ ମିଶାଇ ଖାଇବାକୁ ଦେବାର ବ୍ୟବସ୍ଥା କରାଗଲା । ଖାଇବାକୁ ଦିଆଯିବା ପୂର୍ବରୁ କୌଶଳ କ୍ରମେ କାଗଜରେ ଚଠି ଲେଖି ପିଠା ମଧ୍ୟରେ ପୁରାଇ ଦେଲେ ସ୍ତ୍ରୀ । ରଘୁନାଥ ପିଠା ଖାଇବାକୁ ଭାଙ୍ଗିଲା ବେଳେ ପିଠା ଭିତରେ ଥିବା କାଗଜଟି ତଳକୁ ଖସି ପଡିବାରୁ ରଘୁନାଥ ତଳୁ ଉଠାଇଆଣି ପଢି ସବୁକଥା ବୁଝିନେଲା । ଯେହେତୁ ପ୍ରଭୁ ଜଗନ୍ନାଥଙ୍କ

ଉପରେ  ରଘୁନାଥର ପୂର୍ଣ୍ଣ ଭରଷା ଥିଲା କାଳବିଳମ୍ବ ନକରି ପ୍ରଭୁଙ୍କୁ ସ୍ମରଣ କରି ଭକ୍ଷଣ କଲେ । ଦେଖୁ ଦେଖୁ ବିଷ ରଘୁର ଦେହସାରା ଘାରିଗଲା । ସେହିଠାରେ ହିଁ ଟଳପଡିଲେ । ଶ୍ୱଶୁର ଗଙ୍ଗାଧର ଯୋଜନା ସଫଳ ହେଲା ବୋଲି ଭାବିଲେ । ଏହା ଦେଖି ସ୍ତ୍ରୀ ଅନ୍ନପୂର୍ଣ୍ଣା ବିକଳ ହୋଇ ଜଗନ୍ନାଥଙ୍କୁ ସ୍ମରଣ କଲେ । ଡାକଶୁଣି ଜଗନ୍ନାଥଙ୍କ ରତ୍ନସିଂହାସନ ଥରି ଉଠିଲା । ଅତି ଆପଣାର ଭୃତ୍ୟକୁ ବିପଦ ପଡିଛି ବୋଲି ଭାବି ମହାପ୍ରଭୁ ଗରୁଡ଼ ପିଠିରେ ବସି ଆସି ପହଞ୍ଚିଲେ ରଘୁନାଥର ଶ୍ୱଶୁର ଘର କଳାବତୀପୁରରେ । ଦେଖିଲେ ଅତି ଆପଣାର ରଘୁନାଥ ମରି ପଡିଛି । ବାପା ଯେପରି ପୁଅକୁ କୋଳରେ ଧରେ ସେହିପରି ମହାପ୍ରଭୁ ଜଗନ୍ନାଥ ରଘୁକୁ କୋଳରେ ଟେକ ଧରିଲେ । ସଙ୍ଗେ ସଙ୍ଗେ ରଘୁନାଥ ଜୀବଦାନ ପାଇଲା ପରେ ପ୍ରଭୁ ଅନ୍ତର୍ଦ୍ଧାନ ହୋଇଗଲେ । ରାତି ପାହିଲା । ଗଙ୍ଗାଧରର ପୁଅମାନେ ରଘୁନାଥର ଶୋଇବା ଘର କବାଟ ଖୋଲି ଦେଖିଲେ ରଘୁନାଥ ବସି ଜଗନ୍ନାଥଙ୍କ ନାମ ଜପୁଛି । ତାହାଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଭାବିଲେ ଯେ  ରଘୁନାଥ ଜଣେ ସାମାନ୍ୟ ବ୍ୟକ୍ତି ନୁହଁନ୍ତି । ଯାହାପାଇଁ ଆମେ ଏତେ କାଣ୍ଡ କଲୁ ସେ ନିଶ୍ଚୟ ଭଗବାନଙ୍କର ଭକ୍ତ । ସଙ୍ଗେ ସଙ୍ଗେ ଗଙ୍ଗାଧର ସହିତ ସ୍ତ୍ରୀ ଓ ପୁଅମାନେ ଆସି ରଘୁନାଥର ପାଦତଳେ ପଡି କ୍ଷମା ମାଗିଲେ । ସ୍ତ୍ରୀ ଅନ୍ନପୂର୍ଣ୍ଣା ଓ ତାଙ୍କର ସ୍ୱାମୀ ରଘୁନାଥଙ୍କର ଅଗାଢ ଭକ୍ତି ଯୋଗୁଁ ସାପବିଷ ପାନକରି ମରିପଡିଥିବା ରଘୁନାଥ ଜୀବଦାନ ପାଇଲେ । ଭକ୍ତିରେ ଭଗବାନ ଏକଥା ଚିରନ୍ତନ ସତ୍ୟ, ଏହା ପୂର୍ବରୁ ଥିଲା, ଏବେବି ଅଛି ଯୁଗେ ଯୁଗେ ରହିଥିବ ମଧ୍ୟ ॥

ଜୟ ଜଗନ୍ନାଥ ।

ଆଳନ୍ଦା, ଖଇରା, ବାଲେଶ୍ୱର

# ବିଷାକ୍ତ ସମ୍ପର୍କ



କାହ୍ନୁ ଚରଣ ସାହୁ

ନିଜ ଲୋକ ଯଦି ନିଜର ନଭାବେ

କିଏ ବା ବୁଝିବ କହ ?

ହୃଦୟ ଭିତର ଜାଳୁଥିବ ସଦା

ନୟନୁ ଝରିବ ଲୁହ !!

ସେ ଲୁହ ଧାରରେ ହାସୁଥିବ କେତେ

ମନର ଦୁଃଖ ଯନ୍ତ୍ରଣା

ବୁଝେଇ ହୁଏନା ଅବୁଝା ମନକୁ

ଲାଗୁଥିବ ମନ ଊଣା !!

ସ୍ନେହ ମମତାର ମୂଲ ନ ବୁଝିଲେ

ଆଉ ବା ବୁଝିବ କିସ?

ଫିକା ପଡିଯିବ ପବିତ୍ର ବନ୍ଧନ

ରହିଯିବ ଅବଶୋଷ !!

ଝୁରୁଥିବ ମନ ପ୍ରତି ମୁହୂର୍ତ୍ତରେ

ସେ ମିଠା ମୁହୂର୍ତ୍ତ ତକ

ନୟନ ଯୁଗଳେ ନୃତ୍ୟ କରୁଥିବ

ସମ୍ପର୍କର ଯେତେ ଭେକ !!

ଚରସ୍ରୋତା ସମ ମନର ବେଦନା

ଝରୁଥିବ ଅବିରତ

ମଧୁର ସମ୍ପର୍କ ଅଳପ ଦିନରେ

ବିଷାକ୍ତ ସମ୍ପର୍କ ହେବ !!

ପଣ୍ଡକାମାଳ, ମ. ରାମପୁର, କଳାହାଣ୍ଡି

# ଦୃଷ୍ଟି କୋଣ



ଡମ୍ବରୁଧର ବାଗ

ଦୁଇ ଦିନଆ ତୋ ମଣିଷ ଜୀବନ
ବୃଥା କରୁ ଅହଙ୍କାର ।
ମୋର ମୋର ବୋଲି ଗର୍ବ କରିଥାଉ
କରୁଛୁ ମିଛ ଫୁତ୍କାର ।
ଯାହା ତୁ ଭାବୁଛୁ ମୋର ମୋର ବୋଲି
ସେଇଟି ନୁହେଁ ତୋହର ।
ଦିବ୍ୟ ନୟନରେ ଦେଖିଯାଅ ଥରେ
ଅଟଇ ସିଏ କାହାର ?
ରିକ୍ତ ହସ୍ତ ରେ ତୁ ଆସିଛୁ ଧରାକୁ
ରିକ୍ତ ହସ୍ତେ ଯିବୁ ଚାଲି ।
ଯାହାକୁ ଭାବୁଛୁ ଆତ୍ମୀୟ ସ୍ୱଜନ
ସିଏ ଭୁଲିଯିବେ କାଲି ।
ପାଇଛୁ ଦୁର୍ଲଭ ମଣିଷ ଜନମ
ରଖିଥା ମନରେ ସଦା ।
ପଶୁଙ୍କ ଭଳି ତୁ କର୍ମେ ନ ମାତିଣ
କୁକର୍ମ କୁ କର ବିଦା ।
ଲୋଭ ମୋହ ମାୟା ପରିତ୍ୟାଗ କରି

ସତ୍ୟ ପଥେ ସଦା ଚ୍ଛଲ ।
ଈର୍ଷା ଅହଙ୍କାର ହିଂସା କ୍ରୋଧ ମିଥ୍ୟା
ଉତ୍ପାଟନ କର ମୂଳ ।
ପର ଉପକାରେ ସଦା ରହୁ ମନ
ରହୁ ମନ ସାଧୁ କତି ।
ବିଶ୍ୱ ବ୍ରହ୍ମାଣ୍ଡରେ ଆଧିପତ୍ୟ ରହୁ
ମିଳବ ମୋକ୍ଷ ମୁକତି ।
ବିନୟ ଭାବନା ଆଭୂଷଣ ହେଉ
ଭାଷା ହେଉ ମଧୁ ସମ ।
ସ୍ମରଣ କରିବ ବିଶ୍ୱର ଜନତା
ଯେବେ ନେବ କାଳ ଯମ ।

ଚପ୍ରିଆ, ଗୋଲ୍‌ମୁଣ୍ଡା, କଳାହାଣ୍ଡି

**ବେଦାନ୍ତୀର ଆଗାମୀ ସଂଖ୍ୟା ଅଗଷ୍ଟ ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଜୁଲାଇ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।**

# ଶୁଭସ୍ମିତା

ଖଗେଶ୍ୱର ବାଗ

ଶୁକ୍ଳ ପକ୍ଷ ଶଶୀ ପରି ଏ ରୂପସୀ ତନୁ ବଦନ ଗୋ ତୋର,
ତୋ ଗୀର କୋକିଳନିନ୍ଦିତ ଲୋ ସଖୀ ତୁ ତ ପରୀ ସରଗର ।।
ଭବ୍ୟ ସ୍ୱଭାବ ତୋ ପରଶେ ମାନସ ପରଶେ ଅନ୍ତର ଦେଶ,
ପରଶମଣି କି ଅଟୁ ତୁ ଲୋ ସହୀ ଶିଳା ପୁଷ୍ପେ ପରକାଶ ।।
ସଖ୍ୟ ହେଲେ ସିନା ଜ୍ଞାତ ଗୋ ନବୀନା ରମଣୀ ରତନ ତୁହି,
ଆନକୁ କି ଜଣା ତୁ କେଉଁ ଗହଣା ସୃଷ୍ଟି ଗୋ କାହାର ପାଇଁ ।।
ମିଳିନ୍ଦ କି ତତେ ନ ଗୁହିଁବେ ସତେ ଦୂର ପଥେ ଯିବେ ଗୁଲି,
ହେଲେ ପଙ୍କଜିନୀ ମିହିରଙ୍କର ସେ ଚଉଦିଗେ ଯା'ନ୍ତି ମେଳି ।।
ତାପସ ମାନସ କରିବ ତାମସ ଏ ବେଶ ଦର୍ଶନ କଲେ,
ଦୋଷ ଦେଇ ତା'କୁ କି ଲାଭ ହେବ ଗୋ ଯଉବନେ ଏ ନହେଲେ ।।

ବୁଦ୍ଧିକୋମନା, ଜି - ନୂଆପଡ଼ା

# ହୃଦୟ

ବିଶ୍ୱରଞ୍ଜନ ପଣ୍ଡା

ସ୍ମୃତି କୁ ଜୀବନ୍ତ କରି ରଖେ - ହୃଦୟ
ମମତା କୁ ସିକ୍ତ କରି ରଖେ - ହୃଦୟ
କୋହ କୁ ଗୁପି ରଖେ - ହୃଦୟ
ଦକ୍ଷତା କୁ ପ୍ରେରଣା ଦିଏ- ହୃଦୟ
ପ୍ରେମକୁ ସାଇତି ରଖେ- ହୃଦୟ
ପ୍ରତାରଣାକୁ ସମ୍ଭାଳ ରଖେ- ହୃଦୟ
ସୁଖ କୁ ଆସ୍ୱାଦ କରେ - ହୃଦୟ
ଦୁଃଖକୁ ସହ୍ୟ କରେ - ହୃଦୟ
ଭକ୍ତି କୁ ଶକ୍ତି ଯୋଗାଏ- ହୃଦୟ
କାମନାକୁ ପ୍ରବାଳ ପର୍ବତ କରିଦିଏ - ହୃଦୟ
ବାସନା କୁ ତର ଦହନ କରେ- ହୃଦୟ
କନ୍ତୁ ଜୀବନର ମାପକାଠି ଅଟେ ଏଇ ହୃଦୟ

ନବରଙ୍ଗପୁର, ଓଡିଶା

# ଛୋଟ ମୋର ନାଆଟି

( ଧାରାବାହିକ)



ପ୍ରଫେସର ଅନିତା ପଣ୍ଡା

## ପରାଜିତର ଦୁଃଖ ନୁହେଁ ଦୃଢତା

ଅଗଷ୍ଟ ପନ୍ଦର ପାଇଁ ସ୍କୁଲରେ ଉତ୍ସବ । ପ୍ରତିଯୋଗିତା ମାନଙ୍କ ପାଇଁ ସମସ୍ତେ ନାଁ ଦେଇ ସାରିଲେଣି । ସ୍କୁଲ ପିଅନ ଆସି ଖବର ଦେଲା ପ୍ରାର୍ଥନା କ୍ଲାସ୍ ର ଯେଉଁ ଛୋଟ ଝିଅଟି ପ୍ରାର୍ଥନା ଗାଏ ତାକୁ ଚନ୍ଦ୍ରାମଣି ସାର୍ ଡାକୁଛନ୍ତି ।

ସମସ୍ତେ ମୋ ଆଡକୁ ଚାହିଁଲେ । ଶେଷରେ ଅନୀତାକୁ ସାଙ୍ଗରେ ନେଇ ସାର୍ ଙ୍କ ପାଖକୁ ଗଲି ।

ଲିଷ୍ଟରେ ତୋର ନାଁ କାହିଁକି ନାହିଁ? ସଙ୍ଗୀତ ପ୍ରତୀଯୋଗୀତାରେ ମୁଁ ତୋ ନାଁ ଦେଉଛି ।

ନାଁ ସାର୍...

ମାନେ କାହିଁକି? ତୁ ଏତେ ସୁନ୍ଦର ଗାଇ ପାରୁ!

ଅଭ୍ୟାସ କରିବାକୁ ସମୟ ଦେଇ ପାରିବିନି ସାର୍ । ମୁଁ ପାଠରେ ବହୁତ ଦୁର୍ବଳ । ଆସନ୍ତା ବର୍ଷ ଉତ୍ସବରେ ନିଶ୍ଚୟ ଗାଇବି । କହି ମୁଁହ ତଳକୁ କଲି ।

ସାର୍ ମୋ କଥାରେ ଅପମାନ ପାଇଲେ କ କ'ଣ ବୁଝି ପାରିଲିନ । ଟିକଏ ରହି କହିଲେ, ଭଦ୍ରକରେ ସମସ୍ତ ସ୍କୁଲ ମଧରେ ଗ୍ରୁପ ସଙ୍ଗୀତ ପ୍ରତିଯୋଗୀତା ମଧ ହେଉଛି । ତୁ ସେଇଥିରେ ଭାଗ ନେ ।

ସାର୍ ଙ୍କ କଥା ଭାଙ୍ଗି ପାରିଲିନ । ମାତ୍ର ଅଭ୍ୟାସ କରିବାକୁ ସମୟ ନଷ୍ଟ ବୋଲି ଭାବିଲି । ୧୧ଟି ସ୍କୁଲ ଭାଗ ନେଇଥିଲେ । ଆମ ସ୍କୁଲର ସେକେଣ୍ଡ ପୋଜିସନ୍ ।ଭଦ୍ରକ ଗାର୍ଲସ ସ୍କୁଲ ଫାଷ୍ଟ ।

ମୋ ମୁଣ୍ଡ ତଳକୁ କରାଇଲୁ, କହି ଚନ୍ଦ୍ରାମଣି ସାର୍ ଉଠିଗଲେ । ଦଉଡି ଯାଇ ତାଙ୍କ ପାଦ ଧରି କହିଲି ଆସନ୍ତା ବର୍ଷ ନିଶ୍ଚୟ ଆମ ସ୍କୁଲକୁ ପ୍ରଥମ ପୁରସ୍କାର ମିଳବ ।

ଷଡ ମାସିକ ପରୀକ୍ଷାରେ ରେଜଲ୍ଟ ବାହାରିଛି ।ମୁଁ ସବୁ ସବଜେକ୍ଟରେ ଫେଲ୍ । କେବଳ ଓଡିଆରେ ୭୩ ଆଉ ଇଂରାଜୀ ରେ ୪୫, ଗଣିତରେ ୨୦ ।

ରେଜଲ୍ଟ ପେପର୍ ଟି ନେଇ ନନାଙ୍କ ହାତରେ ଧରାଇ ମୁହଁ ତଳକୁ କରି ଠିଆ ହୋଇ ରହିଲି ।

ଠିକ୍ ତ ଅଛି । ମୁହଁ କାହିଁକି ଶୁଖାଇଛୁ । ପ୍ରଥମ ପରୀକ୍ଷା । ଧୀରେ ଧୀରେ ଠିକ୍ ହେବ । ହଁ, ଗଣିତ ପାଇଁ ପ୍ରବଳ ପରିଶ୍ରମ କରିବାକୁ ହେବ ।

ତହିଁ ଆରଦିନ ଠାରୁ ମୁଁ ପ୍ରାୟ ଅଙ୍କ କଷିବା ପାଇଁ ପାଗଳ ହୋଇ ଯାଉଥିଲି ।ଆଲଜେବ୍ରାର ଫରମୁଲା ଗୁଡିକ କାଗଜରେ ଲେଖି ମୁଣ୍ଡ ପାଖ କାନ୍ଥରେ ମାରିଲି । ଯେଉଁଠି ବସିଲି ଚକ୍ ଖଣ୍ଡିଏ ଧରି ସେଠି ଅଙ୍କ କଷା । ଘର ଅପରିଷ୍କାର କରୁଛି ବୋଲି ନୂଆବୋଉଙ୍କ ଠାରୁ ଗାଳି ଶୁଣିବାକୁ ପଡୁଥିଲା । ଟିକଏ ବି ଦୁଃଖ କରୁ ନଥିଲି । ସତରେ ତ ମୁଁ ଘର ଅପରିଷ୍କାର କରୁଛି । ତାପରେ ମୁଣ୍ଡରେ କ'ଣ ପଶିଲା । ସଙ୍ଗେ ସଙ୍ଗେ ଡଷ୍ଟର ଖଣ୍ଡିଏ ମଧ ଧରିଲି । ଅଙ୍କ କଷି ସାରି ଜାଗାଟିକୁ ସଫା କରି ଦେଇଥାଏ । ଆଜିକାଲି ମୁଁ ଟେବୁଲ୍ ରେ ଖାଇବା

ବନ୍ଦ କରି ଦେଇଛି । ଆମ ଘରର ସଂସ୍କୃତି, ସମସ୍ତେ ଏକାଠି ବସି ଖାଇବେ । ତେଣୁ ତଳେ ଆସନ ଖଣ୍ଡେ ପକେଇ ବସିଯାଏ । ହାତରେ ଖାଇଲେ ହାତ ଅପରିଷ୍କାର ହେବ । ତେଣୁ ଚାମଚରେ ଖାଏ । ଅଙ୍କ କଷାର ବିରତି ନ ଥାଏ । କେବେ କେବେ ରାତିରେ ନିଦ ଭାଙ୍ଗିଯାଏ । ବିଛଣାରୁ ଉଠିଆସି ପୁଣି ଅଙ୍କ କଷା ଆରମ୍ଭ କରିଦିଏ । ସୁଶୀ ନାନୀ ଓ ମୁଁ ଗୋଟିଏ ଖଟରେ ଶୋଉ । ତେଣୁ ସେ କେବେ କେବେ ବିରକ୍ତି ହୋଇ ଯାଇଥାଏ । କହନ୍ତି ନିଶା ଧରିଲେ କିଛି କାଟୁ କରେନା । ମତେ ବୋଧେ ନିଶା ଧରିଥିଲା ।

## ପରିବାର ବନ୍ଧନ

କହିବାକୁ ଭୁଲି ଯାଇଛୁ, ଆମ ଘରକୁ ୧୯୭୦ ମସିହା ସେପ୍ଟେମ୍ବର ୨୫ ତାରିଖରେ ଗୋଟିଏ ଖୁବ୍ ସୁନ୍ଦର କଣ୍ଢେଇ ଆସିଥିଲା । ତା ଜନ୍ମପରେ କାହିଁ କେଜାଣି ବାପା ବହୁତ ଗର୍ବ କରୁଥିଲେ । ଆମ ଗାଁ ଘରେ ଦୁଇଟି ଗାଈ ରଖା ଯାଇଥିଲା । ତାର କାରଣ ହେଲା, ଗୌଡ ଠାରୁ କ୍ଷୀର କଣି ଠାକୁରଙ୍କୁ ସ୍ନାନ କରାଇ ହେବନି । ସେ କ୍ଷୀର ଦୂଷିତ ହୋଇ ପାରିଥାଏ । କହନ୍ତି, କାଳୀ ଗାଈର କ୍ଷୀର ମିଠା । ହେଲେ ଆମ ଘରେ ଥିବା ଛୋଟ ଧଳା ଗାଈଟିର କ୍ଷୀର ବହୁତ ମିଠା । ସେ ଦିନ ମୁଁ ସ୍କୁଲରୁ ଫେରି ଦେଖିଲି, ଘରେ ଚହଳ ପଡିଛି, ବାପା ଆସିଛନ୍ତି । ମାତ୍ର ଯ୍ୟା ପୂର୍ବରୁ ବାପା ବହୁତ ବାର ଆସିଛନ୍ତି । ତେବେ କଥା କ'ଣ? ଅଳ୍ପ ଦୂରରେ ଦେଖିଲି ଆମ ପଞ୍ଝାଳୀ( ଗାଈ) କୁ ବଇଦା ଗାଧୋଇ ଦେଉଛି । ବସ୍ତାନୀ ଫୋପାଡି ବଇଦା ପାଖକୁ ଗଲି । ଜାଣିବାକୁ ପାଇଲି ନାତୁଣୀ ଘର କ୍ଷୀର ପିଇବ ବୋଲି ବାପା ଯାଜପୁରରୁ ଭଦ୍ରକ ଚାଲି ଚାଲି ପଞ୍ଝାଳୀ ଆଉ ଛୋଟ ବାଛୁରୀ ନେଇ ଆସିଛନ୍ତି । ପରିବାର ପ୍ରତି କେତେ ସ୍ନେହ । ବାପାଙ୍କ ପାଖକୁ ଯାଉଥିଲି । ସେ ବିଶ୍ରାମ କରୁଥିଲେ । ତେଣୁ ସୁଶୀନାନୀ ତାଙ୍କ ପାଖକୁ ଯିବାକୁ ବାରଣ କଲା ।

ତା ପରଦିନ ସନ୍ଧ୍ୟା ବାପା ମତେ ପାଖକୁ ଡାକଲେ "ନନା କହୁଥିଲେ ତୋର ଅଙ୍କ ହେଉନି। ଆଣିଲୁ ବହି, ଖାତା ।"

ଦଶ ଖଣ୍ଡ ଅଙ୍କ ବହିରୁ ବାଛି ବାଛି ଦେଇ ସେ ତାଙ୍କ ବାଙ୍କୁଲି ବାଡି ଖଣ୍ଡକ ଧରି ଗ୍ଲ୍ୱଲିଗଲେ। ଧନଆ ନନା ବହୁବାର ଖାଇବା ପାଇଁ ଡାକବା ସତ୍ତ୍ୱେ ମଧ୍ୟ ମୁଁ ଭିତରକୁ ନ ଯାଇ ପଢାଘରେ ଅଙ୍କ କଷୁଥିଲି । ବାଧ୍ୟତଃ ସେ ଗରମ କ୍ଷୀର ଗ୍ଲାସଟା ଆଣି ମୋ ପାଖେ ରଖି ଗ୍ଲ୍ୱଲିଗଲେ ।

ବାପା ଫେରିବା ବେଳକୁ ମୋ ଅଙ୍କ କଷା ସରିଥିଲା ହେଲେ ଗାଳି ଶୁଣିବାକୁ ପଡିଥିଲା ।

"ପ୍ରଥମେ ସ୍ୱାସ୍ଥ୍ୟ, ପରେ ଅନ୍ୟ ସବୁ ।"

ବୁଝି ପାରିଲି, କ୍ଷୀର ଗ୍ଲାସଟା ହେଉଛି କଲ୍‌ପ୍ରିଟ । ଧଡ କରି ଗ୍ଲାସଟା ଉଠାଇ ଶେଷ କରି ଦେଲି ।

"ଜ୍ୟାମିତି ସଲ୍ୟୁସନ କରିପାରୁନୁ, ଆଉ ସବୁ ଠିକ୍ ଅଛି ।"

ସେ ଗୁଡା ଜମା ଆସୁନ ।

"କିଛି କଥା ନାହିଁ, ମାତ୍ର ୪ ନମ୍ବର ଛାଡିଦେ ।ଅନ୍ୟସବୁ ଉପରେ ଗୁରୁତ୍ୱ ଦେ"

ବେଦର ଗାର ଭଳ ନେଇ ନେଲି, ଆଉ ସେଇ ଦିନଠୁ ଜ୍ୟାମିତି ପ୍ରବଲେମ୍ ଛୁଇଁଲିନ । ହେଲେ କନଷ୍ଟ୍ରକସନ ନିଶ୍ଚୟ କରୁଥିଲି, ଗ୍ଲ୍ୱରିରୁ ଦୁଇ ତ ମିଳ ଯିବ ।

ପରୀକ୍ଷା ବହୁତ କମ୍ ଦିନ, ନନା ପ୍ରତି ସପ୍ତାହରେ ଦୁଇ ଦିନ ମୋର ପରୀକ୍ଷା ନିଅନ୍ତି । ହେଲେ କେବେ କିଛି କହନ୍ତି ନି ।

ଦିନେ ମୁହଁ ଖୋଲି ପଗ୍ଲ୍ୱରିଲି । ସବୁ ଠିକ୍ ହେଉଛି ତ?

"କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ" କ'ଣ ବୁଝିଲୁ?

"ହଁ, କର୍ତ୍ତବ୍ୟ କର, ଫଳର ଆଶା ରଖନି ।"

ଦଶମ ବାର୍ଷିକ ପରୀକ୍ଷା ଫଳ ବାହାରିଛି, ଜଗନ୍ନାଥ ସାର୍ ଆମ କ୍ଲାସ୍‌ଟିଚର । ମୋ ହାତରେ ରେଜଲ୍‌ଟ ପେପର୍ ଟା ଧରାଇ କହିଲେ, ଆଉ ଦୁଇଟା ନମ୍ବର ଆଣି ପାରିଲୁନ । ଜ୍ୟାମିତି ସଲ୍ୟୁସନ୍ ଟା ଛାଡି ଦେଇଛୁ । ଆମ ସ୍କୁଲରେ ଅଙ୍କରେ ୧୦୦ ନମ୍ବର ରଖିଲେ ବାର୍ଷିକ ଉତ୍ସବରେ ପୁରସ୍କାର ମିଳେ ।

"ଆପଣଙ୍କ ଦୟା ଆଉ ଆଶୀର୍ବାଦରୁ ମୁଁ ଗଣିତ ଶିଖି ପାରିଛି । ସେ ମୋ ଲାଗି ଲକ୍ଷେ ପୁରଷ୍କାର ଠାରୁ ବେଶୀ" କହି ମୁହଁ ପୋତି ଛିଡା ହେଲି ।

ଦେଖ ପିଲାଏ ତାର ବଡପଣିଆ । ତୁମ ମାନଙ୍କ ଭଳ ନମ୍ବର କାହିଁକି କଟି ଗଲା ବୋଲି ଝଗଡା କରୁନ ।

ସେ ଗଣିତରେ ଦୁର୍ବଳ ଥିଲା ତ, ସେଇଥିପାଇଁ ଶୁଭନକା ଏବଂ ଗଣେଷ ଏକାଠି କହି ଉଠିଲେ । ଏତି କ କହି ତୁମେ ଦୁହେଁ ତୁମ ଇର୍ଷା ପରାୟଣାତାର ପ୍ରମାଣ କରିଦେଲେ । ଆଉ ବିଶେଷ କଛି ନ କହି ସାର୍ କଲ ଆରମ୍ଭ କଲେ ।

ବିଦାୟୀ

ବଡନନାଙ୍କ ଭଦ୍ରକରୁ ବଦଳ, ଜୁନ୍ ୧୦ତାରିଖ ସୁଦ୍ଧା ବାଲେଶ୍ୱରରେ ଗ୍ଜ୍ୱର ନେବେ । ଅଫିସ୍ କର୍ମଚ୍ଚାରୀଙ୍କ ଜରିଆରେ ଯିବା ପାଇଁ ପ୍ରାୟ ସମସ୍ତ ବ୍ୟବସ୍ଥା ହୋଇ ସାରିଲାଣି । ଏମିତିକ ସ୍କୁଲରୁ ଟ୍ରାନ୍‌ସଫର ସାର୍ଟିଫିକେଟ ମଧ୍ୟ ଆସି ସାରିଲାଣି । ସ୍କୁଲରେ ଗରମ ଦିନ ଛୁଟୀ ମଇ ୩୧ ତାରିଖ । ଆମ ହେଡମାଷ୍ଟ୍ରଙ୍କର ଅବସର ଦିନ ସବୁ ଶିକ୍ଷକମାନେ ସ୍କୁଲରେ ଥିବେ ନିଶ୍ଚୟ । ତେଣୁ ସମସ୍ତଙ୍କ ଠାରୁ ବିଦାୟ ନେବା ପାଇଁ ମତେ ସୁବିଧା ମିଳଯିବ । ବର୍ଷକ ଭିତରେ ମୁଁ ଅନୁଭବ କରିଥିଲି ଉପେନ୍ଦ୍ର ସାର୍ ( ହେଡ୍ ମାଷ୍ଟ୍ରେ) ତାଙ୍କ ଛତାକୁ ଖୁବ୍ ଭଲ ପାଆନ୍ତି । ତେଣୁ ନନାଙ୍କୁ କହି ତାଙ୍କ ପାଇଁ ଗୋଟିଏ ଭଲ ଛତା ପ୍ୟାକ୍ କରି ନେଇଥିଲି । ସାର୍ ଙ୍କ ପାଦ ଛୁଇଁ ଦୁଇଟି ଯାକ ହାତରେ ଧରାଇଛି । ଛତାଟିର ଉଚ୍ଚତା ମୋ ଉଚ୍ଚରୁ ଟିକଏ ବଡ ଥିଲା । ତେଣୁ ସମସ୍ତଙ୍କ ମନରେ କୌତୁହଳ । ସେଇଟି କ'ଣ

ହୋଇପାରେ । ଖୋଲିବାର ଅନୁମତି ମିଳବା ପରେ ଜଗନ୍ନାଥ ସାର୍ (ତାଙ୍କ ଜ୍ୱାଇଁ) ସେଇଟିକୁ ଖୋଲିଲେ । ମତେ ଖୁବ୍ ଲାଜ ଲାଗୁଥିଲା । କଏ କ'ଣ କହିବ । ମାତ୍ର ଛତାଟିକୁ ଦେଖି ସାର୍ କହିଲେ, ଏତେ ଛୋଟ ଝିଅଟା ମୋ ପସନ୍ଦକୁ ଠିକ୍ ନଜର କରିଛି । ଗୀତଟି ଖୋଲି ମନକୁ ମନ ପଢିଲେ । ହଠାତ୍ ମୁଁ ଅନୁଭବ କଲି ସାର୍ ଙ୍କ ଆଖି ଦୁଇଟି ଆର୍ଦ୍ର । କଛି ଭୁଲ ଲେଖି ଦେଇଛିକି? ବିକଳ ହୋଇ ଚନ୍ତାମଣି ସାର୍ଙ୍କ (ଓଡିଆ) ଆଡକୁ ଗ୍ୱହିଁଲି । ସେତେବେଳକୁ ସେ ତାଙ୍କ ହାତରୁ ନେଇ ପଢି ସାରିଥିଲେ । କହିଲେ, "ଖୁବ୍ ହୃଦୟସ୍ପର୍ଶୀ" ତୁ ପଢି ସମସ୍ତଙ୍କୁ ଶୁଣା । ସତ କହିବାକୁ ଗଲେ ମୁଁ ସେଇଟି ଗାଇବା ସ୍ଥିର କରିଥିଲି । ମାତ୍ର କହିଲି, ପ୍ରଥମ ପାଦ ବନ୍ଦନା କରି ତା ପରେ ଶୁଣାଇବି । ଗାଇବା ଆରମ୍ଭ କଲି, ଅର୍ଘ୍ୟ ଘେନ ହେ ଲଗନ ଶେଷେ, ଘେନ ମୋର ବିନତି, ଦିଅ ଅଜାତି ସ୍ନେହ ପସର୍, ବିଦାୟ ବେଳାରେ ଆଜି ।" ଏତେ ଭଲ କରି ପ୍ରାକ୍ଟିସ୍ କରିଥିଲେ ମଧ ଆଉ ଆଗକୁ ଗାଇ ପାରିଲିନ । ଭେଁ ଭେଁ ହୋଇ କାନ୍ଦିବା ଆରମ୍ଭ କରିଦେଲି । ଜଗନ୍ନାଥ ସାର୍ ଙ୍କୁ ଜଣାଥିଲା ମୋର ଟ୍ରାନ୍ସଫର ସାର୍ଟିଫିକେଟ୍ ନଆ ସରିଛି । ସତେ ସାନ୍ତ୍ୱନା ଦେବା ପାଇଁ କଥାର ମୋଡ ବଦଳାଇଲେ, "ତୁ ବି ତ ଆମ ସମସ୍ତଙ୍କୁ ଛାଡି ବଡ ସହର ଯାଉଛୁ ।

ବଡ ସହର ଯାଉଛୁ! ଅର୍ଥାତ୍? ସଂଗୀତ ଶିକ୍ଷକ ପ୍ରଶ୍ନ କଲେ ।

ଆମ ସ୍କୁଲରୁ ଟ୍ରାନସ୍ଫର ସାର୍ଟିଫିକେଟ୍ ନେଇ ସାରିଲାଣି । ପାଞ୍ଚଦଶ ମିନଟ୍ ଧରି ତାରି ଉପରେ ଆଲୋଚନା ଗ୍ୱଲିଲା । ହଠାତ୍ ଅନୁଭବ କଲି ଆମ ସଂଗୀତ ଶିକ୍ଷକ ଉଠି ଗ୍ୱଲିଯିବାର ପ୍ରଚେଷ୍ଟା କରୁଛନ୍ତି । ଦଉଡି ଯାଇ ତାଙ୍କ ପାଦ ଛୁଇଁଲି । "ପ୍ରତିଶ୍ରୁତି ଦେଉଛି ସାର୍, ଅଗଷ୍ଟ ପନ୍ଦର ସାଂସ୍କୃତିକ କାର୍ଯ୍ୟ କ୍ରମରେ ନଶ୍ଚୟ ଭାଗ ନେବି ।" ତା ପରେ ଶିକ୍ଷକ ମାନଙ୍କର ପାଦ ଛୁଇଁ ଆର୍ଶୀବାଦ ନେଇ ଘରକୁ ଫେରିଲି ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ମନେ ରଖ...



ଅକ୍ଷୟ କୁମାର ବେହେରା

ଦୁଃଖ ଯେବେ ଆସେ ଏଇ ଜୀବନରେ
ଅଦିନଆଁ ମେଘ ପରି,
ଆକସ୍ମିକ ବର୍ଷା ପବନ ଭାବରେ
କଷ୍ଟ ରୁ ଯନ୍ତ୍ରଣା ଭରି ।୧।

ଭରି ହୋଇ ଆସେ ମୁଣ୍ଡକୁ ଦୁଶ୍ଚିନ୍ତା
ବଢାଏ ଛାତିର କୋହ,
ଅଭାବନୀୟର ଘଟଣା ଘଟଇ
ବର୍ଷା ରୂପେ ଆଖି ଲୁହ ।୨।

ଲୁହ ଝରି ଦିଏ ଅନ୍ତରେ ବେଦନା
ଶରୀରେ ରୋଗ ବଢଇ,
ଦୁଃଖ ଦିନ କଥା ଭୁଲି ତୋ ହୁଏନା
ରହେ ମନେ ସ୍ମୃତି ହୋଇ ।୩।

ହୋଇ ଥିବେ ସବୁ ସୁଖ ବେଳେ ସାଥୀ

ଦୁଃଖରେ କେହି ନ ଥାନ୍ତି,

ଭରଷା ବିଶ୍ୱାସ ବନ୍ଧ ଭାଙ୍ଗେ ଯେବେ

ଦୁଃଖେ କଟେ ଦିନ ରାତି ।୪।

ରାତି ଆସେ ନତି ସୁଖ ନଦ ପାଇଁ

କାହା ପାଇଁ ହୁଏ କାଳ,

ଈଶ୍ୱର କରୁଣା ଯାହା ଠାରେ ନାହିଁ

ଆସିବନ ସୁଖ ବେଳ ।୫।

ବେଳକ ଅବେଳ ସମୟ ବୁଝେନା

ବୁଝେନା ସେ ସୁଖ ଦୁଃଖ,

ତା ବାଟରେ ସଦା ଗତି କରିଥାଏ

ଏଇ କଥା ମନେ ରଖ ।୬।

କେନ୍ଦୁଡିହା, ବଡସାହି, ମୟୂରଭଞ୍ଜ

# ଭଲପାଏ ସତେ ବୋଲି

ଭୂପେନ୍ଦ୍ର ନାଏକ

ଯେତିକ ଦେଖୁଛି ତୁମଠାରୁ କମ୍
ତୁମେ ବହୁତ ସୁନ୍ଦରୀ,
ତୁମରି ଆଖିର ଗୃହାଣୀ କହୁଛି
ମୋତେ ଭଲପାଅ ବୋଲି ।
ତୁମରି କେଶର ଛିଟାଯେ ପଡିଲେ
ଲୋମହୁଏ ଟାଙ୍କୁରିତ,
ମନମୋର ଆଉ ଥୟଧରେ ନାହିଁ
ତୁମଠାରେ ଯେ ବିବଶ ।
ଗୋଲ୍‌ଗାଲେ ତୁମ କଳାଜାଇ ସତେ
ମୁଖକୁ ଦିଶେ ସୁନ୍ଦର,
ସ୍ୱର୍ଗରୁ କ ସତେ ଓହ୍ଲାଇ ଆସିଛ
କଳନା ନାହିଁ ଗୋ ତୋର ।
ଗୋଲ୍‌ପୀ ଓଠର କଥା ଶୁଣିବାକୁ
ମନହୁଏ ସତେ ଘାରୀ,
କହିଦିଅ ଗୋରୀ ହୃଦୟକୁ ଛୁଇଁ
ଭଲପାଏ ସତେ ବୋଲି ।

ଗଣ୍ଡାମେର, ଧର୍ମଗଡ ସାହିତ୍ୟ ସଂସଦ, କଳାହାଣ୍ଡି

# ଫୁଲଟିଏ

ଅନିଲ କୁମାର ସାହୁ

ଫୁଲଟିଏ ଫୁଟିଥିଲା ମନ ବଗିଚାରେ
ସୁମଧୁର ବାସ୍ନାର ଆଲୋଡନରେ
ପାହାନ୍ତିଆ ସକାଳର କଅଁଳ ଖରାରେ
ଟିକଟିକ ଜଳବିନ୍ଦୁର ଢଳଢଳ ପଣ
ଝଲକୁଥିଲା ସତେ ଫୁଲଟି ଉପରେ
ଶୀତୁଆ ରଜନୀର ଅବସାନ ପରେ
ଫୁଲଟିଏ ଫୁଟିଥିଲା ମନ ବଗିଚାରେ... ||
ଝିପିଝିପି ବର୍ଷାର ଆଗମନ କାଳେ
ଭରପୁର ବସୁନ୍ଧରା ନାନା ସୁଗନ୍ଧିରେ
ଆନନ୍ଦରେ ହସେ ଫୁଲ କଣ୍ଟାଭରା ଡାଳେ
ଭଅଁରର ଆଗମନ ହୁଏ ଏକାବେଳେ
ସପନ ସଙ୍ଗରେ ବର୍ଷା ଥମିଯାଏ କାଳେ
ଫୁଲଟିଏ ଫୁଟିଥିଲା ମନ ବଗିଚାରେ... ||
ପଶ୍ଚିମାଭିମୁଖୀ ରବି ହେଲା ସମୟରେ
ବିହଗ ବିହଙ୍ଗମ ଯେ ଲେଉଟିବା ବେଳେ
ଦୂର ଦିଗବଳୟ ତଳେ ଭାନୁ ଲୁଚଗଲେ
ପଶୁପକ୍ଷୀ ଜୀବଜନ୍ତୁ ନାନା ଶବଦରେ
ଭୟଭୀତ ହୋଇଯାଏ ଫୁଲ ସାଂୟକାଳେ
ଫୁଲଟିଏ ଫୁଟିଥିଲା ମନ ବଗିଚାରେ... ||
ଭୟଙ୍କର ଯାମିନୀର ଘନ ଅନ୍ଧକାରେ
ଚୁପଚାପ୍ ରହିଯାଏ ଫୁଲ ପାଖୁଡାରେ
ଭଅଁର ତ ମନେପଡେ ଏକାଏକା ବେଳେ

ଫୁଲ ଗୁହିଁଥାଏ ଅଶ୍ରୁଳ ନୟନେ
ନୂତନ ପ୍ରଭାତର ଆଗମନ ତାଳେ
ଫୁଲଟିଏ ଫୁଟିଥିଲା ମନ ବଗିଚ୍ଚରେ... ||
କେତେ ଯେ ସପନ ଭଙ୍ଗିମାରେ
ଗଭୀର ନଶାର ଭୟଭୀତ ମୁହୂର୍ତ୍ତରେ
ଭଅଁରର ପ୍ରତିଶୃତି ପ୍ରତିଧ୍ୱନି
ମଧୁମକ୍ଷିକାର ଗୁଣୁଗୁଣୁ ଝଙ୍କାର
ବିଶ୍ୱାସର କବଚ ସୃଷ୍ଟିକରେ ଫୁଲଟି ମନରେ
ଫୁଲଟିଏ ଫୁଟିଥିଲା ମନ ବଗିଚ୍ଚରେ... ||
ଏମିତିରେ କେତେ କାଳ ବିତିଗଲା ପରେ
ଫୁଲରେ ମଧୁର ସ୍ଥାନ କ୍ଷୀଣକ୍ଷୀଣ
ଭଅଁର ମଧୁମକ୍ଷିକା ନ ଗୁହାନ୍ତି ଥରେ
ଅଚ୍ଛୁଆଁ ହୋଇଛି ସେହି ଯିବନ ମନ୍ଦିରେ
ଲାଗିବନ ଆଉ ସିଏ ପୂଜାର୍ଚ୍ଚନାରେ
ଫୁଲଟିଏ ଫୁଟିଥିଲା ମନ ବଗିଚ୍ଚରେ... ||
ମାଡିଆସେ ଘନଘନ ଅନ୍ଧକାର ରାତି
ଜୀବନକୁ ଜାଳଦେଲା ନଜର ପିରତି
ଫୁଲମନେ ଭାବେ ଏବେ ମୃତ୍ୟୁ ତାର ସାଥି
ଏମିତି ଇଚ୍ଛାରେ ଫୁଲ ବୁଡିରହେ
ପରିଶେଷେ ବୃକ୍ଷଡାଳୁ ଛିଣ୍ଡି ଝଡିଯାଏ
ଫୁଲଟିଏ ଫୁଟିଥିଲା ମନ ବଗିଚ୍ଚରେ... ||

ମୁଣ୍ଡାପାଲି, ନଅଗାଁ, ଆଗଲପୁର, ବଲାଙ୍ଗିର

# ସାବିତ୍ରୀ ପାଇଁ ପଦେ



ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

ସାବିତ୍ରୀ ମୋହର ଅତି ଆପଣାର
ତୁମେ ଛାୟା ଅଟ ମୋର,
ଆସୁ ଯେତେ ଝଡ, ଅବା ବଇଶାଖି
ସୁଖ ଦେବ ପଣତର ।

ମୋ ମନ ଗହନେ ତୁମେ ମହାରାଣୀ
ତମ ବିନା ସବୁ ଅଧା,
ରହି ପାରୁନାହିଁ ଗୋଟେ କ୍ଷଣ ପ୍ରିୟା
ମୁ କାହ୍ନା ତୁମେ ରାଧା ।

କେତେ ଶିବ ପୂଜି ପାଇଥିବ ତୁମେ
ପୂଜିନାହିଁ ମୁହିଁ କେବେ,

ଭାଗ୍ୟବନ୍ତ  ବୋଲି  ସତ୍ୟବାନ ହେଲି
ନିଜକୁ ସୌଭାଗ୍ୟ ଭାବେ  ।

ସମୟର  ସ୍ରୋତ   ବଡ  ଅଙ୍କା ବଙ୍କା
ହାତେ ହାତ ଥିବ ଧରି,
ତୁମେ ମୋ ସାବିତ୍ରୀ ସ୍ନେହ, ପ୍ରେମ ଦାତ୍ରୀ
ଗର୍ବ କରେ ପାଇ ସ୍ତିରୀ  ।

ମୋ ପାଇଁ ମିନତି,  ତା  ସଙ୍ଗେ  ଭକତି
କରୁଅଛ ଦିବା ନିଶି,
ତୁମେ ମୋ ଚନ୍ଦ୍ରମା  ପ୍ରୀତି ରାଜଜେମା
ମୁଁ ଅଟେ ତୁମ ଶଶି  ।

ସୋନପୁର

# କେବଳ ପ୍ରଶ୍ନ ନୁହେଁ; ଉତ୍ତର ହିଁ ସତ୍ୟକୁ ସିଦ୍ଧ କରେ



ବାଲ୍ମୀକ ନାୟକ

ବିଭିନ୍ନ ସମୟର, ବିଭିନ୍ନ ଧର୍ମଗୁରୁଙ୍କର ବିଭିନ୍ନ ମତବାଦ ପରସ୍ପର ବିରୋଧୀ ହେଲେ ବି ଲୋକମାନେ ସେମାନଙ୍କୁ ଆଦର, ସମ୍ମାନ ଓ ଭକ୍ତି କରିଥାନ୍ତି । ଇଶ୍ୱର ଓ ଧର୍ମ ସମ୍ପର୍କରେ ସନ୍ଦେହ କରି ତର୍କ ବା ଯୁକ୍ତି କରିବା ମାନସିକତାକୁ ପଙ୍ଗୁ କରିଦିଆଯାଏ । ଇଶ୍ୱର ଜୀବମାନଙ୍କର ପରୀକ୍ଷା ନେବା ପାଇଁ ସବୁ ଲୀଳା ରଚନା କରୁଛନ୍ତି । ଆଜି ବି ଇଶ୍ୱର ଦତ୍ତ କର୍କଟ, କୁଷ୍ଠ ଓ ଟିଟାନସ ଭଳି କେତେକ ଅସାଧ୍ୟ ରୋଗରୁ ମଣିଷ କଣ ସମ୍ପୂର୍ଣ୍ଣ ଭାବେ ମୁକ୍ତି ପାଇପାରୁଛି?

ଭାରତୀୟ ହେତୁବାଦୀ ସଂଗଠନର ଜଣେ ସକ୍ରିୟ ସଦସ୍ୟ ଯୋଗୁଁ ଆମକୁ ଦେଶର ବିଭିନ୍ନ ସ୍କୁଲ କଲେଜ ଓ ପ୍ରଶିକ୍ଷଣ କେନ୍ଦ୍ରକୁ ଯାଇ ଚମତ୍କାରର ରହସ୍ୟ ଖୋଲିବା କାର୍ଯ୍ୟକ୍ରମ ଆୟୋଜନ କରୁବାକୁ ପଡୁଛି । ଶେଷରେ ପ୍ରଶ୍ନ- ଉତ୍ତର କାର୍ଯ୍ୟକ୍ରମ ଥାଏ । ଏଠାରେ ଆମେ ସେହିଭଳି କିଛି ପ୍ରଶ୍ନ ଓ ଉତ୍ତରକୁ ଉଲ୍ଲେଖ କରୁଛୁ । ପ୍ରଥମ ପ୍ରଶ୍ନଟି ଥିଲା ଏହିପରି – ଆଜିର ବିଜ୍ଞାନ ଗବେଷଣା କରି ମଣିଷ ଶରୀର ଗଠନ କ୍ରିୟାକଳାପ ସମ୍ପର୍କରେ ସବୁକିଛି ଜାଣିପାରିଥିବା ଦାବି କରୁଛି, କିନ୍ତୁ ବିଜ୍ଞାନ କଣ ସେହି ମହାନ ଶକ୍ତି "ଆତ୍ମା" ସମ୍ପର୍କରେ କହିପାରିବ, ଯାହା ଶରୀର ତ୍ୟାଗ କଲାମାତ୍ରେ ସବୁ ନିଷ୍କ୍ରିୟ ହୋଇଯାଉଛି?

ଏହାର ଉତ୍ତର – କେବଳ ପ୍ରଶ୍ନ ଉଠିଲେ ଆତ୍ମାର ଅସ୍ତିତ୍ୱ ସିଦ୍ଧ ହୋଇଯାଏ ନାହିଁ । ପ୍ରଶ୍ନର ତର୍କ ସଙ୍ଗତ ଉତ୍ତର ଖୋଜି ବାହାର କଲେ ହିଁ କିଛି ସିଦ୍ଧ ହୋଇଥାଏ । ପ୍ରାଣିର ଶରୀର କିପରି କାମ କରେ? ଜୀବନ କଣ? ମୃତ୍ୟୁ କାହିଁକି ହୁଏ? ଇତ୍ୟାଦି ପ୍ରଶ୍ନ ଜଟିଳ ନିଶ୍ଚୟ,

କନ୍ତୁ ଜଟିଳ ପ୍ରଶ୍ନଗୁଡିକର ଏକ କାଳ୍ପନକ ଉତ୍ତରକୁ ସତ୍ୟ ବୋଲି ଧରି ବସିଲେ ତାହା ବୁଦ୍ଧିମତାର ପରିଚୟ ହେବନ ବରଂ ଉତ୍ତର ଖୋଜିବା ପରିଶ୍ରମରୁ ରକ୍ଷା ପାଇବା ଭଳ ଏକ ଆତ୍ମପ୍ରବଞ୍ଚନା ହିଁ କୁହାଯିବ । "ଆତ୍ମା" ର ଅସ୍ତିତ୍ୱକୁ ଆଜି ପର୍ଯ୍ୟନ୍ତ କୌଣସି ଶରୀର ବିଜ୍ଞାନୀ ବା ଡାକ୍ତର ସ୍ୱୀକାର କରିନାହାନ୍ତି । ଏପରିକ ଧର୍ମଶାସ୍ତ୍ରଗୁଡିକରେ ବି "ଆତ୍ମା" ସମ୍ପର୍କରେ ପରସ୍ପର ବିରୋଧୀ ମତ ପ୍ରକାଶପାଇଛି ।

ଠିକ୍ ସେହିପରି ପ୍ରକୃତିର ରହସ୍ୟମୟୀ ଓ ଅବୁଝା ଘଟଣା ସମୂହର କାରଣ ଖୋଜିବା ପରିଶ୍ରମରୁ ନଜକୁ ବଞ୍ଚେଇ ରଖିବା ପାଇଁ ଈଶ୍ୱରଙ୍କୁ କାରଣ ବା ଉତ୍ତର ବୋଲି ମାନ ନଆଯାଇପାରେ । କନ୍ତୁ ତାହା ଠିକ୍ ନୁହେଁ । କାରଣ, ଏହା କେବଳ କଳ୍ପିତ ଉତ୍ତର । ଯଦି ଉତ୍ତର ଠିକ୍, ତା ହେଲେ ତାହା ମନୁଷ୍ୟର ସୁଖ- ସମୃଦ୍ଧି ବଢାଇବା ପାଇଁ ପ୍ରୟୋଗ ହୋଇ ପାରୁନ କାହିଁକ? ମନୁଷ୍ୟ ଉପରକୁ ଆସୁଥିବା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ତଥା ଆକସ୍ମିକ ଦୁର୍ଘଟଣାରୁ ରକ୍ଷାପାଇବା ପାଇଁ ଈଶ୍ୱର ଶକ୍ତିକୁ ବ୍ୟବହାର କରାଯାଉନାହିଁ କାହିଁକ?

ବିଜ୍ଞାନ ପ୍ରକୃତିର ରହସ୍ୟ ଭେଦ କରିବା ପାଇଁ ଯେଉଁ ଚେଷ୍ଟା ଚଳେଇଛି । ସେଥିରୁ ଆଜିଯାଏ ଯାହା ମିଳଛି, ତାହାଦ୍ୱାରା ମନୁଷ୍ୟର ଅନେକ ହିତ ସାଧନ ହୋଇପାରିଛି । ମଣିଷ ଶରୀର ସମ୍ପର୍କରେ ବିଜ୍ଞାନ ଯାହା ଖୋଜିପାଇଛି, ତା ଦ୍ୱାରା ଆଜି ମନୁଷ୍ୟ ଅନେକ ଗମ୍ଭୀର ରୋଗରୁ ମୁକ୍ତ ହୋଇପାରୁଛି । ପ୍ରାଣୀଜଗତ, ପ୍ରକୃତି, ପୃଥୀ ଓ ଅନ୍ତରୀକ୍ଷ କ୍ଷେତ୍ରରେ ମଧ୍ୟ ଅଧ୍ୟୟନ, ଅନ୍ୱେଷଣ ଓ ଗବେଷଣା ଚାଲିଛି । ସେଇଥିପାଇଁ ଆଜି ମଣିଷର ସୁଖ-ସମୃଦ୍ଧିରେ ଯଥେଷ୍ଟ ଉନ୍ନତି ଘଟିଛି । ଆମେ ଯଦି ଯାସ୍ତିତିବାଦରେ ବିଶ୍ୱାସ କରି ଅନ୍ତରୀକ୍ଷ, ପୃଥିୀ ଓ ପ୍ରାଣୀଜଗତର ନୟାମକ ବା ସୃଷ୍ଟିକର୍ତ୍ତା କେବଳ ଈଶ୍ୱର ବୋଲି ଧରିନେବା, ତେବେ ଆମେ କେଉଁ କ୍ଷେତ୍ରରେ ଭଲ ପ୍ରଗତି କରିପାରିବା? ହଜାରହଜାର ବର୍ଷ ତଳୁ ଆମେ ଈଶ୍ୱରଙ୍କୁ ବିଶ୍ୱାସ କରିଆସୁଛି, ତଥାପି ମଣିଷ ଉନ୍ନତ ଓ ସମର୍ଥ ହୋଇ ପାରିନଥିଲା କାହିଁକ? ଯେତିକ ଗତ କଛି ବର୍ଷର ବିଜ୍ଞାନ ଯୋଗୁ ଘଟିଛି ।

ଦ୍ୱିତୀୟ ପ୍ରଶ୍ନଟି ହେଉଛି – ଏହି ସଂସାର ଏକ ପରୀକ୍ଷା କେନ୍ଦ୍ର ସଦୃଶ । ପ୍ରାଣୀ ଅଥବା ଜୀବ ଏଥିରେ ପରୀକ୍ଷାର୍ଥୀ ମାତ୍ର । ଇଶ୍ୱର ଏମାନଙ୍କର ପରୀକ୍ଷକ ।

ଏହି ପ୍ରଶ୍ନର ଉତ୍ତରରେ କୁହାଯାଇପାରେ – ଯଦି ଇଶ୍ୱର ଜଣେ ପରୀକ୍ଷକ, ଯିଏ ପ୍ରାଣୀମାନଙ୍କୁ ବିଭିନ୍ନ କଷ୍ଟଦାୟକ ରୋଗ ଦେଇ ଅପେକ୍ଷା କରନ୍ତି ଯେ ସେମାନେ ସେଥିରୁ ମୁକ୍ତ ହୋଇପାରୁଛନ୍ତି କି ନାହିଁ, ତା ହେଲେ ଇଶ୍ୱରଙ୍କଠାରୁ କ୍ରୁର ଓ ନିଷ୍ଠୁର ଆଉ କିଏ ହୋଇପାରେ? ଧରନ୍ତୁ, କୌଣସି ଖେଳ ପାଇଁ ପ୍ରାର୍ଥୀ ଚୟନ କରି ଖେଳାଳିର ପରୀକ୍ଷା ନେବା ପାଇଁ ତାର ହାତ କମ୍ବା ଗୋଡା ଭାଙ୍ଗିଦେଇ କୁହାଯିବ ତୁମେ ଠିକ୍ ହୋଇ ଖେଳରେ ଜିତି ଦେଖାଅ । ଆପଣ ଏହି ପରୀକ୍ଷା ନୀତିକୁ କଣ କହିବେ? ପ୍ରାର୍ଥୀ ପ୍ରତି ଏହା ଅନ୍ୟାୟ, କ୍ରୁର ଓ ଅମାନବୀୟ ବ୍ୟବହାର ବୋଲି କୁହାଯିବ ନାହିଁ କି? ଇଶ୍ୱର ବି ଯଦି ରୋଗ ଦେଇ ନିଜ ଚେଷ୍ଟାରେ ଆରୋଗ୍ୟ ହୋଇ ଦେଖାଅ ବୋଲି ସର୍ତ୍ତ ରଖନ୍ତି, ତେବେ ଆପଣ କେଉଁ ନ୍ୟାୟରେ ତାଙ୍କୁ ଦୟାଳୁ ଓ ମଙ୍ଗଳକର୍ତ୍ତା ବୋଲି କହିବେ? ଇଶ୍ୱରଙ୍କ ଏହି ସର୍ତ୍ତ ଦ୍ୱାରା ଜଣାପଡୁଛି, ତାଙ୍କୁ କାଳେ କେହି ଅସ୍ୱୀକାର କରିବ ଏବଂ ଜୀବନ ସାରା ପୂଜା ଓ ପ୍ରାର୍ଥନା ନକରିବ ଭାବି ପ୍ରାଣୀମାନଙ୍କୁ ରୋଗ, ଶୋକ ଓ ଯନ୍ତ୍ରଣା ଦିଅନ୍ତି । ମୃତ୍ୟୁ ଏକ ଚରମ ସତ୍ୟ ।ସମସ୍ତ ପ୍ରାଣୀ ଦିନେ ନା ଦିନେ ମୃତ୍ୟୁବରଣ କରିବେ । ଏପରିକି ଅବତାର ଗ୍ରହଣ କରିଥିବା ଶ୍ରୀରାମ ଓ ଶ୍ରୀକୃଷ୍ଣ ବି ମୃତ୍ୟୁ ବରଣ କରିଥିଲେ । ପ୍ରଶ୍ନ ଉଠୁଛି – ରାମ ଓ କୃଷ୍ଣ ତ ସ୍ୱୟଂ ଭଗବାନ ଥିଲେ । ସେମାନଙ୍କ ପରୀକ୍ଷା ପୁଣି କିଏ ନେଇଥିଲା?

ତୃତୀୟ ପ୍ରଶ୍ନକୁ ଆସିବା । ଇଶ୍ୱରଙ୍କର କୌଣସି ରୂପ ନାହିଁ । ସେ ଏକ ଦିବ୍ୟ ଏବଂ ଅଦୃଶ୍ୟ ଶକ୍ତି । ମଣିଷ ହିଁ ଇଶ୍ୱରଙ୍କ ବିଭିନ୍ନ ରୂପ ସୃଷ୍ଟି କରିଛି । ଇଶ୍ୱରଙ୍କୁ ସମସ୍ତେ ଅନୁଭବ କରିପାରୁନାହାନ୍ତି । ତେଣୁ ଯେଉଁ ସାଧକ ମହାପୁରୁଷମାନେ ଇଶ୍ୱରଙ୍କୁ ଯେଉଁ ରୂପରେ ଅନୁଭବ କରିଛନ୍ତି, ସେମାନେ ଅନ୍ୟମାନଙ୍କୁ ସେହି ରୂପରେ ବୁଝେଇଛନ୍ତି, ଯାହା ଫଳରେ ଲୋକମାନେ ବିଶ୍ୱାସ କରିଆସିଛନ୍ତି । ସେହି ମହାପୁରୁଷମାନଙ୍କ ଅନୁଭବ ଓ ବାଣୀକୁ ଆମେ ଭୁଲ୍ ବୋଲି କହିପାରିବା କି?

ଉତ୍ତର – ଈଶ୍ୱରଙ୍କୁ ଦିବ୍ୟ, ଅଦୃଶ୍ୟ ଓ ସାଧାରଣ ମଣିଷର ବୁଝିବା ଶକ୍ତି ବାହାରେ ବୋଲି ଏକ ଭ୍ରମାତ୍ମକ ପ୍ରଚାର କରି ହିଁ ଧର୍ମ ଯାଜକମାନେ ଲୋକମାନଙ୍କୁ ପ୍ରଭାବିତ କରିପାରିଛନ୍ତି । ଗୋଟିଏ ଦିଗରେ ଈଶ୍ୱରଙ୍କୁ ଅଦୃଶ୍ୟ, ଅଗମ୍ୟ, ଅବୋଧ ଶକ୍ତି ରୂପେ ପ୍ରଚାର କରାଯାଉଛି ଏବଂ ଅନ୍ୟ ଏକ ଦିଗରେ ଈଶ୍ୱରଙ୍କ ବିଭିନ୍ନ ପ୍ରକାର ସଦୃଶ ରୂପ ଥିବା ବର୍ଣ୍ଣନା କରାଯାଉଛି । ଏଭଳ ପରସ୍ପର ବିରୋଧୀ ମତବାଦକୁ ସାଧାରଣ ମଣିଷ କେଉଁ ମତକୁ ବିଶ୍ୱାସ କରିବ? ଧରନ୍ତୁ, ଜଣେ ମହାପୁରୁଷ ଈଶ୍ୱରଙ୍କ ସାଧନା କରି ଯେଉଁ ରୂପରେ ଅନୁଭବ କଲେ, ସେ ସେହିଭଳ ବର୍ଣ୍ଣନା କରି ଲୋକମାନଙ୍କୁ ବୁଝେଇ ଦେଲେ । ଏଇଠି ପ୍ରଶ୍ନ ଉଠୁଛି – ମହାପୁରୁଷଙ୍କ ବର୍ଣ୍ଣନା ଅନୁସାରେ କୌଣସି ସାଧାରଣ ମଣିଷ ବକ୍ତବ୍ୟର ପ୍ରାମାଣିକତା ପରୀକ୍ଷା କରି ଦେଖିବା ପାଇଁ କୌଣସି ଉପାୟ ଅଛି କ? ନାହିଁ । କେବଳ ଅନ୍ଧ ଭାବେ ବିଶ୍ୱାସ କର, ସେ ଯାହା କହୁଛନ୍ତି ଠିକ୍ । ଏହାର ବିପରୀତ ବୈଜ୍ଞାନକମାନେ ଯଦି ପ୍ରୟୋଗଶାଳାରେ କୌଣସି ନୂତନ ତଥ୍ୟ ଖୋଜି ପାଉଛନ୍ତି, ତାହା ପ୍ରକାଶ ପାଇବା ପରେ ଅନ୍ୟ ଯେ କୌଣସି ବ୍ୟକ୍ତି ଉକ୍ତ ପଦ୍ଧତି ଅନୁସାରେ ପ୍ରୟୋଗ କରି ଠିକ୍ ସେହି ତଥ୍ୟ ହିଁ ପ୍ରାପ୍ତ କରିପାରିବ । ବୈଜ୍ଞାନକ ସତ କହୁଛନ୍ତି କ ମିଛ, ପ୍ରୟୋଗ ଦ୍ୱାରା ପ୍ରମାଣିତ ହୋଇଯାଏ । କନ୍ତୁ ମହାପୁରୁଷ ବୋଲାଉଥିବା ସାଧୁ, ସନ୍ଥମାନେ ସତ କହୁଛନ୍ତି କ ମିଛ ଜାଣିବାର ଉପାୟ ନାହିଁ । ଧର୍ମବିଶ୍ୱାସୀ ଜନତା ଏହି ବିଷୟରେ ଚନ୍ତା କରିବା ଅନାବଶ୍ୟକ ଭାବି ଏଡାଇ ଦିଅନ୍ତି । ବିଭିନ୍ନ ସମୟର, ବିଭିନ୍ନ ଧର୍ମଗୁରୁଙ୍କର ବିଭିନ୍ନ ମତବାଦ ପରସ୍ପର ବିରୋଧୀ ହେଲେ ବି ଲୋକମାନେ ସେମାନଙ୍କୁ ଆଦର, ସମ୍ମାନ ଓ ଭକ୍ତି କରିଥାନ୍ତି । ସେମାନଙ୍କୁ ନଜ କ୍ଷମତାନୁସାରେ ଦାନ- ଦକ୍ଷିଣା ଦେଇ, ସମ୍ମାନତ ସ୍ଥାନରେ ପହଞ୍ଚାଇ ଦିଅନ୍ତି । ଈଶ୍ୱର ଓ ଧର୍ମ ସମ୍ପର୍କରେ ସନ୍ଦେହ କରି ତର୍କ ବା ଯୁକ୍ତି କରି ମାନସିକତାକୁ ପଙ୍ଗୁ କରିଦିଆଯାଏ । ସେଥିପାଇଁ ଯେତେପ୍ରକାର ବିରୋଧାଭାସ ଦେଖିଲେ ବା ଶୁଣିଲେ ବି ପ୍ରତିବାଦ କରିବାକୁ କେହି ସାହସ କରନ୍ତି ନାହିଁ । ପ୍ରତିବାଦ କଲେ ପାପ ହେବାର ଭୟ ଯୋଗୁ ଚୁପ୍ ରହନ୍ତି ।

କେ.ଆର. ପୂରମ, ବାଙ୍ଗାଲୋର

# ଏଇତ ଜୀବନ



ପ୍ରସନ୍ନ ପ୍ରୟାସ ଭୁଏ ( ପ୍ରୟାସ)

ହଜି ଯାଇଥିବା ସ୍ୱପ୍ନ ଗୁଡାକୁ
ସାଉଁଟୁ ସାଉଁଟୁ ପୁଣି ହଜିଯାଏ
ଆଁଖି ପଲକର ଛାତ ତଳେ ।

ବେଳେ ବେଳେ କରୁଣ ଚତ୍କାର
ଉଠେ ଛାତି ତଳେ
ଆଗ୍ନେୟଗିରିର ରକ୍ତିମ ଲାଭା ହୋଇ
ତିଳ ତିଳ କରି ଜାଳି ଦିଏ
ଆଶା ଆକାଂକ୍ଷା ମନ ସ୍ୱପ୍ନକୁ
କାନ୍ଦେ ମନକୁ ମନ
କୋଶେ ଭାଗ୍ୟକୁ, ଜୀବନକୁ ।

ବଂଚଛି, ବଂଚୁଛି ସେହି
କରୁଣ ଗ୍ଧରି ନୟନକୁ ଦେଖି,
ସରଳରେଖା ପେଟ ପିଠିକୁ କରି

ଗଣି ହଉଥିବା ପିଂଜର୍ ହାଡ଼ ଗୁଡ଼ା

ଝାଲରେ ଗଧୋଉ ଥିଲେ ସୁଧା

ମନ ପ୍ରାଣ ଆମ୍ଭା କହେ ! ଗ୍ଭଲ

ଆଗରେ ଭୋକଲା ପେଟକୁ

ଦି ଓଳ ଆହାର ଅଛି ।

ପ୍ରତି ମୁହୁର୍ତ୍ତ ଜୀବନ ଯୁଦ୍ଧରେ

ଯୋଦ୍ଧା ସାଜିଥିବା ମଣିଷ କେବେ

ଯଥାର୍ଥତା ନୁହେଁ ହାର ମାନବାର

ପାହାଡ ପରି ଦୁଃଖ କଷ୍ଟ ସୂକ୍ଷ୍ମ ହୁଏ

ତାହାର ଧୈର୍ଯ୍ୟ ସହ୍ୟ ଶକ୍ତି ଆଗରେ ।

ସ୍ୱପ୍ନକୁ ଭାଂଗି ସ୍ୱପ୍ନ ଗଢେ

ଅଂକୁରିତ ହେଉଥିବା ନରୀହ ଆଁଖିରେ

ରକ୍ତର ଝାଳ ନଗାଡ଼ି ରିକ୍ସାରେ

ସାଉଁଟି ଆଣି ଜାବୁଡି ଧରେ ସ୍ୱପ୍ନକୁ

ଏଇ ଛୋଟିଆ ଦାରିଦ୍ର୍ୟ ଜୀବନରେ ।

ପ୍ରଧାନପାଲି, ସମ୍ବଲପୁର

# ସ୍ୱପ୍ନ ସୁନ୍ଦରୀ



ପ୍ରବୀଣ୍ ରମେଶ୍

କେତେ ବର୍ଷ କେତେ ଦିନୁ
ଖୋଜୁଛି ମୁଁ ଆଜି ଯାଏ
ପାଇବାକୁ ତାର୍ଟିଏ,
ଥିବ ସିଏ ସ୍ୱର୍ଗର ତାର୍ଠୁ ସୁନ୍ଦର
ନ ଦେଖି ଲାଗେ ଏତେଯେ ନଜର
ତାକୁ ଏତେ ଭଲପାଏ କାହିଁପାଇଁ
ସେ ତୋ ମୋ ଠାରୁ ବହୁଦୂର
ଆଖି ବୁଜିଲେ ପାଖରେ ମୋର
ଲାଗୁଛି ଅତି ସୁନ୍ଦର,
ତା ପାଇଁ ବ୍ୟସ୍ତହୁଏ କେବେ କେବେ
ମନେ ପକାଇ ସାମ୍ନାରେ ଭବିଷ୍ୟତର
ମନରେ ଆଖି ପଲକ ପକାଇ
ଚାଲିଯାଏ ତା ରାସ୍ତାରେ ବାରମ୍ବାର
ମନରେ ମନରେ ଖୁସି ହୁଏ
ହାସ୍ୟ ଦେଖି ତା ମୁଖର
ଦେବାପାଇଁ ଇଚ୍ଛାହୁଏ ତା ମୁଖରେ ହାସ୍ୟ
ମୋ ମୁଖର। ।।

ଗଣ୍ଡାବାହାଲି, ନୂଆପଡ଼ା

# ପୁସ୍ତକ ସମୀକ୍ଷା



ସୁଧାଂଶୁ ଶେଖର ଦ୍ୱିବେଦୀ




ସନାତନ ମହାକୁଡ

ପୁସ୍ତକ - ମାଛଟା ହସିଲା କାହିଁକି? / ସୁନା ହୋଇଗଲା ସବୁ ଜିନଷ
ଲେଖକ - ସୁଧାଂଶୁ ଶେଖର ଦ୍ୱିବେଦୀ
ପ୍ରକାଶକ - ସୁବର୍ଣ୍ଣଶ୍ରୀ ପ୍ରକାଶିନୀ, ବାଲେଶ୍ୱର
ପ୍ରଚ୍ଛଦ ଶିଳ୍ପୀ - ପ୍ରଶାନ୍ତ କୁମାର ଯଥ
ପ୍ରକାଶ କାଳ - ୨୦୧୯ ( ପ୍ରଥମ ସଂସ୍କରଣ)
ସମୀକ୍ଷକ - ସନାତନ ମହାକୁଡ

ସାହିତ୍ୟିକ ସୁଧାଂଶୁ ଶେଖର ଦ୍ୱିବେଦୀଙ୍କ ସଦ୍ୟ ପ୍ରକାଶିତ ଦୁଇଟି ଲୋକକଥା ଆଧାରିତ ପୁସ୍ତକ ହେଲା "ମାଛଟା ହସିଲା କାହିଁକି? " ଏବଂ "ସୁନା ହୋଇଗଲା ସବୁ ଜିନଷ"। ବର୍ତ୍ତମାନର ମୋବାଇଲ ଓ ଇଣ୍ଟରନେଟ୍ ଯୁଗରେ ଆଈ ମା କାହାଣୀ ପେଡିଠାରୁ ନବୀନ ପିଢୀର ଶିଶୁ କଶୋରମାନେ ନଜକୁ ଦୂରେଇ ରଖୁଥିବାବେଳେ ଲୋକକଥା ମାଧ୍ୟମରେ ଲେଖକ ଚେଷ୍ଟା କରିଛନ୍ତି ପାଠକଙ୍କୁ ବାନ୍ଧି ରଖିବାକୁ। ଲେଖକଙ୍କ ବହୁ ଚର୍ଚ୍ଚିତ ଲୋକକଥା ଧାରାବାହିକରେ ତୃତୀୟ ଖଣ୍ଡଟି ହେଉଛି "ମାଛଟା ହସିଲା କାହିଁକି? " ଏହା ସେ ନଜର ସ୍ୱର୍ଗୀୟା ମାଆ ଙ୍କୁ ଉତ୍ସର୍ଗ କରିଥିଲାବେଳେ ଏଥିରେ ରହିଛି ବ୍ରହ୍ମାଙ୍କ ଥଳ, ତୁ ମେଘ ମୁଁ ବିଜୁଳି, ବରଫ ଝିଅ, ଇନ୍ଦ୍ରଧନୁ, ଶାପମୁକ୍ତି ଆଦି ୨୨ଟି ରୁଚ ସମ୍ପର୍ଣ୍ଣ ଲୋକକଥା।

ସେହିପରି ଲୋକକଥା କ୍ରମର ଚତୁର୍ଥ ଖଣ୍ଡରେ ରହିଛି "ସୁନା ହୋଇଗଲା ସବୁ ଜିନଷ"। ଏହା ମଧ ପାଠକୀୟ ମଧୁରତାକୁ ଯାବୁଡି ଧରିବାର ପ୍ରତିବଦ୍ଧତା ରଖେ। ଯାହାର

କଳେବର ମଣ୍ଡନ କରିଛନ୍ତି ଅତିଥି ଦେବୋ ଭବ, କୁହୁକ ମଲମ, ବଦଳ ଗଲା ଗାଁ, ବୋହୁ ମିଳଲା, ମୁଣ୍ଡିଆ ପାହାଡ, ଯେସାକୁ ତେସା ଓ ଯାଦୁ ଲଣ୍ଠନ ଇତ୍ୟାଦି ଶୀର୍ଷକ ୨୦ଟି ଚମତ୍କାର ଲୋକକଥା । ଏହା ଲେଖକଙ୍କ ଖୁଡୀଙ୍କୁ ଉତ୍ସର୍ଗୀକୃତ ।




ସାମଗ୍ରିକ ଭାବରେ ପୁସ୍ତକ ଦୁଇଟି ପାଠକଙ୍କୁ ଭାଷା, ସଂସ୍କୃତି, ହିତୋପଦେଶ ଓ ନାନା ପ୍ରକାରର ଗ୍ରାମ୍ୟ ଚଳନ ମଧ୍ୟରେ ଏକ ଉତ୍ସୁକତା ଭରା ପାଠକୀୟ ସ୍ୱାଦ ଚଖାଇବ ବୋଲି ଆଶା କରାଯାଏ । ଉଭୟ ପୁସ୍ତକର ମୂଲ୍ୟ ୬୦ ଟଙ୍କା ଲେଖାଏଁ ରଖାଯାଇଥିଲା ବେଳେ ଏଥିରେ ପ୍ରକାଶିତ ଗଳ୍ପ ଗୁଡିକ ପୁସ୍ତକ ରୂପ ନେବା ପୂର୍ବରୁ ପୌରୁଷ, ମୀନା ବଜାର, ସଂସାର, ଶିଶୁ ପ୍ରତିଭା, ଅନ୍ୱେଷଣ, ନାନାବାୟା, ଶୈଶବ, ସେତୁ, ଉଦୟଭାନୁ, ବାଇ ଚଢେଇ, ସାଧବ ବୋହୁ, ତେଲିଙ୍ଗିବାଜା, ପ୍ରଗତିବାଦୀ, ନନ୍ଦନକାନନ, ଟିକଟିକ ସୁନାଫୁଲ, ଶରତ ଶଶି, କାଇଁଚମାଳ, ବାଲିଘର, ମନପବନ, ନବକାକଳି, ଧ୍ୱନି ପ୍ରତିଧ୍ୱନି, ସଂଯୋଗୀ, ସଜଫୁଲ ଇତ୍ୟାଦି ପତ୍ର ପତ୍ରିକା ଓ ଖବରକାଗଜରେ ପ୍ରକାଶିତ ହୋଇ ପାଠକୀୟ ଆଦର ଲାଭ କରିସାରିଛି । ସଂଗୃହୀତ ରୂପେ ଏକାଠି ଦେଖି ପାଠକମାନେ ନିଶ୍ଚିତ ଖୁସି ହେବେ ।

ବେରୁଆଁବାରୀ, ନୟାଗଡ, ଓଡିଶା

# ଶ୍ୟାମଳ ସୁବର୍ଣ୍ଣର ୧ମ ସ୍ୱନକ୍ଷତ୍ର ଉତ୍ସବ ପାଳତ ଏବଂ ୫ମ ସଂଖ୍ୟା ଉନ୍ମୋଚତ

## ଶ୍ୟାମଳ ଜମିରେ ସୁବର୍ଣ୍ଣର ପରିଭାଷା କୃଷୀର ପ୍ରମୁଖ ଆଭୂଷଣ - ପ୍ରସନ୍ନ ପାଟ୍ଟଶାଣୀ

ଭୁବନେଶ୍ୱର - କୃଷି ଓଡ଼ିଶାର ଭିତହାଣ୍ଡି । ଓଡ଼ିଶା ସର୍ବଭାରତୀୟ ସ୍ତରରେ କୃଷିରେ ଉଲ୍ଲେଖନୀୟ ପାରଦର୍ଶିତା ପାଇଁ କୃଷିକର୍ମଣ ପୁରସ୍କାରରେ ପୁରସ୍କୃତ । କୃଷିର ବିକାଶ, କୃଷକର ବିକାଶ ଏହି ସ୍ଲୋଗାନକୁ ନେଇ ଏପ୍ରିଲ ପ୍ରଥମ ସପ୍ତାହରେ ପ୍ରକାଶ ପାଇଥିଲା ଓଡ଼ିଶାର ପ୍ରଥମ ଛାତ୍ର ସମ୍ପାଦିତ କୃଷି ଭିତ୍ତିକ ତ୍ରୈମାସିକ ପତ୍ରିକା ଶ୍ୟାମଳ ସୁବର୍ଣ୍ଣ । ଲଗାତାର ୧ବର୍ଷର ସଂଗ୍ରାମ ପରେ ଶ୍ୟାମଳ ସୁବର୍ଣ୍ଣ ତାର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ଭୁବନେଶ୍ୱର ସ୍ଥିତ ବୋକା କେଫ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଏ ସଂଘର୍ଷପଥରେ ନାନାଦି ବାଧାବିଘ୍ନ ଆସିଥିଲେ ବି ଆମେ ଥକପଡ଼ିନୁ । ଶେଷ ବର୍ଷର ଅଧ୍ୟୟନ ବ୍ୟସ୍ତତା ଓ ଫନିର ପ୍ରଳୟ ହେତୁ ଶ୍ୟାମଳ ସୁବର୍ଣ୍ଣ ପ୍ରକାଶନର କିଂଚିତ ବିଳମ୍ବ ହେତୁ ଆମେ ଦୁଃଖିତ ବୋଲି ପତ୍ରିକାର ମୁଖ୍ୟ ସମ୍ପାଦକ ଡ଼ି ଶୁଭମ୍ ବାର୍ଷିକ ବିବରଣୀରେ ପାଠ କରିଥିଲେ । ଉତ୍ସବର ମୁଖ୍ୟ ଅତିଥିଭାବେ ଲୋକସଭା ସାଂସଦ, ଭୁବନେଶ୍ୱର ଶ୍ରୀ ପ୍ରସନ୍ନ ପାଟ୍ଟଶାଣୀ ଯୋଗ ଦେଇ କୃଷ ଓ କୃଷୀର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଶ୍ରୀ ପାଟ୍ଟଶାଣୀ କହିଥିଲେ ଶ୍ୟାମଳ ଜମିରେ ସୁବର୍ଣ୍ଣର ପରିଭାଷା ହିଁ ହେଉଛି କୃଷୀର ମୁଖ୍ୟ ଆଭୁଷଣ । ଏହା ପରେ ଉତ୍ସବର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପର୍ଯ୍ୟବେକ୍ଷକର ସମ୍ପାଦକ ଡ଼ଃ ପବିତ୍ର ମୋହନ ସାମନ୍ତରାୟ ପତ୍ରିକାର ସ୍ଥାୟିତ୍ୱ ତଥା ଏହାର ନିରନ୍ତର ପ୍ରକାଶନ କିପରି ହୋଇପାରିବ ସେ ବିଷୟରେ ବଖାଣିଥିଲେ । ଏହାଛଡ଼ା ଅନ୍ୟତମ ଅତିଥିଭାବେ କସ୍ ର ସୋସିଆଲ ଡ଼େଭଲପମେଣ୍ଟ ଅଫିସର ତଥା ସାମାଜିକ କର୍ମୀ ଏବଂ ପତ୍ରିକାର ଉପଦେଷ୍ଟା ସାଧନା ମିଶ୍ର ଓଡ଼ିଶାରେ କୃଷିର ପରସ୍ଥିତି ବିଷୟରେ ବୁଝାଇବା ସହ ସରକାରଙ୍କର କୃଷି ସମ୍ବଳିତ ଯୋଜନା ବିଷୟରେ କହିଥିଲେ । ଉତ୍ସବର ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଶ୍ରୀ ଦେବେନ୍ଦ୍ର ପୃଷ୍ଟି ଜୈବିକ କୃଷିର ଗୁରୁତ୍ୱ ବିଷୟରେ

ବର୍ଣ୍ଣନା କରିଥିଲେ । ଉତ୍ସବର ଅନ୍ୟ ଅତିଥିଙ୍କ ମଧ୍ୟରେ ଇଂ ଅଭୟ ସୁତାର, ସତ୍ୟବ୍ରତ ରଥ ପ୍ରମୁଖ ଯୋଗ ଦେଇ ପତ୍ରିକାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଏହି ପରିପ୍ରେକ୍ଷୀରେ ଶ୍ୟାମଳ ସୁବର୍ଣ୍ଣ ଯୁବ ଲେଖକ ଓ ଲେଖିକା ସମ୍ମାନ - ୨୦୧୯ ଯଥାକ୍ରମେ ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟର ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି ଓ ଓୟୁଏଟିର ପ୍ରୀତିଲଗ୍ନା ଧଳଙ୍କୁ ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ପତ୍ରିକାର ସମସ୍ତ ସମ୍ପାଦନା ଓ ଉପଦେଷ୍ଟା ମଣ୍ଡଳୀ ଯୋଗଦେଇଥିଲେ । ଶୁଭଶ୍ରୀ ସାହୁ ଓ ଅଭିସିକ୍ତା ମିଶ୍ର ମଂଚ ସଂଚାଳନ କରିଥିବା ବେଳେ ଉପଦେଷ୍ଟା ଭୁବନାନନ୍ଦ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱଜିତ ମଲ୍ଲିକ, ଅବିନାଶ ଦାସ, ସଂଗ୍ରାମ, ସୌମ୍ୟ, ପ୍ରିତମ, ବିଭୁ, ଦିବ୍ୟ, ଆତ୍ମା ପ୍ରମୁଖ ସହଯୋଗ କରିଥିଲେ । ଶ୍ୟାମଳ ସୁବର୍ଣ୍ଣ ବର୍ତ୍ତମାନ ୧୫ଟି ଜିଲ୍ଲାରେ ପ୍ରସାରିତ ହୋଇ ବହୁଳ ପାଠକୀୟ ଆଦୃତି ଲାଭ କରୁଛି ବୋଲି ପତ୍ରିକାର କାର୍ଯ୍ୟନିର୍ବାହୀ ସମ୍ପାଦକ ଶ୍ରୀ ଗୌରାଂଗ ଚନ୍ଦ୍ର ଦାସ କହିଥିଲେ ।







# ଶିଶୁ ବିଭାଗ



# ଲଙ୍କା କାଣ୍ଡ



ରଞ୍ଜିତ କୁମାର ସାହୁ

ଲୋକେ ତାକୁ ସ୍ନେହରେ ସୁଜି ଡାକନ୍ତି ଯଦିଓ ତା ନା ସୁଜାତା । ଆଜି ପଡିଶା ଘର ମାଉସୀ ଚିକେନ୍ କରିଛନ୍ତି ବୋଲି ଡାକଛନ୍ତି ଖାଇବାକୁ । ଖରା ଛୁଟିରେ ବେଶୀ କିଛି କାମ ନଥାଏ ସୁଜିର ସ୍କୁଲ ବନ୍ଦ ଥିବା ଯୋଗୁଁ । ଘରେ ବସି ବୋର ହେଉଥିଲା । କିନ୍ତୁ ଯେମିତି ଦହିରେ ପଡିଥିବା ଲଙ୍କା ଖଣ୍ଡେ ଚୋବାଇ ଦେଇଛି, ସୁ ସା ହେବାକୁ ଲାଗିଲା ସୁଜି ଆଉ କିଛି ନ କହି ଖାଲି ପାଣି ପିଇବାରେ ଲାଗିଲା । କେତେ ଭୁଲ ଧାରଣା ଥିଲା ସତରେ ଲଙ୍କା ବିଷୟରେ ତାହାର । ଏତେ ରାଗ ଯେ ଆଖି ନାକ କାନ ସବୁ ଆଡୁ ଯେମିତି ନିଆଁ ଆଉ ଧୂଆଁ ବାହାରିବାକୁ ଲାଗିଥିଲା । ସୁଜି ବହୁତ ଖୁସି ହେଇଯାଇଥିଲା ରଙ୍ଗ ବେରଙ୍ଗର ଲଙ୍କା ଦେଖିକି କାକୁଡି ଦହି ରାଇତାରେ, ଯଦିଓ ମାଉସୀ ମଧ୍ୟ ବାରଣ କରିଥିଲେ । ସବୁ ଲଙ୍କା ସମାନ ନୁହେଁ ରାଗରେ । କେଉଁଟା ଅଧିକ କେଉଁଟା କମ ହେଇଥାଏ । କିନ୍ତୁ ଚିକେନ ପଲାଉ ସାଥିରେ ଲଙ୍କା କାକୁଡି ରାଇତା ଦେଖିକି ଆଉ ସମ୍ଭାଳି ପାରି ନଥିଲା ସୁଜି । ଖାଉ ଖାଉ ପାଟିରେ ପକେଇ ଦେଇଥିଲା ଦୁଇ ତିନିଟା ରାଗ କିସମର ଲଙ୍କା ମରିଚ ଖଣ୍ଡ !

"ପାଣି ପିଇଲେ ଲଙ୍କାର ରାଗ କମେନି, ଏହାକୁ ପିଇଦେ କମିଯିବ ତୋର ଜଳା ପୋଡ଼ା", କ୍ଷୀର ଗିଲାସେ ଦେଇକି ମାଉସୀ କହିଲେ । ଲଙ୍କା ନ ପକେଇକି ରନ୍ଧା ବଢ଼ା କରିବା ମାଉସୀଙ୍କୁ ଆସେନି । ଆଉ କେଉଁ ଲଙ୍କା କେତେ ରାଗ ସେ ବିଷୟରେ ବି ସେ ଜାଣନ୍ତି ନାହିଁ । ବଜାରରେ ଯାହା ମିଳିଲା ନେଇ ଆସିଲେ । ଅନେକ ଥର ମଉସା ମଧ୍ୟ ବାରଣ କରିଛନ୍ତି ଲଙ୍କା କମେଇବା ଲାଗି । କେତେଥର କହିଛନ୍ତି ବିନା ଲଙ୍କାରେ ବି ଭଲ ବ୍ୟଞ୍ଜନ ହେଇ ପାରିବ । ଆମର ପରମ୍ପରାଗତ ଖାଦ୍ୟରେ ଲଙ୍କା ବ୍ୟବହାର ହେଉ ନଥିଲା ଯେ ପର୍ଯ୍ୟନ୍ତ ବିଲାତି ବାଇଗଣ ଆଉ ଆଳୁ ଭଳି ଲଙ୍କା ଆମେରିକାରୁ ଆସି ଆମ ଦେଶରେ ନିଜର ସ୍ୱାଦ ଆଉ ରଙ୍ଗ ଯୋଗୁଁ ଆଦୃତ ହେଇ ନଥିଲା ! ଭାବିଲେ ଆଶ୍ଚର୍ଯ୍ୟ ଲାଗେ କିନ୍ତୁ

ଏହା ସତ, ଲଙ୍କା ମୂଳତଃ ଆମେରିକାର ଫସଲ ଥିଲା ଯାହା ସେଠାକାର ଲୋହିତ ଭାରତୀୟ ଓ ଅନ୍ୟ ଜନଜାତି ମାନେ ପ୍ରଥମେ ବ୍ୟବହାର କରିଥିଲେ । କାଳ କ୍ରମେ ଏହା ସମଗ୍ର ବିଶ୍ୱରେ ବ୍ୟାପି ଥିଲା ଏବଂ ଲୋକପ୍ରିୟ ହୋଇଥିଲା ।

"ମୋତେ ଲଙ୍କାର ସ୍ୱାଦ ଭଲ ଲାଗେ ତାହାର ରଙ୍ଗ ଭଲ ଲାଗେ କିନ୍ତୁ ରାଗ ଯୋଗୁଁ ଖାଇ ପାରେନା", ସୁଜି କହିଲା । "କଣ ବିନା ରାଗରେ ଲଙ୍କା ନାହିଁ କି? "

ମାଉସୀ କହିଲେ, "ଲଙ୍କା ପୁଣି ରାଗ ହବନି? ଏଇଟା କଣ ସମ୍ଭବ? ଯାହାର ପ୍ରକୃତି ତାହାର ନା । ଆଉ ନହେଲେ ! "



ମଉସା ହସିଲେ, "ତୁ ଲଙ୍କା ଭଲ ପାଉ, ମୁଁ ସେଥିପାଇଁ ତୋ ପାଇଁ ଶିମଲା ମିର୍ଚ୍ଚ ବି କରିଛି । ଏହା ମଧ୍ୟ ଏକ ପ୍ରକାର ଲଙ୍କା । ଲଙ୍କାର ରାଗ ମାପିବା ପାଇଁ ଯେଉଁ ଏକକ ବ୍ୟବହାର

କରା ଯାଏ, ତାହାକୁ ସ୍କୋଭିଲ ୟୁନଟ କୁହା ଯାଏ । ଯେଉଁ ଲଙ୍କାର ମାପ ଯେତେ ବେଶୀ ସେଇଟା ସେତେ ରାଗ । ତେଣୁ ଶିମଲା ମିର୍ଚ୍ଚ ଓ ଅନ୍ୟ କେତେକ ପ୍ରକାର ଲଙ୍କା, ଲଙ୍କା ହୋଇ ମଧ୍ୟ ରାଗ ଲାଗେନା । "

"ମୋତେ ତ କାହିଁ ଅଗରୁ ଏ କଥା ସବୁ ଆଗରୁ କହି ନଥିଲ ? " ମାଉସୀ କହିଲେ ।

ମୁଁ ଜାଣି ଥିଲେ କଣ ଦୋକାନରେ ମାଗନ୍ତି ନାହିଁ କ କମ ସ୍କୋଭିଲ ୟୁନଟର ଲଙ୍କା ଦିଅ ବୋଲି? "

"ଆହା ଏଇଟା ଖାଲି ଜାଣିବା ଲାଗି । କୋଉ ଦୋକାନୀ କୁ ଏସବୁ ଜଣା ଥିବା ଯେ ତୁମକୁ କହିବା? ହଉ ହଉ ତୁମେ ଆଉ ଏବେ ଲଙ୍କା ଭଳ ରାଗ ହୁଅ ନାହିଁ । ଯାଅ ଆଉ କଛି ମିଠା ଆଣି କ ଦିଅ ସୁଜି କୁ । ଦେଖିବାକୁ ତ ତୁମେ ଶିମଲା ମିର୍ଚ୍ଚ ଭଳ ହେଲାଣି, ଟିକେ ମିଠା କଥା କୁହ," ମଉସା କହିଲେ ଥଟ୍ଟାରେ ।

ମାଉସୀ ଅଭିମାନ କରିକ, ହସିକ ଚାଲି ଗଲେ ରୋଷେଇ ଘରକୁ ଆଉ କଛି ମିଠା ଆଣିବା ପାଇଁ ।

ସୁଜି ସେମାନଙ୍କୁ ଦେଖି ମୁରୁକ ହସିବାରେ ଲାଗିଥିଲା । ସେମାନଙ୍କ ମିଠା ଖଟା କଥାରେ ଲଙ୍କା ମରିଚର ପ୍ରଭାବ ବେଶ କମି ଯାଇଥିଲା ।

୨୨୪୭ ସି, କୋମୋନଓ୍ୱେଲଥ୍ ଡ୍ରାଇଭ୍,
ଚାରଲୋଟସଭିଲ୍ଲ, ଭିର୍ଜିନଆ, ୟୁକ୍ତରାଷ୍ଟ୍ର ଆମେରିକା

# ବର୍ଷା ଆସିଲା



ରାଜଶେଖର ସି "ଚମା"

ସୂର୍ଯ୍ୟଙ୍କ ତାପ ପ୍ରତିଦିନ ଯେ ବଢ଼ି ବଢ଼ି ଗଲା,
ଆମ ସହନ ଦିନକୁ ଦିନ ଯେ କମି କମି ଗଲା,
ଗରମରୁ ଦେହରୁ ଝାଳ ଯେ ବହି ବହି ଗଲା,
ଖୁସି ହେଲୁ ଯେବେ ବର୍ଷା ଝୁମିଝୁମି ଆସିଗଲା। ୧।

ମାଟିରୁ ଏକ ଅଲଗା ମହକ ଆସିଲା,
ପ୍ରତିପକ୍ଷୀ ହସିହସି କୂଜନ କରିଲା,
ଆକାଶରେ ମେଘର ଘଡ଼ଘଡ଼ି ଶୁଭିଲା,
ରୂପା ସଦୃଶ ବଜ୍ରପାତ ଚଡ଼ଚଡ଼ି ଦିଶିଲା। ୨।

ଭୂମି ବାୟୁମଣ୍ଡଳ ପରିବେଶ ର ତାପମାତ୍ରା କମିଲା,
ବହୁ ବେଗରେ କୁଆପଥର ପଡ଼ିବାର ନାଦ ଶୁଭିଲା,
ରୁଣୁଝୁଣୁ ବର୍ଷାପାଣି ଛୁଇଁ ନାଚବାର ଇଛାହେଲା,
ଏହି ଓଦାସମୟ ର ପ୍ରତି ଅମୂଲ୍ୟ କ୍ଷଣ ଭଲ ଲାଗିଲା। ୩।

ଆକାଶରେ ସୁନ୍ଦର ଇନ୍ଦ୍ରଧନୁ ଦିଶିଲା,
ପ୍ରତିରଙ୍ଗ ଯେମିତି ଅପରୂପ ଦିଶିଲା,
ପୋଖରୀ ଜଳମୟ ହୋଇ ସୁନ୍ଦର ଦିଶିଲା,
ଗଛ ଉପରେ ନୂଆ କଅଁଳଆ ପତ୍ର ଦିଶିଲା। ୪।

ଯେମିତି ଯେମିତି ଧାର୍‌ପାତ ବର୍ଷା ଆସିଲା,
ଶରୀରରୁ ଘିମିରି ଆସ୍ତେ ଆସ୍ତେ ଗୁଲିଗଲା,
ପୃଥିବୀର ଅସହାୟ ପରିସ୍ଥିତି ଦୂରେଇ ଗଲା,
ସମସ୍ତ ଜନମାନସରେ ନୂଆ ଚେତନା ଆସିଲା। ୫।

chvrajasekhar@gmail.com



# ଆଲୋ ବରଷା ରାଣୀ...



ଚନ୍ଦ୍ର ଶେଖର ଗୋ

ଆଲୋ ବରଷା ରାଣୀ ଆ
ତୋ ବାଟ ଅନେଇ ରହିଚ ଧରଣୀ ମା
ଆଲୋ ବରଷା ରାଣୀ ଆ ।

ତୁ ଆସିଲେ
ଛୁଟି ସରିବ ସ୍କୁଲ ଖୋଲିବ
ପଢ଼ି ଯିବାକୁ ଭଲ ଲାଗିବ
ଆଲୋ ମେଘ ଫଟେଇ ଆ
ଆଲୋ ବରଷା ରାଣୀ ଆ ।

ତୁ ଆସିଲେ
ଛତା ଖୋଲିବି ନାଚ ଉଠିବି
ପାଣିରେ ଭିଜି ଗୀତ ଗାଇବି
ବରଷା ରାଣୀ ବରଷି ଯା
ଆଲୋ ବରଷା ରାଣୀ ଆ ।

ତୁ ଆସିଲେ
ଜୀବ ଜଗତ ହସି ଉଠିବ
ବେଙ୍ଗ ବେଙ୍ଗୁଲି ଗୀତ ଗାଇବ
କେତେ ହଉ ଲୋ ଅମାନଆ
ଆଲୋ ବରଷା ରାଣୀ ଆ ।

ତୁ ଆସିଲେ
ଗଛ ଉଠିବ ଘାସ ଉଠିବ
ଶୁଷ୍କ ପୋଖରୀ ପାଣି ପୂରିବ
ସୁଶୋଭିତ ଦିଶିବଟି ମୋର ଗାଁ
ଆଲୋ ବରଷା ରାଣୀ ଆ ।

ତୁ ଆସିଲେ
ଝର ବହିବ ନଦୀ ବହିବ
ଝଡ଼ି ବରଷା ବଢ଼ି ଆସିବ
ନାଆ ବାହିବରେ ନାଉରିଆ
ଆଲୋ ବରଷା ରାଣୀ ଆ ।

ତୁ ଆସିଲେ
ଗଛ ରୋପଣ କରିବି ଜାଣ
ଗଛ ହୋଇବ କଲେ ଯତନ
ମୁଁ ପାଣି ଦେବି ନତିଦିନଆ
ଆଲୋ ବରଷା ରାଣୀ ଆ ।

ତୁ ଆସିଲେ
ଚଷା ହସିବ ପାଗ ଜାଣିବ
ହଲ ଯୋଡିବ ଧାନ ବୁଣିବ
ଧରା ଦିଶିବ ଲୋ ସବୁଜିଆ
ଆଲୋ ବରଷା ରାଣୀ ଆ ।

କର୍ଲାଖମାର, ନୂଆପଡ଼ା

# କହିଲ ଦେଖି



ଦୟାନନ୍ଦ ଶବର

ସାତଟି ଅକ୍ଷର ନାମ ତାଙ୍କର
ବରପାଲି ବରଗଡ ତାଙ୍କର ଘର
ସ୍ୱଭବ କବି ତାଙ୍କୁ କହନ୍ତି
ସେ ଆମ ରାଜ୍ୟର କବି ଅଟନ୍ତି ।

ପ୍ରଥମ ଦ୍ୱିତୀୟ କର ମିଶ୍ରଣ
ଶିବଙ୍କ ମୁଣ୍ଡରେ ରୁହନ୍ତି ଜାଣ
ତୃତିୟ ଚତୁର୍ଥ ଯୋଗ କରିବ
ଧର ଉଚ୍ଚାରଣ ସେଠି ଆସିବ ।

ପ୍ରଥମ ତୃତିୟ ମିଶାଇ ଦିଅ
ଜିବଜନ୍ତୁରେ ତା ନାମ ପାଅ
ତାଙ୍କ ନାମଟିକୁ କହିବ ଯିଏ
ସୁନାପିଲାଟିଏ ହୋଇବ ସିଏ ।

ଉତ୍ତର:

ଗଙ୍ଗାଧର ମେହେର ନାମ ତାଙ୍କର
ବରଗଡ ବରପାଲି ତାଙ୍କର ଘର
ସ୍ୱଭବ କବି ତାଙ୍କୁ କହନ୍ତି
ସେ ଆମ ରାଜ୍ୟର କବି ଅଟନ୍ତି ।

# ଖୁବ୍ ଭଲ ଲାଗେ ମାଆର ପଣତ

କୌଶିକ କୁମାର ହୋତା

ଖୁବ୍ ଭଲ ଲାଗେ ମାଆର ପଣତ
ସେନେହ ମମତା ଡୋରୀ,
ଖୁବ୍ ଭଲ ଲାଗେ ସୂରୁଜଟା ଯେବେ
ସିନ୍ଦୁର୍ ଉଠଇ ଚରି ।
ଖୁବ୍ ଭଲ ଲାଗେ ରୂପେଲି ଜହ୍ନଟା
ପୁନେଇଁ ଆକାଶେ ଥିଲେ,
ଖୁବ୍ ଭଲ ଲାଗେ ପଡିଆ ବୁକୁରେ
କୁନ ପିଲା ଖେଳୁଥିଲେ ।
ଖୁବ୍ ଭଲ ଲାଗେ କ୍ଷେତରୁ ଚଷାଟା
ଆଣେ ଯେବେ ଶଷ୍ୟ ବୋହି,
ଖୁବ୍ ଭଲ ଲାଗେ ନାଉରୀଆ ଯେବେ
ନାଆ ନେଉଥାଏ ବାହି ।
ଖୁବ୍ ଭଲ ଲାଗେ ଅବିର ଖେଳରେ
ପିଲାମାନେ ମାତିଗଲେ,
ଖୁବ୍ ଭଲ ଲାଗେ ପେନ୍ଥି - ପେନ୍ଥି ଫୁଲ
ଗଛ ଡାଳେ ଝୁଲିଥିଲେ ।

ଭାରି ଭଲ ଲାଗେ ଶୁଭୁଥିଲେ ଘଣ୍ଟା

ବେଦପାଠ ମନ୍ଦିରରେ,

ଭାରି ଭଲ ଲାଗେ ଜାହାଜଟା ଯେବେ

ଲାଗିଥାଏ ବନ୍ଦରରେ ।

ଭାରି ଭଲ ଲାଗେ ନିର୍ମଳ ଜଳେ

ଫୁଟିଥିଲେ କଇଁଫୁଲ,

ଭାରି ଭଲ ଲାଗେ ମୋ ଦେଶ ଯବାନ

ଶୁଝେ ଯେବେ ଦେଶ ମୂଲ ।

ସବୁ ଭଲ ପାଇଁ ଭଲ ମନଟିଏ

ଲୋଡ଼ା ଆମ ପାଇଁ ସଦା,

ଖରାପକୁ ତେଜି ଜଗତରେ ସଦା

ଭଲରେ ହୋଇବା ବନ୍ଧା ।

ନବମ ଶ୍ରେଣୀ, କେରଳା ପବ୍ଲିକ ସ୍କୁଲ,
ରାଇରଙ୍ଗପୁର, ମୟୂରଭଞ୍ଜ

# ଜୁଲାଇ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/ ୦୭/ ୨୦ ୯ | ଶିବ ଚତୁର୍ଦ୍ଦଶୀ ଉପବାସ |
| ୦୨/ ୦୭/ ୨୦ ୯<br>୦୪/ ୦୭/ ୨୦୧୯ | ଅମାବାଶ୍ୟ, ନେତ୍ରୋତ୍ସବ, ନବଯୌବନ ଦର୍ଶନ<br>ଶ୍ରୀଗୁଣ୍ଡିଚ୍ଚା ରଥଯାତ୍ରା |
| ୦୮/ ୦୭/ ୨୦୧୯ | ହେରା ପଞ୍ଚମୀ |
| ୦୯/ ୦୭/ ୨୦୧୯<br>୧୦/ ୦୭/ ୨୦୧୯ | ବିପତ୍ତାରିଣୀବ୍ରତ ଓ ପର୍ଶୁରାମାଷ୍ଟମୀ<br>ନବମୀ ସନ୍ଧ୍ୟା ଦର୍ଶନ |
| ୧୧/ ୦୭/ ୨୦୧୯ | ସୁଦଶା ବ୍ରତ |
| ୧୨/ ୦୭/ ୨୦୧୯ | ବାହୁଡା ଯାତ୍ରା, ସୁନାବେଶ |
| ୧୩/ ୦୭/ ୨୦୧୯ | ଅଶୁଦ୍ଧକାଳ ଆରମ୍ଭ ଓ ଗରୁଡ ଶୟନ |
| ୧୫/ ୦୭/ ୨୦୧୯ | ଶିବଶୟନ ଚତୁର୍ଦ୍ଦଶୀ ଉପବାସ |
| ୧୬/ ୦୭/ ୨୦୧୯ | ଚନ୍ଦ୍ରଗ୍ରହଣ, ବ୍ୟାସ ଓ ଗୁରୁ ପୂର୍ଣ୍ଣିମା |
| ୧୭/ ୦୭/ ୨୦୧୯ | ଦକ୍ଷିଣାୟନ କର୍କଟ ସଂକ୍ରାନ୍ତୀ |
| ୨୨/ ୦୭/ ୨୦୧୯ | ମନସା ପଞ୍ଚମୀ |
| ୨୮/ ୦୭/ ୨୦୧୯ | କାମଦା ଏକାଦଶୀ ଉପବାସ |
| ୩୦/ ୦୭/ ୨୦୧୯ | ଶିବ ଚତୁର୍ଦ୍ଦଶୀ ଉପବାସ |
| ୩୧/ ୦୭/ ୨୦୧୯ | ଗୃହିଣୀ ଚତାଉ ଲଗି |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com

## ଜୁନ ମାସର ବିଜେତାଙ୍କ ନାମ



ହାଡମାନ କଙ୍କାଳର ରେଖା
ବାପା ତାର ବରଗଛ ଛାଇ,
ରୌଦ୍ର ତାପେଶୋଇଛି ବାବୁଆ,
ଘୁରିପାଖେ ଫଳ- ପାଣି ଥୋଇ

ବିଜେତା: ସୁମିତ୍ରା ପଣ୍ଡା, ରସୁଲଗଡ, ଭୁବନେଶ୍ବର

ଦୃଷ୍ଟି ନୁହଁ ଅନ୍ତର୍ଦୃଷ୍ଟିରେ ଅନାଅ ପଇଡ଼ କ ପଇଡ଼ ପାଣି ନୁହଁ
ମଣିଷର ଝାଳ ଦିଶୁଚ!
ସେଇ ଝାଳ କ ବାଳୁତ ରୂପେଣ ଶୋଇଚ!
ବାପ ସିନା ବୁଝିଚ ଝାଳର ସଂଜ୍ଞା...
ବାଳୁତ କମିତି ବୁଝିବ ସେଇକଥା ବସି ଭୁଲୁଚ!

ଚନ୍ଦ୍ର ଶେଖର ଗୋ, କର୍ଲାଖମାର

ପଇଡ଼ ବିକ ବାପ- ପୁଅ କରୁଛନ୍ତି ଜୀବନ ର ଚଳନ,
ଗରିବ ଘରେ ବହୁ କଷ୍ଟକର ହେଉଛି ଜୀବନ ଯାପନ,
କଷି ନଡ଼ିଆ ହେଇଛି ତାଙ୍କ ଧନ ଉପାର୍ଜନ ର ସୋପାନ,
ଅପେକ୍ଷା ରେ ବସିଛନ୍ତି ଦେଖିବାକୁ ଗ୍ରାହକଙ୍କ ରସପାନ ||

ଶ୍ରୀ ରାଜଶେଖର ସି 'ଚମା'

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ବ । ଯଦି କୌଣସି ପାଠକ/ ପାଠିକା ନିଜସ୍ବ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା - **vedantimagazine@gmail.com**

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ- ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com ।ଯଦି କୌଣସି କାରଣରୁ କୌଣସି ଲେଖକ/ ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**